# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୯/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, October 29/2025 | Page 14 | ₹ 7.00

୫୧ଶ ଭାଗ ୩୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 332 | ମୂଲ୍ୟ ₹୭/-





**ଆଣ୍ଡରସନଙ୍କୁ ନାଇଟ୍‌ହୁଡ୍ ଉପାଧି**

ଇଂଲଣ୍ଡର ଅବସରପ୍ରାପ୍ତ ପେସ୍ ବୋଲର ଜେମ୍ସ ଆଣ୍ଡରସନଙ୍କୁ ମଙ୍ଗଳବାର ନାଇଟ୍‌ହୁଡ୍ ଉପାଧିରେ ସମ୍ମାନିତ କରାଯାଇଛି। ୧୪

୦୨ **ପାରୁଲଙ୍କୁ ବଡ଼ ବ୍ରେକ୍**

ଟିଭି ଅଭିନେତ୍ରୀ ପାରୁଲ ଗୁଲାଟି 'କିସ୍ କିସ୍ କୋ ପ୍ୟାର୍ କରୁଁ ୨' ଜରିଆରେ ବଡ଼ ପରଦାରେ ପାଦ ଥାପିବାକୁ ଯାଉଛନ୍ତି।






ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ ଅନଘା ପଞ୍ଚାୟତ ଦେଇ ଯାଇଥିବା ଜାତୀୟ ରାଜପଥ ପାର୍ଶ୍ୱ ପାହାଡ଼ରେ ମଙ୍ଗଳବାର ଭୂସ୍ଖଳନରେ ପଥର ଖସି ରାସ୍ତା ଅବରୋଧ ହୋଇଛି।

# ଅମଲାପୁରମ୍‌ରେ ସ୍ଥଳଭାଗ ଛୁଇଁଲା 'ମୋନ୍ଥା'

କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଭୀଷଣ ବାତ୍ୟା 'ମୋନ୍ଥା' ମଙ୍ଗଳବାର ରାତିରେ ଆନ୍ଧ୍ରପ୍ରଦେଶର ମଛଲିପଟନମ ଓ କଳିଙ୍ଗପଟନମ୍ ମଧ୍ୟଦେଇ କାକିନାଡ଼ା ନିକଟ ଅମଲାପୁରମ୍‌ଠାରେ ସ୍ଥଳଭାଗ ଛୁଇଁଛି। ସନ୍ଧ୍ୟା ପ୍ରାୟ ୭ଟାରେ ଏହାର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୯୦ରୁ ୧୧୦ କି.ମି. ରହିଥିଲା। ପ୍ରବଳ ବର୍ଷା ସହ ବହୁ ଗଛ, ଘର ଭାଙ୍ଗିଯାଇଥିବା ପ୍ରାଥମିକ ସୂତ୍ରରୁ ଜଣାପଡ଼ିଛି। ବିଶେଷକରି ଉପକୂଳ ଅଞ୍ଚଳଗୁଡ଼ିକରେ ଏହାର ପ୍ରଭାବ ଅଧିକ ରହିଥିଲା। ଏଥିରେ ଆନ୍ଧ୍ରର କୋନାସିମା ଜିଲାରେ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଥିବାବେଳେ ଦକ୍ଷିଣ ଓଡ଼ିଶାରେ ବାତ୍ୟାର ପ୍ରଭାବ ବିଶେଷମାତ୍ରାରେ ଦେଖିବାକୁ ମିଳିଥିଲା। ରେଡ ୱାର୍ନିଂରେ ଥିବା ଓଡ଼ିଶାର ୮ଜିଲା ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଗଜପତି, ଗଞ୍ଜାମ, କନ୍ଧମାଳ ଏବଂ କଳାହାଣ୍ଡିରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ମଧ୍ୟ ବୋହିଥିବା ଦେଖିବାକୁ ମିଳିଛି। ବୁଧବାର ଓଡ଼ିଶାର ୫ ଜିଲାରେ ପ୍ରବଳ ବର୍ଷା ହେବାର ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

- ■ ୯୦ ରୁ ୧୧୦ କି.ମି. ବେଗରେ ପବନ ସହ ପ୍ରବଳ ବର୍ଷା
- ■ ୪ଘଣ୍ଟା ଧରି ହେଲା ଲ୍ୟାଣ୍ଡଫଲ୍ ପ୍ରକ୍ରିୟା
- ■ ଆଜି ୫ ଜିଲାରେ ପ୍ରବଳ ବର୍ଷିବ



ଭୁବନେଶ୍ୱର,୨୮।୧୦(ବନ୍ଦନା ସେଠୀ)

ଭୀଷଣ ବାତ୍ୟାର ରୂପ ନେଇଛି 'ମୋନ୍ଥା'। ମଙ୍ଗଳବାର ବାତ୍ୟା ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ରହିବା ସହ ଘଣ୍ଟା ପ୍ରତି ୧୫ କିମି ବେଗରେ ଉତ୍ତର-ଉତ୍ତରପଶ୍ଚିମକୁ ଗତି କରିଥିଲା। ସନ୍ଧ୍ୟା ୭.୩୦ ବେଳକୁ କାକିନାଡ଼ା ପାଖାପାଖି ଅଞ୍ଚଳରେ ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏବଂ ୩ରୁ ୪ଘଣ୍ଟା ଧରି ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଜାରି ରହିଥିଲା। ଏହି ସମୟରେ ପବନର ବେଗ ୯୦ରୁ ୧୧୦ କି.ମି. ପର୍ଯ୍ୟନ୍ତ ରହିଥିଲା। ଏହା ଧୀରେଧୀରେ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ମଧ୍ୟରାତ୍ର ବେଳକୁ ଆନ୍ଧ୍ରପ୍ରଦେଶର ମଛଲିପଟନମ ଓ କଳିଙ୍ଗପଟନମ୍ ମଧ୍ୟରେ ଥିବା କାକିନାଡା ନିକଟ ଅମଲାପୁରମ୍‌ଠାରେ ସ୍ଥଳଭାଗ ଛୁଇଁଥିଲା। ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ନଥିବାବେଳେ ☞ପୃଷ୍ଠା-୪

## ଓଡ଼ିଶା ଉପରେ 'ମୋନ୍ଥା'ର ପ୍ରଭାବ କମ୍ ରହିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୧୦ (ରବିନାରାୟଣ ଜେନା)

**୧୭,୮୧୭ ଜଣଙ୍କୁ ସୁରକ୍ଷିତ ସ୍ଥାନାନ୍ତର**

ବାତ୍ୟାକୁ ନେଇ ରାଜ୍ୟବାସୀ ଭୟଭୀତ ନ ହେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମଙ୍ଗଳବାର ରାତିରେ ବାତ୍ୟା ମୋନ୍ଥା ଆନ୍ଧ୍ରପ୍ରଦେଶ କାକିନାଡ଼ା ନିକଟସ୍ଥ ଅମଲାପୁରମ୍‌ଠାରେ ସ୍ଥଳଭାଗ ଛୁଇଁବା ପରେ ରାଜୀବ ଭବନସ୍ଥିତ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ) କାର୍ଯ୍ୟାଳୟ ପରିସରରେ ମୁଖ୍ୟମନ୍ତ୍ରୀ ବାତ୍ୟା ପରର ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବାତ୍ୟା ଏବେ ଓଡ଼ିଶା ଅତିକ୍ରମ କରିଛି। ବାତ୍ୟାକୁ ନେଇ ଯାହା ପୂର୍ବରୁ ଆଶଙ୍କା କରାଯାଉଥିଲା ସେହି ଅନୁଯାୟୀ ପ୍ରଭାବ ପଡ଼ିନାହିଁ। ଗଜପତି ଓ ଗଞ୍ଜାମରେ ୧୧୫ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତୀତ ଅନ୍ୟ ☞ପୃଷ୍ଠା-୪

# ରୁଷୀୟ ତୈଳ: ଟ୍ରମ୍ପ୍ ଚାପରେ ପଛଘୁଞ୍ଚା

ୟୁକ୍ରେନ୍ ଯୁଦ୍ଧ ପାଇଁ ମସ୍କୋକୁ ଇନ୍ଧନ ଯୋଗାଉଥିବା ରୁଷୀୟ ତୈଳ ଉପରେ ଅକ୍ଟୋବର ୨୩ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଟକଣା ଜାରି କରିଛନ୍ତି। ନଭେମ୍ବର ଶେଷ ସୁଦ୍ଧା ଭାରତ ରୁଷୀୟ ତୈଳ ଆମଦାନୀକୁ ଏକପ୍ରକାର ବନ୍ଦ କରିଦେବ ଏବଂ ଚାଇନା ମଧ୍ୟ ଏହି ବାଟରେ ଆସିବା ଉଚିତ ବୋଲି ଟ୍ରମ୍ପ୍ ଏକପ୍ରକାର ଚେତାବନୀ ଦେଇଛନ୍ତି। ରୁଷିଆର ୨ ବୃହତ୍ ତୈଳ ରପ୍ତାନିକାରୀ କମ୍ପାନୀ ରୋସ୍‌ନେଫ୍ଟ ଓ ଲୁକୋଇଲ୍ ଉପରେ ଆମେରିକୀୟ କଟକଣା ପରେ ବ୍ରିଟେନ୍ ସମେତ ୟୁରୋପୀୟ ସଂଘ (ଇୟୁ) ମଧ୍ୟ ଅନୁରୂପ ପଦକ୍ଷେପ ନେଇଛନ୍ତି। ଫଳରେ ରୁଷୀୟ ତୈଳର ୨ ବଡ଼ କ୍ରେତା ଚାଇନା ଓ ଭାରତର ତୈଳ ରିଫାଇନର୍ସ ଏବେ ମସ୍କୋଠାରୁ କ୍ରୁଡ୍ କିଣିବା ବନ୍ଦ କରିବାରେ ଲାଗିଛନ୍ତି। ରଏଟର୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତ ସରକାର ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇ ନ ଥିବାବେଳେ ଭାରତୀୟ ରିଫାଇନର୍ସ ଏନେଇ କେନ୍ଦ୍ର ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶକୁ ଅପେକ୍ଷା କରିଛନ୍ତି। ଭାରତ ଓ ଚାଇନାର ଆମଦାନୀକାରୀ କମ୍ପାନୀଗୁଡ଼ିକ ରୁଷିଆଠାରୁ ଅଶୋଧିତ ତୈଳ କିଣିବା ସମ୍ପୂର୍ଣ୍ଣ ବନ୍ଦ କରିଦେଲେ ମସ୍କୋ ଉପରେ ଆର୍ଥିକ ଚାପ ବଢ଼ିବ। ୧୩୪୨ ଦିନ ଧରି ଚାଲିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ଘଟିବା ଦିଗରେ ଏହା ବିଶେଷ ସହାୟକ ହୋଇପାରେ ବୋଲି କୁହାଯାଉଛି।

ୱାଶିଂଟନ୍/ନୂଆଦିଲ୍ଲୀ,୨୮।୧୦ (ରଏଟର୍ସ/ସିଏନ୍‌ଏନ୍)




ରିପବ୍ଲିକାନ୍ ନେତା ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ହେଲେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବେ ବୋଲି ୨୦୨୪ ନଭେମ୍ବର ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ। ଏହି କ୍ରମେ ଗତ ଜାନୁଆରୀ ୨୦ରେ ପୁନର୍ବାର ବିଜୟୀ ହେବା ପରଠାରୁ ଟ୍ରମ୍ପ୍ ୨ ପଡ଼ୋଶୀଙ୍କ ମଧ୍ୟରେ ଯୁଦ୍ଧ ବନ୍ଦ ଦିଗରେ ଏକାଧିକ ପଦକ୍ଷେପ ନେଲେଣି। ଭାରତ ରୁଷୀୟ ତୈଳର ଦ୍ୱିତୀୟ ବଡ଼ ଆମଦାନୀକାରୀ ରାଷ୍ଟ୍ର ହୋଇଥିବାରୁ ଗତ ଅଗଷ୍ଟରେ ଟ୍ରମ୍ପ୍ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ଆମଦାନୀ ଶୁଳ୍କ ସହ ଅତିରିକ୍ତ ୨୫% ଜରିମାନା ଲଦିଥିଲେ, ଯାହାକି ଅଦ୍ୟାବଧି ଜାରି ରହିଛି। ଏହାର ପରିଣାମ ମଧ୍ୟ ଭାରତକୁ ଭୋଗିବାକୁ ପଡ଼ିଛି। ଆମେରିକାକୁ ଭାରତରୁ ରପ୍ତାନି ହ୍ରାସ ପାଇବା ଯୋଗୁ ଦେଶର ବାଣିଜ୍ୟିକ ନିଅଣ୍ଟ ୨୦୨୫ ସେପ୍ଟେମ୍ବରରେ ୮୦ ବିଲିଅନ୍ ଡଲାର ଅତିକ୍ରମ କରିଛି, ଯାହାକି ୧୩ ମାସରେ ସର୍ବାଧିକ। ଇତିମଧ୍ୟରେ ଟ୍ରମ୍ପ୍ ଭାରତ ଓ ଚାଇନା ଉପରେ ରୁଷୀୟ ତୈଳ କ୍ରୟ ବନ୍ଦ କରିବାକୁ ଚାପ ପକାଇଆସୁଛନ୍ତି। ଭାରତ ଆମେରିକା ସହ ଟ୍ରେଡ୍ ଡିଲ୍ ପାଇଁ ଆଲୋଚନା ☞ପୃଷ୍ଠା-୪

## ଅଷ୍ଟମ ବେତନ କମିଶନକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୨୮।୧୦(ପି.ଟି.)

ଅଷ୍ଟମ ବେତନ କମିଶନ୍‌ର ସନ୍ଦର୍ଭ ସର୍ତ୍ତାବଳୀକୁ କେନ୍ଦ୍ର କ୍ୟାବିନେଟ୍ ମଙ୍ଗଳବାର ମଞ୍ଜୁରୀ ଦେଇଛି। ଅନେକ ଲକ୍ଷ କେନ୍ଦ୍ରୀୟ ସରକାରୀ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀଙ୍କ ବେତନ, ଭତ୍ତା ଏବଂ ପେନ୍‌ସନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୬ ଜାନୁଆରୀ ୧ରୁ ଅଷ୍ଟମ ବେତନ କମିଶନ କାର୍ଯ୍ୟକାରୀ ହୋଇପାରେ। ବେତନ କମିଶନଙ୍କ ସୁପାରିସ ପ୍ରାୟ ୫୦ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଏବଂ ୬୯ ଲକ୍ଷ ପେନ୍‌ସନଧାରୀଙ୍କୁ ଉପକୃତ କରାଇବ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରଞ୍ଜନା ପ୍ରକାଶ ଦେଶାଇଙ୍କ ଅଧ୍ୟକ୍ଷତାରେ ଗଠନ ହେବାକୁ ଥିବା କମିଶନରେ ଆଇଆଇଏମ୍ ବେଙ୍ଗାଲୁରୁ ପ୍ରଫେସର ପୁଲକ ଘୋଷ ପାର୍ଟଟାଇମ୍ ସଦସ୍ୟ ରହିବାକୁ ଥିବାବେଳେ ପେଟ୍ରୋଲିୟମ୍ ସଚିବ ପଙ୍କଜ ଜୈନ ସଦସ୍ୟ ସଚିବ ରହିବେ। କମିଶନ ଗଠନର ୧୮ ମାସ ମଧ୍ୟରେ ସରକାରଙ୍କୁ ସୁପାରିସ କରିବେ। ବେତନ କମିଶନଙ୍କ ସୁପାରିସ କେବେଠାରୁ ଲାଗୁ ହେବ ବୋଲି ପ୍ରଶ୍ନ ହେବାରୁ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଅନ୍ତରୀଣ ରିପୋର୍ଟ ଆସିବା ପରେ ନିଷ୍ପତ୍ତି ନିଆଯିବ। ଏହା ୨୦୨୬ ଜାନୁଆରୀ ୧ ହୋଇପାରେ। ଅଷ୍ଟମ ବେତନ କମିଶନ ଗଠନକୁ ୨୦୨୫ ଜାନୁଆରୀରେ କ୍ୟାବିନେଟ ନୀତିଗତ ଅନୁମୋଦନ କରିଥିଲା।

# କାହା ମତିଗତି କୁଆଡ଼େ

ନୂଆପଡ଼ା,୨୮।୧୦(ସୁନିତ୍ ମିଶ୍ର)



ନୂଆପଡ଼ା ଉପନିର୍ବାଚନ ବର୍ତ୍ତମାନ ଭାଜପା, ବିଜେଡି ଓ କଂଗ୍ରେସ ପାଇଁ 'ଏସିଡ୍ ଟେଷ୍ଟ' ଭଳି ସ୍ଥିତି ଉପୁଜାଇଛି। ରାଜ୍ୟ ରାଜନୀତି ଦୃଶ୍ୟପଟରେ ପରିବର୍ତ୍ତନ ସତ୍ତ୍ୱେ ୩ ପ୍ରମୁଖ ଦଳର ନେତାଙ୍କ ମାନସିକତା ବଦଳିପାରୁ ନାହିଁ। ରାଜ୍ୟର ସବୁ ପ୍ରାନ୍ତର ପ୍ରମୁଖ ଦଳର ନେତାମାନେ ଏଠାରେ ଡେରା ପକାଇ ରହିଛନ୍ତି। ହେଲେ ଉପନିର୍ବାଚନ ଲଢ଼େଇକୁ ସାମ୍ନା କରିବା ନେଇ ବିଜେଡି ସରକାରରେ ଥିବାବେଳେ ଯେଉଁ ଢାଞ୍ଚାରେ ରହୁଥିଲା ସେଭଳି ହ୍ୟାଙ୍ଗ ଓଭରରୁ ବାହାରିପାରି ନାହିଁ। ସରକାରକୁ ଆସିଥିବା ଭାଜପା କ୍ଷମତା ଦେଖି ଅଧିକ ଆତ୍ମବିଶ୍ୱାସୀ ହୋଇପଡ଼ିବା ଭଳି ବ୍ୟବହାର ଦେଖାଉଛି। ସମାନ ଭାବେ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ 'ଏକଲା ଚାଲୋ' ନୀତି ମଧ୍ୟ ଏବେ ଚର୍ଚ୍ଚାର ଶିରୋନାମା ପାଲଟିଛି। ୩ ଦଳର ଏପରି ମାନସିକତା ସେମାନଙ୍କ ଉପନିର୍ବାଚନ ରଣନୀତି ପାଇଁ କେତେ ସହାୟକ ହେବ ତାକୁ ନେଇ ବର୍ତ୍ତମାନ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବିଗତ ଦିନରେ ଉପନିର୍ବାଚନଗୁଡ଼ିକରେ ବିଜେଡି ଶାସକ ଦଳରେ ରହି ଲଢେଇ କରିଆସିଛି। ବିଜେଡିପକ୍ଷରୁ ଯେଉଁସବୁ ଉପନିର୍ବାଚନ ଲଢ଼ାଯାଇଛି ସେତେବେଳେ ଲକ୍ଷ୍ୟ କରାଯାଇଛି, ଅନେକ ରାଜ୍ୟସ୍ତରୀୟ ନେତାଙ୍କ ମଧ୍ୟରେ ଜୋନୱାରୀ ଦାୟିତ୍ୱ ବଣ୍ଟନ କରାଯିବା ସହିତ ସେମାନଙ୍କ ଅଧୀନରେ ମାଳମାଳ ବିଧାୟକଙ୍କୁ ସାମିଲ କରି ଟିମ ଗଠନ କରାଯାଇଥାଏ। ସେହିପରି ଯଦି ଜଣେ ବିଧାୟକ ସେତେବେଳେ ଆସୁଥାନ୍ତି ସରକାରୀ ଦଳର ପ୍ରଭାବ ଏବଂ ନିଜ ଅଞ୍ଚଳର ପତିଆରା ପାଇଁ ଉପନିର୍ବାଚନ ଦାୟିତ୍ୱରେ ଆସିଛୁ ବୋଲି ବାର୍ତ୍ତା ଦେବାଲାଗି ବିଧାୟକମାନଙ୍କ ସମର୍ଥକମାନେ ଧାଇଁ ଆସୁଥିଲେ। ସରକାରରେ ଥିବା କାରଣରୁ ବିଜେଡି ନେତାଙ୍କ ସମର୍ଥକ ସେତେବେଳେ ହାତରୁ ଖର୍ଚ୍ଚ କରି ଡେରା ପକାଇ ରହୁଥିଲେ। ନୂଆପଡ଼ାରେ ହେବାକୁ ଥିବା ଉପନିର୍ବାଚନ ପାଇଁ ପୂର୍ବଭଳି ବିଜେଡିର ରାଜ୍ୟସ୍ତରୀୟ ନେତା, ବିଧାୟକ ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଟିମ୍ ଗଠନ କରାଯାଇଛି। ହେଲେ ଆଗରୁ କେବେ ବିରୋଧୀ ଦଳରେ ରହି ଉପନିର୍ବାଚନ ଲଢ଼ି ନ ଥିବାରୁ ବିଜେଡି ନେତାଙ୍କୁ ଏବେ କୁଆଡେ ନୂଆପଡ଼ାରେ ଭାରି କଷ୍ଟ ହେଉଛି ☞ପୃଷ୍ଠା-୪

**ବିଷାକ୍ତ ବାୟୁ ଦୂର କରିବ କ୍ଲାଉଡ୍ ସିଡିଂ**

# ଦିଲ୍ଲୀରେ କୃତ୍ରିମ ବର୍ଷା

ନୂଆଦିଲ୍ଲୀ,୨୮।୧୦(ପି.ଟି.)

ପ୍ରଦୂଷଣ ରୋକିବା ପାଇଁ ଦିଲ୍ଲୀ ସରକାର ଏକ ବଡ଼ ପଦକ୍ଷେପ ସ୍ୱରୂପ ରାଜଧାନୀରେ ମଙ୍ଗଳବାର ପ୍ରଥମ କୃତ୍ରିମ ବର୍ଷା କରାଇଛନ୍ତି। ଆଇଆଇଟି କାନପୁର ସହଯୋଗରେ ପରୀକ୍ଷାମୂଳକ ଭାବେ ଏହି କ୍ଲାଉଡ୍ ସିଡିଂ କରାଯାଇଛି। ଆଗାମୀ କିଛିଦିନ ମଧ୍ୟରେ ଏଭଳି ଅଧିକ କ୍ଲାଉଡ୍ ସିଡିଂ କରାଯିବ ବୋଲି ଦିଲ୍ଲୀ ପରିବେଶ ମନ୍ତ୍ରୀ ମନ୍‌ଜିନ୍ଦର ସିଂ ସିର୍ସା କହିଛନ୍ତି। କାନପୁରରୁ ଦିଲ୍ଲୀ ଯାଇଥିବା ସେସ୍‌ନା



ଏୟାରକ୍ରାଫ୍ଟ ମିରଟ ଏୟାରଫିଲ୍ଡରେ ଅବତରଣ କରିବା ପୂର୍ବରୁ ବୁରାରି, ଉତ୍ତର କାରୋଲ ବାଗ୍, ମୟୂରବିହାର ଆଦି ଅଞ୍ଚଳ ଉପରେ ୮ଟି ଫାୟାର ଫ୍ଲେୟାର ଛାଡ଼ିଥିଲା। ଏହି ପରୀକ୍ଷା ଅଧଘଣ୍ଟାଏ ଧରି କରାଯାଇଥିଲା ବୋଲି ସିର୍ସା ଏକ ଭିଡିଓ ବିବୃତିରେ କହିଛନ୍ତି। ଉକ୍ତ ପରୀକ୍ଷାର ୧୫ ମିନିଟ୍‌ରୁ ୪ ଘଣ୍ଟା ମଧ୍ୟରେ ବର୍ଷା ହେବ ବୋଲି ଆଇଆଇଟି କାନପୁର ପକ୍ଷରୁ କୁହାଯାଇଥିଲା। କିଛି ଘଣ୍ଟା ପରେ ଦ୍ୱିତୀୟ ପରୀକ୍ଷା ହେବାକୁ ଥିବାବେଳେ ଆଗାମୀ ୫ ଦିନରେ ୯ରୁ ୧୦ଟି ପରୀକ୍ଷା କରାଯିବ।


**ଆଜିର ସମ୍ପାଦକୀୟ**

ସନାତନ ବିରୋଧୀ ବାଣ







ବାତ୍ୟା 'ମୋନ୍ଥା' ସ୍ଥଳଭାଗ ଛୁଇଁବା ପୂର୍ବରୁ ଚେନ୍ନାଇର ମାରିନା ବେଳାଭୂମିରେ ଜଣେ ବ୍ୟକ୍ତି ସମୁଦ୍ରରେ ଉଠୁଥିବା ଉତ୍ତାଳ ତରଙ୍ଗକୁ ଦେଖୁଛନ୍ତି।

# ମେହଲି ମିସ୍ତ୍ରିଙ୍କ ପୁନଃ ନିଯୁକ୍ତିକୁ ରୋକିଲେ ନୋଏଲ୍ ଟାଟା

## ଟାଟା ଟ୍ରଷ୍ଟରେ କ୍ଷମତା କନ୍ଦଳ ତୀବ୍ର ହେଲା

ନୂଆଦିଲ୍ଲୀ,୨୮।୧୦(ପି.ଟି.)



ମେହଲି ମିସ୍ତ୍ରି



ନୋଏଲ୍ ଟାଟା

ରତନ ଟାଟାଙ୍କ ଘନିଷ୍ଠ ସହଯୋଗୀ ତଥା ବ୍ୟବସାୟୀ ମେହଲି ମିସ୍ତ୍ରିଙ୍କୁ ଟ୍ରଷ୍ଟି ଭାବେ ପୁନଃନିଯୁକ୍ତିକୁ ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ନୋଏଲ୍ ଟାଟା ଓ ତାଙ୍କର ଘନିଷ୍ଠ ୨ ପ୍ରଭାବଶାଳୀ ଟ୍ରଷ୍ଟି ରୋକିଛନ୍ତି। ଫଳରେ ଟାଟା ଗ୍ରୁପ୍‌ର ହୋଲ୍ଡିଂ କମ୍ପାନୀକୁ ନିୟନ୍ତ୍ରଣ କରୁଥିବା ଟାଟା ଟ୍ରଷ୍ଟରେ କିଛିଦିନ ହେଲା ଦେଖାଦେଇଥିବା କ୍ଷମତା କନ୍ଦଳ ତୀବ୍ର ହୋଇଛି। ତେବେ ଟ୍ରଷ୍ଟରୁ ବାଦ୍ ପଡ଼ିବା ନିଷ୍ପତ୍ତିକୁ ମିସ୍ତ୍ରି ଅଦାଲତରେ ଚ୍ୟାଲେଞ୍ଜ କରିପାରନ୍ତି ବୋଲି ଜଣାପଡ଼ିଛି।

ଗତବର୍ଷ ରତନ ଟାଟାଙ୍କ ପରଲୋକ ପରେ ନୋଏଲ୍ ଟାଟାଙ୍କୁ ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା। ଟ୍ରଷ୍ଟି ଭାବେ ମିସ୍ତ୍ରିଙ୍କ ପୁନଃ ନିଯୁକ୍ତି ବିରୋଧରେ ଟିଭିଏସ୍ ମୋଟର କମ୍ପାନୀର ସେବାନିବୃତ୍ତ ଅଧ୍ୟକ୍ଷ ବେଣୁ ଶ୍ରୀନିବାସନ ଏବଂ ପୂର୍ବତନ ପ୍ରତିରକ୍ଷା ସଚିବ ବିଜୟ ସିଂ ଭୋଟ ଦେଇଥିଲେ। ମିସ୍ତ୍ରିଙ୍କ ୩ ବର୍ଷୀୟା ଟ୍ରଷ୍ଟି କାର୍ଯ୍ୟକାଳ ମଙ୍ଗଳବାର ଶେଷ ହୋଇଥିଲା। ଅନ୍ୟପକ୍ଷରେ ଅନ୍ୟ ୩ ଟ୍ରଷ୍ଟି ତଥା ମିସ୍ତ୍ରିଙ୍କ ସମର୍ଥକ ସିଟିବ୍ୟାଙ୍କ ଇଣ୍ଡିଆର ପୂର୍ବତନ ସିଇଓ ପ୍ରମିତ ଝାବେରୀ, ମୁମ୍ବାଇ ଆଇନଜୀବୀ ଡାରିଅସ୍ ଖମ୍ବାଟା ଏବଂ ପୁଣେର ପରୋପକାରୀ ଜେହାଙ୍ଗିର ଏଚ୍‌ସି ଜେହାଙ୍ଗିର ମିସ୍ତ୍ରିଙ୍କ ପୁନଃ ନିଯୁକ୍ତି ସପକ୍ଷରେ ଭୋଟ ଦେଇଥିଲେ।

ନୋଏଲ୍ ଟାଟା ଏବଂ ମେହଲି ମିସ୍ତ୍ରି ଟାଟା ଟ୍ରଷ୍ଟରେ ୨ କ୍ଷମତାକେନ୍ଦ୍ର, ଯେଉଁମାନେ ଟାଟା ଗ୍ରୁପ୍‌ର ହୋଲ୍ଡିଂ କମ୍ପାନୀର ବୃହତ୍ ଅଂଶଧନକୁ ନିୟନ୍ତ୍ରଣ କରିଥାନ୍ତି। ୨ ଗୋଷ୍ଠୀ ମଧ୍ୟରେ ମତଭେଦ ଗତ ସେପ୍ଟେମ୍ବରରେ ସାମ୍ନାକୁ ଆସିଥିଲା, ଯେତେବେଳେ ଅନ୍ୟ ୩ ଟ୍ରଷ୍ଟି ଝାଭେରି, ଖମ୍ବାଟା ଏବଂ ଜେହାଙ୍ଗିର ଟାଟା ସନ୍ସ ବୋର୍ଡରେ ଥିବା ଟାଟା ଟ୍ରଷ୍ଟ ପ୍ରତିନିଧି ସିଂଙ୍କୁ ବହିଷ୍କାର କରିବା ଲାଗି ଭୋଟ ଦେଇଥିଲେ। ତେବେ ଗତ ସପ୍ତାହରେ ଏକ ସର୍ବସମ୍ମତ ନିଷ୍ପତ୍ତିକ୍ରମେ ଶ୍ରୀନିବାସନଙ୍କୁ ଜୀବନବ୍ୟାପୀ ଟ୍ରଷ୍ଟି କରାଯାଇଥିଲା।

# ଉଡ଼ନ୍ତା ବିମାନରେ ୨ ନାବାଳକଙ୍କୁ ଭାରତୀୟ ଯାତ୍ରୀଙ୍କ ଆକ୍ରମଣ

ନ୍ୟୁୟର୍କ,୨୮।୧୦(ପି.ଟି.)

ଏକ ଉଡ଼ନ୍ତା ବିମାନରେ ଜଣେ ୨୮ ବର୍ଷୀୟ ଭାରତୀୟ ଯାତ୍ରୀ ୨ ନାବାଳକଙ୍କୁ ଧାତବ ଫର୍କରେ ଆକ୍ରମଣ କରିବା ସହ ଜଣେ ମହିଳା ଯାତ୍ରୀଙ୍କୁ ଚାପୁଡ଼ା ମାରିଛନ୍ତି। ଶନିବାର ଶିକାଗୋରୁ ଜର୍ମାନୀ ଯାଉଥିବା ଲୁଫ୍‌ଥାନ୍ସା ବିମାନରେ ଏଭଳି ଘଟଣା ଘଟିବା ପରେ ଏହାକୁ ବୋଷ୍ଟନ୍ ଲୋଗାନ୍ ବିମାନବନ୍ଦରରେ ଅବତରଣ କରାଯାଇଥିଲା। ଆକ୍ରମଣକାରୀ ପ୍ରନୀଥ୍ କୁମାର ଉସିରିପାଲ୍ଲି ୧୭ ବର୍ଷୀୟ ୨ ଯାତ୍ରୀଙ୍କ କାନ୍ଧ ଏବଂ ମୁଣ୍ଡ ପଛପଟକୁ ଧାତବ କଣ୍ଟାରେ ଭୁସିଥିଲେ। ବିମାନରେ ମାରଣାସ୍ତ୍ର ନେଇ ଆକ୍ରମଣ କରିବା ଅଭିଯୋଗରେ ପ୍ରନୀଥ୍‌ଙ୍କ ବିରୋଧରେ ଆମେରିକା ଜିଲା ଅଦାଲତରେ ମାମଲା ରୁଜୁ ହୋଇଛି। ତାଙ୍କୁ ଗିରଫ କରାଯାଇ ବୋଷ୍ଟନ୍ ଫେଡେରାଲ କୋର୍ଟରେ ହାଜର କରାଯାଇଥିଲା। ଦୋଷୀସାବ୍ୟସ୍ତ ହେଲେ ତାଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଏବଂ ୨.୫ ଲକ୍ଷ ଡଲାର ଜରିମାନା ହୋଇପାରେ।

# ରୁଷିଆର ତୈଳ ବିଶୋଧନ କ୍ଷମତା ୨୦% ହ୍ରାସ

## ୟୁକ୍ରେନ୍‌ର ମିଶାଇଲ୍ ଆକ୍ରମଣ

କିଭ୍,୨୮।୧୦



ଭୋଲୋଡିମିର ଜେଲେନ୍‌ସ୍କି

ରୁଷିଆର ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ରିଫାଇନାରିଗୁଡ଼ିକ ଉପରେ ୟୁକ୍ରେନ୍ ଦୀର୍ଘ ଲକ୍ଷ୍ୟଭେଦୀ ମିଶାଇଲ୍‌ରେ ଆକ୍ରମଣ କରିବାରୁ ଏହାର ତୈଳ ବିଶୋଧନ କ୍ଷମତା ୨୦ ପ୍ରତିଶତ ହ୍ରାସ ପାଇଛି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଗୋଇନ୍ଦା ରିପୋର୍ଟ ଆଧାରରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏହା କହିଛନ୍ତି। ରୁଷିଆ ଭିତରେ ୯୦ ପ୍ରତିଶତ କ୍ଷେପଣାସ୍ତ୍ର ଆକ୍ରମଣ ୟୁକ୍ରେନ୍ ନିର୍ମିତ ଲଙ୍ଗ୍ ରେଞ୍ଜ୍ ମିଶାଇଲ୍‌ରେ ହୋଇଛି। ଅଧିକ ମିଶାଇଲ୍ ନିର୍ମାଣ ପାଇଁ ୟୁକ୍ରେନ୍ ଅତିରିକ୍ତ ବିଦେଶୀ ଆର୍ଥିକ ସହାୟତା ଆବଶ୍ୟକ କରେ ବୋଲି ଜେଲେନ୍‌ସ୍କି କହିଛନ୍ତି।

ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ରୁଷିଆକୁ ପାଣ୍ଠି ଯୋଗାଣରେ ତୈଳ ରପ୍ତାନିର ପ୍ରମୁଖ ଭୂମିକା ରହିଛି। ୟୁକ୍ରେନ୍ ଅସ୍ତ୍ର ସେହି ବିଶୋଧନାଗାରଗୁଡ଼ିକୁ ଟାର୍ଗେଟ କରୁଥିବାବେଳେ ଆମେରିକା ଏବଂ ୟୁରୋପୀୟ ସଂଘ ମସ୍କୋର ତୈଳ ଓ ଗ୍ୟାସ୍ ରପ୍ତାନି ହ୍ରାସ କରିବା ଲାଗି ନୂଆ କଟକଣା ଲଗାଇଛନ୍ତି। ପାଖାପାଖି ୪ ବର୍ଷ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଆମେରିକା ନେତୃତ୍ୱରେ ନୂଆ ଶାନ୍ତି ଉଦ୍ୟମ ସତ୍ତ୍ୱେ ଏହା ଥମିବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ। ମସ୍କୋ ବୁଝାମଣା ପାଇଁ ଆଗ୍ରହୀ ନ ଥିବା ଜଣାପଡ଼ିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ସପ୍ତାହରେ ରୁଷିଆର ବୃହତ୍ ତୈଳ କମ୍ପାନୀ ରୋସନେଫ୍ଟ ଏବଂ ଲୁକ୍‌ଅଏଲ୍ ଉପରେ କଟକଣା ଲଗାଇଥିଲେ। ନଭେମ୍ବର ୨୧ରୁ ଏହିସବୁ କଟକଣା ଲାଗୁ ହେବାକୁ ଯାଉଥିବାବେଳେ ଆଲୋଚନା ପାଇଁ ରୁଷିଆ ଉପରେ ଚାପ ପକାଇବା ପାଇଁ ଟ୍ରମ୍ପ୍ ସମ୍ଭବତଃ ଏଭଳି କୌଶଳ ଆପଣାଇଥିବା ଜେଲେନ୍‌ସ୍କି କହିଛନ୍ତି।

ଭାରତ ଏବଂ ଚାଇନା ରୁଷିଆ ତୈଳର ସର୍ବବୃହତ୍ କ୍ରେତା ହୋଇଥିବାବେଳେ ନୂଆଦିଲ୍ଲୀ ମସ୍କୋରୁ ତୈଳ ଆମଦାନୀ କମାଇବ ବୋଲି ସ୍ପଷ୍ଟ ସଙ୍କେତ ଦେଇସାରିଲାଣି। ଗୁରୁବାର ଟ୍ରମ୍ପ୍ ଦକ୍ଷିଣ କୋରିଆରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିବାକୁ ଥିବାରୁ ରୁଷିଆରୁ ଅଶୋଧିତ ତୈଳ କ୍ରୟ ଆହୁରି ହ୍ରାସ ପାଇବ ବୋଲି ଆଶା କରାଯାଉଥିବା ଜେଲେନ୍‌ସ୍କି କହିଛନ୍ତି।

ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ କରି ରୁଷିଆ ଆକ୍ରମଣ ପାଇଁ ପଦକ୍ଷେପ ନେଉଛି। ଏହାର ଶାହେଦ ଡ୍ରୋନ୍ ଆକ୍ରମଣକୁ ରୋକିବା ପାଇଁ ଆସନ୍ତା ମାସ ସୁଦ୍ଧା ୟୁକ୍ରେନ୍ ଦିନକୁ ୫୦୦ରୁ ୮୦୦ ଇଣ୍ଟରସେପ୍ଟର ଉତ୍ପାଦନ କରିବ। ତେବେ ସେଗୁଡ଼ିକୁ ବ୍ୟବହାର କରିବା ଲାଗି ଅପରେଟରମାନଙ୍କ ନିମନ୍ତେ ତାଲିମର ଆବଶ୍ୟକତା ରହିଥିବା ଜେଲେନ୍‌ସ୍କି କହିଛନ୍ତି।

# ପ୍ରଶାନ୍ତଙ୍କ ୨ ଭୋଟର ପରିଚୟପତ୍ର

ନୂଆଦିଲ୍ଲୀ,୨୮।୧୦

## ସ୍ପଷ୍ଟୀକରଣ ମାଗିଲେ ଇସି



ପ୍ରଶାନ୍ତ କିଶୋର

ଜନ ସୁରାଜ ପାର୍ଟି ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କର ବିହାର ଏବଂ ପଶ୍ଚିମବଙ୍ଗରେ ଭୋଟ ପରିଚୟପତ୍ର ଥିବା ଜଣାପଡ଼ିବା ପରେ ନିର୍ବାଚନ କମିଶନ ମଙ୍ଗଳବାର ତାଙ୍କୁ ନୋଟିସ୍ ଜାରି କରିଛନ୍ତି। ନିର୍ବାଚନ ରଣନୀତିକାରରୁ ରାଜନେତା ହୋଇଥିବା ପ୍ରଶାନ୍ତଙ୍କୁ ୩ ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ କୁହାଯାଇଛି। ସରକାରୀ ଦସ୍ତାବିଜ୍ ଅନୁଯାୟୀ, ପ୍ରଶାନ୍ତ କିଶୋର କୋଲକାତାର ୧୨୧ କାଳୀଘାଟ ରୋଡ୍‌ର ଭୋଟର ଅଛନ୍ତି। ଉକ୍ତ ଅଞ୍ଚଳ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀଙ୍କ ନିର୍ବାଚନ କ୍ଷେତ୍ର ମଧ୍ୟରେ ଯାଉଛି। ତାଙ୍କ ପୋଲିଂ ବୁଥ୍ ଠିକଣା ହେଲା ବି. ରାନିଶଙ୍କରୀ ଲେନ୍‌ର ସେଣ୍ଟ ହେଲେନ୍ ସ୍କୁଲ। ସେହିପରି ବିହାରର କାର୍ଗାହାର ବିଧାନସଭା କ୍ଷେତ୍ରରେ ପ୍ରଶାନ୍ତ ଭୋଟର ଅଛନ୍ତି। ଏହା ରୋହତାସ୍ ଜିଲା ଅନ୍ତର୍ଗତ ସାସାରାମ ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଯାଉଛି। ବିହାରରେ ନିଜସ୍ୱ ରାଜନୈତିକ ଦଳ ଜନସୁରାଜ ପାର୍ଟି ଗଠନ କରିବା ପୂର୍ବରୁ ପ୍ରଶାନ୍ତ ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ବେଳେ ଟିଏମ୍‌ସିର ମୁଖ୍ୟ ରାଜନୈତିକ ପରାମର୍ଶଦାତା ଥିଲେ।

# ଅଲ୍-କାଏଦା ସହ ସମ୍ପୃକ୍ତ ଇଞ୍ଜିନିୟର ପୁଣେରୁ ଗିରଫ

ମୁମ୍ବାଇ,୨୮।୧୦

ପାକିସ୍ତାନସ୍ଥିତ ଅଲ୍-କାଏଦା ସଂଗଠନ ସହ ଜଡ଼ିତ ଜଣେ ୩୩ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କୁ ପୁଣେର କୋଣ୍ଢୱା ଅଞ୍ଚଳରୁ ମହାରାଷ୍ଟ୍ର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ସୋମବାର ଗିରଫ କରିଛି। ତାଙ୍କ ନାମ ଜୁବିର ହାଙ୍ଗାର୍ଗେକର। ସେ ଯୁବକମାନଙ୍କୁ କଟ୍ଟରପନ୍ଥୀ କରାଇବାରେ ସମ୍ପୃକ୍ତ ଥିଲେ। ତାଙ୍କୁ ସ୍ୱତନ୍ତ୍ର ୟୁଏପିଏ କୋର୍ଟରେ ହାଜର କରିବା ପରେ ନଭେମ୍ବର ୪ ପର୍ଯ୍ୟନ୍ତ ପୋଲିସ ରିମାଣ୍ଡରେ ପଠାଯାଇଛି। ଜୁବିର ଜଣେ ବିଟେକ୍ ସ୍ନାତକ ଏବଂ ଡେଟାବେସ୍ ଡେଭେଲପର ଭାବେ କଲ୍ୟାଣୀନଗରର ଏକ ଆଇଟି କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ ୯ ତାରିଖରେ ପୁଣେର ବିଭିନ୍ନ ସ୍ଥାନରେ ଚଢ଼ାଉରୁ ଆତଙ୍କବାଦୀ ନେଟ୍‌ୱର୍କ ସହ ଜୁବିର ଜଡ଼ିତ ଥିବା ଜଣାପଡ଼ିଥିଲା।

# ଗାଜାରେ ପ୍ରଚଣ୍ଡ ଆକ୍ରମଣ ପାଇଁ ନେତାନ୍ୟାହୁଙ୍କ ନିର୍ଦ୍ଦେଶ

ତେଲ୍ ଆଭିଭ୍ ,୨୮।୧୦

## ହମାସ୍ ଯୁଦ୍ଧବିରତି ଉଲ୍ଲଂଘନ କରିଥିବା ଅଭିଯୋଗ



ବେଞ୍ଜାମିନ୍ ନେତାନ୍ୟାହୁ

ଆମେରିକା ମଧ୍ୟସ୍ଥତାରେ ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମାକୁ ହମାସ୍ ଉଲ୍ଲଂଘନ କରିଥିବା ଅଭିଯୋଗ ଆଣି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜା ଉପରେ ପ୍ରଚଣ୍ଡ ଆକ୍ରମଣ କରିବା ପାଇଁ ମଙ୍ଗଳବାର ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ହମାସ୍ ହସ୍ତାନ୍ତର କରିଥିବା କେତେକ ମୃତଦେହ ପୂର୍ବରୁ ଯୁଦ୍ଧରେ ପ୍ରାଣ ହରାଇଥିବା ପଣବନ୍ଦୀଙ୍କର ବୋଲି ଜଣାପଡ଼ିବା ପରେ ଏହା ଅସ୍ତ୍ରବିରତି ଚୁକ୍ତିନାମାରେ ସ୍ପଷ୍ଟ ଉଲ୍ଲଂଘନ ବୋଲି ଇସ୍ରାଏଲ୍ କହିଛି। ହମାସ୍ ତୁରନ୍ତ ସମସ୍ତ ଇସ୍ରାଏଲୀ ପଣବନ୍ଦୀଙ୍କ ମୃତଦେହ ହସ୍ତାନ୍ତର କରୁ ବୋଲି ନେତାନ୍ୟାହୁ ଦାବି କରିଛନ୍ତି। ଏଥିସହିତ ଗାଜାର ରାଫାହ ସହରରେ ମଙ୍ଗଳବାର ଇସ୍ରାଏଲୀ ସୈନ୍ୟଙ୍କ ଉପରେ ଗୁଳିମାଡ଼ ହେବାରୁ ସେମାନେ ପାଲଟା ଆକ୍ରମଣ କରିଥିବା ଏହାର ଜଣେ ସାମରିକ ଅଧିକାରୀ ସୂଚନା ଦେଇଛନ୍ତି। ଗାଜାରେ ଏବେବି ୧୩ ପଣବନ୍ଦୀଙ୍କ ମୃତଦେହ ରହିଥିବା ଇସ୍ରାଏଲ୍ କହୁଥିବାବେଳେ ଗୋଟିଏ ପଣବନ୍ଦୀଙ୍କ ଦେହାବଶେଷ ମିଳିଥିବା ହମାସ୍ କହିଛି। ଇସ୍ରାଏଲ୍ ଆକ୍ରମଣରେ ଗାଜାରେ ବ୍ୟାପକ ଅଞ୍ଚଳ ଧ୍ୱଂସ ହୋଇଥିବାବେଳେ ସେଥିରୁ ମୃତଦେହ ଖୋଜି ବାହାର କରିବା ପାଇଁ ସଂଘର୍ଷ କରିବାକୁ ପଡୁଥିବା ହମାସ୍ କହିଛି। ଅନ୍ୟପକ୍ଷରେ ହମାସ୍ ଉଦ୍ଦେଶ୍ୟମୂଳକ ଭାବେ ପଣବନ୍ଦୀଙ୍କ ଦେହାବଶେଷ ଫେରାଇବାରେ ବିଳମ୍ବ କରୁଥିବା ଜେରୁଜେଲମ୍ ଅଭିଯୋଗ କରିଛି।

# ବିଷ୍ଣୋଇ ଗ୍ୟାଙ୍ଗ୍ ସଦସ୍ୟ ଜଗା ଆମେରିକାରେ ଗିରଫ

ଚଣ୍ଡିଗଡ଼,୨୮।୧୦

## ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ



ଜଗଦୀପ ସିଂ

ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ସକ୍ରିୟ ସଦସ୍ୟ ଗ୍ୟାଙ୍ଗ୍‌ଷ୍ଟର ଜଗଦୀପ ସିଂ ଓରଫ ଜଗାଙ୍କୁ ଆମେରିକା ଇମିଗ୍ରେଶନ ଆଣ୍ଡ୍ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ ବିଭାଗ କାନାଡା ସୀମା ନିକଟରୁ ଗିରଫ କରିଛି। ରୋହିତ ଗୋଦରା ଗ୍ୟାଙ୍ଗ୍ ସହ ସେ ସମ୍ପୃକ୍ତ ଥିଲେ। ତାଙ୍କୁ ଧରାଇବାରେ ରାଜସ୍ଥାନର ଗ୍ୟାଙ୍ଗ୍‌ଷ୍ଟର ନିରୋଧୀ ଟାସ୍କଫୋର୍ସ (ଏଜିଟିଏଫ୍)ର ପ୍ରମୁଖ ଭୂମିକା ରହିଛି। ପଞ୍ଜାବର ଧୁରକୋଟ ଅଞ୍ଚଳର ଜଗା ଦୀର୍ଘବର୍ଷ ହେଲା ଫେରାର ଥିଲେ। ରାଜସ୍ଥାନ ଓ ପଞ୍ଜାବରେ ହତ୍ୟା, ହତ୍ୟା ଉଦ୍ୟମ, ବଟି ଆଦାୟ ଆଦି ବହୁ ଅପରାଧରେ ତାଙ୍କ ବିରୋଧରେ ମାମଲା ରହିଛି। ସେ ଦୁବାଇ ଏବଂ ଆମେରିକାରୁ ବିଷ୍ଣୋଇ-ଗୋଦରା ନେଟ୍‌ୱର୍କ ପାଇଁ ଅର୍ଥ ଓ ଲଜିଷ୍ଟିକ୍ ଯୋଗାଡ଼ କରୁଥିଲେ। ଏଜିଟିଏଫ୍ ଟିମ୍ ତାଙ୍କ କାର୍ଯ୍ୟକଳାପକୁ ଟ୍ରାକ୍ କରିଥିଲା। ଆମେରିକା ଜେଲରେ ଥିବା ଜଗାଙ୍କୁ ଭାରତ ଆଣିବା ପାଇଁ ଆଇନଗତ ପ୍ରକ୍ରିୟା ଜାରି ରହିଛି।

# ପ୍ରତି ପରିବାରରୁ ଜଣକୁ ଚାକିରି ପ୍ରତିଶ୍ରୁତି





ତେଜସ୍ୱୀ ଯାଦବ ଇସ୍ତାହାର ପୁସ୍ତିକା ଦେଖାଉଛନ୍ତି।

ପାଟନା ,୨୮।୧୦

## ମହାମେଣ୍ଟର ନିର୍ବାଚନୀ ଇସ୍ତାହାର

ବିହାର ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ମହାମେଣ୍ଟ ପକ୍ଷରୁ ମଙ୍ଗଳବାର ଇସ୍ତାହାର ପ୍ରକାଶ ପାଇଛି। ତେଜସ୍ୱୀ ପ୍ରଣ (ତେଜସ୍ୱୀଙ୍କ ପ୍ରତିଜ୍ଞା) ନାମରେ ଏହି ଇସ୍ତାହାରରେ ବହୁ ଲୋକାଭିମୁଖୀ ପ୍ରତିଶ୍ରୁତି ଦିଆଯାଇଛି। ସେଥିରେ ରହିଛି ପ୍ରତି ପରିବାରରୁ ଜଣକୁ ସରକାରୀ ଚାକିରି, ମହିଳାଙ୍କୁ ମାସିକ ୨,୫୦୦ ଟଙ୍କା ଭତ୍ତା, ପ୍ରତି ପରିବାରକୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଇତ୍ୟାଦି। ଇଣ୍ଡିଆ ବ୍ଲକ୍‌ର ଏହି ସଂକଳ୍ପ ପତ୍ରରେ ସ୍ଲୋଗାନ ଲେଖାଯାଇଛି 'ସମ୍ପୂର୍ଣ୍ଣ ବିହାର କା ସମ୍ପୂର୍ଣ୍ଣ ପରିବର୍ତ୍ତନ-ତେଜସ୍ୱୀ ପ୍ରତିଜ୍ଞା, ତେଜସ୍ୱୀ ପ୍ରଣ'। ଇସ୍ତାହାରରେ ନିଯୁକ୍ତିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ମହାମେଣ୍ଟ କ୍ଷମତାକୁ ଆସିଲେ ସରକାର ଗଢ଼ିବାର ୨୦ ଦିନ ମଧ୍ୟରେ ପ୍ରତି ପରିବାରରୁ ଜଣକୁ ସରକାରୀ ଚାକିରି ସୁନିଶ୍ଚିତ କରାଇବା ପାଇଁ ଆଇନ ଆଣିବ। ସେହିପରି ୨୦ ମାସ ମଧ୍ୟରେ ନିଯୁକ୍ତି ବଣ୍ଟନ ପ୍ରକ୍ରିୟା ଆରମ୍ଭ ହେବ। ସମସ୍ତ ଠିକା ଏବଂ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରାଯିବା ସହ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ମାସିକ ୩୦ ହଜାର ଟଙ୍କା ବେତନରେ ସ୍ଥାୟୀ ନିଯୁକ୍ତି ଦିଆଯିବ।

# ଝାଡ଼ଖଣ୍ଡରେ ଆଇଇଡି ବିସ୍ଫୋରଣ: ନାବାଳିକାଙ୍କ ମୃତ୍ୟୁ

ରାଞ୍ଚି,୨୮।୧୦

ଝାଡ଼ଖଣ୍ଡର ପଶ୍ଚିମ ସିଂଭୂମ ଜିଲା ଅନ୍ତର୍ଗତ ସରଣ୍ଡା ଜଙ୍ଗଲରେ ଆଇଇଡି ବିସ୍ଫୋରଣରେ ଜଣେ ୧୦ ବର୍ଷୀୟା ବାଳିକାଙ୍କ ମୃତ୍ୟୁ ଘଟିଛି। ବାଳିକା ଜଣକ ଶାଳପତ୍ର ସଂଗ୍ରହ ପାଇଁ ଜଙ୍ଗଲ ମଧ୍ୟକୁ ଯାଇଥିବାବେଳେ ମାଓବାଦୀ ଖଞ୍ଜିଥିବା ଆଇଇଡି ବିସ୍ଫୋରଣ ହୋଇଥିଲା। ମାଓବାଦୀମାନେ ସୁରକ୍ଷା ବଳକୁ ଟାର୍ଗେଟ କରି ବିସ୍ଫୋରକ ଖଞ୍ଜିଥିବାବେଳେ ଦିଘା ଗ୍ରାମର ଜୟମାସି ହେରେଞ୍ଜଙ୍କ ଝିଅ ସିରିଆ ଏହା ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ଜଣାପଡ଼ିଛି।

# ଏୟାରଇଣ୍ଡିଆ ବିମାନ ନିକଟରେ ବସ୍ ଜଳିଗଲା

ନୂଆଦିଲ୍ଲୀ,୨୮।୧୦



ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟର ଟର୍ମିନାଲ ୩ରେ ଏୟାରଇଣ୍ଡିଆର ଏକ ବିମାନଠାରୁ ମାତ୍ର କେଇ ମିଟର ଦୂରରେ ଏକ ବସ୍‌ରେ ନିଆଁ ଲାଗିଯାଇଛି। ତୁରନ୍ତ ଉକ୍ତ ବସ୍‌କୁ ବେ' ୩୨ରୁ ହଟାଇ ଦିଆଯାଇଥିଲା। ଏସ୍‌ଏଟିଏସ୍ ଏୟାରପୋର୍ଟ ସର୍ଭିସେସ୍ ପ୍ରା.ଲିଃ ଦ୍ୱାରା ପରିଚାଳିତ ଏହି ବସ୍ ବିଭିନ୍ନ ଏୟାଲାଇନ୍ସକୁ ଗ୍ରାଉଣ୍ଡ ସେବା ଯୋଗାଇଥାଏ। ମଙ୍ଗଳବାର ଅପରାହ୍ନରେ ହଂକଂରୁ ଆସି ଦିଲ୍ଲୀରେ ଅବତରଣ କରିଥିବା ଏୟାର ଇଣ୍ଡିଆ ବିମାନର ଯାତ୍ରୀମାନଙ୍କୁ ନେବା ପାଇଁ ବସ୍‌ଟି ସେଠାକୁ ଯାଇଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ସେଠାରେ ଉପସ୍ଥିତି ଥିବା ଏୟାରପୋର୍ଟ ଏଆର୍‌ଏଫ୍‌ଏଫ୍ ଟିମ୍ ତୁରନ୍ତ ନିଆଁକୁ ଆୟତ୍ତ କରିଥିଲା। ନିଆଁ ଲାଗିବା ସମୟରେ ବସ୍‌ଟି ସମ୍ପୂର୍ଣ୍ଣ ଖାଲି ଥିବାରୁ କେହି ଆହତ ହୋଇନାହାନ୍ତି। ବସ୍‌ଟି ସିଏନ୍‌ଜିରେ ଚାଲୁଥିବାବେଳେ ବୈଷୟିକ ତ୍ରୁଟିରୁ ନିଆଁ ଲାଗିଯାଇଥିବା ସିଆଇଏସ୍‌ଏଫ୍ କହିଛି। ନିଆଁକୁ ଆୟତ୍ତ କରାଯିବା ପରେ ବିମାନ ସେବା ସ୍ୱାଭାବିକ ରହିଛି। ନିଆଁ ଲାଗିବାର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି।

ଫୁର୍‌ସତ୍

# ପାରୁଲଙ୍କୁ ବଡ଼ ବ୍ରେକ୍

ମୁମ୍ବାଇ



ପାରୁଲ ଗୁଲାଟି

ଟିଭି ଅଭିନେତ୍ରୀ ପାରୁଲ ଗୁଲାଟିଙ୍କୁ ମିଳିଛି ବଡ଼ ବ୍ରେକ୍। ପ୍ରାୟ ୧୫ ବର୍ଷ ମନୋରଞ୍ଜନ ଶିଳ୍ପରେ କାମ କରିବା ପରେ ସେ ବଡ଼ ପରଦାରେ ନଜର ଆସିବାକୁ ଯାଉଛନ୍ତି। 'କିସ୍ କିସ୍ କୋ ପ୍ୟାର୍ କରୁଁ ୨' ଜରିଆରେ ସେ ବଲିଉଡରେ ପାଦ ଥାପିବେ। ଏହି ଫିଲ୍ମରେ ସେ କମେଡି କିଙ୍ଗ୍ କପିଲ ଶର୍ମାଙ୍କ ସହ ସ୍କ୍ରିନ୍ ଶେୟାର କରିବେ। ଏ ସମ୍ପର୍କରେ ପାରୁଲ କୁହନ୍ତି, କଠିନ ପରିଶ୍ରମର ପ୍ରତିଟି ଛୋଟ ପଦକ୍ଷେପ ଏବେ ଏକ ସୁନ୍ଦର ପୁରସ୍କାରରେ ପରିଣତ ହୋଇଛି। ମୋର ସ୍ୱପ୍ନ ସାକାର ହେବାକୁ ଯାଉଛି। ପ୍ରଥମ ଥର ପାଇଁ କମେଡି ଜଗତରେ ପ୍ରବେଶ କରୁଥିବାରୁ ବେଶ୍ ଉତ୍ସାହିତ। ଏହି ଫିଲ୍ମ ମାଧ୍ୟମରେ ମୁଁ ଦର୍ଶକଙ୍କୁ ଶିଖିବା ଏବଂ ବଞ୍ଚିବାର ନୂଆ ଉପାୟ ବତାଇବି। ଏହା କେବଳ ଏକ ଫିଲ୍ମ ନୁହେଁ ବରଂ ଏକ ନୂତନ ଅଧ୍ୟାୟ, ଯାହା ମୋର କ୍ୟାରିୟରକୁ ଦୃଢ଼ କରିବ। 'କିସ୍ କିସ୍ କୋ ପ୍ୟାର୍ କରୁଁ ୨'ରେ ପାରୁଲ-କପିଲଙ୍କ ସହିତ ହୀରା ୱାରିନା, ତ୍ରିଧା ଚୌଧୁରୀ ଏବଂ ଆୟେଶା ଖାନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ଅକ୍ଟୋବର ୨୩ରେ ଫିଲ୍ମର ମୋଶନ ପୋଷ୍ଟର ରିଲିଜ୍ ହୋଇଥିଲା। ଅନୁକଲ୍ପ ଗୋସ୍ୱାମୀଙ୍କ ଦ୍ୱାରା ନିର୍ଦ୍ଦେଶିତ ତଥା ରତନ ଜୈନ, ଗଣେଶ ଜୈନ ଏବଂ ଆବାସ-ମସ୍ତାନଙ୍କ ପ୍ରଯୋଜିତ ଏହି ଫିଲ୍ମଟି ଡିସେମ୍ବର ୧୨ରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ।ସିନେମା ହଲରେ ମୁକ୍ତିଲାଭ କରିବ। ଏହି ଫିଲ୍ମଟି କପିଲ ଶର୍ମାଙ୍କ ୨୦୧୫ରେ ଆସିଥିବା ପ୍ରଥମ ଫିଲ୍ମ 'କିସ କିସ କୋ ପ୍ୟାର୍ କରୁଁର ସିକ୍ୱେଲ।

SAGARMALA
PORT-LED PROSPERITY
GOVERNMENT OF INDIA
MINISTRY OF PORTS, SHIPPING AND WATERWAYS

# ଭାରତ ସାମୁଦ୍ରିକ ସପ୍ତାହ ୨୦୨୫

## ସଂଯୁକ୍ତ ମହାସାଗର, ଏକ ସାମୁଦ୍ରିକ ଦୂରଦର୍ଶିତା!



## ଅମୃତ କାଳର ଦୂରଦର୍ଶିତାକୁ ହାସଲ କରିବା ପାଇଁ ₹୨.୨୦ ଲକ୍ଷ କୋଟି ମୂଲ୍ୟର ରୂପାନ୍ତରଣକାରୀ ପଦକ୍ଷେପଗୁଡ଼ିକର ଶୁଭାରମ୍ଭ

ଭାରତୀୟ ଶିପିଂ କର୍ପୋରେଶନର ଫ୍ଲିଟ୍ ବିସ୍ତାରଣ: ୨୧୬ ଜାହାଜ,
୧୦ ମିଲିୟନ ସର୍ବମୋଟ ଟନେଜ୍, ₹୧ ଲକ୍ଷ କୋଟି ନିବେଶ

ଘରୋଇ ଜାହାଜ ବରାଦ: ₹୪୮,୦୦୦ କୋଟି
(ଯାହା ମଧ୍ୟରେ ତୈଳ ଓ ବାଷ୍ପ ପିଏସୟୁରୁ ୫୯ ଜାହାଜ ସମେତ), ୨.୮୫ ଏମ୍ଏମ୍ଏଲ୍‌ଜିଟି

ଭାରତ କଣ୍ଟେନର ଶିପିଂ ଲାଇନ୍:
୫୧ଟି ଜାହାଜର ଲକ୍ଷ୍ୟ

ଗ୍ରୀନ୍ ଟଗ୍ କାର୍ଯ୍ୟକ୍ରମ: ୧୦୦ଟି ପରିବେଶ ଅନୁକୂଳ ଟଗ୍,
₹୧୨,୦୦୦ କୋଟିର ନିବେଶ

ଡ୍ରେଜିଂ କର୍ପୋରେଶନ୍ ଅଫ୍ ଇଣ୍ଡିଆର ଆଧୁନିକୀକରଣ:
୧୧ଟି ନୂଆ ଡ୍ରେଜର୍ସ, ₹୪,୦୦୦ କୋଟିର ନିବେଶ

## ଶ୍ରୀ ନରେନ୍ଦ୍ର ମୋଦୀ

ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ
କରକମଳରେ

୨୯ ଅକ୍ଟୋବର, ୨୦୨୫ | ବମ୍ବେ ଏକ୍‌ଜିବିଶନ୍ ସେଣ୍ଟର, ମୁମ୍ବାଇ

## ଆଇଏମ୍‌ଡବ୍ଲ୍ୟୁ ୨୦୨୫ ସକ୍ଷମ କରୁଛି ଜାଗତିକ ନିବେଶ ସହଭାଗିତା

### ₹୧୦ ଲକ୍ଷ କୋଟି ମୂଲ୍ୟର ୬୦୦+ ଏମ୍‌ଓୟୁ ସ୍ୱାକ୍ଷରିତ

- ₹୨.୦ ଲକ୍ଷ କୋଟି – ବନ୍ଦର ନେତୃତ୍ୱାଧୀନ ଉଦ୍ୟୋଗୀକରଣ
- ₹୧.୭ ଲକ୍ଷ କୋଟି – ସବୁଜ ଇନ୍ଧନ ଓ ପୋଷଣୀୟତା
- ₹୧.୮ ଲକ୍ଷ କୋଟି – ବନ୍ଦର ଉନ୍ନୟନ
- ₹୧.୪ ଲକ୍ଷ କୋଟି – ଜାହାଜ ନିର୍ମାଣ

### ଜାହାଜ ନିର୍ମାଣରେ ସହଭାଗିତା

- **ସିଏମ୍ଏ ସିଜିଏମ୍:** କୋଚିନ୍ ଶିପ୍‌ୟାର୍ଡ ଲିମିଟେଡ୍‌ରେ ଭାରତୀୟ ପତାକା ଅଧୀନରେ ୬ ଏଲଏନ୍‌ଜି ଦ୍ୱୈତ ଇନ୍ଧନ ଜାହାଜ
- **ଏଚ୍‌ଡି କେଏସ୍‌ଓଇ ଓ କୋଚିନ୍ ଶିପ୍‌ୟାର୍ଡ ଜେଭି:** ଶିପ୍‌ବିଲ୍ଡିଂ ବ୍ଲକ୍ ଫାବ୍ରିକେଶନ୍, ₹୩,୭୦୦ କୋଟି, ୧୨,୦୦୦ ଚାକିରି
- **ଡିପି ୱାର୍ଲଡ୍ ଓ କୋଚିନ୍ ଶିପ୍‌ୟାର୍ଡ:** ଜାହାଜ ନିର୍ମାଣ / ଜାହାଜ ମରାମତି ଉଦ୍ୟୋଗର ସ୍ଥାପନା
- **ସ୍ୱାନ୍ ଡିଏଚ୍‌ଆଇ ଏବଂ ସାମ୍‌ସଙ୍ଗ ହେଭି ଇଣ୍ଡଷ୍ଟ୍ରିଜ୍:** ସବୁଜ ଏବଂ ଡିଜିଟାଲ ଜାହାଜ ନିର୍ମାଣ ସହବନ୍ଧନ
- **ମାଜାଗନ ଡକ୍:** କଲୋମ୍ବୋ ଡକ୍‌ୟାର୍ଡ ଅଧିଗ୍ରହଣ

ଗ୍ଲୋବାଲ ମାରିଟାଇମ୍ ଲିଡର୍ସ କନ୍‌କ୍ଲେଭ୍‌ରେ ନୀତି ନିର୍ମାତା ଏବଂ ଉଦ୍ୟୋଗ ନେତୃବର୍ଗ ଅଂଶଗ୍ରହଣ କରିବେ

୫୦୦+ ପ୍ରଦର୍ଶନକାରୀ | ୮୫+ ଦେଶ | ୩୫୦+ ବିଶ୍ୱସ୍ତରୀୟ ବକ୍ତା

ଶୀର୍ଷ ବିଶ୍ୱସ୍ତରୀୟ ଶିପିଂ ଓ ଲଜିଷ୍ଟିକ୍ସ ପ୍ରତିଷ୍ଠାନର ସିଇଓଙ୍କ ଦ୍ୱାରା ଗ୍ଲୋବାଲ ସିଇଓ ରାଉଣ୍ଡଟେବୁଲ ଷ୍ଟ୍ରାଟେଜିକ୍ ଡାଇଲଗ୍

### ପ୍ରମୁଖ ଲାଭ

- ନୂତନ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି
  - ଭାରତୀୟ ପତାକା ଅଧୀନରେ ଜାହାଜଗୁଡ଼ିକର ସଂଖ୍ୟା ବୃଦ୍ଧି
  - ଜାହାଜ ନିର୍ମାଣ ଏବଂ ଜାହାଜ ମରାମତି କ୍ଲଷ୍ଟରର ବିକାଶ
- ବନ୍ଦର ସଂଯୋଗୀକରଣ ଏବଂ ଦକ୍ଷତା ଉନ୍ନତୀକରଣ
- ସବୁଜ ଶକ୍ତି ଏବଂ ପୋଷଣୀୟ ବିକାଶକୁ ପ୍ରୋତ୍ସାହନ
- ସ୍ୱଦେଶୀ ଜାହାଜ ନିର୍ମାଣ କ୍ଷମତାକୁ ପ୍ରୋତ୍ସାହନ
- ଉପକୂଳବର୍ତ୍ତୀ ଜନସମୁଦାୟଙ୍କ ଜୀବନର ଗୁଣମାନରେ ଉନ୍ନତି

### ଭାଗୀଦାର ରାଷ୍ଟ୍ରସମୂହ

ଡେନ୍‌ମାର୍କ
ନେଦରଲାଣ୍ଡ୍ସ
ନରୱେ
ସିଙ୍ଗାପୁର
ଦକ୍ଷିଣ କୋରିଆ

### ଭାଗୀଦାର ରାଜ୍ୟସମୂହ

• ଗୁଜରାଟ • ମହାରାଷ୍ଟ୍ର • ଗୋଆ
• କର୍ଣ୍ଣାଟକ • କେରଳ • ତାମିଲନାଡୁ
• ଆନ୍ଧ୍ରପ୍ରଦେଶ • ଓଡ଼ିଶା
• ଉତ୍ତରପ୍ରଦେଶ • ଆସାମ



### ଗରିମାମୟ ଉପସ୍ଥିତି

**ଶ୍ରୀ ଆଚାର୍ଯ୍ୟ ଦେବବ୍ରତ**
ରାଜ୍ୟପାଳ, ମହାରାଷ୍ଟ୍ର

**ଶ୍ରୀ ଦେବେନ୍ଦ୍ର ଫଡନବିସ**
ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ର

**ଶ୍ରୀ ସର୍ବାନନ୍ଦ ସୋନୋୱାଲ**
କେନ୍ଦ୍ରମନ୍ତ୍ରୀ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ

**ଶ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ**
ମୁଖ୍ୟମନ୍ତ୍ରୀ, ଆନ୍ଧ୍ରପ୍ରଦେଶ

**ଶ୍ରୀ ଶାନ୍ତନୁ ଠାକୁର**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ

**ଶ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ

**ଶ୍ରୀ ଏକନାଥ ସିନ୍ଦେ**
ଉପ ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ର

**ଶ୍ରୀ ଅଜିତ ପାୱାର**
ଉପ ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ର

ShipminIndia | Shipmin_India | Sagarmala Project | Sagarmala.gov.in / shipmin.gov.in | For more info visit www.imw.org.in | LIVE STREAM Watch live telecast on DD News

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ହସ୍ପିଟାଲ୍‌ରେ ଆଇସିୟୁ ଏବଂ ସିସିୟୁର ଏସ୍‌ଓପି ବ୍ୟବସ୍ଥା ସମ୍ପର୍କୀତ ରାଜ୍ୟସ୍ତରୀୟ ସମ୍ମିଳନୀ, ସ୍ଥାନ: ଆଇଏମ୍‌ଏ ହାଉସ୍ (କ୍ୟାପିଟାଲ୍ ହସ୍ପିଟାଲ ପଛପଟ) ୟୁନିଟ୍ ୬, ସମୟ: ସକାଳ ୯ଟା ୩୦।
- କିଶୋର କିଶୋରୀ ସମାବେଶ, ସ୍ଥାନ: କଳିଙ୍ଗ ଷ୍ଟାଡିୟମ (ଟେନିସ୍ ଅଡିଟୋରିୟମ), ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ଏବଂ ରାଜଧାନୀ ମହାବିଦ୍ୟାଳୟ ପକ୍ଷରୁ ବେଣୁଧର ରାଉତଙ୍କ ଜନ୍ମ ଶତାବାର୍ଷିକୀ ଆଲୋଚନାଚକ୍ର, ସ୍ଥାନ: ରାଜଧାନୀ ମହାବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆଳାପ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦।
- ୯ମ ହିନ୍ଦୁସ୍ଥାନୀ ସଙ୍ଗୀତ ଏବଂ ଭାବ ସଙ୍ଗୀତ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ୨୮ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନର ପ୍ରସଙ୍ଗ ଲଙ୍କା ଦହନ ଓ ସେତୁ ବନ୍ଧ ପ୍ରତିଷ୍ଠା, ସ୍ଥାନ: ବାଲିଅନ୍ତା ସ୍ଥିତ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ୯ମ ବାର୍ଷିକ କାଳୀପୂଜା ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଷ୍ଟାର ନାଇଟ', ସ୍ଥାନ: ରସୁଲଗଡ଼ ଜିଜିପି କଲୋନୀ ସ୍ଥିତ ମା'ଦକ୍ଷିଣ କାଳୀଙ୍କ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ଗ୍ରାମସଭା,ସ୍ଥାନ:ତହସିଲ କାର୍ଯ୍ୟାଳୟ, ନୀଳଗିରି,ସମୟ:ପୂର୍ବାହ୍ନ ୧୧ଟା।
- ବାର୍ଷିକ ଭାଗବତ କଥାମୃତ, ପ୍ରବଚନ ସଭା ଉଦ୍‌ଘାଟନୀ ସନ୍ଧ୍ୟା,ସ୍ଥାନ:ନୀଳବାଡ଼ି ଶୀତଳା ମଣ୍ଡପ, ରୂପ୍‌ସା,ସମୟ:ସନ୍ଧ୍ୟା ୬ଟା।
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର,ସମୟ:ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଦଶମ ଦିବସ,ସ୍ଥାନ:ପୋଡ଼ାଶୂଳ ବଜାର, ନୀଳଗିରି,ସମୟ:ସନ୍ଧ୍ୟା ୬ଟା।

**ଭଦ୍ରକ**
- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଇଚ୍ଛାପୁର ବ୍ରହ୍ମପୁର ହାଇସ୍କୁଲ, ଭଦ୍ରକ, ସମୟ: ସକାଳ ୮ଟା।
- କାଳୀପୂଜା ଭସାଣି, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ର ନାମ ମହାଯଜ୍ଞ, ସ୍ଥାନ: ପାଟଣାମିଶ୍ରପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ପାଟଣା କଲେଜ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ନବମ ଅଧିବେଶନ, ସ୍ଥାନ: ପାଟଣା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାର୍ବଜନୀନ ବନେଇ କଳା କାଳୀ ମା'ଙ୍କ ବିସର୍ଜନ, ସ୍ଥାନ: ଯୋଡ଼ା, ସମୟ: ସନ୍ଧ୍ୟା ୬ ଟା।

**ମୟୂରଭଞ୍ଜ**
- ଜଗତ ଜନନୀ ଜଗଦ୍ଧାତ୍ରୀ ଦେବୀଦୁର୍ଗାଙ୍କ ମହାଷ୍ଟମୀ ପୂଜା,ସ୍ଥାନ:ଉଦଳା ବସ୍‌ଷ୍ଟାଣ୍ଡ ଜଗଦ୍ଧାତ୍ରୀ ମନ୍ଦିର,ସମୟ: ସକାଳ ୯ଟା ୩୦।
- ବାରିପଦା ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଜଗଦ୍ଧାତ୍ରୀ ମେଳା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କୁମାର୍ସ କ୍ଲବ ଭପୁର, ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା।

**ଢେଙ୍କାନାଳ**
- ଟାଟାଷ୍ଟିଲ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ନିରୁପମା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ମା'ଅମ୍ବିକାଇ ଗଣପରିଷଦ ପକ୍ଷରୁ ମହାବାତ୍ୟା ଉପରେ ସ୍ମୃତିଚାରଣ ସଭା, ସ୍ଥାନ: ଆମ୍ବେଡକର ଭବନ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

**କେନ୍ଦ୍ରାପଡ଼ା**
- ଶ୍ରୀସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ: ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ରାଜ୍ୟ ଭାଗବତ ଟୁଙ୍ଗି ପ୍ରଚାର ସମିତି ପକ୍ଷରୁ ଭାଗବତ ମହୋତ୍ସବ ଓ ଭକ୍ତ ସମ୍ମିଳନୀ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ନହକା କାଳୀପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ଯାଜପୁର ରୋଡ ରୟାଲ କଳିଙ୍ଗ ହୋଟେଲ, ସମୟ: ସକାଳ ୯ଟା।

**ନୟାଗଡ଼**
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ସପ୍ତମ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ପ୍ରାତଃ ୫ଟା।

**ସମ୍ବଲପୁର**
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଅର୍ନ୍ତଜାତୀୟ ଟ୍ରେଡ ଫେୟାର, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସମୟ : ଅପରାହ୍ନ ୨ଟା ୩୦ରୁ ରାତି ୧୦ଟା।

**ବଲାଙ୍ଗୀର**
- ଲୋୟର ସୁକ୍‌ତେଲ ପ୍ରକଳ୍ପ ବିସ୍ଥାପିତଙ୍କ ପକ୍ଷରୁ ବଲାଙ୍ଗୀର ପାଟଣାଗଡ ରାଜ୍ୟ ରାଜପଥରେ ରାସ୍ତାରୋକୋ, ସ୍ଥାନ: ଝାଙ୍କରପାଲି ବିସ୍ଥାପିତ କଲୋନୀ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୬ଟାରୁ।

**ରାଉରକେଲା**
- କଳ୍ପତରୁ ଆଶ୍ରମରେ ହରିନାମ ସଂକୀର୍ତ୍ତନ, ସ୍ଥାନ: ବାସନ୍ତୀ କଲୋନୀ, ଦୁର୍ଗାପୁର ପାହାଡ, ସମୟ: ସକାଳ ୭ଟା।
- ରାଉରକେଲା ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ବିମାନ ବନ୍ଦର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ମହାବିଦ୍ୟାଳୟ ପକ୍ଷରୁ ସଚେତନତା ଶୋଭାଯାତ୍ରା, ସ୍ଥାନ: ସେକ୍ଟର–୪, ସମୟ: ପୂର୍ବାହ୍ନ ୧୧ଟା।
- ବାସନ୍ତୀ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ବାସନ୍ତୀ ପାଠାଗାର, ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୬ଟା ୩୦।

**ସୁନ୍ଦରଗଡ଼**
- ଜିଲାସ୍ତରୀୟ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ସମାରୋହ,ସ୍ଥାନ:ବିକାଶ ଭବନ,ସମୟ:ପୂର୍ବାହ୍ନ୧୦ଟା।

**ବରଗଡ଼**
- ଶ୍ରୀ ଶ୍ରୀ ସୁରଭି ଯଜ୍ଞ ଓ ଗୋପାଷ୍ଟମୀ ମହୋତ୍ସବ,ସ୍ଥାନ: ଆନନ୍ଦକୁଞ୍ଜ ଆଶ୍ରମ, ଭୁନ୍ଦୁବାହାଲ, ଗାଇସିଲେଟ, ସମୟ:ସକାଳ ୯ଟା।
- ବ୍ଲକସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ସୁରଭି,ସ୍ଥାନ:ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ବିଜେପୁର, ସମୟ:ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ହରଭଙ୍ଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ,ସ୍ଥାନ: ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ହରଭଙ୍ଗା,ସମୟ:ପୂର୍ବାହ୍ନ ୧୧ଟା।

**ଦେବଗଡ଼**
- ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାର୍ବଜନୀନ କାଳୀପୂଜା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାରକୋଟ ବ୍ଲକ, ଆସ୍ଥାୟୀ ପୂଜା ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।
- ଛେଳି ପାଳନ ସମ୍ପର୍କିତ ପାଞ୍ଚଦିନିଆ ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ:ପୂର୍ବାହ୍ନ ୧୧ ଟା।

**ସୁବର୍ଣ୍ଣପୁର**
- ମହିମା ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ବିନିକା ସହରର ମହିମା ପଡା, ସମୟ: ସକାଳ ୯ଟା।
- ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ପ୍ରଥମ ପୃଷ୍ଠାରୁ...**

## ରୁଷୀୟ ତୈଳ...

ଜାରି ରଖିଥିବାରୁ କେନ୍ଦ୍ର ସରକାର ଟ୍ରମ୍ପଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିପାରୁନାହାନ୍ତି। କିନ୍ତୁ ରୁଷିଆର ୨ ବୃହତ୍ ତୈଳ କମ୍ପାନୀ ରୋସ୍‌ନେଫ୍ଟ ଏବଂ ଲୁକ୍‌ଅଏଲ୍ ଉପରେ କଟକଣା ଲାଗିବା ପରେ ଭାରତୀୟ ତୈଳ ବିଶୋଧନ କମ୍ପାନୀଗୁଡ଼ିକ ରୁଷିଆରୁ ତୈଳ ନ କିଣିବା ଲାଗି ନୂଆ ଡିଲ୍ ବନ୍ଦ କରିଛନ୍ତି। ୱାଶିଂଟନ୍ କଟକଣା ଯୋଗୁ ଅର୍ଥ ପୈଠକୁ ନେଇ ଚିନ୍ତା ବଢ଼ିଥିବାବେଳେ ସରକାର ଏବଂ ଯୋଗାଣକାରୀଙ୍କଠାରୁ ସ୍ପଷ୍ଟତା ପାଇଁ କ୍ରେତାମାନେ ଅପେକ୍ଷାରେ ରହିଛନ୍ତି। ଅନିଶ୍ଚିତତା କାରଣରୁ କେତେକ ରିଫାଇନର ସ୍ୱଳ୍ପମିଆଦୀ ଅଶୋଧିତ ତୈଳ ଆବଶ୍ୟକତା ମେଣ୍ଟାଇବା ପାଇଁ ସ୍ପଟ୍ ମାର୍କେଟ ଆଡ଼କୁ ମୁହାଁଉଛନ୍ତି। ରାଷ୍ଟ୍ରାୟତ୍ତ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ତୈଳ କିଣିବା ପାଇଁ ସାନି ଟେଣ୍ଡର ଜାରି କରିଥିବାବେଳେ ଭାରତର ସର୍ବବୃହତ୍ ଘରୋଇ ରିଫାଇନର ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ରୁଷିଆରୁ ତୈଳ କିଣା ବନ୍ଦ କରିବା ଦିଗରେ ପଦକ୍ଷେପ ନେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ତୈଳ କିଣା ସହ ଜଡ଼ିତ କେତେକ କାର୍ଗୋକୁ ପ୍ରତ୍ୟାହାର କରିନିଆଯାଇଛି। କଳା ତାଲିକାଭୁକ୍ତ କମ୍ପାନୀଗୁଡ଼ିକ ସହ ବ୍ୟାଙ୍କ ଆର୍ଥିକ କାରବାର ପ୍ରକ୍ରିୟା କରିବେ ନାହିଁ। ତେଣୁ କୌଣସି ସଂସ୍ଥା ଅର୍ଥ ପୈଠଜନିତ ଅନିଶ୍ଚିତତା ମଧ୍ୟକୁ ଯିବାକୁ ଚାହୁଁନାହାନ୍ତି।

୨୦୨୨ ଫେବୃଆରୀ ୨୪ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଏହା ଉପରେ କଟକଣା ଜାରି କରିଥିଲେ। ସେବେଠୁ ଭାରତ ରୁଷିଆଠାରୁ ରିହାତି ଦରରେ ତୈଳ କିଣିଆସିଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା ଅନୁଯାୟୀ ୨୦୨୫ର ପ୍ରଥମ ୯ ମାସ ଭାରତ ଦୈନିକ ୧.୯ ନିୟୁତ ବ୍ୟାରେଲ ରୁଷୀୟ ତୈଳ କିଣିଛି, ଯାହାକି ରୁଷିଆର ମୋଟ ତୈଳ ରପ୍ତାନିର ୪୦%। ବର୍ତ୍ତମାନ ନୂଆ କଟକଣା ଲାଗିବା ପରେ ଭାରତ ଓ ଚାଇନାର ତୈଳ କମ୍ପାନୀଗୁଡ଼ିକ ରୁଷିଆଠାରୁ ତୈଳ କିଣି ରିସ୍କ ନେବାକୁ ଚାହୁଁନାହାନ୍ତି। ବ୍ଲୁମ୍‌ବର୍ଗରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୨୦୨୫ରେ ରୁଷିଆଠାରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ସର୍ବାଧିକ ତୈଳ କ୍ରୟ କରିଥିଲା। ତେବେ ଟ୍ରମ୍ପ ୨ ରୁଷୀୟ କମ୍ପାନୀ ଉପରେ କଟକଣା ଲଗାଇବାର ଦିନକ ପରେ ଆର୍‌ଆଇଏଲ୍ ଆମେରିକା ଓ ମଧ୍ୟପ୍ରାଚ୍ୟରୁ ଅନେକ ନିୟୁତ ବ୍ୟାରେଲ କ୍ରୁଡ୍ କିଣିଛି। ମୁକେଶ ଅମ୍ବାନୀଙ୍କ କମ୍ପାନୀ ସାଉଦି ଆରବର ଖଫ୍‌ଜି, ଇରାକ୍‌ର ବସ୍‌ରାହ ମଡିୟମ, କାତାରର ଶାହିନ୍ ଓ ଆମେରିକୀୟ ଅଏଲ୍ ସପ୍ଲାୟର ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍‌ଠାରୁ ଏହି ତୈଳ ଆମଦାନୀ କରିଛି। କଣ୍ଟ୍ରାକ୍ଟ ଶେଷ ହୋଇଥିବା ଏହି ତୈଳ ଆସନ୍ତା ଡିସେମ୍ବର କିମ୍ବା ଜାନୁଆରୀରେ ଭାରତ ଆସିପାରେ ବୋଲି ଅନୁମାନ କରାଯାଉଛି। ଏହା ସତ୍ତ୍ୱେ କେତେକ ଭାରତୀୟ କମ୍ପାନୀ ଗଳାବାଟରେ ରୁଷୀୟ ତୈଳ କିଣିପାରନ୍ତି ବୋଲି ସନ୍ଦେହ କରାଯାଉଛି।

## ଅମଲାପୁରମ୍‌ରେ ସ୍ଥଳଭାଗ...

ବାତ୍ୟା ପ୍ରଭାବରେ ମଙ୍ଗଳବାର ଦିନତମାମ ରାଜ୍ୟର ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା, ପବନ ଲାଗି ରହିଥିଲା। ଗଜପତି ଜିଲା ଆର. ଉଦୟଗିରି ବ୍ଲକ ଅନଘା ପଞ୍ଚାୟତର ରାସ୍ତାକଡ଼ ପାହାଡରୁ ବିରାଟକାୟ ପଥର ଖସି ୩୨୬ ନଂ. ଜାତୀୟ ରାଜପଥରେ ଯାତାୟାତ ଠପ୍ ହୋଇଯାଇଥିଲା। କାଶୀନଗର ବ୍ଲକ୍ ପାଡ଼ଡଡ଼ା ପଞ୍ଚାୟତର ଲିଙ୍ଗାଠାରୁ ବାରଭା ଗ୍ରାମକୁ ଯାଉଥିବା କଚ୍ଚା ରାସ୍ତାରେ ମଧ୍ୟ ବଡ଼ବଡ଼ ପଥର ଖସିଥିଲା। ଏହାବାଦ୍ ଜିଲାର ବିଭିନ୍ନ ସ୍ଥାନରେ ଘର ଭାଙ୍ଗିଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି କୋରାପୁଟ ଜିଲା ନାରାୟଣପାଟଣାରେ ତଲଗୁମାଣ୍ଡି ରାସ୍ତାରେ ପାହାଡ଼ରୁ ପଥର ଧସି କିଛି ସମୟ ପାଇଁ ରାସ୍ତା ଅବରୋଧ ହୋଇଥଲା। ନନ୍ଦପୁର ବ୍ଲକ୍ ପାଡୁଆ ବଡଦେବତା ମନ୍ଦିରଠାରୁ ଶୋଭାପୁଟ ସଂଯୋଗ କରୁଥିବା ଆରଡି ରାସ୍ତାର ଗେମେଲପୁଟ ନିକଟରେ ପାତାଳୀ ନଦୀ ଓ ଜଳଭଣ୍ଡାର ପାର୍ଶ୍ୱକୁ ଲାଗି ଥିବା ରାସ୍ତାକଡ଼ର ପ୍ରାୟ ୨୦୦ ମିଟର ଜମିରୁ ମାଟି ଅତଡା ଖସୁଥିବାରୁ ୪ଟି ପଞ୍ଚାୟତବାସୀ ଆତଙ୍କିତ ଅବସ୍ଥାରେ ରହିଥିଲେ।

ବାତ୍ୟା ପ୍ରଭାବରେ ବୁଧବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ରାୟଗଡ଼ା ଆଦି ୫ ଜିଲାକୁ ଭୀଷଣ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିପରି ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି ଏବଂ ଅନ୍ୟ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ନଭେମ୍ବର ୧ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଉତ୍ତର–ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳଗୁଡ଼ିକରେ ଘଣ୍ଟା ପ୍ରତି ୩୦ରୁ ୪୦ କି.ମିରୁ ୫୦ କି.ମି ବେଗରେ ପବନ ବହିଥିଲା। ବୁଧବାର ସକାଳ ପର୍ଯ୍ୟନ୍ତ ସେହି ଅଞ୍ଚଳରେ ପବନର ବେଗ ଘଣ୍ଟା ପ୍ରତି ୬୦ ରୁ ୭୦ କି.ମି. କିମ୍ବା ୮୦ କି.ମି. ବେଗରେ ବହିବାର ସମ୍ଭାବନା ରହିଛି। ଏହା ଧୀରେଧୀରେ ହ୍ରାସ ପାଇ ୩୦ ଅକ୍ଟୋବର ସକାଳେ ଘଣ୍ଟା ପ୍ରତି ୩୫ରୁ ୪୫ କି.ମି. ଏବଂ ୫୫କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ବୁଧବାର ମଧ୍ୟ ଦକ୍ଷିଣ ଓଡ଼ିଶା ଉପକୂଳରେ ଏବଂ ଏହାର ଆଖପାଖରେ ଘଣ୍ଟା ପ୍ରତି ପବନର ବେଗ ୪୫ରୁ ୫୫ କି.ମି. ଏବଂ ଅତିବେଶୀରେ ୬୫ କି.ମି. ପର୍ଯ୍ୟନ୍ତ ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ଘଣ୍ଟାରେ ଚାନ୍ଦବାଲିଠାରେ ସର୍ବାଧିକ ୫୧.୭ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ, ଦାରିଙ୍ଗବାଡ଼ିରେ ୫୧ ମି.ମି., ଯାଜପୁରରେ ୪୨.୪ମି.ମି., ଭଦ୍ରକରେ ୩୭ମି.ମି., କୋରାପୁଟରେ ୩୬ମି.ମି., ପାରଳାଖେମୁଣ୍ଡିରେ ୩୪.୪ମି.ମି., ନୟାଗଡ଼ରେ ୨୧.୪ମି.ମି., ସମ୍ବଲପୁରରେ ୨୦.୨ମି.ମି., ଭୁବନେଶ୍ୱରରେ ୧୭.୧ମି.ମି., କଟକରେ ୧୩.୬ମି.ମି. ବର୍ଷା ରେକର୍ଡ କରାଯାଇଛି। ବାତ୍ୟା ପାଇଁ ଗୋପାଳପୁର ବନ୍ଦରରେ ୩ନଂ. ସତର୍କତା ସଙ୍କେତ ଜାରି କରାଯାଇଛି। ସେହିପରି ପାରାଦୀପ, ଧାମରା, ପୁରୀ, ଛତ୍ରପୁର ଏବଂ ଚାନ୍ଦବାଲି ବନ୍ଦରରେ ୨ନଂ. ସତର୍କତା ସଙ୍କେତ ଜାରି କରାଯାଇଛି। ପବନର ବେଗ ବଢିବା ସହିତ ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ୩୦ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି।

## ଓଡ଼ିଶା ଉପରେ...



କୌଣସିଠାରେ ଅଧିକ ବର୍ଷା ରେକର୍ଡ କରାଯାଇ ନାହିଁ। କୌଣସି ବିଶେଷ କ୍ଷୟକ୍ଷତିର ରିପୋର୍ଟ ମଧ୍ୟ ଆସିନାହିଁ। ଗଛ ପଡ଼ିବା କିମ୍ବା ପଥର ଧସିବା ଖବର ବ୍ୟତୀତ ଅନ୍ୟ କୌଣସି କ୍ଷୟକ୍ଷତି ରିପୋର୍ଟ ଆସିନାହିଁ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ଏସ୍‌ଆର୍‌ସି ଅଫିସ୍‌ରୁ ବାତ୍ୟାର ଗତିବିଧି ଟିକିନିଖି ଅନୁଧ୍ୟାନ କରାଯିବା ସହିତ ନିୟନ୍ତ୍ରଣ କରାଯାଉଛି। ସ୍ଥାନାନ୍ତର ପ୍ରକ୍ରିୟା ଚାଲିଛି। ବର୍ତ୍ତମାନ ସୁଦ୍ଧା ୧୭ ହଜାର ୮୧୭ ଜଣଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି। ଆବଶ୍ୟକ ପଡ଼ିଲେ ଅଧିକ ସ୍ଥାନାନ୍ତର କରାଯିବ। ୨୧୯୮ ଜଣ ଗର୍ଭବତୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି, ଆଉ ୬୧୫ ଜଣ ସ୍ଥାନାନ୍ତର ହେବା ଲାଗି ଚିହ୍ନଟ ହୋଇଛନ୍ତି। ସମସ୍ତ ବିଭାଗକୁ କ୍ଷୟକ୍ଷତି ଆକଳନ କରିବା ସହିତ ବାତ୍ୟା ପରବର୍ତ୍ତୀ ସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ମୁଖ୍ୟମନ୍ତ୍ରୀ କହିଥିଲେ, ବାତ୍ୟା ସମ୍ପର୍କରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଫୋନ୍ ଯୋଗେ କଥା ହୋଇଛନ୍ତି। ଓଡ଼ିଶାରେ ପ୍ରଭାବ ପ୍ରସଙ୍ଗରେ ସମସ୍ତ ତଥ୍ୟ ଅବଗତ କରାଯାଇଛି। ବିଶେଷ କ୍ଷୟକ୍ଷତି ହୋଇ ନ ଥିଲେ ହେଁ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାରେ ବନ୍ଦ କରାଯାଇଥିବା ଟ୍ରେନ୍ ବୁଧବାରଠାରୁ ଚଳାଚଳ କରିବ। ବାତ୍ୟା ପରିଚାଳନା କ୍ଷେତ୍ରରେ ଆମର ଟ୍ରାକ୍ ରେକର୍ଡ ଭଲ ରହିଛି। ସରକାର ସମସ୍ତ ପ୍ରକାର ପ୍ରସ୍ତୁତି କରିଛନ୍ତି, ଜିରୋ କାଜୁଆଲ୍‌ଟିକୁ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ସମ୍ମିଳନୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଏସ୍‌ଆର୍‌ସି ଡି.କେ. ସିଂହ ଉପସ୍ଥିତ ଥିଲେ। ମଙ୍ଗଳବାର ଦିନ ସମୟରେ ସମ୍ଭାବ୍ୟ ବାତ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ। ଏଥିସହ ଶୂନ ମୃତ୍ୟୁ (ଜିରୋ କାଜୁଆଲିଟି) ରାଜ୍ୟସରକାରଙ୍କ ଏକମାତ୍ର ଲକ୍ଷ୍ୟ ବୋଲି କହିଥିଲେ।

## କାହା ମତିଗତି...

ବୋଲି ତାଙ୍କ ଦଳ ଭିତରେ ଚର୍ଚ୍ଚା ହେଉଛି। କେତେଜଣ ନେତାଙ୍କଠାରୁ ଜାଣିବାକୁ ମିଳୁଛି, ଆଗରୁ ଯେପରି କର୍ମୀମାନେ ଉପନିର୍ବାଚନ ହେଲେ ଆସିବାକୁ ଆଗ୍ରହ କରନ୍ତି ସେତକ ବି ଦେଖିବାକୁ ମିଳୁ ନାହିଁ। ନୂଆପଡ଼ା ଏନ୍‌ଏସିରେ ଦଳ ପକ୍ଷରୁ କରାଯାଇଥିବା କାର୍ଯ୍ୟାଳୟରେ କାଉ କୋଇଲି ଉଡୁ ନାହାନ୍ତି। କେବଳ କେତେଜଣ ନେତା ପରସ୍ପର ଠୁମ୍ବକୁ ବଡ଼ ବଡ଼ ଗାଡ଼ିରେ ବସି ବାରମ୍ବାର ଯା'ଆସ କରୁଛନ୍ତି। ଆଗଭଳି ରୋଜଗାର ନ ଥିବା କାରଣରୁ ପଞ୍ଚାୟତକୁ ଦାୟିତ୍ୱ ପାଇଥିବା ନେତାମାନେ ନିଜ ପକେଟରୁ ଖର୍ଚ୍ଚ କଲାବେଳେ କୁଆଡ଼େ କୁନ୍ଥକୁନ୍ଥ ହେଉଥିବା ଶୁଣିବାକୁ ମିଳୁଛି। ବଡ଼ ନେତାମାନେ ଦଳର ସ୍ଥିତି ଏବେ କିପରି ଅଛି ବୋଲି ଜାଣିବାକୁ ଚେଷ୍ଟା କରୁଛନ୍ତି। ଯାହା ମୁହଁରୁ ଦଳୀୟ ପ୍ରାର୍ଥୀ ଦୁଇ ନମ୍ବର ସ୍ଥିତିକୁ ଆସିଗଲାଣି ବୋଲି ଶୁଣୁଛନ୍ତି ସେତିକିରେ ଆଶ୍ୱସ୍ତ ହେଲାଭଳି ପ୍ରତିକ୍ରିୟା ଦେଖାଉଛନ୍ତି। ଯେମିତିକି ସେମାନେ କଳେବଳେ କୌଶଳେ ଦୁଇ ନମ୍ବର ହେବାପାଇଁ ଏଠାକୁ ଆସିଛନ୍ତି। ଏହାରି ଭିତରେ ଦଳର ସଭାପତି ନବୀନ ପଟ୍ଟନାୟକ କୁଆଡେ କେତେଜଣ ନେତାଙ୍କୁ ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନ ପରେ ତିନି ଥର ଲେଖା ଟେଲିଫୋନ କଲେଣି ବୋଲି ଶୁଣିବାକୁ ମିଳୁଛି। ପଞ୍ଚାୟତ ଦାୟିତ୍ୱରେ ଥିବା ନେତାମାନେ ତୃଣମୂଳ ସ୍ଥିତି ଭଲ ନାହିଁ ବୋଲି କହୁଥିଲେ ମଧ୍ୟ ତାହା କିପରି ସମାଧାନ ହେବ ତାହାର ବାଟ ନ କରି ବଡ଼ ନେତାମାନେ ଜାଣି ଅଜଣା ରୋଲ କରି ସମୟ ଗଡ଼ାଇ ଚାଲିଛନ୍ତି ବୋଲି କେତେଜଣଙ୍କ ମୁହଁରୁ ଶୁଣିବାକୁ ମିଳୁଛି।

ଦେଖିବାକୁ ଗଲେ ପୂର୍ବରୁ ରାଜ୍ୟରେ ହୋଇଥିବା କେତେଗୁଡ଼ିଏ ଉପନିର୍ବାଚନରେ ଭାଜପା ବିରୋଧୀ ଦଳରେ ରହିଲଢ଼ି ୨ ନମ୍ବର ସ୍ଥାନ ଅଧିକାର କରିଥିଲା। କେବଳ ଧାମନଗର ଉପନିର୍ବାଚନକୁ ବିରୋଧୀ ଦଳରେ ଥିବାବେଳେ ଭାଜପା ହାତେଇବାରେ ସଫଳ ହୋଇଥିଲା। ହେଲେ ୨୦୨୪ ନିର୍ବାଚନରେ ସରକାରକୁ ଆସିବା ପରେ ଶାସକ ଦଳ ଭାବେ ନୂଆପଡ଼ାରେ ଭାଜପା ପ୍ରଥମ ଉପନିର୍ବାଚନ ଲଢୁଛି। ଦଳର ଏକାଧିକ ନେତା ନିଜ ନିଜର କର୍ମୀମାନଙ୍କୁ ଧରି ନୂଆପଡାରେ ଡେରା ପକାଇଛନ୍ତି। ବହୁ ସ୍ଥାନରୁ ଭାଜପା ସପକ୍ଷରେ ଭୋଟରଙ୍କ ମତ ରହୁଥିବା ଲକ୍ଷ୍ୟ କରାଯାଉଛି। ତଥାପି ମଧ୍ୟ ବିଜେଡିରୁ ଯାଇ ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ ଦଳ ପରିବର୍ତ୍ତନ କରୁଛନ୍ତି ବୋଲି ତୃଣମୂଳ ସ୍ତରରେ ତାଙ୍କ ବିରୋଧରେ କେତେକାଂଶରେ ପ୍ରତିକ୍ରିୟା ରହିଛି। ସେହିପରି ଭାଜପାର ଦୀର୍ଘ ଦିନର ନେତା ତଥା ସ୍ଥାନୀୟ ସଂଗଠକ ଭାବେ ପରିଚିତ ବସନ୍ତ ପଣ୍ଡା, ପ୍ରସନ୍ନ ପାଢ଼ୀ ଏବଂ ଯଦୁମଣି ପାଣିଗ୍ରାହୀ ଯେଉଁମାନେ ଟିକେଟ ଆଶାରେ ରହିଥିଲେ ସେମାନଙ୍କ କର୍ମୀମାନେ ଏଯାଏ ଶାସକ ଦଳ ସପକ୍ଷରେ ସମ୍ପୂର୍ଣ୍ଣ ମନ ବଦଳାଇପାରି ନାହାନ୍ତି। ଗତ ସାଧାରଣ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ଏକ ତ୍ରିମୁଖୀ ଲଢ଼େଇର ଦୃଶ୍ୟପଟ ଦେଖିବାକୁ ମିଳିଥିଲା। ଯାହାର ପରିଣାମ ସ୍ୱରୂପ ଫାଇଦା ଏକପ୍ରକାର ବିଜେଡି ନେବାରେ ସଫଳ ହୋଇଥିଲା। ଚଳିତ ଉପନିର୍ବାଚନରେ ମଧ୍ୟ ତ୍ରିମୁଖୀ ଲଢେଇ ଦେଖିବାକୁ ମିଳିବାର ସମ୍ଭାବନା ଅଧିକ ବୋଲି ଯାହା ସ୍ଥାନୀୟ ଅଞ୍ଚଳରେ ବୁଲିବା ପରେ ଲକ୍ଷ୍ୟ କରାଯାଉଛି। ଏତେ ସବୁ ସମସ୍ୟା ଭିତରେ ସବୁଠୁ ବଡ଼ କଥା ହେଉଛି, ଗତ କିଛିଦିନ ପର୍ଯ୍ୟନ୍ତ ତୃତୀୟ ସ୍ଥାନ ପାଇଁ ବିଜେଡି ଏଠାରେ ଲଢ଼ିବ ବୋଲି କୁହାଯାଉଥିଲା। ସେହି ଚର୍ଚ୍ଚାକୁ ମାତ୍ ଦେଇ ଶଙ୍ଖ ଦଳ ନିଜ ସ୍ଥିତିରେ ସୁଧାର ଆଣିପାରିଛି ବୋଲି ପାରିପାର୍ଶ୍ୱିକ ସ୍ଥିତିରୁ ଅନୁମାନ କରାଯାଉଛି। ହେଲେ ଜଣେ ନୁହେଁ ଅନେକ ଭାଜପା ନେତାଙ୍କ ସୂତ୍ରରୁ ଶୁଣିବାକୁ ମିଳୁଛି ଅତି ଆତ୍ମବିଶ୍ୱାସ ବଢାଇ ତାଙ୍କ ଦଳର ରାଜ୍ୟସ୍ତରୀୟ ଶୀର୍ଷ ନେତୃତ୍ୱ ଏବେଠାରୁ ଯେପରି ଜିତିଗଲେଣି ସେହିଭଳି ବ୍ୟବହାର କରୁଛନ୍ତି। କେବଳ ଜିତିବାର ବ୍ୟବଧାନ ବଢ଼ାଇବା ଭାଜପାର ମୂଳ ଲକ୍ଷ୍ୟ ବୋଲି ତାଙ୍କ ଦଳର ନେତାମାନେ କହି ବୁଲୁଛନ୍ତି ବୋଲି ମଧ୍ୟ ଲକ୍ଷ୍ୟ କରାଯାଉଛି। ବିରୋଧୀ ଦଳରେ ଥିବାବେଳେ ଶାସନ କ୍ଷମତାକୁ ଆସିବା ପାଇଁ ଭାଜପା ନେତାମାନେ ଯେଉଁ ବିପରୀତ ପରିସ୍ଥିତିରେ ମୁକାବିଲା କରୁଥିଲେ ଏବେ ସେମାନେ ସରକାରକୁ ଆସିବାକ୍ଷଣି ଯେପରି ବଡ଼ ଗାଡ଼ି ଓ ବ୍ୟାପକ ଆରେବା ଚଳାଇଛନ୍ତି ତାକୁ ନେଇ କୁଆଡେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଲାଣି ବୋଲି ଶୁଣିବାକୁ ମିଳୁଛି।

ବିଜେଡି ଓ ଭାଜପା ଅପେକ୍ଷା ଏହି ଉପନିର୍ବାଚନରେ ନିଜର ସାଂଗଠନିକ କ୍ଷମତା ବୃଦ୍ଧି କରିବା ପାଇଁ କଂଗ୍ରେସ ପାଖରେ ଏକ ବଡ଼ ସୁଯୋଗ ରହିଥିଲା। ପ୍ରାର୍ଥୀ ନ ପାଇ କଲବଲ ସ୍ଥିତିର ସମ୍ମୁଖୀନ ହେଉଥିବା ବିଜେଡିକୁ ପଛରେ ପକାଇବା ପାଇଁ କଂଗ୍ରେସ ନିକଟରେ ଏକ ବଡ଼ ସୁଯୋଗ ମଧ୍ୟ ଥିଲା। କିଛିଦିନ ତଳେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ସବୁଠୁ ଆଗରେ ରହିଥିବାର ଚର୍ଚ୍ଚା ମଧ୍ୟ ହେଲା। ହେଲେ ସମାୟାନୁକ୍ରମେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରତି ପୂର୍ବ ତୁଳନାରେ ଜନ ସମର୍ଥନ କମୁଥିବାର ଖବର ନିର୍ବାଚନମଣ୍ଡଳୀ ଭିତରୁ ଏବଂ ତାଙ୍କ ଦଳୀୟ ନେତାଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ନୂଆପଡ଼ାରେ ଡେରା ପକାଇ ରହିଥିବା ଜଣେ କଂଗ୍ରେସ ଛାତ୍ର ନେତା କହିଛନ୍ତି, ଆମେ କୋମନା ବ୍ଲକରେ ବହୁତ ଭଲ ସ୍ଥିତିରେ ଥିଲୁ। ଏହି ବ୍ଲକରୁ ଏକତରଫା ଭୋଟ ତାଙ୍କ ପ୍ରାର୍ଥୀ ପାଇବ ବୋଲି ଆଶା କରିଥିଲୁ। ହେଲେ ଦୁଇଦିନ ହେଲା ପୂର୍ବଭଳି ସେଠାରେ ଆଉ ତାଙ୍କ ଦଳର ପ୍ରାର୍ଥୀଙ୍କ ପାଇଁ ଏକତରଫା ଭୋଟ ନ ଥିବା ଶୁଣୁଛନ୍ତି। ସବୁଆଡେ ମଧ୍ୟ ଭୋଟ ଖବର କମୁଛି। ହେଲେ ଏମିତି କାହିଁକି ହେଉଛି ସିଏ ବୁଝିପାରୁ ନ ଥିବା ଶୁଣିବାକୁ ପାଉଛନ୍ତି। ଗୋଟିଏ ପଟେ କଂଗ୍ରେସ ନେତାଙ୍କୁ ଏଠାକୁ ଆସିବାକୁ ମନା କରାଯିବା ଏବଂ ପ୍ରାର୍ଥୀଙ୍କ ଭୋଟ ଖସିବା ସହିତ ଏକ ସାମୂହିକ ନେତୃତ୍ୱକୁ ସାଙ୍ଗରେ ନ ନେଇ ଭକ୍ତଙ୍କ ଏକଲା ଚାଲୋ ନୀତି ସେମାନଙ୍କ ଦଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ରାଜ୍ୟ ସ୍ତରରେ ଦଳର ସ୍ଥିତି ସୁଧାରିବାର ଏଭଳି ଏକ ସୁଯୋଗକୁ ଜାଣିଶୁଣି ବିଫଳ କରିବା କାହା ସ୍ୱାର୍ଥ ସାଧନର ଚିନ୍ତା ବୋଲି ଦଳର ସବୁ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏସା କରେଙ୍ଗେ, ତେସା କରେଙ୍ଗେ,**
**ଚୋର ଦେଖିଲେ ଭାଗ୍ ଯାଏଙ୍ଗେ ।**

କିଛି ବ୍ୟକ୍ତି ବଡ଼ ବଡ଼ କରି କଥା କହିଥାନ୍ତି। କିନ୍ତୁ ଅସଲ ଟାଣୁଆ ଲୋକ ହାବୁଡ଼ରେ ପଡ଼ିଗଲେ ମୁହଁ ଫିଟାଇବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଉପରେ ଉପରେ ବାହାଦୁରି ଦେଖାଉଥିବା ଭୀରୁ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଐରାବତ**
**ଯେତେ ଯାହା ହେଲେ**
**ସେ ଇନ୍ଦ୍ରଙ୍କ ଅନୁଗତ ।**

ଐରାବତ ହସ୍ତୀ ଇନ୍ଦ୍ରଙ୍କ ବାହନ ହୋଇଥିବାବେଳେ ସେଥିଲାଗି ତା'ର କ୍ଷମତା କାହିଁ କେତେ ଅଧିକ ହୋଇଥାଏ। ଠିକ୍ ସେହିପରି ମାନବ ସମାଜରେ ବଡ଼ ବଡ଼ିଆମାନଙ୍କର ବହୁ ଅନୁଗତ ରହିଥିବାବେଳେ ସେମାନଙ୍କଠାରେ ଆତ୍ମବଡ଼ିମା ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜି ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଅଶ୍ୱିନୀ ନକ୍ଷତ୍ରର ସକାଳୁ ସକାଳୁ ମାତ୍ରାଧିକ ଭ୍ରମଣ ମନକୁ ବିଭ୍ରାନ୍ତି କରାଇବାର ଆଶଙ୍କା ରହିଛି। ଆପୋସ ଆଲୋଚନା ଦ୍ୱାରା ପାରିବାରିକ ସମସ୍ୟାର ସମାଧାନ କରିପାରିବେ।

**ବୃଷ**
ଅଭାବ ପୂରଣ ଦିଗରେ ସହକର୍ମୀଙ୍କ ଆନ୍ତରିକ ସାହାଯ୍ୟ ଓ ସହୃଦୟତା କାମକୁ ଆସିବ। ଉପରିସ୍ଥଙ୍କ ଅନୁକମ୍ପାରୁ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ହେତୁ ମନ ହାଲୁକା ହୋଇଯାଇପାରେ। ରୋହିଣୀ ନକ୍ଷତ୍ର ସକାଶେ ସଭାସମିତିରେ ବିତର୍କଜନିତ ସାମୟିକ ଅସ୍ଥିରତାର ସୂଚନା ମଧ୍ୟ ରହିଛି।

**ମିଥୁନ**
ଆଜିର ପ୍ରତ୍ୟୁଷ ଯାତ୍ରା ଦୀର୍ଘଦିନର ଆଶା ଓ ଅଭିଳାଷକୁ ପୂରଣ କରି ନ ପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଓ ପାରିବାରିକ ସ୍ଥିତି ଭଲ ରହିବ। ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଗବେଷଣା, ପ୍ରେସ୍ ପବ୍ଲିକେଶନ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ମୃଗଶିରା ନକ୍ଷତ୍ର ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କର୍କଟ**
ଏକ ନୂତନ ପରିବେଶରେ ଭିନ୍ନ ସ୍ୱାଦର ଅନୁଭୂତି ଲାଭ କରିବେ। ପୁଷ୍ୟା ନକ୍ଷତ୍ରର ପରିଚିତ ବନ୍ଧୁଙ୍କ ସାହାଯ୍ୟରୁ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଭ୍ରମଣ ସୁଯୋଗ, ଦୂରଯାତ୍ରାରେ ସଫଳତା ମିଳିବ। ପାରିବାରିକ ଅସ୍ଥିରତା, କାର୍ଯ୍ୟସିଦ୍ଧିରେ ବିଳମ୍ବ ଯୋଗୁ ମାନସିକ ଦ୍ୱନ୍ଦ୍ୱ ଲାଗିରହିବ। ସହକର୍ମୀଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେନି।

**ସିଂହ**
ସନ୍ଦେହ ଏବଂ ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟା ନେଇ ଅନ୍ତଦ୍ୱନ୍ଦ୍ୱ ଲାଗି ରହିବ। ସଦାବେଳେ ହାତଖାଲି ରହିବାରୁ ମନରେ ସରସତା ରହିବ ନାହିଁ। ମଘା ନକ୍ଷତ୍ର ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିୟୋଜିତ ହେବେ। ଅଧୁରା କାମକୁ ସମ୍ପନ୍ନ କରିବା ପାଇଁ ଯୁକ୍ତିତର୍କଜନିତ ମନୋମାଳିନ୍ୟର ଆଶଙ୍କା ରହିଛି।

**କନ୍ୟା**
ବିଭିନ୍ନ ସମସ୍ୟା ଆପଣଙ୍କୁ ବ୍ୟତିବ୍ୟସ୍ତ କରାଇବା ସହ ଚିନ୍ତାଧାରାକୁ ବିକ୍ଷିପ୍ତ କରିପାରେ। କର୍ମନିଷ୍ଠା ରହିଥିଲେ ମଧ୍ୟ ପାରିବେଶିକ ବ୍ୟତିକ୍ରମ ଯୋଜନାକୁ ବଦଳାଇ ଦେବ। ଉତ୍ତରାଫାଲଗୁନୀ ନକ୍ଷତ୍ରର ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯନ୍ କରିବେ ତଥାପି ମନରେ ଶାନ୍ତି ଆସିବ ନାହିଁ।

**ତୁଳା**
ନୂଆ କାମଟିଏ ଆରମ୍ଭ କରିବା ପାଇଁ ମନସ୍ଥ କରି ବନ୍ଧୁଙ୍କ ସହ ଯୋଗାଯୋଗ କରିପାରନ୍ତି। ନିଜ ଲୋକ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ସ୍ୱାତୀ ନକ୍ଷତ୍ର ବନ୍ଧୁଙ୍କ କଥାରେ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ମନ ବଳାଇବେ। ପ୍ରଶାସନିକ, ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ନିଷ୍ପତ୍ତି ବଦଳାଇ ପାରନ୍ତି।

**ବିଛା**
କର୍ମକ୍ଷେତ୍ରରେ ସାଧାରଣ ସମସ୍ୟା ମଧ୍ୟ ଦେଇ ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର ହେବେ। ସାଧାରଣ କଥାରେ କଥାଭାଷାର କଠୋରତା ସମ୍ପର୍କକୁ ହ୍ରାସ କରାଇବ। ଅନୁରାଧା ନକ୍ଷତ୍ର ଅପ୍ରିୟସତ୍ୟ ଭାଷଣ ଯୋଗୁ ବନ୍ଧୁଙ୍କ ସହ ମତାନ୍ତର ଘଟିପାରେ। ଶିଳ୍ପ, ବାଣିଜ୍ୟ, ପରିବହନାଦିରେ ବିବାଦୀୟ ପରିସ୍ଥିତିର ଆଶଙ୍କା ରହିଛି ।

**ଧନୁ**
ଭୁଲ୍ ବୁଝାମଣାରୁ ସମ୍ପର୍କ ହାନି ଆଶଙ୍କା ରହିଛି। ଅର୍ଥନୈତିକ କାରବାର, ବ୍ୟବସାୟ, ଆଲୋଚନା, ଯାତ୍ରା କ୍ଷେତ୍ରରେ ଠିକ୍ ବିଚାର କରିପାରନ୍ତି। ପାରିବାରିକ କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟାଶୀଳ ହୋଇ ସମସ୍ୟାକୁ ନିମନ୍ତ୍ରଣ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ରାଜନୈତିକ ପୃଷ୍ଠପୋଷକତା ଲାଭକରିବା ଯୋଗୁ କାର୍ଯ୍ୟ ହାସଲ କରିବେ।

**ମକର**
ଆଜି ସତର୍କତା ଅଭାବରୁ ଧନହାନି, କଳହ କିମ୍ବା ଆକସ୍ମିକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଧନିଷ୍ଠା ନକ୍ଷତ୍ର ବାଣିଜ୍ୟ, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ ହେବାର ସୂଚନା ରହିଛି। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି ।

**କୁମ୍ଭ**
ଶତଭିଷା ନକ୍ଷତ୍ରର ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟମ ପ୍ରକାରର ରହିବ। ସତ୍‌ସଙ୍ଗ, ତୀର୍ଥାଟନ ପ୍ରତି ମନରେ ନୂଆ ଭାବନା ଜାଗ୍ରତ ହେବ। ନୂତନ ଗୃହ, ଯାନବାହନ, ଯାନ୍ତ୍ରିକଜିନିଷ କିମ୍ବା ଧାତୁ ଅଳଙ୍କାର ପ୍ରଭୃତି ପାଇଁ ପରିବାରରୁ ବରାଦ ପାଇବେ। ଆରକ୍ଷୀ ମାମଲା, ଜମିଜମା, ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତା ବୃଦ୍ଧି ପାଇପାରେ।

**ମୀନ**
ଆଜି ଆଶାଜନକ ଅର୍ଥ, ସମ୍ମାନ, ଉପଢ଼ୌକନ, ବସ୍ତ୍ର ଭୂଷଣାଦି ପ୍ରାପ୍ତି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ଉତ୍ତରଭାଦ୍ର ନକ୍ଷତ୍ର ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି। ପରିବାରରେ ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ।

ଆଜି ଅକ୍ଟୋବର ୨୯ ତାରିଖ, ଜାତୀୟ ବିପର୍ଯ୍ୟୟ ପରିଚାଳନା ଦିବସ। ଜୟୀ ରାଜଗୁରୁଙ୍କ ଜୟନ୍ତୀ, ମୁକ୍ତି ମଣ୍ଡପର ଷୋଳଶାସନ ଭୋଗ। କାର୍ତ୍ତିକ ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ବୁଧବାର। ରାଶିନକ୍ଷତ୍ର–ଉତ୍ତରାଷାଢ଼ା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୦ମି. ଗତେ ଘ.୦୮.୦୬ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୫ମି. ମଧ୍ୟେ ରାହୁ କାଳ।

# ନାଲ୍‌କୋ ଚକ୍ଷୁ ଚିକିତ୍ସାଳୟ: ଶହେ କହି ଶୂନ

ସେବେ



ଉଦ୍‌ଘାଟନ ବେଳର ନାଲ୍‌କୋ-ଏଲ୍.ଭି. ପ୍ରସାଦ ଚକ୍ଷୁ ଚିକିତ୍ସାଳୟ।

ଏବେ



ବର୍ତ୍ତମାନ ଚିକିତ୍ସାଳୟ ଗେଟ୍‌ରେ ତାଲା ଝୁଲାଯାଇଛି।

- ୨୦୧୯ରେ ଉଦ୍‌ଘାଟନ ପରଠାରୁ ତାଲା
- ପାରିପାର୍ଶ୍ୱିକ ଅଞ୍ଚଳର ଚକ୍ଷୁ ରୋଗୀ ହତାଶ
- ଚିକିତ୍ସାଳୟ ନିର୍ମାଣ ବାବଦରେ ୨୫ କୋଟି ଖର୍ଚ୍ଚ

**ଅନୁଗୋଳ,୨୮।୧୦ (ମାନସ ବିଶ୍ୱାଳ)**

ନାଲ୍‌କୋ କ୍ଷତିଗ୍ରସ୍ତ, ପ୍ରଭାବିତ ପାଇବେ ଚକ୍ଷୁ ଚିକିତ୍ସା ସୁବିଧା। ଦୂର ହେବ ପ୍ଲାଣ୍ଟ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କଠାରେ ଥିବା ଦୃଷ୍ଟିହୀନତା। ବାହାର ରୋଗୀ ମଧ୍ୟ ଏହାର ସୁଯୋଗ ନେଇପାରିବେ କହି ଅନୁଗୋଳ ଜିଲାଠାରେ ଥିବା ନବରତ୍ନ କମ୍ପାନୀ ନାଲ୍‌କୋ ପକ୍ଷରୁ ପ୍ଲାଣ୍ଟ ନିକଟ ୪ ଏକର ଜାଗାରେ ଠିଆ କରାଯାଇଥିଲା ୨୫ କୋଟିର ଅତ୍ୟାଧୁନିକ ନାଲ୍‌କୋ-ଏଲ.ଭି. ପ୍ରସାଦ ଚକ୍ଷୁ ଚିକିତ୍ସାଳୟ। ପ୍ରାଥମିକ ପର୍ଯ୍ୟାୟରେ ୩୦ ଶଯ୍ୟା ଓ ପରେ ଦୈନିକ ଶହେ ଚକ୍ଷୁ ରୋଗୀଙ୍କ ଚିକିତ୍ସା ଏଠାରେ କରାଯିବ ବୋଲି କୁହାଯାଇ ୨୦୧୯ ଫେବୃଆରୀ ୧୮ରେ ଅତି ଆଡ଼ମ୍ବରରେ ଏହାର ଉଦ୍‌ଘାଟନ କରାଯାଇଥିଲା। ଫଳରେ ପ୍ଲାଣ୍ଟ କ୍ଷତିଗ୍ରସ୍ତ ଅଞ୍ଚଳର ଚକ୍ଷୁ ରୋଗୀଙ୍କ ମନରେ ନୂଆ ଆଶା ସଞ୍ଚାର ହୋଇଥିଲା। ହେଲେ ଉଦ୍‌ଘାଟନ ପରଠାରୁ ଏହି ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସାଳୟରେ ତାଲା ଝୁଲାଯାଇଛି। ଦୈନିକ ଶତାଧିକ ରୋଗୀଙ୍କ ଚିକିତ୍ସା ତ ଦୂରର କଥା ୬ ବର୍ଷ ଭିତରେ ଚିକିତ୍ସା ପାଇଥିବା ରୋଗୀଙ୍କ ସଂଖ୍ୟା ଶୂନ ବୋଲି କ୍ଷତିଗ୍ରସ୍ତ ଅଞ୍ଚଳବାସୀ କହିଛନ୍ତି।

କମ୍ପାନୀ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପାଣ୍ଠିରୁ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ନାଲ୍‌କୋ-ଏଲ୍.ଭି.ପ୍ରସାଦ ଚକ୍ଷୁ ଚିକିତ୍ସାଳୟକୁ ତତ୍କାଳୀନ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ନାଲ୍‌କୋର ତତ୍କାଳୀନ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ, ନାଲ୍‌କୋ ଇଡି ଆର.କେ. ମିଶ୍ର, ଭାଜପାର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଭାଇସ୍ ଚେୟାରମ୍ୟାନ ଏଲ.ଭି.ପି.ଇ.ଆଇ. ତାରା ପ୍ରସାଦ ଦାସ ଉପସ୍ଥିତ ଥିଲେ। ପାରିପାର୍ଶ୍ୱିକ ଅଞ୍ଚଳର କ୍ଷତିଗ୍ରସ୍ତ ତଥା ଗରିବ ରୋଗୀମାନଙ୍କୁ ଏଠାରେ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ପ୍ରତ୍ୟେକ ଦିନ ପ୍ରାୟ ୧୦୦ ବ୍ୟକ୍ତିଙ୍କ ଚକ୍ଷୁ ଅପରେଶନ କରାଯିବାର ବ୍ୟବସ୍ଥା କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ହେଲେ ଉଦ୍‌ଘାଟନ ହେଲା ସିନା, ଏହା କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। କୋଭିଡ୍ ସମୟରେ ଜିଲା ପ୍ରଶାସନ ପକ୍ଷରୁ ସେଠାରେ କିଛିଦିନ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଥିଲା। ଏହାପରେ ହସ୍ପିଟାଲ ଗେଟ୍‌ରେ ତାଲା ପକାଯାଇଥିବା ବେଳେ ରକ୍ଷଣାବେକ୍ଷଣ ମଧ୍ୟ କରାଯାଉନାହିଁ। ଚତୁଃପାର୍ଶ୍ୱରେ ବଡ଼ ବଡ଼ ଗଛ ଉଠି ଏହା ପରିତ୍ୟକ୍ତ ଅବସ୍ଥାକୁ ଚାଲିଯିବା ସ୍ଥିତିରେ ରହିଛି। ବୁଲା ଗୋରୁ ମେଡିକାଲ ବାରଣ୍ଡାରେ ଆଶ୍ରୟ ନେଉଛନ୍ତି।

କୁଲାଡ଼ର ପୂର୍ବତନ ସରପଞ୍ଚ ଶେଷଦେବ ଦେହୁରୀ କହିଛନ୍ତି, ନାଲ୍‌କୋ ପକ୍ଷରୁ ଚକ୍ଷୁ ଚିକିତ୍ସାଳୟ ଉଦ୍‌ଘାଟନ ହେବା କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କୁ ଖୁସି କରିଦେଇଥିଲା। ଏଠାକାର ଧୂଆଁ, ଧୂଳିର ବଳୟରେ ରହୁଥିବା ବହୁ ଲୋକ ଚକ୍ଷୁଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଚିକିତ୍ସା ପାଇଁ କଟକ, ଭୁବନେଶ୍ୱର ଯିବା ସେମାନଙ୍କ ପକ୍ଷେ ସମ୍ଭବ ହୋଇପାରୁନି। ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଥିଲେ ସେମାନେ ଉପକୃତ ହୋଇଥାନ୍ତେ। କିନ୍ତୁ ଦୁର୍ଭାଗ୍ୟ, ଚିକିତ୍ସାଳୟ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ନାଲ୍‌କୋ ଠିକା ଶ୍ରମିକ ସମନ୍ୱୟ କମିଟି ସାଧାରଣ ସମ୍ପାଦକ ଟିକନ ଚନ୍ଦ୍ର ଦାସ କହିଛନ୍ତି, ନାଲ୍‌କୋ ଅଞ୍ଚଳର ବହୁ ଲୋକ ଚକ୍ଷୁ ରୋଗରେ ପୀଡ଼ିତ। ତେଣୁ ଲୋକମାନଙ୍କ ଦାବି ଅନୁସାରେ ଏହି ହସ୍ପିଟାଲ ପ୍ରତିଷ୍ଠା ହୋଇଥିଲା, କିନ୍ତୁ କାର୍ଯ୍ୟକ୍ଷମ ହୋଇପାରିନି। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା ଦରକାର। ବରିଷ୍ଠ ନାଗରିକ ବାବୁଲା ସେଠୀ କହିଛନ୍ତି, ୨୫ କୋଟି ଟଙ୍କା ଖର୍ଚ୍ଚ କରି କେବଳ କୋଠା ନିର୍ମାଣ କରିଦେଲେ ଚିକିତ୍ସା ମିଳେ ନାହିଁ। ସେଥିପାଇଁ ଆବଶ୍ୟକ ଭିତ୍ତିଭୂମି ରହିବା ଦରକାର। ଡାକ୍ତର, ନର୍ସ, କର୍ମଚାରୀଙ୍କୁ ନିଯୁକ୍ତି ନ ଦେଇ ଏକ ଘରୋଇ ସଂସ୍ଥାକୁ ହସ୍ପିଟାଲ ହସ୍ତାନ୍ତର କରିଦେଇ ଚୁପ୍‌ଚାପ ବସିଛି ନାଲ୍‌କୋ। ଉକ୍ତ ଘରୋଇ ସଂସ୍ଥାକୁ ଦୋଷ ଦେଇ ୬ ବର୍ଷ ବିତିଗଲାଣି। ଡାକ୍ତରଖାନା କାର୍ଯ୍ୟକ୍ଷମ ପାଇଁ ସ୍ଥାନୀୟ ନେତା ଓ ପ୍ରଶାସନର ହସ୍ତକ୍ଷେପ ଆବଶ୍ୟକ।

ଏ ସମ୍ପର୍କରେ ନାଲ୍‌କୋ ପ୍ରଶାସନିକ ଅଧିକାରୀ ରାଜାରାମ ମିଶ୍ର କହିଛନ୍ତି, ଉକ୍ତ ପ୍ରକଳ୍ପ ସମ୍ପର୍କରେ ଠିକ୍ ଭାବରେ ଜାଣିନାହିଁ। କିନ୍ତୁ ଏଲ.ଭି.ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ସହ ବୁଝାମଣା କରାଯାଇଥିଲା। ପରବର୍ତ୍ତୀ ସମୟର ସ୍ଥିତି କ'ଣ ବୁଝିବାକୁ ପଡ଼ିବ।

# ଦୁର୍ନୀତିଗ୍ରସ୍ତଙ୍କୁ କ୍ଷମା ନାହିଁ: ମୁଖ୍ୟମନ୍ତ୍ରୀ




ଲୋକସେବା ଭବନରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବରିଷ୍ଠ ଅଧିକାରୀ।

- ସଚ୍ଚୋଟତା ଓ ସାଧୁତାର ଶପଥ ପାଠ କରାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୮।୧୦ (ରବିନାରାୟଣ ଜେନା)**

ଦୁର୍ନୀତି ନିବାରଣ ପାଇଁ ଶପଥପାଠ କେବଳ ଏକ ପ୍ରତୀକାତ୍ମକ କାର୍ଯ୍ୟକ୍ରମ ନୁହେଁ, ବରଂ ଦୁର୍ନୀତିଖୋର ଅଧିକାରୀଙ୍କୁ ଶୂନ ସହନଶୀଳ କଠୋର ବାର୍ତ୍ତା ଦେବା ପାଇଁ ଉଦ୍ଦିଷ୍ଟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମଙ୍ଗଳବାର ଲୋକସେବା ଭବନର କନ୍‌ଭେନ୍‌ଶନ ସେଣ୍ଟରରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଦୁର୍ନୀତି ନିବାରଣ ବିଭାଗ କାହାକୁ ଛାଡ଼ିବ ନାହିଁ। ଯେତେବେଳେ ଦୁର୍ନୀତି ଆମ ବ୍ୟବସ୍ଥାରେ ପ୍ରବେଶ କରେ, ସେତେବେଳେ ସାଧାରଣ ଲୋକଙ୍କ ବିଶ୍ୱାସ ଭାଙ୍ଗିଯାଇଥାଏ। ତେଣୁ ଦୁର୍ନୀତି ବିରୋଧରେ ଲଢ଼ିବା ଆମ ସମସ୍ତଙ୍କର ଏକ ନୈତିକ ଦାୟିତ୍ୱ। ସେ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଦୁର୍ନୀତି ରୋକିବା ପାଇଁ ଅନେକ ଆଧୁନିକ ଟେକ୍ନୋଲୋଜିର ଉପଯୋଗ କରାଯାଇଛି। ହ୍ୟୁମ୍ୟାନ୍ ଇଣ୍ଟରଫେରେନ୍ସକୁ ଦୂରକରି ଜନଧନ, ଆଧାର ଏବଂ ମୋବାଇଲର ଏକତ୍ରୀକରଣରେ 'ଜେଏଏମ୍' ବ୍ୟବସ୍ଥା ହିତାଧିକାରୀଙ୍କ ପାଇଁ କାର୍ଯ୍ୟକାରୀ କରାଯାଇଛି। ଏହି ବ୍ୟବସ୍ଥାରେ ବାଟମାରଣାର ପ୍ରଶ୍ନ ନାହିଁ। ସରକାରଙ୍କ ଏଭଳି ନୀତି ଯୋଗୁ ବିଭିନ୍ନ ଯୋଜନାର ସୁଫଳ ନ୍ୟାୟପୂର୍ଣ୍ଣ ଓ ସ୍ୱଚ୍ଛତାର ସହିତ ଉପଯୁକ୍ତ ଲାଭାର୍ଥୀଙ୍କ ପାଖରେ ପହଞ୍ଚାଯାଇପାରୁଛି। ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କଠାରୁ ଆରମ୍ଭକରି ପ୍ରଶାସନିକ ଅଧିକାରୀ ପର୍ଯ୍ୟନ୍ତ କାହାରିକୁ ଛଡ଼ାଯାଇନାହିଁ। ଏସବୁ ଭିଜିଲାନ୍ସ ଅଧିକାରୀମାନଙ୍କୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବାର ଅଧିକାର ଯୋଗୁ ସମ୍ଭବ ହୋଇପାରିଛି। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଦଣ୍ଡବିଧାନ ହାର ମଧ୍ୟ ୫୦ ପ୍ରତିଶତରୁ ଅଧିକ ରହିଛି।

ସେ ଆହୁରି କହିଥିଲେ, ଶୂନ୍ୟ ସହନଶୀଳ ନୀତିର ଅଂଶ ଭାବରେ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୩୦ ଜଣ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରାଯାଇଛି ଓ ୬୮ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ବନ୍ଦ କରାଯାଇଛି। ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ପ୍ରଶାସନ ଆମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ। ଏହି ଲକ୍ଷ୍ୟକୁ ଆଖିଆଗରେ ରଖି ଆମ ସମସ୍ତଙ୍କୁ କାମ କରିବାକୁ ପଡ଼ିବ। ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଚ୍ଚୋଟତା ଓ ସାଧୁତାର ଶପଥ ପାଠ କରାଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଦୁର୍ନୀତି ନିବାରଣ ଡିଭିଜନ ଭାବେ କଟକ ଡିଭିଜନ, ଶ୍ରେଷ୍ଠ ୟୁନିଟ୍ ଭାବେ ସୁବର୍ଣ୍ଣପୁର ୟୁନିଟ୍, ଶ୍ରେଷ୍ଠ ତଦନ୍ତକାରୀ ପୁରୁଷ ଅଧିକାରୀ ଭାବେ ମନୋରଞ୍ଜନ ପାଇକରାୟ, ଶ୍ରେଷ୍ଠ ତଦନ୍ତକାରୀ ମହିଳା ଅଧିକାରୀ ଭାବେ ପ୍ରଣିତା ରାୟ ଏବଂ ଶ୍ରେଷ୍ଠ ପବ୍ଲିକ୍ ପ୍ରସିକ୍ୟୁଟର ଭାବେ ବ୍ରହ୍ମପୁରର ସୁରେନ୍ଦ୍ର ପଣ୍ଡାଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଦୁର୍ନୀତି ନିବାରଣ ବିଭାଗର ମହାନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠ୍‌ୱା ଉପସ୍ଥିତ ଥିଲେ।

**ଆଜି ବିଶ୍ୱ ଷ୍ଟ୍ରୋକ୍ ଦିବସ**

## ପ୍ରତ୍ୟେକ ମିନିଟ୍‌କୁ ଗଣିବା



ଷ୍ଟ୍ରୋକ୍ ଏକ ଇଂଲିଶ ଶବ୍ଦ, ଯାହାର ଅର୍ଥ ସାଂଘାତିକ ଭାବରେ ଆଘାତ କରିବା। ଏ ବିଷୟରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅକ୍ଟୋବର ୨୯ରେ ପାଳିତ ହୋଇଥାଏ 'ବିଶ୍ୱ ଷ୍ଟ୍ରୋକ୍ ଦିବସ'। ଉକ୍ତ ଦିବସ ଲାଗି ଚଳିତ ବର୍ଷର ପ୍ରସଙ୍ଗ ରହିଛି-'ପ୍ରତ୍ୟେକ ମିନିଟ୍‌କୁ ଗଣିବା'। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କୁହନ୍ତି, ଷ୍ଟ୍ରୋକ୍ ହେଉଛି ମସ୍ତିଷ୍କକୁ ସାଂଘାତିକ ଭାବରେ ଆକ୍ରାନ୍ତ କରିବା। ଏହାର ଡାକ୍ତରୀ ନାଁ 'ସେରିବ୍ରୋଭସ୍କୁଲାର ଆକ୍ସିଡେଣ୍ଟ'। 'ସେରିବ୍ରୋ' ବୁଝାଇଥାଏ ମସ୍ତିଷ୍କକୁ, 'ଭସ୍କୁଲାର' ବୁଝାଇଥାଏ ମସ୍ତିଷ୍କର ଧମନୀକୁ ଏବଂ 'ଆକ୍ସିଡେଣ୍ଟ' ବୁଝାଇଥାଏ ଆକସ୍ମିକ ଭାବରେ ସଂଘଟିତ ହେବାକୁ। ଷ୍ଟ୍ରୋକ୍‌ର ଅନ୍ୟନାମ ବ୍ରେନ୍ ଆଟାକ ବା ମସ୍ତିଷ୍କାଘାତ। ଶରୀରର ସବୁ ଅଙ୍ଗ ତଥା କୋଷ ଭଳି ମସ୍ତିଷ୍କ ମଧ୍ୟ ଦରକାର କରେ ଅକ୍ସିଜେନ ଏବଂ ପୁଷ୍ଟି। ଏହି ଅକ୍ସିଜେନ୍ ଓ ପୁଷ୍ଟି ମସ୍ତିଷ୍କର ସ୍ନାୟୁକୋଷଗୁଡ଼ିକୁ ଯୋଗାଇଦିଏ ରକ୍ତ। ସୁତରାଂ ମସ୍ତିଷ୍କକୁ କାର୍ଯ୍ୟକ୍ଷମ କରିବା ନିମିତ୍ତ ମସ୍ତିଷ୍କକୁ ସର୍ବଦା ରକ୍ତ ସଞ୍ଚାଳନ ଅବ୍ୟାହତ ରହିବା ଅପରିହାର୍ଯ୍ୟ।


## "ଏହି ୱାର୍ଲ୍ଡ଼ ଷ୍ଟ୍ରୋକ ଡ଼େରେ ଇଣ୍ଟରଭେନସନାଲ ନ୍ୟୁରୋସର୍ଜନ ମେକାନିକାଲ ଥ୍ରମ୍‌ବେକ୍‌ଟୋମିର ଜୀବନରକ୍ଷା ଭୂମିକାକୁ ଆଲୋକିତ କରିଛନ୍ତି"



**ଡ. ସୋମନାଥ ପ୍ରସାଦ ଜେନା**
**ଆସୋସିଏଟ୍ ପ୍ରଫେସର ଓ ପରାମର୍ଶଦାତା ଏଣ୍ଡୋଭାସ୍କୁଲାର ନ୍ୟୁରୋସର୍ଜନ, ନ୍ୟୁରୋସର୍ଜରୀ ବିଭାଗ ଏସ୍‌ୟୁଏମ୍ ଅଲ୍ଟିମେଟ୍ ମେଡ଼ିକେୟାର ହସ୍ପିଟାଲ, ଭୁବନେଶ୍ୱର**

- **ବିଶ୍ୱ ଷ୍ଟ୍ରୋକ ଦିବସ – ଅକ୍ଟୋବର ୨୯**

ବିଶ୍ୱ ଷ୍ଟ୍ରୋକ ଦିବସ ଅବସରରେ (ଅକ୍ଟୋବର ୨୯), ସାରା ବଶ୍ୱର ଇଣ୍ଟରଭେନସନାଲ୍ ନ୍ୟୁରୋ ରେଡ଼ିଓଲୋଜିଷ୍ଟମାନେ ଏକ ଜୀବନ ପରିବର୍ତ୍ତନକାରୀ କିନ୍ତୁ ଅଳ୍ପ ପରିଚିତ ଷ୍ଟ୍ରୋକ ଚିକିତ୍ସା – ମେକାନିକାଲ୍ ଥ୍ରମ୍ବେକ୍ଟୋମି **(Mechanical Thrombectomy)** – ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢ଼ାଇବାରେ ଲାଗିଛନ୍ତି।

ଷ୍ଟ୍ରୋକ ଆଜି ମଧ୍ୟ ବିଶ୍ୱବ୍ୟାପୀ ଦ୍ୱିତୀୟ ସର୍ବାଧିକ ମୃତ୍ୟୁର କାରଣ ଏବଂ ଦୀର୍ଘକାଳୀନ ଅସମର୍ଥତାର ପ୍ରମୁଖ କାରଣ ରହିଛି। ବିଶେଷଜ୍ଞମାନେ ସତର୍କ କରୁଛନ୍ତି – ଜନସାଧାରଣ ମଧ୍ୟରେ ଷ୍ଟ୍ରୋକ ଲକ୍ଷଣ ଓ ଆଧୁନିକ ଚିକିତ୍ସା ବିଷୟରେ ସଚେତନତା ଆଜିଯାଏ ଅତ୍ୟନ୍ତ କମ୍।

"ଅତ୍ୟନ୍ତ ଗୁରୁତର **ଇସ୍କିମିକ୍ ଷ୍ଟ୍ରୋକ (Ischemic Stroke)** ବର୍ତ୍ତମାନ ମେକାନିକାଲ ଥ୍ରମ୍ବେକ୍ଟୋମି ଦ୍ୱାରା ଚିକିତ୍ସା ହୋଇପାରେ – କିନ୍ତୁ ସମୟ ହିଁ ସବୁଠୁ ମୁଖ୍ୟ", ଭୁବନେଶ୍ୱରର ସମ୍ ଅଲ୍ଟିମେଟ୍ ହସ୍ପିଟାଲର ଇଣ୍ଟରଭେନସନାଲ୍ ନ୍ୟୁରୋଲଜିଷ୍ଟ ଡା. ସୋମନାଥ ପ୍ରସାଦ ଜେନା କହିଛନ୍ତି, "ଏହି ସର୍ଜରୀ ଜୀବନକୁ ସମ୍ପୂର୍ଣ୍ଣ ଭାବେ ପୁନର୍ଜୀବିତ କରିପାରେ କିମ୍ବା ସ୍ଥାୟୀ ଅସମର୍ଥତା ଦେଇପାରେ। ଦୁର୍ଭାଗ୍ୟବଶତଃ ଅନେକ ଲୋକ ଏହା ବିଷୟରେ ଜାଣି ନାହାନ୍ତି କିମ୍ବା ବହୁତ ବିଳମ୍ବରେ ପହଞ୍ଚନ୍ତି।"

- **ସମୟ ସହିତ ଦୌଡ଼**

ଷ୍ଟ୍ରୋକ ହେଉଛି ଯେତେବେଳେ ମଗଜର କୌଣସି ଅଂଶକୁ ରକ୍ତସ୍ରାବ ବନ୍ଦ ହୋଇଯାଏ, ଅଧିକାଂଶ ସମୟରେ ଏକ ରକ୍ତ ଜମା (କ୍ଲଟ) ହେତୁ – ଯାହାକୁ **ଇସ୍କିମିକ୍ ଷ୍ଟ୍ରୋକ** କୁହାଯାଏ। ବଡ଼ ରକ୍ତନାଳୀ ଅବରୋଧ (Large Vessel Occlusion - LVO) ମାମଲାରେ, **ମେକାନିକାଲ ଥ୍ରମ୍ବେକ୍ଟୋମି** ବର୍ତ୍ତମାନ ସ୍ୱର୍ଣ୍ଣ ମାନଦଣ୍ଡ ଚିକିତ୍ସା।

ଏହି ପ୍ରକ୍ରିୟାରେ ଏକ ବିଶେଷଜ୍ଞ ନ୍ୟୁରୋରେଡ଼ିଓଲୋଜିଷ୍ଟ ରକ୍ତନାଳୀ (ସାଧାରଣତଃ ଜଙ୍ଘା କିମ୍ବା ହାତ) ମାଧ୍ୟମରେ ଏକ କ୍ୟାଥେଟର ପ୍ରବେଶ କରି ଏକ୍ସ-ରେ ଦେଖି ମଗଜ ପର୍ଯ୍ୟନ୍ତ ନେଇ ଯାଆନ୍ତି ଏବଂ ଷ୍ଟେଣ୍ଟ କିମ୍ବା ସକ୍ସନ ଯନ୍ତ୍ର ଦ୍ୱାରା ରକ୍ତ ଜମାଟକୁ ହଟାଇ ଦିଅନ୍ତି।

ଏହା ଏକ ଅତ୍ୟନ୍ତ ସ୍ୱଳ୍ପ ଆକ୍ରାମକ ପ୍ରକ୍ରିୟା ଏବଂ ମିନିଟ୍ ମଧ୍ୟରେ ରକ୍ତସ୍ରାବ ପୁନଃସ୍ଥାପିତ କରିପାରେ – କିନ୍ତୁ ଏହାକୁ **ଲକ୍ଷଣ ଆରମ୍ଭ ହେବା ପରେ ୬ରୁ ୨୪ଘଣ୍ଟା ମଧ୍ୟରେ** କରିବା ଆବଶ୍ୟକ।

"ସମୟ ହିଁ ମଗଜ ଜୀବନ", ଡା. ଜେନା କହିଛନ୍ତି "ପ୍ରତି ମିନିଟ୍ ବିଳମ୍ବରେ ମଗଜ କୋଷ ମରିଯାଏ। ରୋଗୀଙ୍କୁ ଯଥାଶୀଘ୍ର ଷ୍ଟ୍ରୋକ ସେଣ୍ଟରକୁ ପଠାଇବା ଆବଶ୍ୟକ।"

- **ସଚେତନତାର ଅଭାବ ଆଜିଯାଏ ରହିଛି**

ଚିକିତ୍ସାରେ ବହୁତ ଉନ୍ନତି ହେଲେ ମଧ୍ୟ, **ସାଧାରଣ ଲୋକମାନଙ୍କ ମଧ୍ୟରେ ସଚେତନତାର ଅଭାବ** ଅଛୁରି ରହିଛି। ଅନେକ ରୋଗୀ ଓ କେତେକ ସ୍ୱାସ୍ଥ୍ୟକର୍ମୀ ମଧ୍ୟ ଥ୍ରମ୍ବେକ୍ଟୋମି ବିଷୟରେ ଅବଗତ ନୁହନ୍ତି କିମ୍ବା ଲକ୍ଷଣ ଦେଖିଲେ ମଧ୍ୟ ବିଳମ୍ବ କରନ୍ତି।




ଷ୍ଟ୍ରୋକ ଚିହ୍ନିବା ପାଇଁ **FAST** ଶବ୍ଦଟି ମନେ ରଖନ୍ତୁ –

- F - Face Drooping (ମୁହଁ ଏକପାଖେ ଝୋଲିଯାଏ)
- A - Arm Weakness (ହାତରେ ଦୁର୍ବଳତା)
- S - Speech Difficulty (କଥା କହିବାରେ ଅସୁବିଧା)
- T - Time to Call Emergency Services (ତୁରନ୍ତ ଆପତ୍କାଳୀନ ସେବାକୁ ଡାକନ୍ତୁ)

"ଏହି ଲକ୍ଷଣ ଦେଖିଲେ ଅପେକ୍ଷା କରନ୍ତୁ ନାହିଁ", ଡା. ଜେନା ସର୍ତ୍ତକ କରୁଛନ୍ତି। "ବିଳମ୍ବ ହେଲେ ଜୀବନ ବା ନିଜ ସ୍ୱାଧୀନତା ହରାଇ ପାରିବେ।"

- **ବିଶ୍ୱ ଷ୍ଟ୍ରୋକ ଦିବସରେ କାର୍ଯ୍ୟକ୍ରମ ପାଇଁ ଆହ୍ୱାନ**

ଏହି ଦିନରେ ଡାକ୍ତରମାନେ ମାତ୍ର ରୋଗୀ ସଚେତନତା ନୁହେଁ, ସରକାର ଓ ହସ୍ପିଟାଲ ସିଷ୍ଟମମାନଙ୍କୁ ମଧ୍ୟ ଷ୍ଟ୍ରୋକ ଚିକିତ୍ସା ପାଇଁ ଭଲ ପାଟିଭିତି ସୃଷ୍ଟି କରିବାକୁ ଆହ୍ୱାନ କରୁଛନ୍ତି।

- ଅଧିକ ହସ୍ପିଟାଲକୁ **ମେକାନିକାଲ ଥ୍ରମ୍ବେକ୍ଟୋମି** ପାଇଁ ପ୍ରସ୍ତୁତ କରିବା ଆବଶ୍ୟକ।
- ଆପାତକାଳୀନ ସେବା (EMS) ଦଳମାନଙ୍କୁ ଯଥାଯଥ ଷ୍ଟ୍ରୋକ ସେଣ୍ଟରକୁ ରୋଗୀ ନେବା ପାଇଁ ପ୍ରଶିକ୍ଷଣ ଦେବା ଆବଶ୍ୟକ।
- ସର୍ବସାଧାରଣ ସଚେତନତା ଅଭିଯାନ ଅଧିକ ଜୋରଦାର ହେବା ଆବଶ୍ୟକ।

"ଷ୍ଟ୍ରୋକ ଚିକିତ୍ସା ଆଜି କେବଳ ଜୀବନ ରକ୍ଷା ନୁହେଁ – ଏହା ଜୀବନର ଗୁଣତା ରକ୍ଷା ସମ୍ପର୍କିତ", ଡା. ଜେନା କହିଛନ୍ତି "ଆମେ ଏବେ ଯନ୍ତ୍ର ରଖିଛୁ, କିନ୍ତୁ ସେଗୁଡ଼ିକୁ ଦ୍ରୁତ ଓ ସଠିକ୍ ଭାବରେ ବ୍ୟବହାର କରିବା ଆବଶ୍ୟକ"।

- **ଆଗକୁ ଦୃଷ୍ଟି**

ମେକାନିକାଲ ଥ୍ରମ୍ବେକ୍ଟୋମି ଷ୍ଟ୍ରୋକ ଚିକିତ୍ସାରେ ଗତ କେତେକ ଦଶକରେ ହୋଇଥିବା ସର୍ବାଧିକ ଅଭିନବ ଉନ୍ନତିଗୁଡ଼ିକ ମଧ୍ୟରୁ ଗୋଟିଏ – କିନ୍ତୁ ଏହା କେବଳ ସେତେବେଳେ ଫଳଦାୟକ ଯେତେବେଳେ ରୋଗୀ ସମୟରେ ଚିକିତ୍ସ ପାଉଛନ୍ତି।

ବିଶ୍ୱ ଷ୍ଟ୍ରୋକ ଦିବସ ଭଳି ଉଦ୍ୟମ ମାଧ୍ୟମରେ ସଚେତନତା ବଢ଼ିଲେ, ଆଶା ରହିଛି ଅଧିକ ଜୀବନ ମାତ୍ର ରକ୍ଷା ନୁହେଁ, ପୁନର୍ଜୀବିତ ହେବ।

- **ଲକ୍ଷଣ ଜାଣନ୍ତୁ, ଶୀଘ୍ର କାର୍ଯ୍ୟ କରନ୍ତୁ, ସନ୍ଦେଶ ପ୍ରସାର କରନ୍ତୁ**

ଅଧିକ ସୂଚନା ପାଇଁ **www.world.stroke.org** ଏବଂ **strokeodisha.com** ଯାଆନ୍ତୁ କିମ୍ବା ନିଜ ନିକଟସ୍ଥ ହସ୍ପିଟାଲର ଷ୍ଟ୍ରୋକ ଟିମ୍ ସହ ଯୋଗାଯୋଗ କରନ୍ତୁ।

**ବିଶ୍ୱ ଷ୍ଟ୍ରୋକ ଦିବସ ୨୦୨୫ର ଥିମ୍**
**ଯେମିତି ଆମେ ରକ୍ଷା କରିପାରିବୁ**
**#Everyminutecounts**
**#Precious Time**

Let's together put #STROKE PE ROK

**ପ୍ରତ୍ୟାଖ୍ୟାନ:**
ମେଡଟ୍ରନିକ୍ ଦ୍ୱାରା ଜନ ସ୍ୱାର୍ଥରେ ଜାରି କରାଯାଇଛି। ପ୍ରକାଶିତ ମତାମତ **ଡାକ୍ତର ସୋମନାଥ ପ୍ରସାଦ ଜେନାଙ୍କ** ସ୍ୱାଧୀନ ମତ କେବଳ ସାଧାରଣ ସୂଚନା ଏବଂ ଶିକ୍ଷାଗତ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ଏବଂ ଡାକ୍ତରୀ ପରାମର୍ଶ ନୁହେଁ।
advt





# ସନାତନ ବିରୋଧୀ ବାଣ

ଭାରତରେ ପ୍ରଦୂଷଣ ବଢ଼ି ଚାଲିଥିବାରୁ ତାହାକୁ ହ୍ରାସ କରିବା ଲାଗି ସଘନ ପ୍ରୟାସ ଚାଲିଥିବା ସରକାରୀ ସ୍ତରରୁ ବେସରକାରୀ ସଂସ୍ଥା ଯାଏ କହୁଛନ୍ତି। କେତେକ ସ୍ଥାନରେ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ତାହାର ଫଳାଫଳ ସନ୍ତୋଷଜନକ ହେଉନାହିଁ। କାରଣ କାହିଁକି ପ୍ରଦୂଷଣ ହେଉଛି ତାହାର ମୂଳକୁ ନ ଯାଇ ଅସ୍ୱାଭାବିକ ସ୍ଥିତି ଉପୁଜିବା ପରେ ତାହାକୁ କିଭଳି କମାଇ ହେବ ସେଥିଲାଗି ତତ୍‌କ୍ଷଣାତ୍ ଅର୍ଥ ଓ ଶ୍ରମ ବ୍ୟୟ କରାଯାଉଛି। ସଦ୍ୟ ଘଟଣା ଭାବେ ୨୮ ଅକ୍ଟୋବରରେ ଦିଲ୍ଲୀ ସରକାର ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା ଲାଗି ପ୍ରଥମ କ୍ଲାଉଡ୍-ସିଡିଂ ପରୀକ୍ଷଣ କରିଥିବା ଦେଖାଯାଇଛି। କ୍ଲାଉଡ୍-ସିଡିଂ ବା କୃତ୍ରିମ ବର୍ଷା ମାଧ୍ୟମରେ ପ୍ରଦୂଷଣକୁ ହ୍ରାସ କରିବା ଲାଗି ପଦକ୍ଷେପ ନିଆଯାଇଛି। କ୍ଲାଉଡ୍ ସିଡିଂ ହେଉଛି ଏକ ପାଗ ପରିବର୍ତ୍ତନ ପ୍ରକ୍ରିୟା, ଯାହା ମେଘ ଭିତରେ ନିର୍ଦ୍ଦିଷ୍ଟ ରାସାୟନିକ ପଦାର୍ଥ ବିଛାଇ ବୃଷ୍ଟିପାତକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖେ।

ଦିଲ୍ଲୀ ସରକାର ଆଶା କରୁଥାଇପାରନ୍ତି ଯେ, ବର୍ଷା କରାଇପାରିଲେ ବାୟୁରେ ଉଡୁଥିବା କଣିକା (ପାର୍ଟିକିଲ୍) ତଳକୁ ବସିଯିବ ଓ ପ୍ରଦୂଷଣ କମିବ। ପିପଲ୍ ବାବା ଭାବେ ପରିଚିତ ଜଣେ ବିଖ୍ୟାତ ପରିବେଶବିତ୍ ନିକଟରେ ଫେସ୍‌ବୁକ୍‌ରେ ତାଙ୍କର ଏକ ପରିହାସପୂର୍ଣ୍ଣ ଭିଡିଓ ଛାଡ଼ିଛନ୍ତି। ସେଥିରେ କହିଛନ୍ତି ଯେ, ସରକାର ବିରାଟକାୟ ତ୍ରୁଟି କରି ବାୟୁ ପ୍ରଦୂଷଣ ମାପ କରିବାର ବିଦେଶୀ ଯନ୍ତ୍ରପାତି କିଣୁଛନ୍ତି। ଯେହେତୁ ଆମ ଦେଶରେ ଅନେକ ଗବେଷଣାକାରୀ ସଂସ୍ଥା ଏବଂ କମ୍ପାନୀ ଅଛନ୍ତି, ସେମାନଙ୍କଠାରୁ ପ୍ରଦୂଷଣ ମାପିବାର ଯନ୍ତ୍ର କିଣିଲେ ଦିଲ୍ଲୀରେ ୧୦ରୁ ୧୫ ଭିତରେ ପାର୍ଟିକୁଲେଟ ମେଟର (ପିଏମ୍) ଦେଖାଇବ। ଏହାଦ୍ୱାରା ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) କମ୍ ବୋଲି ଜଣାପଡ଼ିବ। ତାଙ୍କର ଏହି ସୋସିଆଲ୍ ମିଡିଆ ପୋଷ୍ଟ ଦେଖିଲେ ବୁଝାପଡୁଛି ଯେ ଆଜିର ଭାରତରେ ସବୁ ସମସ୍ୟାର ସମାଧାନ କରିବାକୁ ଗଲେ କେବଳ ତଥ୍ୟ ବଦଳାଇ ଦିଆଯାଇପାରିଲେ ଲକ୍ଷ୍ୟ ହାସଲ ହୋଇପାରିବ। ସୋସିଆଲ ମିଡିଆରେ ଦିଲ୍ଲୀ ସରକାରଙ୍କ କାର୍ଯ୍ୟକୁ ଜନସାଧାରଣ ପଦାରେ ପକାଉଥିବାର ଆଉ ଏକ ଘଟଣା ଦେଖିବାକୁ ମିଳିଛି। ନିକଟରେ କିଛି ଲୋକ ତିନୋଟି ପାଣି ଟ୍ୟାଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବୁଲୁଥିବା ଲକ୍ଷ୍ୟ କରିଥିଲେ। ପ୍ରତ୍ୟେକଟି ଟ୍ୟାଙ୍କର ଉପରେ ମୋଟର ଖଞ୍ଜାଯାଇ ପାଣି ଛିଞ୍ଚା ଯାଉଥିଲା। ନିର୍ଦ୍ଦିଷ୍ଟ ଅଞ୍ଚଳରେ କାହିଁକି ଏହି ତିନୋଟି ଟ୍ୟାଙ୍କର ବୁଲୁଛନ୍ତି ବୋଲି ଅନୁସନ୍ଧାନରୁ ଜଣାପଡ଼ିଲା ଯେ, ସେହିଠାରେ ଏକ୍ୟୁଆଇର ମାପଯନ୍ତ୍ର ଲଗାଯାଇଛି। ଦେଶର ନାଗରିକ ମଧ୍ୟ ଏବେ ଏହିଭଳି ସ୍ଥିତି ଓ ତଥ୍ୟ ବଦଳାଉଥିବା ପରିସଂଖ୍ୟାନକୁ ବିଶ୍ୱାସକୁ ନେଇଯାଉଛନ୍ତି। ଉଦାହରଣ ସ୍ୱରୂପ ଯେତେବେଳେ ସମସ୍ତେ ହୃଦ୍‌ବୋଧ କରୁଛନ୍ତି ଯେ, ଦରଦାମ ବୃଦ୍ଧି ପାଇବାରେ ଲାଗିଛି ସେତେବେଳେ ସରକାରୀ ସୂତ୍ରରୁ ବାରମ୍ବାର କୁହାଯାଉଛି ଯେ ଇନ୍‌ଫ୍ଲେଶନ ବା ମୁଦ୍ରାସ୍ଫୀତି ହ୍ରାସ ପାଇବାରେ ଲାଗିଛି। ବାସ୍ତବତାକୁ ଭୁଲିଯାଇ ପ୍ରଚାରରେ ମାତିରହିଥିବା ନାଗରିକଙ୍କୁ ଅତି ସହଜରେ ବାଉଳା କରିଦିଆଯାଇପାରେ।

ଆମେ ଜାଣିଛେ ପୃଥିବୀପୃଷ୍ଠରୁ ସୂର୍ଯ୍ୟ ଜଳକଣାଗୁଡ଼ିକୁ ଶୋଷିନେଇ ତାହାକୁ ଆକାଶରେ ଜଳୀୟ ବାଷ୍ପରେ ପରିଣତ କରେ ଓ ତାହା ପରବର୍ତ୍ତୀ ସମୟରେ ମେଘର ଆକାର ନିଏ। ତାହା ପ୍ରାକୃତିକ ଭାବେ ଗଠିତ ହୋଇଥାଏ। ସେହି ବୁନ୍ଦା ଯଥେଷ୍ଟ ବଡ଼ ହୋଇ ଭାରି ହୋଇଗଲେ ପୃଥିବୀ ଉପରେ ବର୍ଷା ହୋଇପଡ଼ିଥାଆନ୍ତି। ଜଳବାୟୁ ପରିବର୍ତ୍ତନଜନିତ କାରଣରୁ ବର୍ଷାରେ ଅସ୍ୱାଭାବିକତା ଦେଖାଦେଉଛି। ପ୍ରକୃତିର ନିୟମ ନ ମାନି ମଣିଷ କରୁଥିବା ଅବିଚାରିତ କାର୍ଯ୍ୟ ଯୋଗୁ ପ୍ରଦୂଷଣ ବଢୁଛି ବୋଲି ସବୁ ଜାଣୁଥିଲେ ମଧ୍ୟ ସେହି ଦିଗରେ ଉଚିତ ପଦକ୍ଷେପ ନିଆଯାଉନାହିଁ। ଫଳରେ କୃତ୍ରିମ ବର୍ଷାର ଆବଶ୍ୟକତା ପଡ଼ିଛି। ଏଠି ମନେରଖିବା ଉଚିତ ଯେ, ସାମୟିକ ସମୟ ପାଇଁ ଆମେ ବୈଷୟିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବ୍ୟବହାର କରି ସୁଫଳ ପାଇପାରିବା। କିନ୍ତୁ ଦେଖିବାକୁ ଗଲେ କ୍ଲାଉଡ୍-ସିଡିଂ ଯୋଗୁ ରାସାୟନିକ ପଦାର୍ଥର ବ୍ୟବହାର ପରିବେଶଗତ ବିପଦକୁ ନିମନ୍ତ୍ରଣ କରିଥାଏ। ଫଳରେ ମାଟି ଓ ଜଳଭାଗକୁ ଏହା ଦୂଷିତ କରିବା ସହ ଜୈବ ବିବିଧତାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। କୃତ୍ରିମ ବର୍ଷା ଅନାବୃଷ୍ଟି ହ୍ରାସ କରିବା କିମ୍ବା ବାୟୁ ପ୍ରଦୂଷଣ କମାଇବା ଭଳି ଉଦ୍ଦେଶ୍ୟରେ ବ୍ୟବହାର କରାଗଲେ ମଧ୍ୟ ତାହା ଏକ ନିଶ୍ଚିତ ସମାଧାନ ଆଣିପାରିବ ନାହିଁ।

ଏଭଳି ସ୍ଥଳେ ଭାରତୀୟଙ୍କୁ ସେମାନଙ୍କ ସ୍ୱଭାବରେ ପରିବର୍ତ୍ତନ ଆଣିବାକୁ ହେବ। ୨୦୨୫ ଦୀପାବଳିରେ ଦିଲୀରେ ଅତିମାତ୍ରାରେ ବାଣ ଫୁଟାଯାଇ ପରିବେଶକୁ ପ୍ରଦୂଷିତ କରିଦିଆଯାଇଛି। ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ବହୁବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସଚେତନ କରାଇ ପଦକ୍ଷେପ ନେବାକୁ କହିଥିଲେ। ଏପରିକି ବାଣ ବିକ୍ରି ଓ ଫୁଟାଇବା ଉପରେ କଟକଣା ଲଗାଇଥିଲେ। ଯେତେବେଳେ ଜନସାଧାରଣ ଧର୍ମ ନାମରେ ଅମାନ୍ୟ ହେଲେ ସେତେବେଳେ କୌଣସି କଟକଣା କାର୍ଯ୍ୟ କଲା ନାହିଁ। ଅଦାଲତ ଉପରେ ରାଜନୈତିକ ଚାପ ପଡ଼ିଥିବା ମଧ୍ୟ ଆଲୋଚନା ହେଉଛି। କୁହାଯାଉଛି ହିନ୍ଦୁ ଧର୍ମ ସହିତ ସମ୍ପୃକ୍ତ ଦୀପାବଳି ଉପରେ ଏଭଳି କଟକଣା ସନାତନ ଧର୍ମ ବିରୋଧୀ। ଏଠାରେ କୁହାଯାଇପାରେ ଯେ, ଦୀପାବଳି ଦୀପ ଜାଳିବାର ପର୍ବ ଭାବେ ପୂର୍ବରୁ ବର୍ଣ୍ଣିତ ହୋଇଆସିଛି। ରାମଚନ୍ଦ୍ର ଚଉଦ ବର୍ଷ ବନବାସ ସାରି ଅଯୋଧ୍ୟାକୁ ଫେରିବାରୁ ତାଙ୍କୁ ସ୍ୱାଗତ ଜଣାଇ ଜଡ଼ାତେଲ ଭଳି ତେଲ ବ୍ୟବହାର କରାଯାଇ ଦୀପ ଜଳାଯାଇଥିଲା। ହେଲେ ଆଧୁନିକ ମଣିଷ ସେଥିରେ ବେପାର ବୁଦ୍ଧି ଯୋଡ଼ି ବାଣକୁ ସଂଲଗ୍ନ କରିଦେଲା ଓ ତାହା ଗଡ଼ି ଚାଲିଛି। ମନେରଖିବାକୁ ହେବ ଯେ ପୂର୍ବରୁ ବାରୁଦର ଆବିଷ୍କାର ହୋଇ ନ ଥିଲା। ସେଥିପାଇଁ ବାଣ ଫୁଟାଇବାର ଚିନ୍ତା ଉପୁଜି ନ ଥିଲା। ଭାରତୀୟ ଉପମହାଦେଶକୁ ବାଣ ଆଣିବା ପାଇଁ ମୁସଲମାନ ରାଜା ବାବର ମୁଖ୍ୟତଃ ଦାୟୀ। ସେଥିପାଇଁ ସଚ୍ଚୋଟ ସନାତନୀମାନେ ଏହାକୁ ପରିହାର କରିବା ଦରକାର।

# ମାନବୀୟ ସଂସ୍କୃତିର ପରିଭାଷା



ଛାୟାକାନ୍ତ ଷଡ଼ଙ୍ଗୀ

ପ୍ରକୃତିପ୍ରଦତ୍ତ ସ୍ୱଭାବ ଅନୁସାରେ ପଶୁପକ୍ଷୀମାନେ ଆଚରଣ କରିଥାନ୍ତି। ଆଦର୍ଶ-ଅନାଦର୍ଶ, ମଙ୍ଗଳ-ଅମଙ୍ଗଳ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ- ଏସବୁ ବୋଧ ବିଚାର ସେମାନଙ୍କର ନଥାଏ। ବାଘ ଯେତେବେଳେ ଅନ୍ୟ ଏକ ଜୀବକୁ ଖାଏ, ସେତେବେଳେ ସେ ପ୍ରକୃତିର କ୍ଷୁଧା ଦ୍ୱାରା ପରିଚାଳିତ ହୁଏ। ମାତ୍ର ମଣିଷ କ୍ଷୁଧା ଦ୍ୱାରା ପରିଚାଳିତ ହେଲେମଧ୍ୟ ଭଲ ମନ୍ଦ ବିଚାର ନ କରି ହଠାତ୍ କୌଣସି ଖାଦ୍ୟ ଖାଏନାହିଁ। ସେ କିଛି ଖାଇବା ପୂର୍ବରୁ ତାହା ଭକ୍ଷ ନା ଅଭକ୍ଷ ବିଚାର କରେ। ଏହି ବିଚାରଶକ୍ତି ଅଛି ବୋଲି ସେ ପଶୁଠାରୁ ଭିନ୍ନ। ଅବଶ୍ୟ ତା'ର ବିଚାରଶକ୍ତି ଉଭୟ ଭଲ ଓ ମନ୍ଦ ଦିଗରେ ଗତି କରିପାରେ। ଭଲ ଦିଗରେ ଗତିକଲେ ମଣିଷ ଶାନ୍ତ, ଦୟାର୍ଦ୍ର, ନିଃସ୍ୱାର୍ଥ ହୁଏ। ମାତ୍ର ମନ୍ଦ ଦିଗରେ ଗତିକଲେ ହିଂସ୍ର, କ୍ରୂର, ବର୍ବର, ସ୍ୱାର୍ଥପର ହୁଏ। ଏହି ପ୍ରଥମୋକ୍ତ ସ୍ୱଭାବର ମଣିଷକୁ ଦେବତା କୁହାଗଲେ ଦ୍ୱିତୀୟୋକ୍ତ ସ୍ୱଭାବର ମଣିଷକୁ ଅସୁର କୁହାଯାଏ। ଅସୁର ଓ ଦେବତା ମଣିଷଠାରୁ ଭିନ୍ନ ସତ୍ତା ନୁହନ୍ତି। ଏହି ମଣିଷ ହିଁ ଅସୁର ଓ ଏହି ମଣିଷ ହିଁ ଦେବତା।

ଏ ସମ୍ପର୍କରେ ବୃହଦାରଣ୍ୟକ ଉପନିଷଦ୍‌ରେ ଏକ ସୁନ୍ଦର ଉପାଖ୍ୟାନ ଅଛି। ପିତା ପ୍ରଜାପତିଙ୍କ ତିନି ପ୍ରକାର ସନ୍ତାନ ଦେବ, ମନୁଷ୍ୟ ଓ ଅସୁର, ତାଙ୍କ ସହ ବ୍ରହ୍ମଚର୍ଯ୍ୟପାଳକ ପୂର୍ବକ ବାସକଲେ। ବ୍ରହ୍ମଚର୍ଯ୍ୟବ୍ରତ ପାଳନ ସମାପ୍ତ ହେଲାପରେ ସେମାନେ ପିତା ପ୍ରଜାପତିଙ୍କୁ କିଛି ଉପଦେଶ ଦେବା ପାଇଁ ଅନୁରୋଧ କଲେ। ପ୍ରଜାପତି ତିନି ସନ୍ତାନଙ୍କୁ ଏକ ଅକ୍ଷର ବିଶିଷ୍ଟ ଗୋଟିଏ ମାତ୍ର ଉପଦେଶ ଦେଲେ। ତାହା ହେଲା 'ଦ'। ଦେବ, ଅସୁର ଓ ମନୁଷ୍ୟ ପ୍ରତ୍ୟେକ ଏହି 'ଦ' ଅକ୍ଷରର ତାତ୍ପର୍ଯ୍ୟ ବୁଝିବାପାଇଁ ନିଜ ନିଜ ସ୍ୱଭାବକୁ ଅନୁଶୀଳନ କଲେ ଓ 'ଦ' ଅକ୍ଷରର ଅର୍ଥଟି ବୁଝିଲେ। ଦେବତାମାନେ ବୁଝିଲେ ପ୍ରଜାପତି ସେମାନଙ୍କୁ 'ଦ' କହି ଇନ୍ଦ୍ରିୟ ଦମନ କରିବା ପାଇଁ ଉପଦେଶ ଦେଇଛନ୍ତି, କାରଣ ସେମାନେ ସର୍ବଦା ଇନ୍ଦ୍ରିୟଭୋଗରତ ଥାନ୍ତି। ଅସୁରମାନେ ବୁଝିଲେ ସେମାନେ ଅନ୍ୟମାନଙ୍କ ପ୍ରତି କ୍ରୂର ଓ ହିଂସ୍ର ଆଚରଣ କରୁଥିବାରୁ ପ୍ରଜାପତି 'ଦ' ଉଚ୍ଚାରଣ କରି ସେମାନଙ୍କୁ ଅନ୍ୟମାନଙ୍କ ପ୍ରତି ଦୟା କରିବାପାଇଁ ପରାମର୍ଶ ଦେଇଛନ୍ତି। ମଣିଷମାନେ ବୁଝିଲେ ସେମାନେ ସର୍ବଦା କେବଳ ନିଜେ ସୁଖରେ ରହିବା ପାଇଁ ଅଜସ୍ର ଧନସଂଗ୍ରହରେ ମାତିଛନ୍ତି। ତେଣୁ ପ୍ରଜାପତି ସେମାନଙ୍କୁ ଦାନ କରିବା ପାଇଁ ପରାମର୍ଶ ଦେଇଛନ୍ତି। (ଦାମ୍ୟତ, ଦତ୍ତ, ଦୟଧ୍ୱମ୍)

ଉପନିଷଦ୍‌ର ଏହି ପ୍ରଜାପତି ଦେବତା, ଅସୁର ଓ ମଣିଷକୁ ଉପଦେଶ ଦେବା କଥାଟି ପ୍ରତୀକାତ୍ମକ। ଏଣୁ ପରବର୍ତ୍ତୀ ଅଧ୍ୟାୟରେ ସ୍ପଷ୍ଟ କରାଯାଇଛି "ଏଷ ପ୍ରଜାପତିର୍ଯ୍ୟଦ୍‌ହୃଦୟମେତଦ୍" ଅର୍ଥାତ୍ ହୃଦୟ ହିଁ ପ୍ରଜାପତି। ନିଜ ହୃଦୟରେ ଦେବ-ମନୁଷ୍ୟ-ଅସୁର ତିନି ସନ୍ତାନ ଅଛନ୍ତି। ଅର୍ଥାତ୍ ହୃଦୟରୁ ପ୍ରକାଶ ପାଉଥିବା ଭାବ ପରିଚୟ ଦିଏ କିଏ ଦେବତା, କିଏ ଅସୁର ଓ କିଏ ମଣିଷ। ଶ୍ରୀଅରବିନ୍ଦଙ୍କ ଭାଷାରେ



ମଣିଷ ଊର୍ଦ୍ଧ୍ୱସ୍ଥ ସ୍ୱର୍ଗ ଓ ନିମ୍ନ ପ୍ରକୃତିର ମଝିରେ ଦଣ୍ଡାୟମାନ ସେ ଉଭୟ ଆସୁରିକ ଓ ଦୈବ ଗୁଣର ଏକ ଅପୂର୍ବ ସମନ୍ୱୟ। ଭଗବତ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି, "ଅହିଂସା, ସତ୍ୟ, ଅକ୍ରୋଧ, ତ୍ୟାଗ, ଶାନ୍ତି, ତେଜ, କ୍ଷମା, ଧୈର୍ଯ୍ୟ, ଶୁଚି, ଅଦ୍ରୋସ ଆଦି ଦୈବଗୁଣ ଓ ଦମ୍ଭ, କ୍ରୋଧ, ଅଜ୍ଞାନ, କ୍ରୁରଭାବ, ହିଂସା, ମିଥ୍ୟାଶ୍ରୟ ଆଦି ହେଉଛି ଆସୁରିକ ଗୁଣ।" ଯଦି ମଣିଷ ଦେବତା ହୋଇ ନ ପାରୁଛି ଅନ୍ତତଃ ଅସୁର ନ ହେଉ। ସେ ଉଭୟ ଦୈବ ଓ ଆସୁରିକ ଗୁଣର ମଝିରେ ରହୁ ଓ ଏକ ମାନବୀୟ ସଂସ୍କୃତି ସ୍ଥାପନ କରୁ। ଏଣୁ ସ୍ୱାମୀ ବିବେକାନନ୍ଦ କହୁଥିଲେ, ମଣିଷ ନିଜର ହିତ ସାଧନ କରିବା ସଙ୍ଗେ ସଙ୍ଗେ ଜଗତର ହିତ ବି ସାଧନ କରୁ। ଏହି ସ୍ୱାର୍ଥ ସହ ପରାର୍ଥ ହିଁ ସଂସ୍କୃତି।

ବିଶିଷ୍ଟ ଲେଖକ ଉମେଶ ପତ୍ରୀ ତାଙ୍କ ବିଦେଶ ଭ୍ରମଣ ସମୟରେ କାଲିଫର୍ଣ୍ଣିଆର ଏକ ସ୍କୁଲରେ 'ସଂସ୍କୃତି' ଶବ୍ଦର ଅର୍ଥ ବୁଝାଇବାକୁ ଯାଇ କହିଥିଲେ ଏକ କାହାଣୀ। ଥରେ ଦେବଦୂତ ଓ ଶୈତାନମାନେ ସେମାନଙ୍କ ମଧ୍ୟରେ ପ୍ରକୃତରେ ବଡ଼ କିଏ ଜାଣିବା ପାଇଁ ଈଶ୍ୱରଙ୍କ ନିକଟରେ ପହଞ୍ଚିଲେ। ଈଶ୍ୱର କହିଲେ, 'ଖାଇବା ସମୟ ହେଲାଣି, ପ୍ରଥମେ ଖିଆପିଆ ସରୁ। ତାପରେ ଏହି ପ୍ରଶ୍ନର ଉତ୍ତର ଦିଆଯିବ।' ଦେବଦୂତ ଓ ଶୈତାନମାନେ ଦୁଇଟି ଭିନ୍ନ ଧାଡ଼ିରେ ବସିଲେ। ମଝିରେ ଗୋଟିଏ ପରଦା ଟାଙ୍ଗି ଦିଆଗଲା, ଯେମିତି କେହି କାହାରିକୁ ଦେଖିପାରିବେ ନାହିଁ। ଈଶ୍ୱର ତାଙ୍କର ଅଲୌକିକ ଶକ୍ତି ପ୍ରୟୋଗ କଲେ ଯେମିତି ଉଭୟ ଦେବଦୂତ ଓ ଶୈତାନମାନଙ୍କ ହାତ କହୁଣିରୁ ଉପରକୁ ଉଠିଲା ନାହିଁ। ଫଳରେ ହାତ ପାଟିପାଖରେ ପହଞ୍ଚି ପାରିଲା ନାହିଁ। ବହୁପ୍ରକାର ସ୍ୱାଦିଷ୍ଟ ଅନ୍ନ ପରଷି ଦିଆଗଲା। ଶୈତାନମାନେ ଖାଇବା ଆରମ୍ଭକଲେ। ହାତ ପାଟିରେ ନ ପହଞ୍ଚିବାରୁ ଖାଦ୍ୟ ପାଟିକୁ ଫିଙ୍ଗିବାକୁ ଚେଷ୍ଟା କଲେ। ଫଳରେ ତାହା ପାଟିରେ ନ ପଡି ଅନ୍ୟତ୍ର ବିଛାଡ଼ି ହୋଇପଡ଼ିଲା। ସେମାନେ କିଛି ଖାଇପାରିଲେ ନାହିଁ। ଅପରପକ୍ଷରେ ଦେବତାମାନେ ନିଜ ପାଟିକୁ ଖାଦ୍ୟ ନ ଫିଙ୍ଗି ଜଣେ ଆଉଜଣଙ୍କର ପାଟିରେ ଖାଦ୍ୟ ପୂରାଇ ଆନନ୍ଦରେ ପେଟଭରି ଖାଇଲେ ଓ ତୃପ୍ତହେଲେ। ଈଶ୍ୱର ପରଦାଟିକୁ ଉଠାଇଦେଲେ ଓ ଏହି ଦୃଶ୍ୟ ଦେଖି ଦେବଦୂତ ଓ ଶୈତାନମାନଙ୍କୁ କହିଲେ, "ବର୍ତ୍ତମାନ ତୁମେ ନିଜେ ବିଚାର କର କିଏ ବଡ଼, କିଏ ଛୋଟ।" ସେ ବୁଝାଇ କହିଲେ, ଭୋକ ହେବା ପ୍ରତ୍ୟେକଙ୍କ ପ୍ରକୃତି। ଭୋକ ହେଲାବୋଲି ଅନେକଙ୍କ ସହ ଥାଇ ମଧ୍ୟ ଏକା ଖାଇବା ବା ଅନ୍ୟର ଖାଦ୍ୟ ଛଡ଼ାଇ ଖାଇବା ହେଉଛି ବିକୃତି ଏବଂ ନିଜେ ଖାଇବା ଓ ଅନ୍ୟକୁ ଖୁଆଇବା ହେଉଛି ସଂସ୍କୃତି।

ଥରେ ରାସ୍ତା ଉପରେ ପଡ଼ିଥିବା ଏକ ବଡ଼ ପଥରଖଣ୍ଡ ଉପରେ ଜଣେ ଝୁଣ୍ଟିପଡ଼ି କ୍ଷତାକ୍ତ ହେଲେ। ସେ ପଥର ପକାଇଥିବା ଅଜଣାଲୋକଟିକୁ ଗାଳିଦେଇ ଓ ରାଗିଯାଇ ପଥରଟିକୁ ରାସ୍ତାମଝିକୁ ପେଲିଦେଲେ। ମନେ ମନେ କହିଲେ, ଅନ୍ୟମାନେ ମୋ ଭଳି ଝୁଣ୍ଟିପଡ଼ନ୍ତୁ, ତେବେ ଜାଣିବେ ଏହା କିପରି କଷ୍ଟଦାୟକ। କିଛିସମୟ ପରେ ଆଉଜଣେ ବ୍ୟକ୍ତି ସେହି ରାସ୍ତାରେ ପଥରଟିକୁ ଦେଖି ମନେ ମନେ ଚିନ୍ତା କଲେ ସତର୍କତାର ସହ ପଥରଟିକୁ ଅତିକ୍ରମ କରିଗଲେ ହେଲା, ଆଉ କାହାର କ'ଣ ଘଟିପାରେ ଭାବି ଲାଭ କ'ଣ? ସେ ସୁରକ୍ଷିତ ଭାବରେ ପଥରକୁ ଏଡ଼ାଇ ଚାଲିଗଲେ। ପରେ ଆଉଜଣେ ଆସିଲେ ଓ ଭାବିଲେ ପଥରଟି ଏଭଳି ସ୍ଥାନରେ ଅଛି ଯେ ଅଧିକାଂଶ ପଥଚାରୀ ଝୁଣ୍ଟିପଡ଼ି କ୍ଷତାକ୍ତ ହେବେ। ତେଣୁ ସେ ପଥରଟିକୁ ରାସ୍ତା ମଝିରୁ ଉଠାଇନେଇ ରାସ୍ତା ପାର୍ଶ୍ୱକୁ ଫିଙ୍ଗିଦେଲେ ଓ ଚାଲିଗଲେ। ଏହିଭଳି ତିନିପ୍ରକାର ମଣିଷ ଅଛନ୍ତି। କିଛିଲୋକ ଚାହାନ୍ତି ସେମାନେ ଯଦି କଷ୍ଟ ପାଉଛନ୍ତି ଅନ୍ୟମାନେ ମଧ୍ୟ ସେଭଳି କଷ୍ଟ ପାଆନ୍ତୁ। ଆଉ କିଛିଲୋକ ଭାବନ୍ତି ନିଜେ ସୁରକ୍ଷିତ ରହିଲେ ହେଲା। ସେମାନେ ଅନ୍ୟମାନଙ୍କ ସୁରକ୍ଷା କଥା ଚିନ୍ତା କରନ୍ତି ନାହିଁ। ମାତ୍ର ଏଭଳି କିଛି ଲୋକ ଅଛନ୍ତି ଯେଉଁମାନେ କେବଳ ନିଜର ସୁରକ୍ଷା ନୁହେଁ ବରଂ ସମସ୍ତଙ୍କ ବିଷୟରେ ଚିନ୍ତା ପ୍ରକଟ କରନ୍ତି। ଏହା ହେଉଛି ମାନବୀୟ ସଂବେଦନା ଓ ମାନବୀୟ ସଂସ୍କୃତି।

କଟକର ରାଜାବଗିଚାରେ ଅନ୍ଧାର ରାତିରେ ରାସ୍ତାକଡ଼ରେ ବସିଥାନ୍ତି ଜଣେ ବୃଦ୍ଧ। ସେ କମ୍ବଳଟିଏ ଘୋଡ଼େଇ ହୋଇଥାନ୍ତି ଓ ହାତରେ ଗୋଟିଏ ଲଣ୍ଠନ ଧରିଥାନ୍ତି। ସେତେବେଳେ ଛାତ୍ର ଥାନ୍ତି ବିଶିଷ୍ଟ ଲେଖକ ବୈଷ୍ଣବ ଚରଣ ମହାନ୍ତି। ସେ ସେହି ରାସ୍ତାରେ ଆଗେଇ ଯାଆନ୍ତେ ବୃଦ୍ଧଜଣକ କହିଲେ, "କିଏ? ଦେଖିକରି ଯାଆ ପଡ଼ିଯିବ। ଆଗରେ ମ୍ୟାନହୋଲ ଅଛି।" ବୈଷ୍ଣବ ବାବୁ ଅଟକିଗଲେ। ଶୀତ ରାତିରେ ବୁଢ଼ାବୟସରେ ରାସ୍ତାକଡ଼ରେ ବସିଥିବାର କାରଣ ପଚାରନ୍ତେ ସେ କହିଲେ, "ଆଗରେ ଥିବା ମ୍ୟାନ୍‌ହୋଲର ଢାଙ୍କୁଣି ଉଠିଯାଇଛି। କିଛି ସମୟ ପୂର୍ବରୁ ଜଣେ ରିକ୍‌ସାବାଲା ତାହା ଦେଖି ନ ପାରି ସେଠାରେ ପଡ଼ି ଖଣ୍ଡିଆଖାବରା ହୋଇଗଲା। ବିଚରା ରିକ୍‌ସା ଟାଣି କୁଟୁମ୍ବ ପୋଷେ। ଏବେ ସେ ଚଳିବ କିପରି? ଆଉ କେହି ସେଠି ନ ପଡୁ, ସେଥିପାଇଁ ମୁଁ ଏଠି ଜଗିବସିଛି।" ସେ ଥିଲେ ଓଡ଼ିଆ ସାହିତ୍ୟର ବିଶିଷ୍ଟ ଔପନ୍ୟାସିକ କାହ୍ନୁଚରଣ ମହାନ୍ତି। ସେ ଜଣେ ମଣିଷ ଭାବରେ ଚିନ୍ତା କରୁଥିଲେ ଅନ୍ୟ ମଣିଷମାନଙ୍କ କଥା। ଅନ୍ୟର ଦୁଃଖସୁଖକୁ ନିଜର ଦୁଃଖସୁଖ ମଣିବା ହେଉଛି ମାନବୀୟ ସଂସ୍କୃତିର ଅନ୍ତଃସ୍ୱର।

**ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼**
**ମୋ: ୯୪୩୭୩୨୯୨୬୩**

# ବିପର୍ଯ୍ୟୟ ସମୟର ସାଥୀ



ଶୁଭନାରାୟଣ ଶତପଥୀ

ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ୨୦୧୬ରେ ଯୁଗାନ୍ତକାରୀ ପଦକ୍ଷେପ ଆପଦ ମିତ୍ର ଯୋଜନା କାର୍ଯ୍ୟକାରୀ କରିଥିଲେ। ଯିଏ ତାଲିମପ୍ରାପ୍ତ, ମନ ଶରୀରକୁ ବିପର୍ଯ୍ୟୟ ପରିଚାଳନା, ପ୍ରସ୍ତୁତିରେ ପୂର୍ଣ୍ଣ ଯୋଗଦାନ କରିବାକୁ ସଂକଳ୍ପବଦ୍ଧ ସିଏ ହେଉଛନ୍ତି ଆପଦମିତ୍ର ସ୍ୱେଚ୍ଛାସେବୀ। ଆପଦମିତ୍ର ଯୋଜନା ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟଙ୍କ ସମନ୍ୱୟରେ ଅଗ୍ରାଧିକାରଭିତ୍ତିରେ ଆପଦମିତ୍ର ତାଲିମ ଓ ନିୟୋଜନ ପଦକ୍ଷେପ ପ୍ରଶଂସନୀୟ। ତଥ୍ୟରୁ ଜଣାଯାଏ ଭାରତରେ ୨୩ଟି ରାଜ୍ୟରେ ୫୨୮୬ଜଣ ଆପଦମିତ୍ର ପ୍ରାଥମିକ ବା ପାଇଲଟ ପ୍ରକଳ୍ପରେ ଯୋଗଦାନ କରିଥିଲାବେଳେ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶାର ଦୁଇଟି ଜିଲା ଯଥା- ପୁରୀ ଓ ଜଗତ୍‌ସିଂହପୁରରେ ମୋଟ ପ୍ରାୟ ୪୦୦ ଆପଦମିତ୍ର ସ୍ୱେଚ୍ଛାସେବୀ କାର୍ଯ୍ୟ କରିଆସୁଛନ୍ତି। ତେବେ ସାରା ଦେଶରେ ୩୫୦ ବହୁବିଧ ବିପର୍ଯ୍ୟୟ ପ୍ରବଣ ଜିଲାଗୁଡ଼ିକରେ ୧ ଲକ୍ଷ ଆପଦମିତ୍ର ସ୍ୱେଚ୍ଛାସେବୀଙ୍କୁ ତାଲିମ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଅଦ୍ୟାବଧି ଓଡ଼ିଶାର ବନ୍ୟା, ବାତ୍ୟା, ଭୂମିକମ୍ପ, ଭୂସ୍ଖଳନ ପ୍ରବଣ ୧୬ଟି ଜିଲାରେ ୪୪୦୦ ଆପଦମିତ୍ର ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ସ୍ୱେଚ୍ଛାସେବୀମାନେ ଗୋଷ୍ଠୀସ୍ତରୀୟ ହୋଇଥିବାବେଳେ ସେମାନେ ମୁଖ୍ୟତଃ ବନ୍ୟା, ବାତ୍ୟା, ଭୂମିକମ୍ପ, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମେତ ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ ଉଦ୍ଧାର, ପ୍ରାଥମିକ ଚିକିତ୍ସାରେ ସହାୟତା କରିବା, ବିପଦପୂର୍ଣ୍ଣ ସ୍ଥାନରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେବା, ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି ନିମନ୍ତେ ଲୋକଙ୍କୁ ସଚେତନ କରାଇବା, ଆଶ୍ରୟସ୍ଥଳୀରେ ଖାଦ୍ୟ ବଣ୍ଟନ, ରିଲିଫ ଯୋଗାଣ ଓ ଆଦେଶ ଅନୁପାଳନ ଆଦି ଅନେକ କାର୍ଯ୍ୟ କରିଆସୁଛନ୍ତି। ଆପଦମିତ୍ର ପାଇଲଟ ପ୍ରକଳ୍ପ ଅଧୀନରେ ଓଡ଼ିଶାର ପୁରୀ ଓ ଜଗତ୍‌ସିଂହପୁର ଜିଲାର ସ୍ୱେଚ୍ଛାସେବୀମାନେ ବାତ୍ୟା ସମୟରେ ସ୍ୱେଚ୍ଛାକୃତ ଦୃଢ଼ ମନୋବଳର ଦୃଷ୍ଟାନ୍ତ ସୃଷ୍ଟି କରି ଅଭିଜ୍ଞତା ହାସଲ କରିଛନ୍ତି।

୨୦୧୯ ବାତ୍ୟା ଫନି ସମୟର କଥା। ପୁରୀର ଆପଦମିତ୍ର ତନ୍ମୟ ଓ ତାଙ୍କ ସାଥୀ ସ୍ୱେଚ୍ଛାସେବୀମାନେ ସେବା ଯୋଗାଉଥାନ୍ତି। ଏହି ସମୟରେ ବାତ୍ୟାପବନରେ ଗୋଟିଏ ବସ ଓଲଟି ଜଣେ ବ୍ୟକ୍ତିଙ୍କ ହାତ କଟି ଯାଇଥିବାର ଖବର ଆସିଲା। ତୁରନ୍ତ ସେହି ବ୍ୟକ୍ତିଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ସହିତ ତାଙ୍କୁ ନେଇଗଲେ ଡାକ୍ତରଖାନାକୁ। ଏହାବ୍ୟତୀତ କୋଭିଡ୍ ସମୟରେ ରୋଗୀଙ୍କ ଘରକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଣ, ଘରକୁ ଘର ବୁଲି ହାତଧୁଆ, ସାମାଜିକ ଦୂରତ୍ୱ, ସ୍ୱଚ୍ଛତାର ମହତ୍ତ୍ୱ ବିଷୟରେ ସଚେତନ କରିବା ସହିତ ଆଶ୍ରୟସ୍ଥଳୀ ପରିଚାଳନାରେ ସହଯୋଗ, ବିପର୍ଯ୍ୟୟ ପରବର୍ତ୍ତୀ



ଆବର୍ଜନା ସଫା, ରାସ୍ତାଘାଟ ସଫା କରିବାରେ ଆପଦମିତ୍ର ସ୍ୱେଚ୍ଛାସେବୀଙ୍କ ଭୂମିକା ଅବର୍ଣ୍ଣନୀୟ। ଏମାନେ ବିନା ପାରିଶ୍ରମିକରେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ଜରୁରୀ ସେବା ଯୋଗାଇବା ସହିତ ସେମାନଙ୍କ ଜୀବନ ରକ୍ଷା କରିଆସୁଛନ୍ତି।

୨୦୧୯ରେ ପୂର୍ବମହାରାଷ୍ଟ୍ରର ବାଦଲଫଟା ବର୍ଷାରେ ଫସିଥିବା ଜଣେ ମହିଳାଙ୍କୁ ସାପ କାମୁଡିଥିଲା। ଆପଦମିତ୍ର ବନ୍ଧୁମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା କରି ବିପଦମୁକ୍ତ କରାଇପାରିଥିଲେ। ସେହିପରି ୨୦୨୦ରେ ଉତ୍ତରପ୍ରଦେଶର ଗୋରଖପୁର ଜିଲାରେ ଏକ ଡଙ୍ଗାବୁଡ଼ି ଘଟଣାରେ ୧୦ ବ୍ୟକ୍ତିଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ ଆପଦମିତ୍ର ସ୍ୱେଚ୍ଛାସେବୀମାନେ। ସେହି ବର୍ଷ କେରଳର କୋଟାୟମ ବନ୍ୟାରେ ଜଳଘେରରେ ଥିବା ୯୫ ବର୍ଷୀୟ ବୃଦ୍ଧାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ ମଜିସ, ସିନୁ, ମିଥୁନ, ଶ୍ରୀକୁଟନ ପ୍ରମୁଖ ଆପଦମିତ୍ର ସ୍ୱେଚ୍ଛାସେବୀମାନେ। ଏମିତି ଅନେକ ଉଦାହରଣ ଅଛି, ଯାହା ପ୍ରମାଣିତ କରେ ଆପଦମିତ୍ରଙ୍କ ବଳିଷ୍ଠ ସ୍ୱେଚ୍ଛାସେବୀ ମନୋଭାବ, ଦୃଢ଼ ଇଚ୍ଛାଶକ୍ତି, ଅଦମ୍ୟ ସାହସିକତା ଓ ଉତ୍ସର୍ଗୀକୃତ ସେବା ମନୋଭାବକୁ। ଏସବୁ ସତ୍ତ୍ୱେ ବିପଦ ସହିତ ଜରୁରୀ ପରିସ୍ଥିତିରେ ଯୁଝି ହେଉଥିବା ଆପଦମିତ୍ରମାନେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ଆସୁଛନ୍ତି। ଯେପରି କି ବିପତ୍ତି ସମୟରେ ଆବଶ୍ୟକୀୟ ସମ୍ବଳର ଉପଲବ୍ଧତା ତଥା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେମାନଙ୍କୁ ଦିଆଯାଇଥିବା କିଟ୍‌ର ପୁନଃନବୀକରଣ ଇତ୍ୟାଦି। ପରିଚୟ ପତ୍ର ନ ଥିବା କାରଣରୁ ଗାଁଗହଳି, ବିପର୍ଯ୍ୟୟ ସମୟରେ କାର୍ଯ୍ୟ କରିବାର ପ୍ରତିବନ୍ଧକକୁ ସାମ୍ନା କରିବା ସହିତ ଛଦ୍ମବେଶୀ ଆପଦମିତ୍ରଙ୍କ ଉପସ୍ଥିତିକୁ ଅଣଦେଖା କରାଯାଇ ନ ପାରେ। ତେବେ ପାଇଲଟ ପ୍ରକଳ୍ପ ସମୟରୁ କାର୍ଯ୍ୟ କରିଆସୁଥିବା ଆପଦମିତ୍ରମାନଙ୍କୁ ପରବର୍ତ୍ତୀ ସମୟରେ ଅନୁମୋଦିତ ସୁବିଧାସୁଯୋଗଗୁଡ଼ିକ ଉପଲବ୍ଧ କରାଇବା ଆବଶ୍ୟକ। ଏହାଛଡ଼ା ସେମାନଙ୍କୁ ଦୁର୍ଘଟଣାଜନିତ ବୀମା, ଆଶ୍ରୟସ୍ଥଳୀଗୁଡ଼ିକର ପରିଚାଳନା ଦାୟିତ୍ୱରେ ଅନ୍ତର୍ଭୁକ୍ତୀକରଣ, ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କାର୍ଯ୍ୟରେ ପ୍ରମୁଖ ଭୂମିକା ପ୍ରଦାନ କରାଯିବା ଜରୁରୀ। ସେହିପରି ପ୍ରତିବର୍ଷ ନିୟମିତ ସମୟ ବ୍ୟବଧାନରେ ତାଲିମ, ମକଡ୍ରିଲ କରାଇ ତୃଣମୂଳସ୍ତରୀୟ ନେତୃବୃନ୍ଦ ଓ ବ୍ୟକ୍ତିବିଶେଷଙ୍କ ସହିତ ବାର୍ତ୍ତାଳାପ କରାଇବାର ସୁଯୋଗ ସୃଷ୍ଟି କରିବା ଉଚିତ। ଫଳରେ ସେମାନେ ପରସ୍ପରକୁ ଚିହ୍ନିବେ ଓ ଜରୁରୀ ସୂଚନା ଆଦାନ ପ୍ରଦାନ କରିପାରିବେ। ତା'ଛଡା ବିପର୍ଯ୍ୟୟ ସମୟରେ ଓ ପରେ ଦୁର୍ବଳତାର ସୁଯୋଗ ନେଇ ସମ୍ଭାବ୍ୟ ବା ଘଟୁଥିବା ଅନୈତିକ କାର୍ଯ୍ୟ, ଚାଲାଣ, ଚୋରି ଡକାୟତି, ପ୍ରଲୋଭିତ କରୁଥିବା ଦାଲାଲଙ୍କ ସମ୍ବନ୍ଧରେ ପୋଲିସକୁ ସୂଚନା ପ୍ରଦାନ ଦାୟିତ୍ୱ ସହିତ ମାସିକ ଭତ୍ତା କିମ୍ବା ସହଯୋଗର ପ୍ରୋତ୍ସାହନ ରାଶି ଯୋଗାଇ ଦିଆଗଲେ ବିପର୍ଯ୍ୟୟ ସହ ଜଡ଼ିତ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ଏହାସହ ଦୀର୍ଘସ୍ଥାୟୀ ଅଭିଜ୍ଞତାସମ୍ପନ୍ନ ତଥା ସବୁ ବିପର୍ଯ୍ୟୟ ସମୟର ଦୃତ ସାଥୀ ଆପଦମିତ୍ର ସ୍ୱେଚ୍ଛାସେବୀ ସୃଷ୍ଟି କରାଯାଇପାରନ୍ତା।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ: ୯୪୩୮୪୩୨୦୨୩**

## ଏଇ ଭାରତରେ

ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା- ଏହା ଉପଲବ୍ଧି କରିଛନ୍ତି ଉତ୍ତରାଖଣ୍ଡର ମହିଳାମାନେ। ରାଜ୍ୟର ବିଭିନ୍ନ ଗ୍ରାମପଞ୍ଚାୟତରେ ସେମାନେ ବନ ପଞ୍ଚାୟତ ମାଧ୍ୟମରେ ଜଙ୍ଗଲର ସୁରକ୍ଷା କରୁଛନ୍ତି ଏବଂ ସାମଗ୍ରିକ ପ୍ରୟାସ ସଫଳତା ପାଇଁ ବାଟ କଢ଼ାଇନିଏ ବୋଲି ପ୍ରମାଣ କରିପାରିଛନ୍ତି। ଏହି କ୍ରମରେ ପିଥୋରାଗଡ଼ ଜିଲା ମୁନ୍‌ସିଆରି ବ୍ଲକର ଶଙ୍ଖଦୁରା ଗାଁର ଜଙ୍ଗଲକୁ ସ୍ଥାନୀୟ ସରପଞ୍ଚ ବାସନ୍ତି ରାଓ୍ତ ସୁରକ୍ଷା କରୁଛନ୍ତି। ତାଙ୍କ ସହ ଅନ୍ୟ ୮ ମହିଳା ବନ ପଞ୍ଚାୟତରେ ରହିଛନ୍ତି। କେବଳ ଶଙ୍ଖଦୁରା ନୁହେଁ, ସର୍ମୋଲି ଜଣ୍ଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ମଲିକା ଭିର୍ଡ଼ି ମଧ୍ୟ ମେସାରିକୁଣ୍ଡର ପୁନରୁଦ୍ଧାର କରିପାରିଛନ୍ତି। ଏବେ ତାଙ୍କ ଅଞ୍ଚଳରେ ପାଣିର ଅଭାବ ରହୁନାହିଁ। ବନ ପଞ୍ଚାୟତ ମାଧ୍ୟମରେ ଜଙ୍ଗଲ ଓ ପ୍ରାକୃତିକ ପରିବେଶ ସୁରକ୍ଷା ହେବା ଦ୍ୱାରା ଉତ୍ତରାଖଣ୍ଡର ପର୍ଯ୍ୟଟନ କ୍ଷେତ୍ରରେ ଯଥେଷ୍ଟ ବିକାଶ ହୋଇପାରିଛି। ଉଲ୍ଲେଖନୀୟ, ୧୯୩୧ରେ ଇଂରେଜମାନେ ବନ ପଞ୍ଚାୟତ ନିୟମାବଳୀ ଆଣିଥିଲେ। ତେବେ ଉତ୍ତରାଖଣ୍ଡରେ ଏବେ ୬,୦୬୯ ବନ ପଞ୍ଚାୟତ ୪,୦୫,୪୨୬ ହେକ୍ଟର ଜଙ୍ଗଲର ସୁରକ୍ଷା ଓ ପରିଚାଳନା କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୯ ଅକ୍ଟୋବର ୧୯୭୬**

- ଗୃହ ନିର୍ମାଣ ପାଇଁ କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ୧୩୬ ନିୟୁତ ଟଙ୍କା ଋଣ ମଞ୍ଜୁର।
- ଶ୍ରୀଲଙ୍କାରେ ସିରିଆ ପ୍ରଥମ ଥର ରାସାନ ଆଲାଉସଙ୍କୁ ରାଷ୍ଟ୍ରଦୂତ ରୂପେ ନିଯୁକ୍ତ କରିଛନ୍ତି।
- ଲେବାନନରେ ଗୃହଯୁଦ୍ଧର ଅବସାନ ପାଇଁ ଆରବ ଶାନ୍ତି ସେନାଙ୍କୁ କେବେ ଅନୁମତି ଦିଆଯିବ ନାହିଁ ବୋଲି ଦକ୍ଷିଣପନ୍ଥୀ ନେତାମାନେ ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ଅନାହୂତ ଅନୁଭୂତି କ୍ଷୀଣ ତା'ର ଆୟୁଷ
ଜୀବନର ମରୁ-ପଥେ ଢାଳିଦିଏ ପୀୟୂଷ
ଦିନୁଁ ଦିନୁଁ ଦେହ ମମ ହୁଏ ଯେତେ ପୁରୁଣା
ମୂଳ ତା'ର ଦିନୁଁ ଦିନୁଁ ବଢ଼ି ଉଠେ ବହୁଣ।
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜନସେବା କେନ୍ଦ୍ରରେ ରେଟ୍‌ଚାର୍ଟ ଲଗାଯାଉ

ମହାଶୟ,

ସରକାର ବିଭିନ୍ନ ସ୍ଥାନରେ ଜନସେବା କେନ୍ଦ୍ର ଖୋଲିବାକୁ ଅନୁମତି ପ୍ରଦାନ କରିଛନ୍ତି। ଏହା ଅତ୍ୟନ୍ତ ସୌଭାଗ୍ୟର କଥା। ସୁଲଭ ମୂଲ୍ୟରେ ସୁଚାରୁ ରୂପେ ଲୋକଙ୍କର ଚାହିଦା ପୂରଣ ହୋଇପାରିବ ବୋଲି ସରକାରଙ୍କର ଉଦ୍ଦେଶ୍ୟ ଥିଲା। କିନ୍ତୁ ଦେଖାଯାଉଛି, ସାମାନ୍ୟ କାମ ପାଇଁ ବିଭିନ୍ନ ଜନସେବା କେନ୍ଦ୍ରରେ ଭିନ୍ନ ଭିନ୍ନ ଭାବରେ ଅର୍ଥ ଆଦାୟ କରାଯାଉଛି। ସେହି ସମାନ କାମକୁ ଗୋଟିଏ ଜାଗାରେ ପଚାଶ ଟଙ୍କା ଦେଲା ବେଳେ ଅନ୍ୟ ଜନସେବା କେନ୍ଦ୍ରରେ ଶହେ ପଚାଶ ଟଙ୍କା ଦେବାକୁ ପଡ଼ୁଛି। କୌଣସି ସେବାକେନ୍ଦ୍ରରେ ରେଟ ଚାର୍ଟ ମଧ୍ୟ ଲଗାଯାଇନାହିଁ। ଏହାଦ୍ୱାରା ନିରୀହ ଓ ଗରିବ ଲୋକମାନେ ଶୋଷଣର ଶିକାର ହେଉଛନ୍ତି। ତେଣୁ ଏହାକୁ ତଦାରଖ କରିବା ପାଇଁ ସଚ୍ଚୋଟ ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯାଉ ଏବଂ ବିଭିନ୍ନ କାମ ଲାଗି ସେବାକେନ୍ଦ୍ର ଆଗରେ ରେଟ୍ ଚାର୍ଟ ଲଗାଇବାକୁ ନିର୍ଦ୍ଦେଶନାମା ଜାରି କରାଯାଉ। ଦ୍ୱିତୀୟତଃ ଯେଉଁ ସେବା ଯୋଗାଉଛନ୍ତି, ତା'ର ପାରିଶ୍ରମିକ ଯାହା ନେଉଛନ୍ତି ଲୋକଙ୍କୁ ସେହି କାର୍ଯ୍ୟର ନାମ ଉଲ୍ଲେଖ କରି ରିସିପ୍ଟ ଦିଅନ୍ତୁ। ସରକାର ଏହା ଉପରେ ଗୁରୁତ୍ୱର ସହ ଚିନ୍ତା କରି ପଦକ୍ଷେପ ନେବେ ବୋଲି ଆଶା କରୁଛୁ।

**-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 1 | | | 3 | | | |
| | 2 | | | | | | 5 | |
| 5 | | 4 | | | | | | 3 |
| | | 3 | | | | | | 7 |
| 2 | 4 | 5 | 3 | | | | 8 | |
| 6 | 1 | | | | | | | |
| | | | | | 9 | | | 6 |
| | | | 4 | 8 | | 7 | | |
| 1 | | | | 2 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 5 | 3 | 9 | 6 | 4 | 2 | 8 |
| 2 | 8 | 9 | 4 | 5 | 7 | 6 | 3 | 1 |
| 3 | 4 | 6 | 1 | 2 | 8 | 5 | 9 | 7 |
| 1 | 9 | 7 | 8 | 3 | 5 | 2 | 6 | 4 |
| 5 | 6 | 2 | 9 | 4 | 1 | 8 | 7 | 3 |
| 4 | 3 | 8 | 7 | 6 | 2 | 1 | 5 | 9 |
| 8 | 5 | 3 | 2 | 7 | 4 | 9 | 1 | 6 |
| 6 | 7 | 1 | 5 | 8 | 9 | 3 | 4 | 2 |
| 9 | 2 | 4 | 6 | 1 | 3 | 7 | 8 | 5 |

ଗତକାଲିର ଉତ୍ତର

# ଜାତି ନୁହେଁ, ବିକାଶର କାର୍ଡ ଖେଳୁଛୁ: କନକବର୍ଦ୍ଧନ

ନୂଆପଡ଼ା,୨୮।୧୦ (ମକାରୁ ବେମାଲ)

୨୦୨୪ ନିର୍ବାଚନୀ ଇସ୍ତାହାରରେ ଯାହା କହିଥିଲୁ ତୋଟି ଗୋଟି କରି ୫୦ ପ୍ରତିଶତ ପୂରଣ କରିସାରିଲୁଣି। ଆମ ଶାସନ କାଳ ଭିତରେ ବାକି ଯାହା ରହିଛି ତାହା ପୂରଣ କରି ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବୁ। ମୁଖ୍ୟମନ୍ତ୍ରୀ ନୂଆପଡ଼ା ଗସ୍ତ ସମୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୧୪ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇ ସାରିଛନ୍ତି ବୋଲି ନୂଆପଡ଼ା ଜିଲା ଖରିଆର ରୋଡ଼୍ ଗୁଜରାଟୀ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହା କହିଛନ୍ତି। ସେ ଆହୁରି କହିଥିଲେ, ରାଜ୍ୟରେ ଭାଜପା ସରକାରକୁ ମାତ୍ର ୧୭ ମାସ ହୋଇଛି। ୨୪ ବର୍ଷ ଶାସନ କରିଥିବା ସରକାର ଯାହା କରିପାରି ନ ଥିଲା ୧୭ ମାସର ସରକାର ତାହା କରି ଦେଖାଇଛି। ପୂର୍ବରୁ ଧାନ କୁଇଣ୍ଟାଲ ୧୩ ଶହ ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୩୧ ଶହ ଟଙ୍କାରେ ପହଞ୍ଚିଛି। ସେହିପରି ଛାତ୍ରବୃତ୍ତି, ସୁଭଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନା, ଅନ୍ତ୍ୟୋଦୟ ଯୋଜନା, ଆୟୁଷ୍ମାନ ଭଳି ଅନେକ ଯୋଜନା କାର୍ଯ୍ୟକାରୀ ହୋଇଛି। ଆମେ ଆଗରୁ କହିଥିଲୁ ଏବେ ମଧ କହୁଛୁ, ନୂଆପଡ଼ାର ବିକାଶ ହେଲେ ରାଜ୍ୟ ବିକାଶ ହେବ। ଆମେ କୌଣସି ଜାତିର କୁହେଁ, ବିକାଶର କାର୍ଡ ଖେଳୁଛୁ। ନିର୍ବାଚନ ସମସ୍ତ ସମାଜକୁ ନେଇ ଲଢ଼ାଯାଏ, କୌଣସି ଜାତିକୁ ନେଇ ନୁହେଁ। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ବହୁମତରେ ବିଜୟୀ ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଥିଲେ। ସେହିପରି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ, କେନ୍ଦ୍ର ସରକାରଙ୍କ ସୁଶାସନ ଯୋଗୁ ୨୦୨୪ରେ ରାଜ୍ୟରେ ସରକାର ଗଠନ କରିପାରିଛୁ। ରାଜ୍ୟ ମଧ ବିକାଶପଥରେ ଆଗେଇ ଚାଲିଛି। ପୂର୍ବତନ ବିଧାୟକ ସ୍ୱର୍ଗତ ଢୋଲକିଆ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ୪ଥର ବିଧାୟକ ହୋଇ ବିକାଶ ପଥରେ ଆଗେଇ ନେଇଥିଲେ। ତାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବା ପାଇଁ ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେଇଛନ୍ତି। ନୂଆପଡ଼ାରେ ମେଡିକାଲ କଲେଜ ପାଇଁ କେନ୍ଦ୍ରରୁ ଅନୁମୋଦନ ହୋଇସାରିଛି। ନିର୍ବାଚନ ସରିଲେ ଉଦ୍‌ଘାଟନ ହେବ। ନୂଆପଡ଼ା ଜିଲାରେ ବାଦନ ଏକ ବଡ଼ ସମସ୍ୟା। ଏହାକୁ କିପରି ରୋକାଯାଇପାରିବ ତା'ର ମଧ ବିକଳ୍ପ ବ୍ୟବସ୍ଥା କରିସାରିଛୁ ବୋଲି ମନମୋହନ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି କମଳେଶ ଦୀକ୍ଷିତ, ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ନାରାୟଣ ତ୍ରିପାଠୀ, ଭାଜପା ମୁଖପାତ୍ର ସୁଦୀପ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

# ସମୟ ଫେରିବ ନା ନାହିଁ

ନୂଆପଡ଼ା,୨୮।୧୦(ସୁଜିତ ମିଶ୍ର)



ନବୀନ ପଟ୍ଟନାୟକ



ସୁନୀଲ ବଂଶଲ

ନୂଆପଡ଼ା ଉପନିର୍ବାଚନର ପ୍ରଚାର ମୈଦାନକୁ ଅଧିକ ସରଗେ କରିବା ଲାଗି ସବୁ ଦଳର ବଡ଼ ନେତାମାନଙ୍କୁ ଡାକିବାର ଏକ ବ୍ୟବସ୍ଥା ଆରମ୍ଭ ହୋଇଗଲାଣି। ଭୋଟ ରଖିବା ଲାଗି ବିଜେଡି ପାଖରେ ଏକମାତ୍ର ବିକଳ୍ପ ଭାବେ ତାଙ୍କ ଦଳର ସଭାପତି ନବୀନ ପଟ୍ଟନାୟକ ରହିଥିବା ବେଳେ ସେମାନଙ୍କ ବହୁ ଦୁର୍ଗ ନେତା କହି ଶୁଣୁଛନ୍ତି ସେହିକ୍ରମରେ ନବୀନ ନୂଆପଡ଼ା ଆସନ୍ତା ୩ ଓ ୭ ତାରିଖରେ ପ୍ରଚାର କରିବା ପାଇଁ ନୂଆପଡ଼ା ଆସିପାରନ୍ତି ବୋଲି ଶୁଣାଯାଉଛି। ହେଲେ ଦଳକୁ ଭଲ ପାଉଥିବା କେତେକଙ୍କ ନେତାଙ୍କ କହିବା ଅନୁଯାୟୀ ଦୁଇ ଦୁଇ ଥର ନବୀନ ଆସିବା ପରେ ଯଦି ଦଳର ପ୍ରଦର୍ଶନ ତୃତୀୟ ସ୍ଥାନକୁ ଖସିଯାଏ କିମ୍ବା ଦୁଇ ନମ୍ବର ସ୍ଥାନରେ ରହିବାର ବ୍ୟବଧାନ ବଢ଼ିଯାଏ ତେବେ ସବୁଦିନ ଲାଗି ଦଳର ଆଶାବାଦି ନିରାଶାର ଏକ ମୁଖ ଅଧ୍ୟାୟ ସୃଷ୍ଟି କରିବ ଏପରି ମଧ ହୋଇପାରେ ନବୀନଙ୍କ ନାଁ ନେବାକୁ ଜନ ପ୍ରତ୍ୟକ୍ଷ ଆରମ୍ଭ କରି ରାଜ୍ୟ ପ୍ରଚାର ନେତାମାନେ ସବୁଦିନ ପାଇଁ ତାଙ୍କ ମାନସିକତା ବଦଳାଇ ପାରନ୍ତି। ଏହା ଉପନିର୍ବାଚନରେ ଭାଜପାର ପରିସ୍ଥିତି ସମ୍ପର୍କରେ ପ୍ରଶ୍ନ ଅନୁଧ୍ୟାନ କରିବା ଲାଗି ଆସନ୍ତା ଗୁରୁବାର ଦଳର କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ନୂଆପଡ଼ାରେ ପହଞ୍ଚିବେ। ହେଲେ ଏଥର ଆଉ ଓଡ଼ିଶାକୁ ଭାଜପା ଚେହେରା ଭାବେ ପ୍ରଚାର କରିବାକୁ କେନ୍ଦ୍ରର କୌଣସି ବଡ଼ ନେତା ଆସୁ ନ ଥିବା ଶୁଣିବାକୁ ମିଳୁଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିଁ ତାଙ୍କ ଦଳ ପ୍ରଚାରର ମୁଖ୍ୟ ଆକର୍ଷଣ ହେବେ। ରାଜନୈତିକ ବିଶ୍ଳେଷକଙ୍କ କହିବା ଅନୁଯାୟୀ ୨୦୨୪ ନିର୍ବାଚନ ହାରିବା ପରେ ଏହି ଉପନିର୍ବାଚନରେ ନବୀନ ପ୍ରଚାର ତାଙ୍କ ଦଳକୁ ଜିତାଇବାର ରାସ୍ତା ଦେଖାଇ ନ ପାରେ, ତା'ହେଲେ ଜନସାଧାରଣ ଧରିନେବେ ସମୟ ସରିଗଲା ଆଉ ଫେରିବନି।

# ବିଜେଡିରେ ବସନ୍ତ ପଣ୍ଡାଙ୍କ ପୁତୁରା ହରିଶ୍ଚନ୍ଦ୍ର

ନୂଆପଡ଼ା,୨୮।୧୦ (ପିତାମ୍ବର ସାହୁ)



ହରିଶ୍ଚନ୍ଦ୍ର ପଣ୍ଡା

ଭାଜପାର ପୂର୍ବତନ ରାଜ୍ୟ ସଭାପତି ତଥା ନୂଆପଡ଼ାର ପୂର୍ବତନ ବିଧାୟକ ବସନ୍ତ ପଣ୍ଡାଙ୍କ ପୁତୁରା ହରିଶ୍ଚନ୍ଦ୍ର ପଣ୍ଡା ମଙ୍ଗଳବାର ବିଜେଡିରେ ଯୋଗଦେଇଛନ୍ତି। ହରିଶ୍ଚନ୍ଦ୍ର ସନ୍ଧ୍ୟାରେ ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ ଶଙ୍ଖ ଭବନରେ ଆନୁଷ୍ଠାନିକ ଭାବେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଦେବାଶିଷଙ୍କର ମିଶ୍ର ତାଙ୍କୁ ସ୍ୱାଗତ କରିଥିଲେ। ହରିଶ୍ଚନ୍ଦ୍ର ନୂଆପଡ଼ାରେ ଜଣେ ସୁସଂଗଠକ।

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**RECRUITMENT NOTICE FOR THE POST OF PROGRAM ASSISTANT FOR MBA HEALTH CARE MANAGEMENT AND LAW COURSE**

The National Law University Odisha (Cuttack) is inviting applications for the post of Program Assistant for MBA Health care Management and Law Course. Last date & time of receipt of filled in application is 06.11.2025 at 05.00 P.M. for details please visit website- www.nluo.ac.in.

Sd/- Registrar

# ସୁଭଦ୍ରା ନାଁରେ ମହିଳାଙ୍କୁ ଭ୍ରମିତ କରାଯାଉଛି: କଂଗ୍ରେସ

ନୂଆପଡ଼ା,୨୮।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲେ ମଧ ଭାଜପା ଜିଲା କାର୍ଯ୍ୟାଳୟଠାରେ ଆୟୋଜିତ ସୁଭଦ୍ରା ଶକ୍ତି ସମାବେଶରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିର୍ବାଚନ ପ୍ରଚାର କରିଛନ୍ତି। ଏହା ଦ୍ୱାରା ସେ ଖୋଲାଖୋଲି ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ବୋଲି ମଙ୍ଗଳବାର ନୂଆପଡ଼ା ଖୁଣ୍ଟିଆ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ କଂଗ୍ରେସ ମୁଖପାତ୍ର ସୋନାଲି ସାହୁ କହିଛନ୍ତି। ସେ ଆହୁରି କହିଥିଲେ, ସୁଭଦ୍ରା ଯୋଜନା ନାମରେ ଭୋଟ ହାତେଇବା ପାଇଁ ଭାଜପା ଲୋକଙ୍କୁ ଭ୍ରମିତ କରୁଛି। ୨୦୨୪ ନିର୍ବାଚନ ସମୟରେ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ଦେବୁ ବୋଲି କହିଥିଲେ। ସେଥିପାଇଁ ଏବେ ବର୍ଷକୁ ଦୁଇ କିସ୍ତିରେ ୫ ହଜାର ଲେଖାଏଁ ୧୦ ହଜାର ଟଙ୍କା ଦେବେ ବୋଲି କହୁଛନ୍ତି। ଅର୍ଥାତ୍ ଜଣ ପିଛା ଦିନକୁ ୨୭ ଟଙ୍କା ପଡ଼ିଲା। ୨୭ ଟଙ୍କାରେ କ୍ଷୀର ଗୋଟିଏ ପ୍ୟାକେଟ ମିଳୁନାହିଁ। ମହିଳାମାନେ ସ୍ୱାବଲମ୍ବୀ ହେବେ କୁଆଡ଼ୁ। ଡବଲ ଇଞ୍ଜିନ ସରକାରଠାରେ ଟଙ୍କା ନାହିଁ।

# ନୂଆପଡ଼ାର ଉନ୍ନତି ଏକମାତ୍ର ସଂକଳ୍ପ



ନିର୍ବାଚନ ପ୍ରଚାରରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ।

ନୂଆପଡ଼ା,୨୮।୧୦ (ମକାରୁ ବେମାଲ)

ନୂଆପଡ଼ାର ଉନ୍ନତି ଏକମାତ୍ର ସଂକଳ୍ପ କହି ଲୋକଙ୍କୁ ଭେଟୁଛନ୍ତି ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ। ମଙ୍ଗଳବାର ସକାଳେ ସେ ଖରିଆର ରୋଡ ଏନ୍‌ଏସିରେ ଆୟୋଜିତ ସଭାରେ ସ୍ଥାନୀୟ ଲୋକଙ୍କ ସହ ବେଶ୍ କିଛିସମୟ ଧରି ଆଲୋଚନା କରିଥିଲେ। ଖରିଆରର ଲୋକମାନେ ତାଙ୍କୁ ସ୍ୱାଗତ କରି ଆଗାମୀ ଉପନିର୍ବାଚନରେ ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ ଛୁରିଆ ନବୀନ ପଟ୍ଟନାୟକଙ୍କ ବିକାଶଧାରାକୁ ନୂଆପଡ଼ାବାସୀ ସ୍ୱୀକୃତି ଦେଉଛନ୍ତି। ଲୋକମାନଙ୍କ ଆଶା ଓ ଆକାଂକ୍ଷାକୁ ସେ ଶୁଣିବା ସହ ସବୁ ପରିସ୍ଥିତିରେ ଖରିଆର ରୋଡ଼ବାସୀଙ୍କ ସହ ଛିଡ଼ାହେବା ପାଇଁ ଆଶ୍ୱାସନା ଦେଇଥିଲେ। ଅଞ୍ଚଳର ଉନ୍ନତି ସହିତ ପ୍ରତ୍ୟେକ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ନିରନ୍ତର ଉଦ୍ୟମ କରିବେ ବୋଲି କଥା ଦେଇଥିଲେ। ବିଶେଷ କରି ଭିତ୍ତିଭୂମି ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତିକରଣ ଓ ଯୁବ ନିଯୁକ୍ତିକୁ ଗୁରୁତ୍ୱ ଦେବାରେ ଅବହେଳା କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇ ଲୋକଙ୍କ ସମର୍ଥନ ଲୋଡ଼ିଥିଲେ।

# ଜୟଙ୍କ ପାଇଁ ଭୋଟ ମାଗୁଛନ୍ତି ମା'

ନୂଆପଡ଼ା,୨୮।୧୦ (ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ମଙ୍ଗଳବାର ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ତାଙ୍କ ମା' କଳ୍ପନା ଢୋଲକିଆ ଘର ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ତାଙ୍କ ସହ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ଓ ଅନ୍ୟ ନେତାମାନେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ କୋମନା ବ୍ଲକ ରଜନା ପଞ୍ଚାୟତ ମୁଖ୍ୟାଳୟରେ ଏକ ନିର୍ବାଚନୀ ସଭା ଆୟୋଜନ ହୋଇଥିଲା। ଏଥିରେ କଳାହାଣ୍ଡି ଏମ୍‌ପି ମାଳବିକା ଯୋଗଦେଇ ଡବଲ ଇଞ୍ଜିନ ସରକାରର ଲାଭ କିଭଳି ଓଡ଼ିଶାବାସୀ ପାଉଛନ୍ତି ତାହା କହିଥିଲେ। ଭାଜପା ପ୍ରାର୍ଥୀ ଜୟ ବିଜୟୀ ହେଲେ ଟ୍ରିପଲ ଇଞ୍ଜିନ ସରକାରରେ ନୂଆପଡ଼ାର ବିକାଶ କ୍ଷିପ୍ର ହେବ ବୋଲି କହିଥିଲେ।



ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ମା' କଳ୍ପନା ଢୋଲକିଆ ଭୋଟ ମାଗୁଛନ୍ତି। ନିକଟରେ ଅଛନ୍ତି କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ (ବାମ)।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-34, ତା.22.10.2025ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ସ୍ୱଳ୍ପ ଲୋଡ଼ ବିଶିଷ୍ଟ ଉପକରଣ (LHS), ରୋଲକ୍ରସିଂରେ ... RV-108, JT-55, JT-74, JT-75, JT-24, JT-29, JT-37, JT-36, JT-39, JT-41, JT-51, JT-56, JT-69, JT-80, ST-38, ST-83, JT-01A, ST-14, ST-24, ST-45, JT-01, JT-07, JT-30, JT-34, JT-43, RV-63, RV-67, RV-137, କି.ମି.ସଂ.111/7-8 ... (HATB)-ଜୁଜୁମୁରା(JUJA)] ... କି.ମି. ସଂ.527/6-7 ... (BXQ) ... 552/12-14 ... (SLRA) ... (SSN)]

ଟେଣ୍ଡର ମୂଲ୍ୟ (₹): 3,45,28,366.35, ବିଡ୍ ସିକ୍ୟୁରିଟି (₹): 2,22,700.00

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.11.2025 ରିଖ 1100 ଘଣ୍ଟାରେ।

ଅଧିକ ତଥ୍ୟ ପାଇଁ www.ireps.gov.in

ମଣ୍ଡଳ ରେଳବେ ଏବଂ ଦୂରସଞ୍ଚାର ଯନ୍ତ୍ରୀ (Tele), ସମ୍ବଲପୁର

PR-730/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ଇଞ୍ଜିନିୟର ... www.ireps.gov.in ...

(PR-775)

ମହାବାତ୍ୟାକୁ ୨୬ ବର୍ଷ

# ମହାବାତ୍ୟା ନାଁ ଶୁଣିଲେ ଶିହରି ଉଠନ୍ତି ଏରସମାବାସୀ



ନୂତନ ମୁହାଣ ସ୍ଥାନରେ ବହ୍ମା ପୋତି ବାଲିବସ୍ତା ପକାଇ ବନ୍ଧ କରାଯାଉଛି।



ଅସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳ।

ଏରସମା, ୨୮।୧୦ (ଦୀପ୍ତି ଖଣ୍ଡୁଆଳ)

୧୯୯୯ ମହାବାତ୍ୟାକୁ ବୁଧବାର ୨୬ ବର୍ଷ ପୂରିବ। କିନ୍ତୁ ଆଜିବି ସେଦିନ କଥା ମନେପଡ଼ିଲେ ଦେହ ଶିହରି ଉଠେ। ୧୯୯୯ ଅକ୍ଟୋବର ୨୯ ତାରିଖ ଥିଲା ଏରସମାବାସୀଙ୍କ ପାଇଁ କାଳରାତ୍ରି। ୩୫୦କି.ମି ବେଗରେ ପବନ ବୋହିବା ସହ ସମୁଦ୍ରରୁ ୩୦ ଫୁଟ ଉଚ୍ଚର ଲୁଣା ଜୁଆର ଉଠି ସବୁ ନିଶ୍ଚିହ୍ନ ହୋଇଯାଇଥିଲା। ଘର ଦ୍ୱାର ଧ୍ୱଂସ ହୋଇଯାଇଥିଲା। ଗଛ ଲତା ଭାଙ୍ଗିଯାଇଥିଲା। ଗୃହପାଳିତ ପ୍ରାଣୀ ଅକାଳରେ ପ୍ରାଣ ହରାଇଲେ। ସରକାରୀ ହିସାବ ଅନୁସାରେ, ଏହି ବ୍ଲକରୁ ୧୦ ହଜାର ଲୋକଙ୍କର ଅକାଳ ବିୟୋଗ ଘଟିଲା। ମହାବାତ୍ୟା ଏରସମାବାସୀଙ୍କ ମନରେ ଯେଉଁ କ୍ଷତ ସୃଷ୍ଟି କରିଛି, ତାହା ଚିରଦିନ ସ୍ମୃତିପଟରେ ଅଲିଭା ହୋଇ ରହିବ। ଅକ୍ଟୋବର ମାସ ଆସିଲେ କି ସମୁଦ୍ରରେ ଲଘୁଚାପ ସୃଷ୍ଟି ହେଲେ ଏରସମାବାସୀଙ୍କ ଲୋମ ଟାଙ୍କୁରି ଉଠେ। ଏହା ମଧ୍ୟରେ ଅନେକ କିଛି ପରିବର୍ତ୍ତନ ଘଟିଛି। ବିନାଶ ଭିତରୁ ବିକାଶର ସୂତ୍ରପାତ ହୋଇଛି। ତଥାପି ବିଭିନ୍ନ କ୍ଷେତ୍ରରେ ହୋଇଥିବା କ୍ଷତି ଅପୂରଣୀୟ ହୋଇ ରହିଯାଇଛି। ୨୦୦୮ରେ ସମୁଦ୍ର ଜଳପ୍ଲବନ ଆଶାତୀତ ବୃଦ୍ଧି ଘଟିଥିଲା। ଜୁଆର ମାଡ଼ରେ ଉପକୂଳ ଜଙ୍ଗଲ ନଷ୍ଟ ହେବା ସହ ଉପକୂଳର ବାଲୁକା ସ୍ତୂପ କ୍ଷୟ ହେବାରେ ଲାଗିଲା। ଜୁଆର କୂଳପୂର୍ଣ୍ଣ ହେଲା। ୨୦୧୬ରେ ଶିଆଳି ସମୁଦ୍ର ବେଳାଭୂମି ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଲା। ମାତ୍ର ପର୍ଯ୍ୟଟନ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଗଲା ନାହିଁ। ସମୁଦ୍ର ଦର୍ଶନ ପାଇଁ ନିର୍ମାଣ କରାଯାଇଥିବା ଭିୟୁ ଟାୱାର ଜୁଆର ମାଡ଼ରେ ଅସୁରକ୍ଷିତ ହୋଇପଡ଼ିବାରୁ ପ୍ରଶାସନ ଭାଙ୍ଗିଦେଇଛି। ଅପରପକ୍ଷେ ସେସ୍ୱେଲଗରେ ଜୁଆରର କୂଳ ଲଂଘିବା ସହ ରାମତରା ଗ୍ରାମ ନିକଟରେ ମୁହାଣ ସୃଷ୍ଟି କରିଛି। ତାକୁ ଲୁଣା ଓ ଡେବଙ୍କ ବିଭାଗ ପକ୍ଷରୁ ଖାଞ୍ଜି ବାଲିବସ୍ତା ପକାଯାଇ ସାମୟିକ ଜୁଆର ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ମାତ୍ର ଏପର୍ଯ୍ୟନ୍ତ ଏହି ବ୍ଲକରେ ୫୪ଟି ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଇଥିଲେ ମଧ ସେଥିରୁ ଅଧିକାଂଶ ଅସୁରକ୍ଷିତ ଅବସ୍ଥାରେ ରହିଛି।



୧୯୯୯ ବାତ୍ୟାରେ ପ୍ରାଣ ହରାଇଥିବା ଲୋକଙ୍କ ଲାଗି ନିର୍ମାଣ ହୋଇଥିବା ସ୍ମୃତିସ୍ତମ୍ଭ।

## ମହାବାତ୍ୟା ସହ ମୋନ୍ଥାର ସଂଯୋଗ ଅକ୍ଟୋବର ୨୯

ପାରାଦୀପ, ୨୮।୧୦(ଶରତ ରାଉତ)

ଉପକୂଳ ଓଡ଼ିଶା ପାଇଁ ଅକ୍ଟୋବର ୨୯ ଏକ ଚିର ପରିଚିତ ନାମ। କାରଣ ୧୯୯୯ ମହାବାତ୍ୟା ସେହି ୨୯ ତାରିଖରେ ସଂଘଟିତ ହୋଇ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ବ୍ୟାପକ କ୍ଷୟକ୍ଷତି କରିଥିଲା। ସଂଯୋଗବଶତଃ ୨୬ବର୍ଷ ପରେ ସେହି ୨୯ ତାରିଖରେ ପୁଣି ବାତ୍ୟା ମୋନ୍ଥା ଘନୀଭୂତ ହୋଇଛି। ଯଦିଓ ବାତ୍ୟା ମନ୍ଥା ମହାବାତ୍ୟା ଭଳି ନୁହେଁ, କିନ୍ତୁ ସେ ଦେଇ ଚର୍ଚ୍ଚା ଜୋର ଧରିଛି। ୧୯୯୯ ମହାବାତ୍ୟା ପାରାଦୀପ ତଥା ଏରସମା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ସେତେବେଳେ ପ୍ରାୟ ୧୦ ହଜାର ଲୋକଙ୍କ ଜୀବନହାନି ଘଟିଥିଲା। ମହାବାତ୍ୟାର ସମ୍ମୁଖୀନ ହୋଇଥିବା ଲୋକେ ଏବେବି ସେହି କରାଳ ଦୃଶ୍ୟ କଥା ଭାବି ଶିହରି ଯାଉଛନ୍ତି। ବର୍ତ୍ତମାନ ଯେମିତି ବାତ୍ୟାର ନାମକରଣ କରାଯାଉଛି କିମ୍ବା ସୂଚନା ପ୍ରଯୁକ୍ତିବିଦ୍ୟା ବଳରେ କିଛି ଦିନ ପୂର୍ବରୁ ପୂର୍ବାନୁମାନ କରାଯାଉଛି, ସେତେବେଳେ ସେମିତି ପ୍ରସ୍ତୁତି ହେଉ ନ ଥିଲା। ଏହାଦ୍ୱାରା ଅନେକ ଲୋକ ବାସଭବନରେ ରହି ଯାଇଥିଲେ। ଫଳରେ ଅନେକ ଜୀବନ ହାନି ହୋଇଥିଲା।

**ନାମାଙ୍କିତ କର୍ତ୍ତୃପକ୍ଷ, କୋଇଲା ମନ୍ତ୍ରଣାଳୟ, ଭାରତ ସରକାର**

୧୨୦, ଏଫ୍-ୱିଙ୍ଗ୍, ୧ମ ମହଲା, ଶାସ୍ତ୍ରୀ ଭବନ, ନୂଆଦିଲ୍ଲୀ-୧୧୦୦୦୧, ୦୧୧-୨୩୩୮୪୧୦୬

"କୋଇଲା ବିକ୍ରୟ ନିମନ୍ତେ କୋଇଲା ଖଣି/ବ୍ଲକ୍‌ଗୁଡ଼ିକର ନିଲାମ ବିଡ୍ ଆହ୍ୱାନ"

କୋଇଲା ଖଣି (ସ୍ୱତନ୍ତ୍ର ବ୍ୟବସ୍ଥାପନ) ଅଧିନିୟମ, ୨୦୧୫ର ଧାରା ୪(୧) ଏବଂ ୪(୨) ତଥା ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟାମକ) ଅଧିନିୟମ, ୧୯୫୭ର ଧାରା ୧୧ଏରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ତଥା ତାହା ଅଧୀନରେ ଗଠିତ ନିୟମାବଳୀ ଅନୁଯାୟୀ, ଭାରତ ସରକାର ସିଏମ୍ (ଏସ୍‌ପି) ଅଧିନିୟମ, ୨୦୧୫ର ୧୪ତମ ପର୍ଯ୍ୟାୟ ତଥା ଏମ୍ଏମ୍‌ଡିଆର ଅଧିନିୟମ, ୧୯୫୭ର ୧୧ତମ ପର୍ଯ୍ୟାୟ ଅଧୀନରେ କୋଇଲା ଖଣି/ବ୍ଲକ୍ ନିଲାମ ନିମନ୍ତେ ନାମାଙ୍କିତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଟେଣ୍ଡର ପ୍ରକ୍ରିୟା ବୁଧବାର, ୨୯ ଅକ୍ଟୋବର, ୨୦୨୫ଠାରୁ ଆରମ୍ଭ ହେଉଛି। ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ ନିମ୍ନଲିଖିତ ୱେବ୍‌ସାଇଟରେ ଦେଖାଯାଇପାରିବ https://www.mstcecommerce.com/auctionhome/coalblock/index.jsp।

CBC 04107/11/0002/2526

**Canara Bank** ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ

ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୨, ମାଛୁଆ ବଜାର, ପାଣ୍ଡାଳୁକୁ ପଡ଼ାପାର୍ଶ୍ୱ, କଟକ-୭୫୩୦୦୧

ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍

ପ୍ରାସ୍ପେକ୍ଟ, (ନିମ୍ନଲିଖିତ ଆବାସଗୃହର ସମସ୍ତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| କ୍ର. ନଂ. | ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ବକେୟା ରାଶି |
|---|---|---|---|
| | ଓସ୍ତପୁର ଶାଖା (୪୯୭୭) | | |
| ୧. | ଋଣଗ୍ରହୀତାମାନେ: ୧) ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ... ଶ୍ରୀମତୀ ନମସ୍ମିତା ରାଉତରାୟ, ... ଅଶିତ କୁମାର ମହାନ୍ତି, ... କଟକ, ପିନ-୭୫୪୨୦୪ | ଅଶିତ କୁମାର ମହାନ୍ତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ... | ୦୪.୦୮.୨୦୨୫ / ୨୪.୧୦.୨୦୨୫ / ୨୮.୧୦.୨୦୨୫ ସୁଦ୍ଧା ଟ.୧୩,୪୨,୦୪୯.୧୭ |

ଉକ୍ତ ଆଇନର ଧାରା ୧୩(୮) ଅନୁଯାୟୀ ... ସର୍ବସାଧାରଣ ନୋଟିସ୍ ...

ସ୍ଥାନ: କଟକ, ତାରିଖ: ୨୮.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



ଏରସମା ସମୁଦ୍ର ଉପକୂଳ ଅଞ୍ଚଳ ହୋଇଥିବାରୁ ବର୍ଷରେ ଅଧିକାଂଶ ସମୟରେ କୂଳ ଲଂଘୁଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ସରକାର ପଦକ୍ଷେପ ନେବା ଉଚିତ। - ଶେଖ ଅବଦୁଲ ଲତିଫ୍, ଗ୍ରାମବାସୀ



ବହୁମୁଖୀ ବାତ୍ୟାଆଶ୍ରୟ ସ୍ଥଳଗୁଡ଼ିକ ସହ ୯ଟି ଆଶ୍ରୟ ସ୍ଥାନ ପୁନଃରୁଦ୍ଧାର କରାଯାଉଛି। ଖୁବ୍‌ଶୀଘ୍ର ଅନ୍ୟ ଆଶ୍ରୟସ୍ଥଳଗୁଡ଼ିକର ମରାମତି ପାଇଁ ପ୍ରସ୍ତାବ ଦିଆଯାଇ କାର୍ଯ୍ୟାରମ୍ଭ କରାଯିବ। - ଦାଶରଥି ଜେନା, ବିଡିଓ



ସାଗର ମାଳା ପ୍ରକଳ୍ପ କାଗଜ ପତ୍ରରେ ସୀମିତ ରହିଯାଇଛି। ଉପକୂଳରେ ସ୍ଥାୟୀ ପଥର ବନ୍ଧ ନିର୍ମାଣ କରିବା ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେବା ଉଚିତ। - କେଶବ ପାତ୍ର, ପୂର୍ବତନ ସରପଞ୍ଚ

# ବିଳମ୍ବିତ ରାତିରେ ଡାକ୍ତରଙ୍କୁ ମାରଣାସ୍ତ୍ର ଦେଖାଇ ହତ୍ୟା ଧମକ

ଭୁବନେଶ୍ୱର,୨୮।୧୦(ସତ୍ୟଜିତ୍ ରାଉତ)

ରାଜଧାନୀରେ ବିଳମ୍ବିତ ରାତିରେ ଜଣେ ଡାକ୍ତରଙ୍କୁ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ହତ୍ୟା ଧମକ ଦେଇଛନ୍ତି। ଇନ୍‌ଫୋସିଟି ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଏନେଇ ଡାକ୍ତର ବି.ଏସ୍.ଏଲ୍. ରଥ ଇନ୍‌ଫୋସିଟି ଥାନାରେ ଏତଲା ଦେଇଥିବାବେଳେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ତେବେ ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିପାରିନାହିଁ। ତେଣୁ ଅଭିଯୋଗକାରୀ ଡା. ରଥ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୨ଟା ୫୦ରେ ଡାକ୍ତର ରଥ କ୍ଲିନିକ୍‌ରୁ କାମ ସାରି କାର୍‌ରେ ପ୍ରଶାନ୍ତିବିହାରସ୍ଥିତ ଘରକୁ ଯାଉଥିଲେ। ଏହି ସମୟରେ ଏକ ବାଇକ୍ ଓ ସ୍କୁଟିରେ ୬ ଜଣ ଦୁର୍ବୃତ୍ତ ଆସି ତାଙ୍କ ଗାଡ଼ି ଅଟକାଇଥିଲେ। ଡା. ରଥଙ୍କୁ ଅଭିଯୁକ୍ତମାନେ ଗାଳିଗୁଲଜ କରିବା ସହ ଖଣ୍ଡା, ଭୁଜାଲି ଆଦି ଦେଖାଇ ହତ୍ୟା ଧମକ ଦେଇଥିଲେ। ଡା. ରଥ ଭୟରେ ତୁରନ୍ତ ଗାଡ଼ି ଷ୍ଟାର୍ଟ କରି ଘର ଆଡ଼କୁ ଚାଲିଯାଇଥିଲେ। ସେ ଘରକୁ ଯାଇ ସୁରକ୍ଷାକର୍ମୀଙ୍କୁ ଜଣାଇ ଗେଟ୍ ବନ୍ଦ କରିଦେଇଥିଲେ। ଅନ୍ୟପକ୍ଷରେ ଦୁର୍ବୃତ୍ତମାନେ ପଳାଇଯାଇଥିଲେ। ଏ ସଂକ୍ରାନ୍ତରେ ସେ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଆଜି ନନ୍ଦନକାନନ, ବଟାନିକାଲ ଗାର୍ଡେନ ବନ୍ଦ

ବାରଙ୍ଗ,୨୮।୧୦(ଲିଙ୍ଗରାଜ ରାଉତ)

ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ବୁଧବାର ପର୍ଯ୍ୟଟକଙ୍କ ପାଇଁ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ବନ୍ଦ ରହିବ। ବାତ୍ୟା ପ୍ରକୋପରେ ଜୀବଜନ୍ତୁ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଭୟ ପାର୍କକୁ ଗୋଟିଏ ଦିନ ବନ୍ଦ ରଖାଯାଇଛି ବୋଲି ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ମଙ୍ଗଳବାର ସୂଚନା ଦେଇଛନ୍ତି। ମଙ୍ଗଳବାର ରାତିରେ 'ମୋନ୍ଥା' ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାର ପ୍ରଭାବ କାଳେ ନନ୍ଦନକାନନରେ ପଡ଼ିବ, ସେ ନେଇ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢିଯାଇଛି। ନନ୍ଦନକାନନରେ ବନ୍ୟ ଜୀବଜନ୍ତୁଙ୍କୁ କିଭଳି ସୁରକ୍ଷା ଦିଆଯିବ, ସେଥିପାଇଁ ବିଭିନ୍ନ ବ୍ୟବସ୍ଥା ହାତକୁ ନିଆଯାଇଛି।

## କର୍ମଚାରୀଙ୍କ ଛୁଟି ବାତିଲ, ପଶୁପକ୍ଷୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

ପୂର୍ବରୁ ବିଭିନ୍ନ ସମୟରେ ହୋଇଥିବା ବାତ୍ୟା ନନ୍ଦନକାନନକୁ ଶ୍ରୀହୀନ କରିଦେଇଥିଲା। ଏବେ ବାତ୍ୟା ମୋନ୍ଥା କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି। ଜୀବଜନ୍ତୁଙ୍କର ଯେଭଳି କୌଣସି ଅସୁବିଧା ନ ହେବ, ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ବାତ୍ୟା ସମୟରେ ଜୀବଜନ୍ତୁଙ୍କ ସୁରକ୍ଷା ଓ ପରବର୍ତ୍ତୀ ସମୟରେ ଏହାର ମୁକାବିଲା ନିମନ୍ତେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ କର୍ମଚାରୀମାନଙ୍କୁ ନନ୍ଦନକାନନ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉଭୟ ପାର୍କର କର୍ମଚାରୀମାନଙ୍କୁ ସଜାଗ ରହିବାକୁ କୁହାଯାଇଛି। ମଙ୍ଗଳବାରଠାରୁ ୨୪ ଘଣ୍ଟିଆ ଡ୍ୟୁଟି ଆରମ୍ଭ ସହ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ନିର୍ଦ୍ଦେଶକଙ୍କ ମାର୍ଗଦର୍ଶନରେ ପାର୍କ ପ୍ରଶାସନ ସମସ୍ତ ସ୍ତରରେ ନିର୍ଦ୍ଦେଶନାମା ଜାରି କରି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଉପନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି। ସହାୟକ ବନ ସଂରକ୍ଷକଙ୍କ ନେତୃତ୍ୱରେ ଏବଂ ଉପନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଏକ ୨୪x୭ ନିୟନ୍ତ୍ରଣ କକ୍ଷ କରାଯାଇଛି। ସମସ୍ତଙ୍କ ଛୁଟି ବାତିଲ କରାଯିବା ସହ ରେଞ୍ଜ ଅଧିକାରୀ ଏବଂ ଫ୍ରଣ୍ଟଲାଇନ କର୍ମଚାରୀଙ୍କୁ ପାର୍କ ପରିସରରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରୁରିକାଳୀନ ପରିସ୍ଥିତିରେ ତୁରନ୍ତ ସହାୟତା ପାଇଁ ପୋଲିସ, ଅଗ୍ନିଶମ ସେବା, ବିଦ୍ୟୁତ୍ ବିଭାଗ ସହିତ ଆଗୁଆ ଯୋଗାଯୋଗ କରାଯାଇଛି। ବାତ୍ୟା ସମୟରେ ପଶୁପକ୍ଷୀଙ୍କୁ ରାତ୍ରି ଆଶ୍ରୟସ୍ଥଳରେ ରଖିବାକୁ କର୍ମଚାରୀଙ୍କୁ କୁହାଯାଇଛି। ପର୍ଯ୍ୟାପ୍ତ ପରିମାଣର ଔଷଧ, ସାପ ଆଣ୍ଟି-ଭେନମ୍ ସମେତ ପର୍ଯ୍ୟାପ୍ତ ଖାଦ୍ୟ ଏବଂ ଅତ୍ୟାବଶ୍ୟକ ପଶୁଚିକିତ୍ସା ସାମଗ୍ରୀ ମହଜୁଦ ରଖାଯାଇଛି।

ଡାକ୍ତରଖାନା ଏବଂ କର୍ମଚାରୀମାନେ ଯେ କୌଣସି ଆକସ୍ମିକ ପରିସ୍ଥିତି ପାଇଁ ସମ୍ପୂର୍ଣ୍ଣ ସଜାଗ ରହିବାକୁ କୁହାଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ତୁରନ୍ତ ଗଛ କାଟିବା ଓ ରାସ୍ତାଘାଟ ସଫା କରିବା, ଉଭୟ ପାର୍କରେ ପାଟ୍ରୋଲିଂ ୟୁନିଟ ସଜାଗ ରହିବା, ଡିଜିସେଟ୍ ଓ ଯାନବାହନ ପାଇଁ ପେଟ୍ରୋଲ ଓ ଡିଜେଲ ମହଜୁଦ ରଖିବା, ଜରୁରିକାଳୀନ ଆଲୋକୀକରଣ, ପାଣି ଯୋଗାଣ ଲାଗି ବ୍ୟବସ୍ଥା କରାଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସାରିବା ପାଇଁ କର୍ମଚାରୀମାନେ ସଜାଗ ରହିବାକୁ ଉପନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି।


ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ନବକୃତି-୨୦୨୫ ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।


ଗୀତଗୋବିନ୍ଦ ସଦନରେ ମଙ୍ଗଳବାର ଶରତ କର ଏବଂ ଅନିମା କର ଫାଉଣ୍ଡେଶନ ପକ୍ଷରୁ ୨ୟ ଶରତ କର ସ୍ମାରକୀ ବକ୍ତୃତାମାଳା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଶାରୀରିକ ସମ୍ପର୍କ ନ ରଖିଲେ ଭିଡିଓ ଭାଇରାଲ ଧମକ: ଯୁବକ ଗିରଫ

ବାଲକାଟୀ,୨୮।୧୦(ମନୋଜ ମଣ୍ଡଳ)

ଜଣେ ଯୁବକ ସୋସିଆଲ ମିଡିଆରେ ଜଣେ ଯୁବତୀଙ୍କ ସହ ପରିଚିତ ହେବା ପରେ ଭିଡିଓ କଲ୍ ମାଧ୍ୟମରେ ନିକଟତର ହୋଇଥିଲେ। ପରେ ଶାରୀରିକ ସମ୍ପର୍କ ରଖି ଭିଡିଓ ଭାଇରାଲ୍ କରିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ବାଲିଅନ୍ତା ଥାନା ଅନ୍ତର୍ଗତ ବାଲକାଟୀ ଫାଣ୍ଡି ଅଞ୍ଚଳରେ ଏହି ଘଟଣା ଘଟିଛି। ଅଭିଯୁକ୍ତ ହେଲେ ମୟୂରଭଞ୍ଜ ଜିଲ୍ଲା ବାରିପଦା ଟାଉନର ରାଜେଶ କୁମାର ମିଶ୍ର(୩୫)। ଫାଣ୍ଡିରେ ପୀଡ଼ିତା କରିଥିବା ଅଭିଯୋଗ ଅନୁଯାୟୀ ୨୦୨୨ ଫେବୃଆରୀ ୧୯ରେ ରାଜେଶଙ୍କ ସହ ସୋସିଆଲ୍ ମିଡିଆ ଜରିଆରେ ତାଙ୍କର ପରିଚୟ ହୋଇଥିଲା। ପରେ ସେମାନଙ୍କ ମଧ୍ୟରେ ସମ୍ପର୍କ ଘନିଷ୍ଠ ହୋଇଥିଲା। ଯୁବତୀଙ୍କ ସହ ରାଜେଶ ବାରମ୍ବାର ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ। ମାତ୍ର ପୀଡ଼ିତା ମନା କରିବାରୁ ରାଜେଶ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡ଼ିଓ ଭାଇରାଲ କରିବାକୁ ଧମକ ଦେଇଥିଲେ। ପୀଡ଼ିତା ଜଣଙ୍କ ଭୟ ଓ ବାଧ୍ୟବାଧକତାରେ ରାଜେଶଙ୍କୁ ଘରକୁ ଆଣିଥିଲେ। ପରେ ରାଜେଶ ଯୁବତୀଙ୍କ ଇଚ୍ଛା ବିରୋଧରେ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଏଥିସହ ପୀଡ଼ିତାଙ୍କ ନାମରେ ରାଜେଶ ଏକ ବ୍ୟାଙ୍କରେ ୩୫ଗ୍ରାମ ସୁନା ଋଣ ବାବଦରେ ଏକ ଲକ୍ଷ ଊଣେଇଶ ହଜାର ଟଙ୍କା ନେଇ ନିଜ ନାମରେ ଏକ ବାଇକ ମଧ୍ୟ କିଣିଥିବା ପୀଡ଼ିତା ଅଭିଯୋଗରେ ଦର୍ଶାଇଛନ୍ତି। ଯୁବତୀଙ୍କ ଅଭିଯୋଗକୁ ଭିତ୍ତି କରି ବାଲିଅନ୍ତା ଥାନା ପୋଲିସ ରାଜେଶଙ୍କୁ ସୋମବାର ଉଠାଇ ଆଣି ଅଟକ ରଖି ପଚରାଉଚରା କରି ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ରାଜେଶ ଆଗରୁ ଏକାଧିକ ଯୁବତୀଙ୍କ ସାଙ୍ଗରେ ସମାନ ଢଙ୍ଗରେ ସମ୍ପର୍କ ରଖି ଠକି ଥିବା ପୋଲିସ ଜାଣିବାକୁ ପାଇଛି। ଯୁବତୀଙ୍କ ଅଭିଯୋଗକୁ ଭିତ୍ତି କରି ବାଲିଅନ୍ତା ଥାନାରେ ଏକ ମାମଲା ରୁଜୁ କରିଛି।

# ୮ ରେଳ କର୍ମଚାରୀ ସମ୍ମାନିତ



ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଟ୍ରେନ୍ ପରିଚାଳନାର ନିରାପତ୍ତା ଓ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ୮ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। କେନ୍ଦୁଆପଦାରେ କାର୍ଯ୍ୟରତ ଟ୍ରାକ୍ ମେଣ୍ଟେନର-୩ ମିହିର କୁମାର ରାଉତ, ପାରାଦୀପରେ କାର୍ଯ୍ୟରତ ସିନିୟର ଗୁଡ୍ସ ଟ୍ରେନ୍ ମ୍ୟାନେଜର ଅନିଲ କୁମାର, ସମ୍ବଲପୁରରେ କାର୍ଯ୍ୟରତ ଟେକ୍ନିସିଆନ୍-୩/ଟିଏଲ୍ ଆଣ୍ଡ ଏସି ସିଦ୍ଧାନ୍ତ ଆଚାର୍ଯ୍ୟ, କୁମହାର ସୋଡ଼ରାରେ ଟ୍ରାକ୍ ମେଣ୍ଟେନର-ଇଇ ଭାବେ କାର୍ଯ୍ୟରତ ରାକେଶ କୁମାର, ଆଲମଣ୍ଡାରେ କାର୍ଯ୍ୟରତ ପଏଣ୍ଟସମ୍ୟାନ୍ 'ଏ' ଭାବେ କାର୍ଯ୍ୟରତ ଏମ୍. ରାମାରାଓ, ଭେଜା ଷ୍ଟେଶନରେ ଷ୍ଟେଶନମାଷ୍ଟର ଭାବେ କାର୍ଯ୍ୟରତ ଏ. ଦେବରଞ୍ଜନ ସ୍ୱାଇଁ, ମୁନିଗୁଡ଼ାରେ ଟ୍ରାକ୍ ମେଣ୍ଟେନର-ଇ ଭାବେ କାର୍ଯ୍ୟରତ ସୁରେନ୍ଦ୍ର ପାଲ ଏବଂ ଦକ୍ଷିଣ-କେନ୍ଦ୍ରୀୟ ରେଳପଥର ବିଜୟୱାଡ଼ା ମଣ୍ଡଳ ଅଧୀନରେ ସିନିୟର ଗୁଡ୍ସ ଟ୍ରେନ୍ ମ୍ୟାନେଜର ଭାବେ କାର୍ଯ୍ୟରତ ପାଦେଲା ବୀରା ଭେଙ୍କଟରମଣ ସେମାନଙ୍କ ନିୟମିତ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ଉପସ୍ଥିତ ବୁଦ୍ଧିର ପ୍ରଦର୍ଶନ କରି ଦ୍ରୁତ ଓ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି, ଯାହା ଟ୍ରେନ୍‌ଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନା ସୁନିଶ୍ଚିତ କରିବାରେ ସହାୟକ ହୋଇଛି।

# 'ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଛାତ୍ରୀଛାତ୍ର ଦକ୍ଷ ହୁଅନ୍ତୁ'

ଭୁବନେଶ୍ୱର, ୨୮।୧୦(ସୁଚିସ୍ମିତା ସାହୁ)

ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ୫ଦିବସୀୟ ଆବାସିକ ବ୍ୟାବହାରିକ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏକକାଳୀନ ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି)ରେ ଆଇଟି ଟ୍ରେଡ୍ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ ହାର୍ଡୱେୟାର ଟ୍ରେଡ୍ ସମ୍ପର୍କରେ ପ୍ରଶିକ୍ଷିତ କରାଯାଉଛି। ସିଟିଟିସି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ଦକ୍ଷ ହେବାକୁ ପ୍ରେରଣା ଦେଇଥିଲେ। ଛାତ୍ରୀଛାତ୍ରଙ୍କ କ୍ୟାରିୟର ଗଠନ ଦିଗରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଆୟୋଜିତ ଏହି ବ୍ୟାବହାରିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସହାୟକ ହେବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ସିଟିଟିସିର ସାଧାରଣ ପରିଚାଳକ ଏଲ୍. ରାଜଶେଖର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଧନ୍ଦାମୂଳକ କ୍ଷେତ୍ରରେ ଭବିଷ୍ୟତ ଗଠନ ନିମନ୍ତେ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ସ୍ୱାଗତ ଅଭିଭାଷଣ ଏବଂ ସିଟିଟିସିର ବରିଷ୍ଠ ପରିଚାଳକ ଏମ୍.କେ. ରାଜନ ଧନ୍ୟବାଦ ଦେଇଥିଲେ। ସେହିପରି ବିଶ୍ୱ ଦକ୍ଷତା କେନ୍ଦ୍ରରେ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ପ୍ରିନ୍ସିପାଲ ଟି. ଅମ୍ବିରାଜ, ସାମ୍ସ ଅଧିକାରୀ ଉମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ସାଇବର ସଚେତନତା ବାର୍ତ୍ତା ଦେଲା ପୋଲିସ

ବାରଙ୍ଗ,୨୮।୧୦(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ପୋଲିସ ପକ୍ଷରୁ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ପରିସରରେ ସାଇବର ସୁରକ୍ଷା ମାସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଓପିଡିର ଅତିରିକ୍ତ ଡିସିପି ସୁବ୍ରତ କୁମାର, ଚନ୍ଦକା ଥାନା ଅଧିକାରୀ ସମିତା ମିଶ୍ର, ସାଇବର ଥାନା ଅଧିକାରୀ ପ୍ରିୟଦର୍ଶିନୀ ନନ୍ଦଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସାମିଲ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୋଲିସ ଅଧିକାରୀମାନେ ସାଇବର ଠକେଇରୁ କିଭଳି ମୁକ୍ତି ପାଇବା ସହ ଏହାର ତ୍ୱରିତ ମୁକାବିଲା କରିପାରିବେ ସେ ନେଇ ଆଲୋଚନା କରିଥିଲେ।

ରାଜ୍ୟରେ ସାଇବର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପୋଲିସ ଓ କମିଶନରେଟ ପୋଲିସ ପକ୍ଷରୁ ରଥ ବାହାରି ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପରିକ୍ରମା କରୁଛି। ଏହି ରଥରେ ଏଲ୍‌ଇଡି ପ୍ୟାନେଲ୍ ମାଧ୍ୟମରେ ସାଇବର ସୁରକ୍ଷା ଓ ସଚେତନତାର ଭିଡିଓ ବାର୍ତ୍ତା ଜରିଆରେ ଜନସାଧାରଣ ବିଶେଷ କରି ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରୁଛି।

# ବିହାର ଛଟ୍ ପୂଜା ସମିତି ପକ୍ଷରୁ ଛଟ୍ ପୂଜା


ଛଟ୍ ପୂଜା ଅବସରରେ ନିର୍ମାଣ କରାଯାଇଥିବା ସୂର୍ଯ୍ୟ ଭଗବାନଙ୍କ ମୃଣ୍ମୟ ମୂର୍ତ୍ତି।

ବାଲିଅନ୍ତା, ୨୮।୧୦(ନୀଳମାଧବ ସାହୁ)

ରାଷ୍ଟ୍ର ସେବା ବିହାର ଛଟ ପୂଜା ସମିତି ପକ୍ଷରୁ ପାଣ୍ଡରା ହାଇଟେକ୍ ମେଡିକାଲ କଲେଜ ନିକଟ କୁଆଖାଇ ନଦୀକୂଳରେ ୩ ଦିନ ଧରି ଚାଲିଥିବା ଛଟ୍ ପୂଜା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସମିତି ପକ୍ଷରୁ ପୂଜାସ୍ଥଳରେ ସୂର୍ଯ୍ୟ ଭଗବାନଙ୍କ ଏକ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇଥିଲା। ଶହ ଶହ ବ୍ରତଧାରୀ ନଦୀକୂଳରେ ଛଟ୍ ମାତାଙ୍କ ପାରମ୍ପରିକ ରୀତିନୀତି ଅନୁଯାୟୀ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି ଉପଲକ୍ଷେ ଭଜନ ଓ କୀର୍ତ୍ତନ ପରିବେଷଣ କରାଯାଇଥିଲା। ମୁକେଶ ଶର୍ମା, ବିମଳ ଶର୍ମା, ଉମେଶ ଶର୍ମା, ବିକାଶ ଶର୍ମା, ଦୀପକ ଶର୍ମା, ସହଦେବ ଶର୍ମା, ପଙ୍କଜ ଶର୍ମା ଓ ରଞ୍ଜିତ ଯାଦବ ଓ ରାଜ କୁମାର ଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ରାଜୀବ ଭବନସ୍ଥିତ ଓସ୍‌ଡମା କାର୍ଯ୍ୟାଳୟରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାତ୍ୟା ମୁକାବିଲା ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି।



ମଙ୍ଗଳବାର ରସୁଲଗଡ଼-ବମିଖାଲ ରାସ୍ତାରେ ବର୍ଷାପାଣି ଜମିରହିଛି।

# ଚିଲିକା ଅଶାନ୍ତ, ଢେଉ ଲଙ୍ଘିଲା ଜେଟି

ବାଲୁଗାଁ, ୨୮।୧୦(ସଂଗ୍ରାମ ପାଇକରାୟ)

ବାତ୍ୟା 'ମୋନ୍ଥା' ପ୍ରଭାବରେ ମଙ୍ଗଳବାର ଚିଲିକା ଅଞ୍ଚଳରେ ବର୍ଷା ଲାଗି ରହିବା ସହ ପବନ ଯୋଗୁ ଚିଲିକା ଅଶାନ୍ତ ହୋଇପଡିଛି । ଚିଲିକାରେ ବଡ଼ ବଡ଼ ଢେଉ ସୃଷ୍ଟି ହୋଇ ପ୍ରାୟ ୩ଫୁଟରୁ ୪ଫୁଟ ଉଚ୍ଚତାରେ ଜୁଆର ଉଠୁଛି । ବାଲୁଗାଁ ଚିଲିକାକୂଳ ସ୍ଥିତ ଜେଟି ଉପରେ ଢେଉ ମାଡ଼ ହୋଇ କୂଳ ଲଂଘୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ବାତ୍ୟା 'ମୋନ୍ଥା'କୁ ନେଇ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ପ୍ରଶାସନର ନିର୍ଦ୍ଦେଶକ୍ରମେ ମାଛଧରା ଏବଂ ଯାତ୍ରୀବାହୀ ଡଙ୍ଗାଗୁଡ଼ିକ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ଚିଲିକା ତଟବର୍ତ୍ତୀ ଅଞ୍ଚଳ ଗୋପବନ୍ଧୁ କଲୋନୀ, ସନ୍ୟାସୀ ନଗର ଏବଂ ଶାନ୍ତିନଗର ବାସିନ୍ଦା ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିକଟ ବିଦ୍ୟାଳୟଗୁଡ଼ିକୁ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି ବୋଲି ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ସୂଚନା ଦେଇଛନ୍ତି।

# ୫ଶହରୁ ଊର୍ଦ୍ଧ୍ୱ ସ୍ଥାନାନ୍ତର

ଖୋର୍ଦ୍ଧା,୨୮।୧୦(ପ୍ରଭାତ ପାଣିଗ୍ରାହୀ)

ବାତ୍ୟା 'ମୋନ୍ଥା' ପ୍ରଭାବରେ ଉପକୂଳବର୍ତ୍ତୀ ଅଞ୍ଚଳ ଚିଲିକା, ବାଣପୁର ବ୍ଲକର ୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିକଟ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ଉପଜିଲାପାଳ କିଶୋର କୁମାର ପଣ୍ଡା ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଚିଲିକା ଏବଂ ବାଣପୁର ବ୍ଲକର ବିଭିନ୍ନ ତଟବର୍ତ୍ତି ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ। ବାତ୍ୟା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିବା ଅନ୍ତେବାସୀଙ୍କୁ ସମସ୍ତ ସୁବିଧା ଉପଲବ୍ଧ ଉପରେ ଗୁରୁତ୍ୱ ଦେଇଛନ୍ତି।


ବାତ୍ୟା ଯୋଗୁ ବିଭିନ୍ନ ଟ୍ରେନ୍ ବାତିଲ ହୋଇଥିବାରୁ ଯାତ୍ରୀମାନେ ନିଜ ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ଭୁବନେଶ୍ୱର ରେଳଷ୍ଟେଶନରେ ଅପେକ୍ଷା କରି ରହିଛନ୍ତି।


ବାତ୍ୟା ପ୍ରଭାବିତ ଅଞ୍ଚଳକୁ ରିଲିଫ୍ ସାମଗ୍ରୀ ପଠାଇବା ପାଇଁ ରେଡ୍‌କ୍ରସ୍ ପକ୍ଷରୁ ପ୍ରସ୍ତୁତି। (ଫଟୋ- ମନୋରଞ୍ଜନ ମିଶ୍ର)

## ଅବସରପ୍ରାପ୍ତ କିରାଣିଙ୍କୁ ୨ ବର୍ଷ ଜେଲଦଣ୍ଡ

କଟକ,(କାର୍ତ୍ତିକ ସାହୁ):ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ କନିଷ୍ଠ କିରାଣି ଲକ୍ଷ୍ମୀଧର ସ୍ୱାଇଁ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ମଙ୍ଗଳବାର ଏ ସଂକ୍ରାନ୍ତୀୟ ମାମଲାର ରାୟ ପ୍ରକାଶ କରି ସ୍ୱାଇଁଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ଜରିମାନା କରିଛନ୍ତି। ସ୍ୱାଇଁ ସୋସାଇଟି ଆକ୍ଟ, ୧୯୬୦ରେ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ କଟକ ଡିଭିଜନ୍‌ର ପୂର୍ବତନ ଡିଏସ୍‌ପି ରାଜକିଶୋର ମହାନ୍ତି ତଦନ୍ତ କରିଥିବା ବେଳେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସର୍ବେଶ୍ୱର ବାରିକ ମାମଲା ପରିଚାଳନା କରିଥିଲେ। ପେନ୍‌ସନ୍‌ବନ୍ଦ ପାଇଁ ପ୍ରାଧିକୃତ ଅଧିକାରୀଙ୍କ ନିକଟକୁ ଯିବ ବୋଲି ସୂଚନା ଦିଆଯାଇଛି।

**ସଂକ୍ଷେପରେ**

## ଅବସରପ୍ରାପ୍ତ ଶାସନ ସଚିବଙ୍କ ପରଲୋକ



ଟିଗିରିଆ,୨୮।୧୦(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡା ପଞ୍ଚାୟତ ଅଧୀନ କୁମ୍ଭୀପୁଟ ଗ୍ରାମର ହେମନ୍ତ କୁମାର ଦାସ(୯୧)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ସ୍ୱର୍ଗତ ଦାସ ଅତିରିକ୍ତ ଶାସନ ସଚିବ, ଲୋକସେବା ଆୟୋଗର ସଦସ୍ୟ, ଟ୍ରେଜେରି ନିର୍ଦ୍ଦେଶକ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଉଚ୍ଚ ପଦାଧିକାରୀ ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିସହିତ ସେ ନିଜ ଅଞ୍ଚଳ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିବା ସହ ପାଞ୍ଚଗାଁସ୍ଥିତ ଗ୍ରାମାଞ୍ଚଳ ବହୁମୁଖୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ରର ପ୍ରତିଷ୍ଠାତା ମଧ୍ୟ ଥିଲେ। କିଛିଦିନ ଧରି ସ୍ୱର୍ଗତ ଦାସ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଖବର ପାଇ ପାଞ୍ଚଗାଁ ଗ୍ରାମାଞ୍ଚଳ ବହୁମୁଖୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ରର ସଭାପତି ଜଗବନ୍ଧୁ ତୁଙ୍ଗ ସାମନ୍ତ, ସମ୍ପାଦକ ସରୋଜ କୁମାର ଦାଶ, ସକ୍ରିୟ ସଭ୍ୟ ନରେଶ କୁମାର ମହାପାତ୍ର ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁତ୍ର ଭାରତ ମିହିର ଦାସଙ୍କ ସମେତ ପରିବାର ଲୋକ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

# ଉନ୍ନୟନମୂଳକ କାର୍ଯ୍ୟ ହେଉନି: ହୋହଲ୍ଲାରେ ଗ୍ରାମସଭା ବାତିଲ

ବାଙ୍କୀ , ୨୮।୧୦ ( ଶୁଭେନ୍ଦୁ ମହାପାତ୍ର):

**ସୁବର୍ଣ୍ଣପୁର ପଞ୍ଚାୟତ**

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ହିରଣ୍ୟମୟୀ ଦଳେଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପିଇଓ ମୌସମ ବିଶୋଇ, ଏଡିଓ ରତ୍ନାକର ସାହୁଙ୍କ ସମେତ ସୁବର୍ଣ୍ଣପୁର ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀ, ପ୍ରତିଦ୍ୱନ୍ଦ୍ୱୀ ସରପଞ୍ଚ ପ୍ରତିନିଧି ମଙ୍ଗରାଜ ଦଳେଇ, ସାଧୁ ଚରଣ ବେହେରା, ଅରୁଣ ବେହେରା, ରମେଶ ଚନ୍ଦ୍ର ତ୍ରିପାଠୀ, ରାମଚନ୍ଦ୍ର ବେହେରାଙ୍କ ସମେତ ଅଙ୍ଗନୱାଡି କର୍ମୀ, ମିଶନ ଶକ୍ତି ମହିଳା ଯୋଗଦେଇଥିଲେ। ତେବେ ପଞ୍ଚାୟତ ପକ୍ଷରୁ ୧୧ ଜଣ ୱାର୍ଡ ସଦସ୍ୟଙ୍କ ମଧ୍ୟରୁ ମାତ୍ର ୩ ଜଣ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ।

ବୈଠକରେ ଗ୍ରାମବାସୀଙ୍କ ପ୍ରଶ୍ନବାଣରେ ପଞ୍ଚାୟତ ପ୍ରତିନିଧି ଓ ଅଧିକାରୀ ଘାଇଲା ହୋଇଛନ୍ତି। ଶେଷରେ ଗ୍ରାମସଭା ବାତିଲ ହୋଇଯାଇଛି। ପଞ୍ଚାୟତ ନିର୍ବାଚନକୁ ୪ ବର୍ଷ ବିତିବାକୁ ଯାଉଥିବାବେଳେ ପ୍ରତ୍ୟେକ ବର୍ଷ ଗ୍ରାମସଭା, ପଲ୍ଲିସଭା ଓ ମାସିକ ପଞ୍ଚାୟତ ସମିତି ବୈଠକ ବସି ଅନେକ ଲୋକାଭିମୁଖୀ କାର୍ଯ୍ୟ ପାରିତ ହେଉଛି। ମାତ୍ର ପଞ୍ଚାୟତ ପକ୍ଷରୁ ସେସବୁ କାର୍ଯ୍ୟ କରାଯାଉ ନ ଥିବା ଅଭିଯୋଗ ହୋଇଥିଲା। ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ଏସବୁ କାର୍ଯ୍ୟ ଅଟକି ରହିଥିବା ଅଭିଯୋଗ ହୋଇଥିଲା। ଏନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୁବର୍ଣ୍ଣପୁର ପଞ୍ଚାୟତରେ ସରକାରୀ କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ପାନୀୟ ଜଳ ଯୋଗାଣ ସମସ୍ୟା, ଆଲୋକୀକରଣ ସମସ୍ୟା , ରାସ୍ତା ଘାଟର ଉନ୍ନତି କରଣ, ଶିକ୍ଷା ଓ ସ୍ୱାସ୍ଥ୍ୟ , ପରିମଳ ଯୋଜନା ଆଦି କାର୍ଯ୍ୟକ ବାଧାପ୍ରାପ୍ତ ହୋଇଥିବା କୁହାଯାଇଥିଲା। ସରକାରଙ୍କ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ବହୁ ଲକ୍ଷ ଟଙ୍କା ଆସୁଥିଲେ ଏସବୁ ବିନିଯୋଗ ହୋଇପାରୁ ନ ଥିବା କୁହାଯାଇଥିଲା।

ଅନ୍ୟପଟେ ପଞ୍ଚାୟତ ପକ୍ଷରୁ ଆଦାୟ ହେଉଥିବା ମାସିକ ଆୟ ଓ ବ୍ୟୟର ହିସାବ ନଦେଇ ପାରିବାରୁ ଗ୍ରାମସଭାରେ ହୋହଲ୍ଲା ହୋଇଥିଲା। ଶେଷରେ ପଞ୍ଚାୟତବାସୀ ଗ୍ରାମସଭା ବାତିଲ କରିଦେଇଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ପଞ୍ଚାୟତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଆୟବ୍ୟୟର ହିସାବ ଦେବା ପାଇଁ ପଞ୍ଚାୟତ ପିଇଓ ଗ୍ରାମବାସୀଙ୍କ ଠାରୁ ଅନୁମତି ନେଇଥିଲେ । ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ହିସାବ ନମିଳିଲେ ପଞ୍ଚାୟତ କାର୍ଯ୍ୟାଳୟରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଲା ପଡ଼ିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ସରପଞ୍ଚ ଦଳେଇ କିମ୍ବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



କଟକ ବାଲିଯାତ୍ରା ଲାଗି ତଳପଡ଼ିଆରେ ଦୋଳି ନିର୍ମାଣ ପାଇଁ ଆସିଥିବା ଦୋଳି ସାମଗ୍ରୀ।

## ବାଙ୍କୀ କଲେଜ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ

ବାଙ୍କୀ,୨୮।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବ ରେଡକ୍ରସ ସଂସ୍ଥାରେ ନୂଆକରି ଯୋଗଦେଇଥିବା ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ମୁଖ୍ୟ ଅତିଥି ଭାବେ କଟକ ଜିଲା ଯୁବ ରେଡକ୍ରସ ସଂସ୍ଥାର ଜିଲା ସଂଯୋଜିକା ଡ. ସସ୍ମିତା ପଟ୍ଟନାୟକ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ରେଡକ୍ରସର ଇତିହାସ ସମ୍ପର୍କରେ ଆଲୋକପାତ କରିବା ସହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଯୁବରେଡକ୍ରସ କାଉନସିଲର ଅଧ୍ୟାପିକା ସରସ୍ୱତୀ ଦେଉରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଡ. ଶଶିଭୂଷଣ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

# ୨ ମାସ ପରେ ବି ମିଳିଲାନି ଭୂମିହୀନ ବିଦ୍ୟାଳୟ ତାଲିକା

କଟକ ସଦର,୨୮।୧୦
(ସୁଶାନ୍ତ କୁମାର ଜେନା)

**କଟକ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ**

କଟକ ଜିଲାରେ କେତେ ଭୂମିହୀନ ଉଚ୍ଚ ବିଦ୍ୟାଳୟ ରହିଛି, ତାର ତାଲିକା ଦେବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ୨ ମାସ ତଳେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିଲେ। ଅଦ୍ୟାବଧି ଏହାର ତାଲିକା ଜିଲା ଶିକ୍ଷାଧିକାରୀ ଦେଇନାହାନ୍ତି। କିନ୍ତୁ ୫୦ ବର୍ଷ ଧରି ଗୋଚର ଜମିରେ ସ୍ଥାପିତ ବିଦ୍ୟାଳୟର ତାଲିକା ଇତିମଧ୍ୟରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିଲା। ଏଥିରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିବାରୁ ସେହି ତାଲିକା ଫେରାଇ ଦିଆଯାଇଥିବା ଜଣାପଡିଛି। କୌଣସି ବିଦ୍ୟାଳୟ ସରକାରଙ୍କ ଦ୍ୱାରା ଅନୁବନ୍ଧିତ ହେବା ପୂର୍ବରୁ ସ୍ଥାନୀୟ ଲୋକମାନେ ୨ ଏକର ଜମି ଯୋଗାଇଥାନ୍ତି। ତାପରେ ସରକାରୀ ସହାୟତା ସମ୍ପୃକ୍ତ ବିଦ୍ୟାଳୟକୁ ଦିଆଯାଇଥାଏ। ଏବେ କଟକ ସଦର ବ୍ଲକ ଅନ୍ତର୍ଗତ ଆୟଉପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ଗରାସୁଣି ବିଦ୍ୟାମନ୍ଦିର, ପ୍ରହରାଜପୁର ଉଚ୍ଚ ବିଦ୍ୟାଳୟ ଗୋଚର ଜମି ଉପରେ ଥାଇ ସୁଦ୍ଧା ୫ଟି ଅନୁଦାନ ୪୫ ଲକ୍ଷ ଟଙ୍କା ସହାୟତା ପାଇ କାର୍ଯ୍ୟ ଚାଲୁ ରହିଛି। ସାର୍ଟିଫିକେଟ ଅଫ୍ ରେଜିଷ୍ଟ୍ରେଶନରେ ତତ୍କାଳୀନ ମଣ୍ଡଳ ଓ ଜିଲା ଶିକ୍ଷାଧିକାରୀ କିଭଳି ଦେଇଥିଲେ, ତାର ଖୋଳତାଳ ଆରମ୍ଭ ହୋଇଛି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବୈଠକ ଚାଲୁ ରହିଛି। ଗ୍ରାମବାସୀ ଦାନସୂତ୍ରରେ ଦେଇଥିବା ଜାଗାର କୌଣସି ପଟ୍ଟା ମିଳୁନାହିଁ। ସୂଚନାଯୋଗ୍ୟ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ପତ୍ର ସଂଖ୍ୟା ୨୧୩୩୩/ ୧୩।୮।୨୦୨୫ରେ କଟକ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକଙ୍କୁ ପଚାରିବାରୁ ଇ-ମେଲ ଗ୍ରହଣ କରୁଥିବା କର୍ମଚାରୀଙ୍କୁ ପଚାରି ବୁଝିବେ ବୋଲି କହିଥିଲେ।

## ଗଛ ଡାଳରେ ଆଚ୍ଛାଦିତ କଟକ-ପାରାଦୀପ ରାସ୍ତା



କଟକ-ପାରାଦୀପ ରାଜ୍ୟ ରାଜପଥ ଉପରେ ଗଛଡାଳ ଆଚ୍ଛାଦିତ ହୋଇଛି।

କଟକ ସଦର,୨୮।୧୦
(ସୁଶାନ୍ତ କୁମାର ଜେନା)

କଟକ-ପାରାଦୀପ ନଂ.୧୨ ରାଜ୍ୟ ରାଜପଥ ଉପରେ ବିଭିନ୍ନ ପ୍ରକାର ଗଛ ଡ଼ାଳ ଆଚ୍ଛାଦିତ କରି ରଖିଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଯଦି ୫୦ କିମି ବେଗରେ ପବନ ବହିବ, ତାହାହେଲେ ଡାଳ ଭାଙ୍ଗି ଯାତାୟାତ ପ୍ରଭାବିତ କରିବା ଆଶଙ୍କା ରହିଛି। ୩ବର୍ଷ ହେବ ଡାଳ କଟାଯାଇ ନ ଥିବାରୁ ରାସ୍ତା ଉପରକୁ ଏଗୁଡ଼ିକ ମାଡିଆସିଛି। ପ୍ରତ୍ୟେକ ଦିନ ଏହି ରାସ୍ତାରେ ଅନ୍ତଃ ରାଜ୍ୟ ଭାରିଯାନ ହଜାର ହଜାର ସଂଖ୍ୟାରେ ପାରାଦୀପ ଅଭିମୁଖେ ଯାତାୟାତ କରିଥାଏ। କେତେବେଳେ ଡାଳ ଭାଙ୍ଗିଲେ ଗାଡ଼ିମୋଟର ଯାତାୟାତ ପ୍ରଭାବିତ ହେବା ସହିତ ଜୀବନହାନି ଘଟିବାର ସମ୍ଭାବନା ଦେଖାଦେଇଛି। ଏହାଛଡା କଂକ୍ରିଟ ରାସ୍ତା ଉପରକୁ ଘାସ ମାଡି ଆସିଥିବା ଲକ୍ଷ୍ୟ କରାଯାଉଛି। ଜଗତ୍‌ସିଂହପୁର ପୂର୍ତ୍ତ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେବା ପାଇଁ ଦାବି ହେଉଛି।

## ଆନ୍ଦୋଳନରତ ଶିକ୍ଷକଙ୍କ ସହ ଗ୍ରାମାଞ୍ଚଳ ଭାଜପା ସଭାପତିଙ୍କ ଆଲୋଚନା

ଟିଗିରିଆ, ୨୮।୧୦(ଜାଫର ଖାଁ):

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ପ୍ରସନ୍ନମଣି ଶାରୀରିକ ଯୋଗ ଓ ପ୍ରଶିକ୍ଷଣ ମହାବିଦ୍ୟାଳୟର ବହିଷ୍କୃତ ୧୭ ଜଣ ଅଣ ଶିକ୍ଷକ କର୍ମଚାରୀ ୭ ଦଫା ଦାବି ନେଇ ମହାବିଦ୍ୟାଳୟ ସମ୍ମୁଖରେ ଚଳାଇଥିବା ତାଲାବନ୍ଦ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ କଟକ ଜିଲା ଭାଜପା ଗ୍ରାମାଞ୍ଚଳ ସଭାପତି ରାମନାରାୟଣ ମହାନ୍ତି ମଙ୍ଗଳବାର ଆନ୍ଦୋଳନସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଛନ୍ତି। ଏ ବିଷୟରେ ରାଜ୍ୟ ସରକାରଙ୍କୁ ଅବଗତ କରିବେ ବୋଲି ସଭାପତି ମହାନ୍ତି କହିଛନ୍ତି। ତାଙ୍କ ସହ ବିକ୍ରମ କେଶରୀ ଦାଶ, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ହରେକୃଷ୍ଣ ମହାନ୍ତି, ବରିଷ୍ଠ ନେତା ସନ୍ତୋଷ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମୋରମ ବଦଳରେ ଉଠୁଥିଲା ପଥର: ମେଶିନ ଜବତ

ବାଙ୍କୀ, ୨୮।୧୦(ଶୁଭେନ୍ଦୁ ମହାପାତ୍ର/ସୁବ୍ରତ କୁମାର ନାୟକ):

ବାଙ୍କୀ ତହସିଲ ଅନ୍ତର୍ଗତ ଦୁର୍ଗାପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ପାହାଡରୁ ମୋରମ ବଦଳରେ ପଥର ଚାଲାଣ ହେଉଥିବାବେଳେ ତହସିଲଦାର ଚଢ଼ାଉ କରି ପ୍ରୋକଲିନ୍ ମେଶିନ ଜବତ କରିଛନ୍ତି। ମାଳତୀ ପାହାଡରୁ ମୋରମ ଉଠାଣ ପାଇଁ ନିଲାଧାରୀ ଲିଜ୍ ଆଣିଥିଲେ। ମାତ୍ର ସେ ମୋରମ ନନେଇ ପାହାଡରୁ ଭଲ ପଥର ପୋକଲିନ ମେଶିନ ସାହାଯ୍ୟରେ ଉଠାଉଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ କଟକ ଜିଲାପାଳ ଓ ଖଣି ବିଭାଗରେ ଅଭିଯୋଗ ହୋଇଥିଶା। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳାବାର କଟକ ଖଣି ବିଭାଗର ୨ ଜଣ ସହକାରୀ ଖଣି ଅଧିକାରୀ ଓ ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ ପହଞ୍ଚି ପୋକ୍ଲିନ୍ ମେଶିନ ଜବତ କରି ଥାନାରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲିଜ୍‌ଧାରୀ ଲିଜ୍ ନେଇଥିବା ପାହାଡରୁ ବିନା ମେଶିନ୍‌ରେ ମୋରମ ଉତ୍ତୋଳନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଖଣି ସମ୍ମୁଖରେ ଧାରଣା ଦେବାକୁ ସେମାନେ ଚେତବନୀ ଦେଇଛନ୍ତି।

# ଅଷ୍ଟପ୍ରହର ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ

ଖୁଣ୍ଟୁଣୀ,୨୮।୧୦(ସଚ୍ଚିଦାନନ୍ଦ ପଣ୍ଡା)

**ସମାଧାନ ପାଇଁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଆଲୋଚନା**

ଖୁଣ୍ଟୁଣୀ ଥାନା ରାଧାଦାମୋଦରପୁର (କଣ୍ଡାନ୍ଧ) ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମବାସୀଙ୍କ ପକ୍ଷରୁ ଆଠଗଡ଼ ଉପଜିଲାପାଳ ଏବଂ ଖୁଣ୍ଟୁଣୀ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ପ୍ରତିବର୍ଷ ପରି ଚଳିତବର୍ଷ ରାଧାଦାମୋଦରପୁର ଯାତ୍ରା ପଡିଆଠାରେ ଥିବା କୁଞ୍ଜରେ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ଗ୍ରାମ କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। ମାତ୍ର ଏହି କୁଞ୍ଜ ଆଠଗଡ ବ୍ଲକ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନିର୍ମାଣାଧୀନ ଥିବା କହି ଗ୍ରାମର ସୁରେଶ ଚନ୍ଦ୍ର ମିଶ୍ର ଓ ତାଙ୍କ କେତେଜଣ ସମର୍ଥକ ଛାଡି ନ ଥିଲେ। ଗ୍ରାମ କମିଟି ପକ୍ଷରୁ ଏହାର ନିକଟରେ ଅସ୍ଥାୟୀ କୁଞ୍ଜ ନିର୍ମାଣ କରି ଅଷ୍ଟପ୍ରହର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ବ୍ୟାନର ମଧ୍ୟ ଲଗାଇଥିଲେ। ଏହାପରେ ଅନ୍ୟ ବ୍ୟକ୍ତିମାନେ ସେହି ସ୍ଥାନରେ ବ୍ୟାନର ଲଗାଇବା ସହିତ ଗ୍ରାମ କମିଟି ଜଣେ ସଭ୍ୟଙ୍କ ନାମରେ ଖୁଣ୍ଟୁଣୀ ଥାନାରେ ଏତଲା ଦେଇଥିଲେ। ଅନୁରୂପ ଭାବେ ଗ୍ରାମ କମିଟି ପକ୍ଷରୁ ଗତ ୨୬ ତାରିଖରେ ଖୁଣ୍ଟୁଣୀ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଥିଲା। ଖୁଣ୍ଟୁଣୀ ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନଙ୍କ ପକ୍ଷରୁ ଏହାର ସମାଧାନ ପାଇଁ ଉଭୟ ପକ୍ଷଙ୍କୁ ଥାନାକୁ ଡକାଯାଇ ଆଲୋଚନା କରାଯାଇଥିଲା। ଉଭୟ ପକ୍ଷ ନିଜ ଜିଦରେ ଅଟଳ ରହିବାରୁ ପୁନଶ୍ଚ ୨୭ରେ ଗ୍ରାମବାସୀ କଟକ ଜିଲାପାଳ, ଆଠଗଡ ଉପଜିଲାପାଳ, କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ପି ବିନୀତ ଅଗ୍ରୱାଲ ଏହାର ସମାଧାନ ପାଇଁ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକଙ୍କୁ ଦାୟିତ୍ୱ ଦେଇଥିଲେ। ସେହିଦିନ ସନ୍ଧ୍ୟାରେ ଖୁଣ୍ଟୁଣୀ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ ଉଭୟ ପକ୍ଷକୁ ଡାକି ବିବାଦୀୟ ଜାଗାରେ ଅଷ୍ଟପ୍ରହର ନ କରି ଅନ୍ୟ ସ୍ଥାନରେ କରିବାକୁ ଗ୍ରାମ କମିଟିକୁ ପରାମର୍ଶ ଦେଇଥିଲେ। କୌଣସି ବିବାଦୀୟ ପରିସ୍ଥିତି ଉପୁଜିବା ଆଶଙ୍କା କରି ସ୍ଥାନୀୟ ସରପଞ୍ଚ ବିନୋଦ କୁମାର ମାଝି ପ୍ରଶାସନରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ମନ୍ତବ୍ୟ ମିଳିପାରି ନାହିଁ। ଏ ନେଇ ସୁରେଶ ମିଶ୍ର କହିଛନ୍ତି, ଆମକୁ ଉପଜିଲାପାଳ ଏଠାରେ କରିବାକୁ ୨୩ ତାରିଖରେ ଅନୁମତି ଦେଇଛନ୍ତି। ହେଲେ ଅପରପକ୍ଷ ସେହିଠାରେ କରିବାକୁ ଜିଦ ଧରୁଥିବାରୁ ଏପରି ବିବାଦ ଦେଖାଦେଇଛି। ଆମ ଭିତରେ ଅନ୍ୟ କୌଣସି ମତାନ୍ତର ନ ଥିବା ସେ କହିଥିଲେ।

## ଇନ୍‌ଟାକ ସହ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଏମ୍‌ଓୟୁ ସ୍ୱାକ୍ଷର

କଟକ,୨୮।୧୦(କାର୍ତ୍ତିକ ସାହୁ)

**ଐତିହ୍ୟ ସୁରକ୍ଷା ଦିଗରେ କାର୍ଯ୍ୟ କରିବ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ**

ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଆର୍କିଟେକଚର ବିଭାଗ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚର ହେରିଟେଜ (ଇନଟାକ) ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସୋମବାର ସ୍ୱାକ୍ଷର କରିଛି। ଏହି ଏମଓୟୁ ଭାରତର ସମୃଦ୍ଧ ସାଂସ୍କୃତିକ ପରମ୍ପରାର ସଂରକ୍ଷଣ ଓ ଅନୁସନ୍ଧାନ ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ। ଦେଶର ସମସ୍ତ ପ୍ରକାର ଐତିହ୍ୟର ସୁରକ୍ଷା ଦିଗରେ ନୀରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବ। ଫଳରେ ବିଦ୍ୟାର୍ଥୀ ଓ ଗବେଷକମାନେ ଫିଲ୍ଡ ଷ୍ଟଡି ଏବଂ ଐତିହ୍ୟ ସଂରକ୍ଷଣ ବାବଦରେ ଅଧିକ ଜ୍ଞାନ ପ୍ରାପ୍ତ କରିପାରିବେ। ଉଭୟ ଅନୁଷ୍ଠାନ ପକ୍ଷରୁ ମିଳିତ ଭାବରେ ବାସ୍ତୁକଳା ଏବଂ ସାଂସ୍କୃତିକ ପରମ୍ପରାକୁ ଯୋଡ଼ିବାରେ ଏହା ଏକ ସେତୁର ଭୂମିକା ତୁଲାଇବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଇନଟାକ୍‌ର ରାଜ୍ୟ ସଂଯୋଜକ ଡ. ବିଶ୍ୱଜିତ ମହାନ୍ତି, ସହ ସଂଯୋଜକ ଅନିଲ ଧୀର, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ରଜିତା କୁଲକର୍ଣ୍ଣୀ, କୁଳପତି ଡ. ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ଡ. ଅନିଲ ଶର୍ମା, ରିସର୍ଚ୍ଚ ଓ ଏକାଡେମିକ୍ସ ଡିନ୍ ଡ. କେଶରୀ ସିଂହ ଏବଂ ଆର୍କିଟେକଚର ବିଭାଗ ଡିନ୍ ପ୍ରଫେସର ଅନିସା ଆଝାରୁନ୍ନିସା ଉପସ୍ଥିତ ଥିଲେ।




ଇନ୍‌ଟାକ୍ ସହ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଏମ୍‌ଓୟୁ ସ୍ୱାକ୍ଷର କରାଯାଉଛି।

# ପୁରୁଷ ବିଭାଗରେ ପାରାଦୀପ, ମହିଳାରେ କଟକ ପ୍ରଥମ

**ରାଜ୍ୟ ବରିଷ୍ଠ ଟେନିସ୍ ଭଲିବଲ ପ୍ରତିଯୋଗିତା**

କଟକ,୨୮।୧୦(କାର୍ତ୍ତିକ ସାହୁ)




ରାଜ୍ୟ ବରିଷ୍ଠ ଟେନିସ୍ ଭଲିବଲ ପ୍ରତିଯୋଗିତାରେ ଉପସ୍ଥିତ ଅତିଥିଙ୍କ ସହ ଖେଳାଳି।

ଓଡ଼ିଶା ଟେନିସ୍ ଭଲିବଲ ସଂଘ ଆନୁକୂଲ୍ୟରେ ଏକାଦଶ ରାଜ୍ୟ ବରିଷ୍ଠ ଟେନିସ ଭଲିବଲ ପ୍ରତିଯୋଗିତା ଦୁଇଦିନ ଧରି ପୋତାପୋଖରୀ ଗାନ୍ଧୀପଲ୍ଲି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ୧୬ ଜିଲାରୁ ପ୍ରାୟ ୨୦୦ ମହିଳା ଓ ପୁରୁଷ ଖେଳାଳି ଏବଂ ଅଧିକାରୀ ଯୋଗଦେଇଥିଲେ। ପୁରୁଷ ବିଭାଗରେ ପାରାଦୀପ ପ୍ରଥମ ହୋଇଥିବା ବେଳେ ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ମହିଳା ବିଭାଗରେ କଟକ ପ୍ରଥମ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଓ ନୟାଗଡ଼ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ସୋମବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌଭିକ ବିଶ୍ୱାଳ, କର୍ପୋରେଟର ସୁବ୍ରତ ଘଡ଼ାଇ, ତାପସ ରଞ୍ଜନ ସାମନ୍ତରାୟ, ଏମ୍‌ଡିଏ ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁ, ସଭ୍ୟ ପ୍ରହ୍ଲାଦ ମହାନ୍ତି, ସୁଶାନ୍ତ ଘୋଷ, ରାଜ୍ୟ ଟେନିସ ଭଲିବଲ ସଂଘ ଅଧକ୍ଷ ରାୟଗୁରୁ ମହାପାତ୍ର, ସଭାପତି ସଞ୍ଜୟ କୁମାର ଜେନା, ସମ୍ପାଦକ ଅର୍ଣ୍ଣବ ସିହ୍ନା, ସଙ୍ଗଠନ ସମ୍ପାଦକ ସଞ୍ଜୀବ ସାହୁ, ଉପସଭାପତି କୈଳାସ ବାରିକ, ରାଧାମୋହନ ନାୟକ, କାର୍ଯ୍ୟକାରୀ ସଭ୍ୟ ସାଫଲ୍ୟ ନାୟକ, ଅଭିଜିତ ସ୍ୱାଇଁ, ଜ୍ଞାନରଞ୍ଜନ ସ୍ୱାଇଁ ଓ ଭାରତୀୟ ଟେନିସ ଭଲିବଲ ସଂଘ ଉପସଭାପତି ଶଶିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଦଳକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ସ୍ମୃତିରଞ୍ଜନ ମହାପାତ୍ର, ନୀହାରିକା ପଣ୍ଡା, ସେକ ରେହମାନ, ମହେଶ୍ୱତା ସାହୁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଆସନ୍ତା ନଭେମ୍ବର ୧୪ରୁ ଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଟେନିସ୍ ଭଲିବଲ ପ୍ରତିଯୋଗିତା ନିମନ୍ତେ ରାଜ୍ୟ ପୁରୁଷ ଓ ମହିଳା ଦଳ ଏହି ପ୍ରତିଯୋଗିତାରୁ ଚୟନ କରାଯାଇଥିଲା।

ଆସୋସିଏଶନ ସଭାପତି ସଞ୍ଜୟ ଜେନା, ଚେୟାରମ୍ୟାନ ରାୟଗୁରୁ ମହାପାତ୍ର, ସମ୍ପାଦକ ଅର୍ଣ୍ଣବ କୁମାର ସିହ୍ନା, ସଙ୍ଗଠନ ସମ୍ପାଦକ ସଞ୍ଜୀବ ସାହୁ, ଜାତୀୟ ଟେନିସ ଭଲିବଲ ସଂଘର ଉପସଭାପତି ଶଶିକାନ୍ତ ନାୟକ, ମହାନଦୀ ବିହାରର ବରିଷ୍ଠ ମୁରବି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ ପ୍ରମୁଖ ପ୍ରତିଯୋଗିତାକୁ ରବିବାର ଉଦ୍‌ଘାଟନ କରିଥିଲେ।

# ଶ୍ରୀମନ୍ଦିର ପରିସରରେ ଭକ୍ତଙ୍କ ମୃତ୍ୟୁ

ପୁରୀ,୨୮।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଯାହାକୁନେଇ ପ୍ରଶାସନର ବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ଭକ୍ତଙ୍କ ଅକାଳରେ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ଜଣଙ୍କ ହେଲେ ନୂଆଦିଲ୍ଲୀର ମୂଳଚାନ୍ଦ ଗୁପ୍ତା (୭୬)। ସୂଚନାଯୋଗ୍ୟ, ମୂଳଚାନ୍ଦ ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥିଲେ। ଯିବା ସମୟରେ ଶ୍ରୀମନ୍ଦିର ସାତପାହଚ ନିକଟରେ ବୃଦ୍ଧ ଜଣଙ୍କ ଟଳି ପଡ଼ିବା ସହ ପ୍ରାଣବାୟୁ ଉଡ଼ି ଯାଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ସମାଗମ ହେଉଛି। ଫଳରେ ଭକ୍ତମାନେ ଲାଇନ୍‌ରେ ଯିବାବେଳେ ଅରନିଶ୍ୱାସୀ ହେଉଛନ୍ତି। ବିଶେଷ କରି ବୃଦ୍ଧାବୃଦ୍ଧ, ଛୋଟ ପିଲାମାନେ ସମସ୍ୟା ଭୋଗୁଛନ୍ତି। ତେଣୁ ବୟସ୍କଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି କରାଯାଉଛି।

# 'ସାଂସ୍କୃତିକ ଏକତାର ଉଦାହରଣ ଛଟ୍‌ପୂଜା'

## ସହଧର୍ମିଣୀଙ୍କ ସହ ଛଟ୍‌ପୂଜା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୧୦ (ଅନୁରାଧା ମହାରଣା)



ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ନୂଆ ବାଲିଯାତ୍ରା ପଡ଼ିଆଠାରେ ମଙ୍ଗଳବାର ଅନୁଷ୍ଠିତ ଛଟ୍ ପୂଜା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ସରକାର ଭାଇଚାରା, ସୌହାର୍ଦ୍ଦ୍ୟ ଓ ସାଂସ୍କୃତିକ ଏକତାର ପରମ୍ପରାକୁ ଶକ୍ତିଶାଳୀ କରିବା ପାଇଁ ପ୍ରତିବଦ୍ଧ ଏବଂ ଓଡ଼ିଶାରେ ଛଟ୍ ପୂଜା ଏହି ସାଂସ୍କୃତିକ ଏକତାର ଉଦାହରଣ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ସହଧର୍ମିଣୀ ଡ. ପ୍ରିୟଙ୍କା ମାର୍ଣ୍ଡି ଯୋଗଦେଇଥିଲେ। ସେ ଛଟ୍ ପୂଜାର ବିଧି ପାଳନ କରି ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ପ୍ରଦାନ କରି ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ଛଟ୍ ପର୍ବ ଆମକୁ ଶିଖାଏ ଯେ, ଜୀବନର ସତ୍ୟ ଆଧାର ହେଉଛି ପ୍ରକୃତି, ଜଳ, ବାୟୁ ଓ ସୂର୍ଯ୍ୟଙ୍କ ଶକ୍ତି। ଏହି ପର୍ବ ମାଧ୍ୟମରେ ଆମେ ପ୍ରକୃତି ଓ ପରିବେଶ ପ୍ରତି ଆପଣଙ୍କ ଋଣସ୍ୱୀକାର କରୁଛୁ। ଆମେ ପ୍ରକୃତିଠାରୁ ପ୍ରେରଣା ପାଉ। ଛଟ୍ ପର୍ବର ସବୁଠୁ ବଡ଼ ବିଶେଷତା ହେଉଛି, ଏହି ପର୍ବରେ କୌଣସି ଦେଖାଣିଆ କିମ୍ବା ଆଡମ୍ବର ନ ଥାଏ. କେବଳ ନିଷ୍ଠା ଓ ଆତ୍ମିକ ଶ୍ରଦ୍ଧା ରହେ। ଏହି ପର୍ବ ସ୍ୱଚ୍ଛତା, ଶୃଙ୍ଖଳାର ଏକ ଅଦ୍ଭୁତ ଉଦାହରଣ ଏବଂ ଏହି ପର୍ବର ଆତ୍ମା। କହିବାକୁ ଗଲେ, ଛଟ୍ ପୂଜାର ପରମ୍ପରା ଉତ୍ତର ଭାରତୀୟ ରାଜ୍ୟ–ବିହାର, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶରେ ପାଳନ କରାଯାଏ । ମୁଁ ଏହା ଦେଖି ଅତ୍ୟନ୍ତ ଆନନ୍ଦିତ ଯେ, ଏବେ ଓଡ଼ିଶାରେ ମଧ୍ୟ ଛଟ୍ ପୂଜାର ଉତ୍ସବ ବିଶେଷ ଉଲ୍ଲାସ ଓ ଭକ୍ତିଭାବର ସହିତ ପାଳନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଶା ବିକାଶର ନୂତନ ମାର୍ଗରେ ଆଗକୁ ବଢ଼ୁ, ଆମ ଚାଷୀ, ଶ୍ରମିକ, ଯୁବ ଓ ମାତୃଶକ୍ତି ସଶକ୍ତ ହୁଅନ୍ତୁ ଏବଂ ପ୍ରତ୍ୟେକ ଘରେ ଖୁସିର ଆଲୋକ ବିକିରଣ ହେଉ ବୋଲି ମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱାସ ଫାଉଣ୍ଡେଶନର ସଭାପତି ରାଜକୁମାର, ଉପସଭାପତି ଅଜୟ ବାହାଦୁର ସିଂହ, ସାଧାରଣ ସଚିବ ଅଶୋକ ଭଗତ୍, ବିହାର ଉନ୍ନୟନ ପରିଷଦର ସଂଯୋଜକ ଆନନ୍ଦ ମୋହନ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ନନ୍ଦନକାନନ, ବଟାନିକାଲ ଗାର୍ଡେନ ବନ୍ଦ

## କର୍ମଚାରୀଙ୍କ ଛୁଟି ବାତିଲ, ପଶୁପକ୍ଷୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

ବାରଙ୍ଗ,୨୮।୧୦(ଲିଙ୍ଗରାଜ ରାଉତ)

ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ବୁଧବାର ପର୍ଯ୍ୟଟକଙ୍କ ପାଇଁ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ବନ୍ଦ ରହିବ। ବାତ୍ୟା ପ୍ରକୋପରେ ଜୀବଜନ୍ତୁ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଭୟ ପାର୍କକୁ ଗୋଟିଏ ଦିନ ବନ୍ଦ ରଖାଯାଇଛି ବୋଲି ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ମଙ୍ଗଳବାର ସୂଚନା ଦେଇଛନ୍ତି। ମଙ୍ଗଳବାର ରାତିରେ 'ମୋନ୍ଥା' ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାର ପ୍ରଭାବ କାଳେ ନନ୍ଦନକାନନରେ ପଡ଼ିବ, ସେ ନେଇ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଯାଇଛି। ନନ୍ଦନକାନନରେ ବନ୍ୟ ଜୀବଜନ୍ତୁଙ୍କୁ କିଭଳି ସୁରକ୍ଷା ଦିଆଯିବ, ସେଥିପାଇଁ ବିଭିନ୍ନ ବ୍ୟବସ୍ଥା ହାତକୁ ନିଆଯାଇଛି।

ପୂର୍ବରୁ ବିଭିନ୍ନ ସମୟରେ ହୋଇଥିବା ବାତ୍ୟା ନନ୍ଦନକାନନକୁ ଶ୍ରୀହୀନ କରିଦେଇଥିଲା। ଏବେ ବାତ୍ୟା ମୋନ୍ଥା କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି। ଜୀବଜନ୍ତୁଙ୍କର ଯେଭଳି କୌଣସି ଅସୁବିଧା ନ ହେବ, ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ବାତ୍ୟା ସମୟରେ ଜୀବଜନ୍ତୁଙ୍କ ସୁରକ୍ଷା ଓ ପରବର୍ତ୍ତୀ ସମୟରେ ଏହାର ମୁକାବିଲା ନିମନ୍ତେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ କର୍ମଚାରୀମାନଙ୍କୁ ନନ୍ଦନକାନନ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉଭୟ ପାର୍କର କର୍ମଚାରୀମାନଙ୍କୁ ସଜାଗ ରହିବାକୁ କୁହାଯାଇଛି। ମଙ୍ଗଳବାରଠାରୁ ୨୪ ଘଣ୍ଟିଆ ଡ୍ୟୁଟି ଆରମ୍ଭ ସହ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ନିର୍ଦ୍ଦେଶକଙ୍କ ମାର୍ଗଦର୍ଶନରେ ପାର୍କ ପ୍ରଶାସନ ସମସ୍ତ ସ୍ତରରେ ନିର୍ଦ୍ଦେଶନାମା ଜାରି କରି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଉପନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି। ସହାୟକ ବନ ସଂରକ୍ଷକଙ୍କ ନେତୃତ୍ୱରେ ଏବଂ ଉପନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଏକ ୨୪x୭ ନିୟନ୍ତ୍ରଣ କକ୍ଷ କରାଯାଇଛି। ସମସ୍ତଙ୍କ ଛୁଟି ବାତିଲ କରାଯିବା ସହ ରେଞ୍ଜ ଅଧିକାରୀ ଏବଂ ଫ୍ରଣ୍ଟଲାଇନ କର୍ମଚାରୀଙ୍କୁ ପାର୍କ ପରିସରରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରୁରିକାଳୀନ ପରିସ୍ଥିତିରେ ତୁରନ୍ତ ସହାୟତା ପାଇଁ ପୋଲିସ, ଅଗ୍ନିଶମ ସେବା, ବିଦ୍ୟୁତ୍ ବିଭାଗ ସହିତ ଆଗୁଆ ଯୋଗାଯୋଗ କରାଯାଇଛି। ବାତ୍ୟା ସମୟରେ ପଶୁପକ୍ଷୀଙ୍କୁ ରାତ୍ରି ଆଶ୍ରୟସ୍ଥଳରେ ରଖିବାକୁ କର୍ମଚାରୀଙ୍କୁ କୁହାଯାଇଛି। ପର୍ଯ୍ୟାପ୍ତ ପରିମାଣର ଔଷଧ, ସାପ ଆଣ୍ଟି–ଭେନମ୍ ସମେତ ପର୍ଯ୍ୟାପ୍ତ ଖାଦ୍ୟ ଏବଂ ଅତ୍ୟାବଶ୍ୟକ ପଶୁଚିକିତ୍ସା ସାମଗ୍ରୀ ମହଜୁଦ ରଖାଯାଇଛି। ଡାକ୍ତରଖାନା ଏବଂ କର୍ମଚାରୀମାନେ ଯେ କୌଣସି ଆକସ୍ମିକ ପରିସ୍ଥିତି ପାଇଁ ସମ୍ପୂର୍ଣ୍ଣ ସଜାଗ ରହିବାକୁ କୁହାଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ତୁରନ୍ତ ଗଛ କାଟିବା ଓ ରାସ୍ତାଘାଟ ସଫା କରିବା, ଉଭୟ ପାର୍କରେ ପାଟ୍ରୋଲିଂ ୟୁନିଟ ସଜାଗ ରହିବା, ଡିଜିସେଟ୍ ଓ ଯାନବାହନ ପାଇଁ ପେଟ୍ରୋଲ ଓ ଡିଜେଲ ମହଜୁଦ ରଖିବା, ଜରୁରିକାଳୀନ ଆଲୋକୀକରଣ, ପାଣି ଯୋଗାଣ ଲାଗି ବ୍ୟବସ୍ଥା କରାଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସାରିବା ପାଇଁ କର୍ମଚାରୀମାନେ ସଜାଗ ରହିବାକୁ ଉପନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି।

# ଇଣ୍ଡିଆ ମାରିଟାଇମ ୱିକ୍ କାର୍ଯ୍ୟକ୍ରମରେ ଯୋଗଦେଲେ ପ୍ରଭାତୀ

ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ଐତିହ୍ୟ ସର୍ବଦା ଓଡ଼ିଶାବାସୀଙ୍କୁ ଅନୁପ୍ରାଣିତ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଉତ୍କଳର ବୀର ସାଧବମାନେ ବୋଇତରେ ବାଲି, ଜାଭା, ସୁମାତ୍ରା ଓ ଥାଇଲାଣ୍ଡ ସହ ବାଣିଜ୍ୟ ସମ୍ପର୍କ ସ୍ଥାପନ କରି ନିଜ ଦେଶକୁ ଅମାପ ଧନସମ୍ପଦ ଆଣି ଆସୁଥିଲେ। ଶ୍ରୀଲଙ୍କା ଓ ଦକ୍ଷିଣ ପୂର୍ବ ଏସିଆ ସହ ଆମର ପ୍ରାଚୀନ ନୌବାଣିଜ୍ୟ ସମ୍ପର୍କ ଥିବା ପ୍ରତ୍ନତତ୍ତ୍ୱ ଖନନରୁ ଜଣାପଡ଼ିଛି। ବୋଇତ ବନ୍ଦାଣ ଏବଂ ଏସିଆର ସର୍ବବୃହତ ମୁକ୍ତାକାଶ ବାଣିଜ୍ୟ ମେଳା ଭାବେ ପରିଚିତ କଟକ ବାଲିଯାତ୍ରା ପ୍ରାଚୀନ ନୌବାଣିଜ୍ୟର ପରିଚୟ ବୋଲି ପ୍ରଭାତୀ କହିଛନ୍ତି। ମୁମ୍ବାଇରେ ଆୟୋଜିତ ଇଣ୍ଡିଆ ମାରିଟାଇମ୍ ୱିକ୍–୨୦୨୫ରେ ଯୋଗଦେବା ଅବସରରେ 'ଭାରତର ନୌବାଣିଜ୍ୟ ସମ୍ପର୍କ' ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖି ସେ ଏହା କହିଛନ୍ତି। ଚଳିତ ବର୍ଷ ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ କଟକ ବାଲିଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଏହାକୁ ଦେଖିବାକୁ ଆସିବା ପାଇଁ ଉପସ୍ଥିତ ଜନତାଙ୍କୁ ସେ ଆମନ୍ତ୍ରଣ କରିଥିଲେ। କଟକ ବାଲିଯାତ୍ରାରେ ଓଡ଼ିଶାର କଳା, ସଂସ୍କୃତି, ଭାସ୍କର୍ଯ୍ୟ, ବୟନ ଶିଳ୍ପ ଓ ସ୍ୱାଦିଷ୍ଟ ଖାଦ୍ୟର ମହନୀୟତା ପ୍ରତିଫଳିତ ହୋଇଥାଏ ବୋଲି ସେ କହିଥିଲେ। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳ ସଂଯୋଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଏବଂ ଶାନ୍ତନୁ ଠାକୁର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ, ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବରିଷ୍ଠ ନାଗରିକ ଏବଂ ପ୍ରତିଭାଧାରୀ।

ବାଣପୁର,୨୮।୧୦(ଦିଲୀପ କୁମାର ସ୍ୱାଇଁ)

ଚିଲିକା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ବିଶ୍ୱନାଥ ସ୍ୱାଇଁ ସ୍ମୃତି ସଂସଦ ପକ୍ଷରୁ ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବିଶ୍ୱନାଥ ସ୍ୱାଇଁଙ୍କ ଦଶମ ବାର୍ଷିକ ସ୍ମୃତିଚାରଣ ସଭା ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ନାଟ୍ୟକାର ଭିକାରି ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବୋଲଗଡ଼ ବ୍ଲକ୍ ପୂର୍ବତନ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଚରଣ ବେହେରା ମୁଖ୍ୟ ଅତିଥି, ହରିପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପଠାଣି ବଳବନ୍ତରାୟ ମୁଖ୍ୟ ବକ୍ତା, ଗଞ୍ଜାମ ଜିଲା ପୂର୍ଣ୍ଣଚନ୍ଦ୍ର ମର୍ଦ୍ଦରାଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ବେଗୁନିଆ ମନୁଆ ସାହିତ୍ୟ ସଂସଦର ସଭାପତି ରାମଚନ୍ଦ୍ର ସାହୁ, ବେଗୁନିଆ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ–ପଞ୍ଚସଖା ଶିକ୍ଷା ସେତୁର ଅଧ୍ୟକ୍ଷ ମାୟାଧର ମାର୍ଥା, ଉପାଧ୍ୟକ୍ଷ ଭବାନୀଶଙ୍କର ଜୟସିଂହ, ବେଗୁନିଆ ଗ୍ରାମ୍ୟ କମିଟିର ଉପସଭାପତି ଅନ୍ତର୍ଯ୍ୟାମୀ ସାହୁ, ଚିଲିକା ବ୍ଲକର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବପ୍ରସାଦ ତ୍ରିପାଠୀ, ବୋଲଗଡ଼ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଅର୍ପିତ ଅଚ୍ଛ, ସହ ସମ୍ପାଦକ ସୁକାନ୍ତ କୁମାର ଜେନା, ମିଡିଆ ସଂଯୋଜକ ଭିକାରୀ ପୁଷ୍ଟି, ଉପଦେଷ୍ଟା ବିଜୟ କୁମାର ସାହୁ, ନାରୁଣୀ ସ୍ଥିତ ଟୁଇଟ ବାର୍ଡ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ କୁମାର ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ୨୨ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସମାଜସେବୀ ଶରତ କୁମାର ସ୍ୱାଇଁ, ବାଙ୍କନିଧିଦେବ ନାଟ୍ୟ ସଂସଦର ପରିଚାଳକ ଚନ୍ଦ୍ର ଶେଖର ପ୍ରଧାନ, ସଫଳ କୃଷକ ରବୀନ୍ଦ୍ର ପ୍ରଧାନ, ରାଜମିସ୍ତ୍ରୀ ବ୍ରଜ କିଶୋର ମହାରଣା ଏବଂ ଡଙ୍ଗା ନିର୍ମାତା ସଞ୍ଜୟ କୁମାର ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପ୍ରମୋଦ କୁମାର ସ୍ୱାଇଁ ସଂଯୋଜନା କରିଥିଲେ। ଅର୍ଜୁନ ସ୍ୱାଇଁ, ଝୁଲିଆ ସ୍ୱାଇଁ, ସହଦେବ ଜେନା, ଜଗନ୍ନାଥ ଖୁଣ୍ଟିଆ, ସୁକାନ୍ତି ଦେବୀ, ବାସନ୍ତୀ ଖୁଣ୍ଟିଆ, ଦେବେନ୍ଦ୍ର ସାମନ୍ତସିଂହାର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଜୟ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ୮ ରେଳ କର୍ମଚାରୀ ସମ୍ମାନିତ

ଭୁବନେଶ୍ୱର,୨୮।୧୦ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଟ୍ରେନ ପରିଚାଳନାର ନିରାପତ୍ତା ଓ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ୮ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। କେନ୍ଦୁଆପଦାରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର–୩ ମିହିର କୁମାର ରାଉତ, ପାରାଦୀପରେ କାର୍ଯ୍ୟରତ ସିନିୟର ଗୁଡ୍ସ ଟ୍ରେନ ମ୍ୟାନେଜର ଅନିଲ କୁମାର, ସମ୍ବଲପୁରରେ କାର୍ଯ୍ୟରତ ଟେକ୍ନିସିଆନ–୩/ଟିଏଲ୍ ଆଣ୍ଡ ଏସି ସିଦ୍ଧାନ୍ତ ଆଚାର୍ଯ୍ୟ, କୁମହାର ସୋଡ଼ରାରେ ଟ୍ରାକ୍ ମେଣ୍ଟେନର–ଇଇ ଭାବେ କାର୍ଯ୍ୟରତ ରାକେଶ କୁମାର, ଆଲମଣ୍ଡାରେ କାର୍ଯ୍ୟରତ ପଏଣ୍ଟସ୍‌ମ୍ୟାନ 'ଏ' ଭାବେ କାର୍ଯ୍ୟରତ ଏମ୍. ରାମା ରାଓ, ଭେଜା ଷ୍ଟେଶନରେ ଷ୍ଟେଶନ ମାଷ୍ଟର ଭାବେ କାର୍ଯ୍ୟରତ ଏ. ଦେବରଞ୍ଜନ ସ୍ୱାଇଁ, ମୁନିଗୁଡ଼ାରେ ଟ୍ରାକ ମେଣ୍ଟେନର–ଇବ ଭାବେ କାର୍ଯ୍ୟରତ ସୁରେନ୍ଦ୍ର ପାଲ ଏବଂ ଦକ୍ଷିଣ–କେନ୍ଦ୍ରୀୟ ରେଳପଥର ବିଜୟୱାଡ଼ା ମଣ୍ଡଳ ଅଧୀନରେ ସିନିୟର ଗୁଡ୍ସ ଟ୍ରେନ ମ୍ୟାନେଜର ଭାବେ କାର୍ଯ୍ୟରତ ପାଦେଲା ବୀରା ଭେଙ୍କଟ ରମଣ ସେମାନଙ୍କ ନିୟମିତ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ଉପସ୍ଥିତି ବୁଦ୍ଧିର ପ୍ରଦର୍ଶନ କରି ଦ୍ରୁତ ଓ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି, ଯାହା ଟ୍ରେନଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନା ସୁନିଶ୍ଚିତ କରିବାରେ ସହାୟକ ହୋଇଛି।



ଅତିଥିଙ୍କ ଗହଣରେ ସମ୍ମାନିତ ରେଳ କର୍ମଚାରୀ।

# 'ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଛାତ୍ରୀଛାତ୍ର ଦକ୍ଷ ହୁଅନ୍ତୁ'




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଭୁବନେଶ୍ୱର, ୨୮।୧୦(ସୁଚିସ୍ମିତା ସାହୁ)

## ଆବାସିକ ବ୍ୟାବହାରିକ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁନେଇ ୫ଦିବସୀୟ ଆବାସିକ ବ୍ୟାବହାରିକ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏକକାଳୀନ ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି)ରେ ଆଇଟି ଟ୍ରେଡ୍ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ ହାର୍ଡୱେୟାର ଟ୍ରେଡ୍ ସମ୍ପର୍କରେ ପ୍ରଶିକ୍ଷିତ କରାଯାଉଛି। ସିଟିଟିସି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ଦକ୍ଷ ହେବାକୁ ପ୍ରେରଣା ଦେଇଥିଲେ। ଛାତ୍ରୀଛାତ୍ରଙ୍କ କ୍ୟାରିୟର ଗଠନ ଦିଗରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଆୟୋଜିତ ଏହି ବ୍ୟାବହାରିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସହାୟକ ହେବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ସିଟିଟିସିର ସାଧାରଣ ପରିଚାଳକ ଏଲ୍. ରାଜଶେଖର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଧନ୍ଦାମୂଳକ କ୍ଷେତ୍ରରେ ଭବିଷ୍ୟତ ଗଠନ ନିମନ୍ତେ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ସ୍ୱାଗତ ଅଭିଭାଷଣ ଏବଂ ସିଟିଟିସିର ବରିଷ୍ଠ ପରିଚାଳକ ଏମ୍.କେ. ରାଜନ ଧନ୍ୟବାଦ ଦେଇଥିଲେ। ସେହିପରି ବିଶ୍ୱ ଦକ୍ଷତା କେନ୍ଦ୍ରରେ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ପ୍ରିନ୍ସିପାଲ ଟି. ଥମ୍ପିରାଜ, ସାମ୍ବ ଅଧିକାରୀ ଉମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ରେଳଷ୍ଟେଶନ ସମ୍ପ୍ରସାରଣ ପାଇଁ ହଟିଲା ଜବରଦଖଲ

ଭୁବନେଶ୍ୱର,୨୮।୧୦(ବନ୍ଦନା ସେଠୀ)

ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ରେଳଷ୍ଟେଶନର ସମ୍ପ୍ରସାରଣ ପାଇଁ ସେଠାରେ ରହିଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ରେଳଷ୍ଟେଶନର ପୁନଃନବୀକରଣରେ ବେଆଇନ୍ ଅବରୋଧ ବାଧା ସୃଷ୍ଟି କରୁଥିଲା। ରେଳ ଷ୍ଟେଶନରୁ ପିକ୍‌ଅପ୍ ଓ ଡ୍ରପ୍ ଲାଗି ରାସ୍ତା ନିର୍ମାଣ ସହିତ ସମ୍ପୃକ୍ତ ସ୍ଥାନରେ ଯାତ୍ରୀଙ୍କ ନିମନ୍ତେ ପାର୍କିଂ ସ୍ଥାନ ନିର୍ମାଣ କରାଯିବାକୁ ଯୋଜନା ରହିଛି। ତେଣୁ ମଙ୍ଗଳବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବିଡିଏ ଏନ୍‌ଫୋର୍ସମେଣ୍ଟର ୬ଟି ଟିମ୍ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ରେଳ ଷ୍ଟେଶନକୁ ଯିବା ରାସ୍ତାରେ ଥିବା ବେଆଇନ ଅସ୍ଥାୟୀ ଦୋକାନଗୁଡ଼ିକୁ ହଟାଇ ଦିଆଯାଇଛି। ଏଥିରେ ୫ଟି ହୋଟେଲ, ୨୧ଟି ଫାଷ୍ଟଫୁଡ ଷ୍ଟଲ, ୪ଟି ଫଳ ଦୋକାନ, ୧୩ଟ କ୍ୟାବିନ ଭଙ୍ଗାଯାଇଛି। ଉଚ୍ଛେଦରେ ପ୍ରାୟ ୫ହଜାର ବର୍ଗଫୁଟ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା।। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର (ଓଏସ୍‌ଡି) ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଏବଂ କନିଷ୍ଠଏନଫୋର୍ସମେଣ୍ଟ ଅଫିସର ସିଦ୍ଧାର୍ଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରେଳମଣ୍ଡଳସ୍ତରୀୟ ସାଂସ୍କୃତିକ ମହୋତ୍ସବ

ଜଟଣୀ,୨୮।୧୦(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ସ୍ଥାନୀୟ ରେଲୱେ କଲ୍ୟାଣ ମଣ୍ଡପ ପରିସରରେ ମଣ୍ଡଳସ୍ତରୀୟ ସାଂସ୍କୃତିକ ମହୋତ୍ସବ–୨୦୨୫ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନିଆ ଏହି ସାଂସ୍କୃତିକ ମହୋତ୍ସବରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ବିଭିନ୍ନ ପ୍ରାନ୍ତରୁ ୧୫୦ଜଣ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଭୋକାଲ ଶାସ୍ତ୍ରୀୟ, ଭୋକାଲ ଲାଇଟ, ଶାସ୍ତ୍ରୀୟ ବାଦ୍ୟ ଯନ୍ତ୍ର, ବାଦ୍ୟଯନ୍ତ୍ର ଲାଇଟ, ନୃତ୍ୟ, ଦଳଗତ ନୃତ୍ୟ, ନାଟକ ଏବଂ ଫ୍ୟାନ୍ସି ଡ୍ରେସ ଆଦି ପ୍ରଦର୍ଶିତ ହୋଇଥିଲା। ସେହିପରି ରଙ୍ଗୋଲି, ମେହେନ୍ଦି, ସାଲାଡ ସାଜସଜ୍ଜା ଏବଂ ରୋଷେଇ ପ୍ରତିଯୋଗିତା ହୋଇଥିଲା। ଖୋର୍ଦ୍ଧାରୋଡର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ତଥା ରେଳମଣ୍ଡଳ ସାଂସ୍କୃତିକ ସଙ୍ଗଠନର ସଭାପତି ଶୁଭ୍ରଜ୍ୟୋତି ମଣ୍ଡଳ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ବର୍ଗରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଜେତା ଏବଂ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧାରୋଡ ରେଳମଣ୍ଡଳର ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ତଥା ରେଳମଣ୍ଡଳ ସାଂସ୍କୃତିକ ସଙ୍ଗଠନର ସାଧାରଣ ସମ୍ପାଦକ ଆର୍. ଏନ୍. ଏ. ପରିଡ଼ା ସଂଯୋଜନା କରିଥିଲେ।




ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭାଧାରୀମାନେ।

# କିଶୋରୀ କିଶୋରଙ୍କ ଅନ୍ତର୍ନିହିତ ଦକ୍ଷତା ପ୍ରତିପାଦନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୮।୧୦(ସୁଚିସ୍ମିତା ସାହୁ)

କିଶୋର ଅବସ୍ଥାରେ ପିଲାଙ୍କ ମଧ୍ୟରେ ଶାରୀରିକ ଓ ମାନସିକସ୍ତରରେ ପରିବର୍ତ୍ତନ ହୋଇଥାଏ। ସେହି ସମୟରେ ସେମାନେ ସମ୍ମୁଖୀନ ହେଉଥିବା ହିଂସା ଓ ବିପଜ୍ଜନକ କାର୍ଯ୍ୟକଳାପଠାରୁ ସେମାନଙ୍କୁ ଦୂରେଇ ରଖିବାକୁ ପଡ଼ିଥାଏ। କିଶୋରୀ କିଶୋରଙ୍କ ଅନ୍ତର୍ନିହିତ ଦକ୍ଷତାର ଉନ୍ମେଷ କରିବା ସହ ଆର୍ଥିକ, ସାଂସ୍କୃତିକ ଓ ସମାଜ ବିକାଶ କ୍ଷେତ୍ରରେ ସେମାନଙ୍କ ଅବଦାନକୁ ପ୍ରତିପାଦନ କରିବା ଉଦ୍ଦେଶ୍ୟରେ ଦୁଇଦିନିଆ ରାଜ୍ୟସ୍ତରୀୟ କିଶୋରୀ କିଶୋର ସମାବେଶ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗ, ବକୁଳ ଫାଉଣ୍ଡେଶନ, ହମାରା ବଚ୍‌ପନ୍ ଟ୍ରଷ୍ଟ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମନ୍ୱିତ ଶିଶୁ ବିକାଶ ସେବା ଓ ସାମାଜିକ ବିକାଶ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁମିତ୍ରା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିଥିମାନେ କିଶୋରୀ କିଶୋରଙ୍କୁ ଶପଥପାଠ କରାଇବା ସହ ଏକ ଉଜ୍ଜ୍ୱଳ ଓ ସଶକ୍ତ ଓଡ଼ିଶା ଗଠନ ଦିଗରେ ପ୍ରତିଶ୍ରୁତିବଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତଙ୍କ ଲାଗି ନିରାପଦ ସହଯୋଗର ବାତାବରଣ ସୃଷ୍ଟି କରିବା ସହ ଶିକ୍ଷା ଓ ଉତ୍କର୍ଷ ଲାଭ ନିମନ୍ତେ ପ୍ରୟାସୀ ହେବା ଏବଂ ବୈଷୟିକ ଜ୍ଞାନର ସଦ୍‌ବ୍ୟବହାର କରିବା, ବାଲ୍ୟବିବାହ, ଭେଦଭାବ ଓ ହିଂସା ରୋକିବା ଲାଗି ସ୍ୱର ଉତ୍ତୋଳନ କରିବା ନିମନ୍ତେ କିଶୋରୀ କିଶୋରଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୧୦ରୁ ୧୯ ବର୍ଷ ବୟସ ମଧ୍ୟରେ ୨୭ଟି ଜିଲାରୁ ଶ୍ରେଷ୍ଠ ବିବେଚିତ ୧୨୭ ଜଣ କିଶୋରୀ କିଶୋର ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ନୃତ୍ୟ, ଗୀତ, କାହାଣୀ ପଠନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।




ଅତିଥିମାନେ କିଶୋରୀ କିଶୋରଙ୍କୁ ଶପଥପାଠ କରାଉଛନ୍ତି।

# କୁଶଭଦ୍ରା, ଭାର୍ଗବୀରେ ନିର୍ମାଣ ହେବ ୨ ବ୍ୟାରେଜ


ଜଳସମ୍ପଦ ବିଭାଗର ଉଚ୍ଚସ୍ତରୀୟ ଟିମ୍‌ର ଅଧିକାରୀମାନେ ବ୍ୟାରେଜ୍ ପାଇଁ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ନିମାପଡ଼ା,୨୮।୧୦
(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ନିର୍ବାଚନମଣ୍ଡଳୀର ନିମାପଡ଼ା ଓ ବଳଙ୍ଗା ଅଞ୍ଚଳ ପାଇଁ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ଅଭିନବ ପରିକଳ୍ପନା କରିଥିବାବେଳେ ଏଦିଗରେ ବେଶ ତତ୍ପରତା ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ୨ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦରେ ନିମାପଡ଼ା

## ଉଚ୍ଚସ୍ତରୀୟ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ, ସ୍ଥାନ ନିରୂପଣ ଓ ଚିହ୍ନଟ

ଜଳସମ୍ପଦ ବିଭାଗ ଉପଖଣ୍ଡ ପକ୍ଷରୁ କୁଶଭଦ୍ରା ଓ ଭାର୍ଗବୀ ନଦୀ ଉପରେ ଦୁଇଟି ବିଶାଳ ବ୍ୟାରେଜ୍ ନିର୍ମାଣ ପାଇଁ ପରିକଳ୍ପନା କରାଯାଇ ପ୍ରସ୍ତାବ ରଖାଯାଇଛି। ଜଳସମ୍ପଦ ବିଭାଗ ଗୋପ ସବ୍‌ଡିଭିଜନ ଅନ୍ତର୍ଗତ କୁଶଭଦ୍ରା ନଦୀର ଦିଘାଳୋ ଠାରେ ଓ ବଳଙ୍ଗା ସବ୍‌ଡିଭିଜନର ଭାର୍ଗବୀ ନଦୀରେ ହରିପୁରଠାରୁ ପାର୍ବତୀପୁର ମଧ୍ୟରେ ଏହି ଦୁଇଟି ବ୍ୟାରେଜ୍ ନିର୍ମାଣ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ପରିକଳ୍ପନା କରାଯାଇଛି।

ନିମାପଡ଼ା ଜଳସମ୍ପଦ ବିଭାଗ ଉପଖଣ୍ଡର ଅଧିକ୍ଷଣ ଯନ୍ତ୍ରୀ (ଏସ୍‌ଇ) ପ୍ରୀତମ ଚେତନ ପୋଥାଳ ଏହି ନୂତନ ବ୍ୟାରେଜ୍ ନିର୍ମାଣ ପାଇଁ ସରକାରଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି ୨ଟି ନୂତନ ବ୍ୟାରେଜ ନିର୍ମାଣ ସମ୍ପର୍କରେ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜେଶ କୁମାର ମହାନ୍ତି, ଡିଜାଇନ୍ ବିଭାଗର ନିର୍ବାହୀଯନ୍ତ୍ରୀ ଜ୍ୟୋତିସ୍ୱରୂପ ସାହୁ, ନିମାପଡ଼ା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଳ ପ୍ରମୁଖ କୁଶଭଦ୍ରା ନଦୀର ଦୀଘାଳୋ ଓ ଭାର୍ଗବୀ ନଦୀର ହରିପୁର, ପାର୍ବତୀପୁର ଓ ବଳଙ୍ଗା ସେତୁ ଆଦି କ୍ଷେତ୍ର ପରିଦର୍ଶନ କରିଥିବାବେଳେ ନୂତନ ବ୍ୟାରେଜ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ଓ ନିରୂପଣ କରିବା ଦିଗରେ ଅନୁଧ୍ୟାନ ଓ ଆକଳନ କରିଥିଲେ। ଜଳସମ୍ପଦ ବିଭାଗର ଏହି ଉଚ୍ଚସ୍ତରୀୟ ଟିମ୍‌ର କ୍ଷେତ୍ର ପରିଦର୍ଶନ, ସ୍ଥାନ ନିରୂପଣ, ଅନୁଧ୍ୟାନ କାର୍ଯ୍ୟବେଳେ ଜଳସମ୍ପଦ ବିଭାଗ ଗୋପ ସବ୍‌ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଲମ୍ବୋଧର ପାଢ଼ୀ, ବଳଙ୍ଗା ସବ୍‌ଡିଭିଜନର ସହକାରୀ ନିର୍ବାହୀଯନ୍ତ୍ରୀ ଅଜୟ ପ୍ରଧାନ, ନିମାପଡ଼ା ନିର୍ବାଚନମଣ୍ଡଳୀର ବରିଷ୍ଠ ଭାଜପା ନେତା ଶ୍ୟାମସୁନ୍ଦର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବ୍ୟାରେଜ୍ ଦୁଇଟି ନିର୍ମାଣ ହେଲେ ବନ୍ୟା ନିୟନ୍ତ୍ରଣ, ବନ୍ୟାଜଳ ଅଟକାଯାଇ ଜଳସଂରକ୍ଷଣ, ଭୂତଳ ଜଳସ୍ତର ହ୍ରାସକୁ ରୋକାଯାଇପାରିବା, ପରିବେଶର ସୁରକ୍ଷା, ପାନୀୟଜଳ ସମସ୍ୟାର ପ୍ରତିକାର, ଜଳସଂରକ୍ଷଣ ଦାରା ଚାଷ ପାଇଁ ଉଠାଜଳସେଚନ ଦ୍ୱାରା ନଦୀ ପଠାରେ ବିଭିନ୍ନ ଚାଷ କାର୍ଯ୍ୟ ହୋଇପାରିବ, ଏହି ବ୍ୟାରେଜ୍ ଉପରେ ସାଧାରଣ ଲୋକଙ୍କ ଯାତାୟାତ, ଗମନାଗମନ କ୍ଷେତ୍ରରେ ଲୋକେ ବହୁଳ ଭାବେ ଉପକୃତ ହୋଇପାରିବା ସହ ମୁଖ୍ୟତଃ ବ୍ୟାରେଜ୍ ଉପରକୁ ୧୦ କି.ମି. ପର୍ଯ୍ୟନ୍ତ ନଦୀ ଗର୍ଭରେ ଜଳ ସଂରକ୍ଷଣ ହୋଇପାରିବ ଓ ଏହାଦ୍ୱାରା ବ୍ୟାରେଜ୍ ଅବବାହିକାର ହଜାର ହଜାର ଚାଷୀ ଚାଷକ୍ଷେତ୍ରରେ ବହୁଳ ଭାବେ ଉପକୃତ ହୋଇପାରିବେ ବୋଲି ନିମାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଳ ଏକ ସାକ୍ଷାତକାରରେ ଧରିତ୍ରୀକୁ କହିଛନ୍ତି। କୁଶଭଦ୍ରା ଓ ଭାର୍ଗବୀ ନଦୀରେ ଏହି ଦୁଇଟି ବ୍ୟାରେଜ ନିର୍ମାଣ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପ୍ରୟାସ ତତ୍ପରତା, ଉଦ୍ୟମ, ପ୍ରଚେଷ୍ଟାକୁ ନିମାପଡ଼ା ଓ ବଳଙ୍ଗାବାସୀମାନେ ଗଭୀର କୃତଜ୍ଞତା ଓ ସାଧୁବାଦ ଜଣାଇଛନ୍ତି। ଏହି ନୂତନ ବ୍ୟାରେଜ୍ ନିର୍ମାଣ ହେଲେ ନିମାପଡ଼ା ଓ ବଳଙ୍ଗାବାସୀଙ୍କ ବିକାଶ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଅଧ୍ୟାୟ ସୃଷ୍ଟି କରିବ।

# ଶ୍ରୀମନ୍ଦିର ପରିସରରେ ଭକ୍ତଙ୍କ ମୃତ୍ୟୁ

ପୁରୀ,୨୮।୧୦
(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଯାହାକୁ ନେଇ ପ୍ରଶାସନର ବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ଭକ୍ତଙ୍କ ଅକାଳରେ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ଜଣଙ୍କ ହେଲେ ନୂଆଦିଲ୍ଲୀର ମୂଳଚାନ୍ଦ ଗୁପ୍ତା (୭୬)। ସୂଚନାଯୋଗ୍ୟ, ମୂଳଚାନ୍ଦ ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥିଲେ। ଯିବା ସମୟରେ ଶ୍ରୀମନ୍ଦିର ସାତପାହାଚ ନିକଟରେ ବୃଦ୍ଧ ଜଣଙ୍କ ଟଳି ପଡ଼ିବା ସହ ପ୍ରାଣବାୟୁ ଉଡ଼ି ଯାଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ସମାଗମ ହେଉଛି। ଫଳରେ ଭକ୍ତମାନେ ଲାଇନ୍‌ରେ ଯିବାବେଳେ ଅଣନିଃଶ୍ୱାସୀ ହେଉଛନ୍ତି। ବିଶେଷ କରି ବୃଦ୍ଧାବୃଦ୍ଧ, ଛୋଟ ପିଲାମାନେ ସମସ୍ୟା ଭୋଗୁଛନ୍ତି। ତେଣୁ ବୟସ୍କଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି କରାଯାଉଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଯୋଗେଶ୍ୱରପୁର,୨୮।୧୦
(ରଶ୍ମି ରଞ୍ଜନ ସାହୁ)

ଦେଓ୍ୱଳୀ ପଞ୍ଚାୟତ କୋଳର ଗ୍ରାମର ସହଦେବ ବେହେରାଙ୍କ ବାରିରୁ ମଙ୍ଗଳବାର ନୟାହାଟ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଜବତ କରିଛି। ମୃତକ ହେଲେ ଉକ୍ତ ଗ୍ରାମର ପ୍ରଶାନ୍ତ ବେହେରା(୪୦)। ଏ ସମ୍ପର୍କରେ ଗୋପ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୫) ରୁଜୁ ହୋଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲ ପଠାଇଛି।

ପୋଲିସ ସୂଚନା ମୁତାବକ, ପ୍ରଶାନ୍ତ ସୋମବାର ବିଳମ୍ବିତ ରାତିରେ ସେହି ଗ୍ରାମର ସହଦେବ ବେହେରାଙ୍କ ବାରିରେ ଥିବା ଏକ ଆକାଶି ଗଛରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ସୂଚନା ଦେଇଛନ୍ତି। ମଙ୍ଗଳବାର ଫାଣ୍ଡିରେ ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ମଲ୍ଲିକ ଉକ୍ତ ଗ୍ରାମକୁ ଯାଇ ମୃତ ପ୍ରଶାନ୍ତଙ୍କ ମୃତଦେହକୁ ଜବତ କରି ଚାରିଛକ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡି ନାହିଁ।

# ରାଶନ କାର୍ଡ ବାଣ୍ଟିଲେ ଏମ୍‌ପି, ବିଧାୟକ

ପିପିଲି, ୨୮।୧୦(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ପ୍ରଶାସନ ପକ୍ଷରୁ ମହିଳା ସଶକ୍ତୀକରଣ ଗୃହରେ ବହୁ ପ୍ରତୀକ୍ଷିତ ରାଶନ କାର୍ଡ ସୋମବାର ବଣ୍ଟନ କରାଯାଇଛି। ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଛନ୍ତି। ବ୍ଲକ ଅଧୀନ ୨୫ଟି ଗ୍ରାମ ପଞ୍ଚାୟତର ମୋଟ ୭ଶହରୁ ଅଧିକ ହିତାଧିକାରୀଙ୍କୁ କାର୍ଡବଣ୍ଟନ କରାଯାଇଥିବା ବେଳେ ଯେଉଁ ହିତାଧିକାରୀମାନେ ବଞ୍ଚିତ ଅଛନ୍ତି, ସେମାନଙ୍କୁ ଆଗାମୀ ପର୍ଯ୍ୟାୟରେ ସାମିଲ କରାଯିବ ବୋଲି ବିଧାୟକ ଓ ଏମ୍‌ପି କହିଛନ୍ତି।

# ମଣ୍ଡଳସ୍ତରୀୟ ଦୌଡ଼ ପ୍ରତିଯୋଗିତା

ସାକ୍ଷୀଗୋପାଳ,୨୮।୧୦(ଭରତ ରାଉତ)

ଶ୍ରୀରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ପ୍ରଧାନ ଶିକ୍ଷକ ରଞ୍ଜନ ସାମନ୍ତରାୟ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୨୫ଟି ବିଦ୍ୟାଳୟ ସମେତ ସତ୍ୟବାଦୀ ଡିଏଭି, ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ପିଲାମାନେ ଅଂଶଗ୍ରହଣ କରିଥିଲେ। ସ୍ପୋର୍ଟସ ସମ୍ପାଦକ ସୂଚିତ୍ର ଖଟେଇଙ୍କ ସହ ସତ୍ୟବାଦୀ ବ୍ଲକର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଯୋଗଦେଇ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# 'ପ୍ରାଚୀ ଉପତ୍ୟକା' ଶୀର୍ଷକ ରାଷ୍ଟ୍ରୀୟ ସଂଗୋଷ୍ଠୀ



କର୍ମଶାଳାରେ ମଞ୍ଚାସୀନ ଅତିଥି।

ଚାରିଛକ,୨୮।୧୦
(ଶିଶିର କୁମାର ସ୍ୱାଇଁ)

ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ଇତିହାସ ବିଭାଗ, ଭାରତୀୟ ରାଷ୍ଟ୍ରୀୟ କଳା ଓ ସାଂସ୍କୃତିକ ଐତିହ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ 'ପ୍ରାଚୀ ଉପତ୍ୟକା' ଶୀର୍ଷକ ଏକଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାଷ୍ଟ୍ରୀୟ ସଂଗୋଷ୍ଠୀରେ ମୁଖ୍ୟ ଅତିଥି ଭାବେ ଡ. ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳାଧିପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ ପ୍ରାଚୀ ସଭ୍ୟତା ଓ ଐତିହ୍ୟ ଉପରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଭାରତୀୟ ରାଷ୍ଟ୍ରୀୟ କଳା ଏବଂ ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ଆବାହକ ଅନିଲ ଧୀର୍ ଏବଂ ସମ୍ମାନିତ ଅତିଥି ଭାବେ ଭାରତୀୟ ରାଷ୍ଟ୍ରୀୟ କଳା ଏବଂ ସାଂସ୍କୃତିକ ପରିଷଦ, ଓଡ଼ିଶାର ଆବାହକ ଡ. ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଅଧିବେଶନ ଶେଷରେ ଇତିହାସ ବିଭାଗ ଅଧ୍ୟାପିକା ସୁଲୋଚନା ସାହୁ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନ ମଙ୍ଗଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ମିତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ଅବସରରେ ଇତିହାସ ବିଭାଗ ପକ୍ଷରୁ 'ପ୍ରାଚୀନ ମୁଦ୍ରା' ପ୍ରଦର୍ଶିତ କରାଯାଇଥିଲା। ଗ୍ରନ୍ଥାଳୟ ପରିସରରେ ଏକ ହେରିଟେଜ୍ କ୍ଲବ୍‌ର ଶୁଭ ଉଦ୍‌ଘାଟନ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଭାତ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ଆଇଆର୍‌ଏସ୍ ଅଧିକାରୀ ଚନ୍ଦ୍ରକାନ୍ତ ଦଳାଇ, ପୂର୍ବତନ ପରିଚାଳନା କମିଟି ସଦସ୍ୟ ସନାତନ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ୩୦ରୁ ଊର୍ଦ୍ଧ୍ୱ ଇତିହାସ ବିଭାଗ ଅଧ୍ୟାପକ ଏବଂ ଅଧ୍ୟାପିକା ଏଥିରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପିକା ଡ. କୀର୍ତ୍ତିମୟୀ ରାଉତରାୟ ଧନ୍ୟବାଦ ଦେଇଥିଲେ।

# ଲାଇଫ୍‌ଗାର୍ଡଙ୍କୁ ଆକ୍ରମଣ ଅଭିଯୋଗ

ପୁରୀ,୨୮।୧୦(ଅଜିତ୍ କୁମାର ମହାନ୍ତି)

ବାତ୍ୟା ମୋନ୍ଥା ପ୍ରଭାବକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ସମୁଦ୍ର ସ୍ନାନ ଉପରେ ବାରଣ କରାଯାଇଛି। କିଛି ଅମାନିଆ ପର୍ଯ୍ୟଟକ ବେଳାଭୂମିରେ ସ୍ନାନ କରୁଥିବା ଦେଖିବାକୁ ମିଳିଛି। ପର୍ଯ୍ୟଟକଙ୍କୁ ସଚେତନ କରାଇବା ନିମନ୍ତେ ପ୍ରଶାସନ ପକ୍ଷରୁ ଲାଇଫ୍‌ଗାର୍ଡଙ୍କୁ ନିୟୋଜିତ କରାଯାଇଛି। ତେବେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କେତେଜଣ ବଙ୍ଗୀୟ ପର୍ଯ୍ୟଟକ କାର୍ଯ୍ୟରେ ନିୟୋଜିତ ଥିବା ଲାଇଫ୍‌ଗାର୍ଡଙ୍କୁ ଆକ୍ରମଣ କରିବା ସହ ଦୁର୍ବ୍ୟବହାର କରିଥିବା ଦେଖିବାକୁ ମିଳିଥିଲା। ଏନେଇ ପୁରୀ ସମୁଦ୍ରକୂଳ ଅଗ୍ନିଶମ ଓ ବିପର୍ଯ୍ୟୟ ମୁକାବିଲା ପୋଷ୍ଟର ଭାରପ୍ରାପ୍ତ ଅଧିକାରୀ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଛନ୍ତି। ଭାରପ୍ରାପ୍ତ ଅଧିକାରୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ କୌଣସି ବ୍ୟକ୍ତିଙ୍କୁ ସମୁଦ୍ର ମଧ୍ୟରେ ଗାଧୋଇବାକୁ ବାରଣ କରାଯାଉଥିଲା। ସକାଳ ୯ଟାରେ କେତେଜଣ ବଙ୍ଗୀୟ ପର୍ଯ୍ୟଟକ ଜବରଦସ୍ତ ସମୁଦ୍ର ମଧ୍ୟକୁ ପ୍ରବେଶ କରୁଥିଲେ। ଉପସ୍ଥିତ ଲାଇଫ୍‌ଗାର୍ଡ ଜିପରଦିନ୍, ଯୋଗୀ ରାଓ ଏବଂ ବଲାଲା ରାଓ ଉକ୍ତ ପର୍ଯ୍ୟଟକଙ୍କୁ ବାରଣ କରିଥିଲେ। କିନ୍ତୁ ସେହି ପର୍ଯ୍ୟଟକମାନେ ଲାଇଫ୍‌ଗାର୍ଡଙ୍କୁ ଦୁର୍ବ୍ୟବହାର ସହ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହେବା ପରେ ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନମ୍ବର ୩୧୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି।

# ଏସ୍‌ଡିପିଓ କାର୍ଯ୍ୟାଳୟ ଆଗରେ ଧାରଣା


ଧାରଣାରେ ବସିଥିବା ଖବରଦାତାମାନେ।

ପିପିଲି,୨୮।୧୦
(ପ୍ରଭାତ କୁମାର ମହାପାତ୍ର)

## ଖବରଦାତାଙ୍କୁ ଆକ୍ରମଣର ପ୍ରତିବାଦ

ପିପିଲିରେ ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦରେ ପିପିଲି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଦଫା ଦାବିରେ ଖବରଦାତାମାନେ ଧାରଣା ଦେଇଥିଲେ। ଖବରଦାତା ନ୍ୟାୟର ଲଢ଼େଇରେ ପିପିଲି ପୋଲିସ ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ କରି ଧାରଣାରେ ବସି ରହିଥିଲେ। ପୂର୍ବ ଭଳି ସମାନ ଦାବି ଦର୍ଶାଇ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ, ପିପିଲି ଆଇଆଇସି ଓ ସବ୍‌ଇନିସ୍‌ପେକ୍ଟରଙ୍କ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହିତ ବଦଳି, ଖବରଦାତାଙ୍କ ନାଁରେ ମିଛ ମାମଲା ପ୍ରତ୍ୟାହାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବା ନେଇ ଦାବି ରଖିଥିଲେ। ଆନ୍ଦୋଳନ ପ୍ରାୟ ୧ଘଣ୍ଟା ପରେ ଘଟଣାସ୍ଥଳରେ ପିପିଲି ଏସଡିପିଓ ଦେବାଶିଷ ମିଶ୍ର ଓ ଜିଲା ମୁଖ୍ୟାଳୟରୁ ଆସିଥିବା ତଦନ୍ତକାରୀ ଅଧିକାରୀମାନେ ପହଞ୍ଚି ଧାରଣା ପ୍ରତ୍ୟାହୃତ ପାଇଁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ଓହରି ନ ଥିଲେ। ପରେ ପୁରୀ ଅତିରିକ୍ତ ଏସ୍‌ପି ସଚିନ ପଟେଲ ଧାରଣାସ୍ଥଳରେ ପହଞ୍ଚି ଖବରଦାତାଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ନ୍ୟାୟିକ ପ୍ରକ୍ରିୟାରେ ସ୍ୱଚ୍ଛତା, ନିରପେକ୍ଷ ତଦନ୍ତ ସହ ଖବରଦାତାଙ୍କୁ ସୁରକ୍ଷା ପ୍ରଦାନ କରିବାର ପ୍ରତିଶ୍ରୁତି ସହିତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଓ ମିଥ୍ୟା ମାମଲା ପ୍ରତ୍ୟାହାର ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଭଙ୍ଗାଘରେ ବିତୁଛି ଭିନ୍ନକ୍ଷମ ବୃଦ୍ଧାଙ୍କ ଜୀବନ

ଯୋଗେଶ୍ୱରପୁର,୨୮।୧୦
(ରଶ୍ମିରଞ୍ଜନ ସାହୁ)

ସରକାର ଗରିବ ଲୋକଙ୍କୁ ଗୃହ ଯୋଗାଇଦେବା ପାଇଁ ଆବାସ ଯୋଜନା କରିଛନ୍ତି। ପ୍ରକୃତ ହିତାଧିକାରୀ ଏହି ଯୋଜନା ପାଉଛନ୍ତି କି ନାହିଁ ତାହା ଦେଖିବାକୁ କେହି ନାହାନ୍ତି। ନୟାହାଟରେ ଜଣେ ବୃଦ୍ଧା ଏକ ଭଙ୍ଗାଘରେ ରହୁଥିଲେ ମଧ୍ୟ ତାଙ୍କ ପାଇଁ ଆବାସ ଯୋଜନା ସାତସପନ ହୋଇଛି।

ପ୍ରକାଶ ଯେ, ପୁରୀ ଜିଲା ଗୋପ ବ୍ଲକ୍ ଅନ୍ତର୍ଗତ ଦେଓ୍ୱଳୀ ପଞ୍ଚାୟତ ଭାରୋଗଳ ଗ୍ରାମର ବେଙ୍ଗଲତା ବାରିକ ଏକ ଭଙ୍ଗାଘରେ ଦୀର୍ଘଦିନ ହେବ ରହୁଛନ୍ତି। ସେ ଜଣେ ଗରିବ ଲୋକ ହୋଇଥିବାରୁ ତାଙ୍କ ସ୍ୱାମୀ ସର୍ବେଶ୍ୱର ବାରିକ ମୂଲ ଲାଗି ଗୁଜରାଣ ମେଣ୍ଟାଉଛନ୍ତି। ସେ ବାରମ୍ବାର ବ୍ଲକ ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଫଳରେ ସେ ନିରାଶ ହୋଇପଡ଼ିଛନ୍ତି। ଦେଓ୍ୱଳୀ ସରପଞ୍ଚ ରିଙ୍କୀ ସ୍ୱାଇଁ କହିଛନ୍ତି, ସେ ଆବାସ ଗୃହ ପାଇବା ପାଇଁ ହକ୍‌ଦାର। ତେଣୁ ମୁଁ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରି କିପରି ତାଙ୍କୁ ଶୀଘ୍ର ଆବାସ ଯୋଜନା ମିଳିପାରିବ ସେନେଇ ଚେଷ୍ଟା କରିବି।

# ସିପିଆଇର ପୁରୀ ଜିଲା ପରିଷଦ ସମାରୋହ

ନିମାପଡ଼ା,୨୮।୧୦
(ବିଚିତ୍ରାନନ୍ଦ ସାହୁ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସି.ପି.ଆଇ.) ପକ୍ଷରୁ ପୁରୀ ଜିଲାପରିଷଦ ବୈଠକ ନିମାପଡ଼ା ସ୍ଥିତ ସିପିଆଇ ପାର୍ଟି ଅଫିସ ଠାରେ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପାର୍ଟିର କଣ୍ଟ୍ରୋଲ କମିଟି ସଭ୍ୟ ଦେବେନ୍ଦ୍ର ନାଥ ସାହୁ, ରାଜ୍ୟ କମିଟି ସଭ୍ୟ ପ୍ରଦୀପ୍ତ ମହାନ୍ତି, ବିପିନ ବିହାରୀ ରାଉତ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ବ୍ରଜବନ୍ଧୁ ପ୍ରଧାନ, ପୁରୀ ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ସହସମ୍ପାଦକ ହରିହର ସେନାପତି ପ୍ରମୁଖ ଯୋଗଦେଇ ବୈଠକର ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ବୈଠକରେ ପାର୍ଟିର ଜୋନ୍‌ସ୍ତରୀୟ ଓ ଜିଲାସ୍ତରୀୟ ଶତବାର୍ଷିକୀ ପାଳନ କରାଯିବା, ସଭ୍ୟ ନବୀକରଣ, ନୂତନ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରାଯିବା, ପାର୍ଟିକୁ ଅଧିକ ଶକ୍ତିଶାଳୀ କ୍ରିୟାଶୀଳ କରାଯିବା, ମହିଳା ସୁରକ୍ଷା, ମଦ ବିରୋଧି ଅଭିଯାନ ପାଇଁ ନଭେମ୍ବର ୨୫ରେ ପୁରୀ ଜିଲାପାଳଙ୍କ ଅଫିସ ଠାରେ ଆନ୍ଦୋଳନ କରାଯିବା, ନଭେମ୍ବର ୨୦ରେ ପୁରୀ ଠାରେ ସ୍ୱର୍ଗତ ଅକ୍ଷୟ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧବାର୍ଷିକୀ ପାଳନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବାବେଳେ ମହିଳାଙ୍କ ସୁରକ୍ଷା ଦାବିରେ ଜିଲା ତମାମ ଆନ୍ଦୋଳନ କରାଯିବାକୁ ସ୍ଥିର କରାଯାଇଥିଲା। ସମାରୋହରେ ପାର୍ଟିର ବରିଷ୍ଠ ନେତା ସନ୍ତୋଷ ବେହେରା, ପ୍ରଫୁଲ୍ଲ ସାହୁ, ଶଙ୍କର ପରିଡ଼ା, ଗୋଲେଖ ନାୟକ, ସୁକାନ୍ତ ମହାନ୍ତି, ସୁରେଶ ବିଶ୍ୱାଳଙ୍କ ସମେତ ନିମାପଡ଼ା, ଗୋପ, କାକଟପୁର, ପୁରୀ, ବ୍ରହ୍ମଗିରି ଆଦି ଜୋନ୍‌ରୁ ବହୁଦଳୀୟ ନେତୃବୃନ୍ଦମାନେ ଯୋଗ ଦେଇଥିଲେ।



ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

# ବୈଷୟିକ କମିଟି ରିପୋର୍ଟ କାର୍ଯ୍ୟକାରୀ ପ୍ରସ୍ତାବ

## ମଙ୍ଗଳା ନଦୀ ପୁନରୁଦ୍ଧାର କମିଟିର ସମନ୍ୱୟ ବୈଠକ

ପୁରୀ,୨୮।୧୦
(ଅଜିତ୍ କୁମାର ମହାନ୍ତି)


ସମନ୍ୱୟ ବୈଠକରେ ମଙ୍ଗଳା ନଦୀ ପୁନରୁଦ୍ଧାର କମିଟିର କର୍ମକର୍ତ୍ତାମାନେ।

ମଙ୍ଗଳା ନଦୀ ପୁନରୁଦ୍ଧାର କମିଟିର ୬ଷ୍ଠତମ ସମନ୍ୱୟ ବୈଠକ ଜଗତ୍‌ଗୁରୁ କୃପାଳୁଜୀ ଆଶ୍ରମଠାରେ କମିଟି ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଅଧ୍ୟକ୍ଷ ଅଧ୍ୟାପକ ମହାନ୍ତି ଉପଦେଷ୍ଟା ମଣ୍ଡଳୀ ଓ ସଭ୍ୟମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସନ୍ତୋଷ କୁମାର ମହାନ୍ତିଙ୍କ ଦ୍ୱାରା ପ୍ରସ୍ତୁତ ଓ ପୂର୍ବ ବୈଠକରେ ପ୍ରଦର୍ଶିତ ହୋଇଥିବା ମଙ୍ଗଳା ନଦୀ ଓ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ସମ୍ବଳିତ ଡକ୍ୟୁମେଣ୍ଟ ଉପରେ ଆଲୋଚନା ହୋଇଥିଲା। ଆଲୋଚନାରେ ଶ୍ରୀମନ୍ଦିର ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ର, ସୁଧାଂଶୁ ଶେଖର ରାଜଗୁରୁ, ପ୍ରଫେସର ଡ. ମହେଶ୍ୱର ଦାଶ, ଡ. ହରିହର ହୋତା, ପ୍ରଭାତ ରଞ୍ଜନ ମହାପାତ୍ର, ଡ. ମନୋଜ କୁମାର ସାମନ୍ତରାୟ, ଡ. ସୁରଥ କୁମାର ସ୍ୱାଇଁ ଓ ଡ. ବିଶ୍ୱନାଥ ବଳିୟାରସିଂହ, ଡ. ନାରାୟଣ ପତି, ପ୍ରଦ୍ୟୁମ୍ନ ଖୁଣ୍ଟିଆ ଓ ଜ୍ୟୋତ୍ସ୍ନା ନାୟକ, ରାଜକିଶୋର ସାହୁ, ଉମାଶଙ୍କର ଆଚାର୍ଯ୍ୟ ଓ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ରଘୁନାଥ ମହାପାତ୍ର, କାଜଲ ଗୋଚ୍ଛାୟତ, ପ୍ରଧାନଶିକ୍ଷକ ସୁବାସ କୁମାର ସାହୁ, ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ମହାନ୍ତିଙ୍କ ନେତୃତ୍ୱରେ ଚଳିତ ମାସ ୧୪ ତାରିଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଇଞ୍ଜିନିୟର ପାଢ଼ୀ, ଲିଙ୍ଗରାଜ ଗୌଡ଼ ଏବଂ ୧୫ରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ସାକ୍ଷାତ୍ କରିଥିଲେ। ଡ. ସିଦ୍ଧେଶ୍ୱର ମହାପାତ୍ର ଶ୍ରୀମନ୍ଦିର ନୀତିକାନ୍ତି ସହ ମଙ୍ଗଳା ନଦୀର ସମ୍ପର୍କ ଓ ମାଦଳା ପାଞ୍ଜି ଓ କର୍ମାଙ୍ଗୀ ମାଦଳାରେ ଏହା କିପରି ଲିପିବଦ୍ଧ ହୋଇରହିଛି, ତାହାକୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ନଭେମ୍ବର ସୁଦ୍ଧା ତୃତୀୟ ବୈଷୟିକ କମିଟି ରିପୋର୍ଟକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ଗ୍ରହଣ ହୋଇଥିଲା। ଡିସେମ୍ବରରେ ୧୦ହଜାର ଜନସାଧାରଣଙ୍କୁ ନେଇ ପରିବେଶ ସଚେତନତା ଓ ମଙ୍ଗଳା ନଦୀକୁ ରିଭର୍ ଫ୍ରଣ୍ଟ ଡେଭେଲ୍‌ପମେଣ୍ଟ ପ୍ରୋଜେକ୍ଟରେ ସାମିଲ କରିବା ପାଇଁ ଏକ ସଦ୍‌ଭାବନା ପଦଯାତ୍ରାର ବ୍ୟବସ୍ଥା କରାଯାଇ ସରକାରଙ୍କୁ ଅନୁରୋଧ କରାଯିବା ନେଇ ମିଟିଂରେ ଏକ ପ୍ରସ୍ତାବ ଗ୍ରହଣ ସର୍ବସମ୍ମତିକ୍ରମେ କରାଯାଇଛି। ମଙ୍ଗଳା ନଦୀ ଆଉ କୌଣସି ଗ୍ରାମର ସମ୍ପତ୍ତି ନୁହେଁ, ଏହା ଦେଶର ଅମୂଲ୍ୟ ସମ୍ପଦ ବୋଲି ସମସ୍ତ ସଦସ୍ୟ ଓ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଥିଲେ। ଏହି ନଦୀର ସମ୍ପୃକ୍ତି ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ସହିତ ଓତଃପ୍ରୋତ ଭାବେ ଜଡ଼ିତ ସହ ଏହା ଲକ୍ଷାଧିକ ଲୋକଙ୍କ ଜୀବନରେଖା ହୋଇଥିବାରୁ ଏହି ନଦୀର ସୁରକ୍ଷା, ପୁନରୁଦ୍ଧାର ଓ ଏହାକୁ ରିଭର୍‌ଫ୍ରଣ୍ଟ ଡେଭେଲଭମେଣ୍ଟ ପ୍ରୋଜେକ୍ଟରେ ସାମିଲ କରି ଯଥାଶୀଘ୍ର ତୃତୀୟ ବୈଷୟିକ କମିଟି ରିପୋର୍ଟକୁ ତୁରନ୍ତ ସରକାର କାର୍ଯ୍ୟକାରୀ କରନ୍ତୁ ବୋଲି ଅଧ୍ୟକ୍ଷ ଅଧ୍ୟାପକ ମହାନ୍ତି ଓ ସମସ୍ତ ଉପସ୍ଥିତ ବୁଦ୍ଧିଜୀବୀ ଏବଂ ସଦସ୍ୟମାନେ ପ୍ରସ୍ତାବ ରଖିଥିଲେ।

# ୧୧ ଜିଲାରେ ୧୪୫୮ ଆସନ୍ନ ପ୍ରସବା ସ୍ଥାନାନ୍ତର

ଭୁବନେଶ୍ୱର,୨୮।୧୦(ବନ୍ଦନା ସେଠୀ)

## 'ମୋନ୍ଥା' ମୁକାବିଲା ନେଇ ସ୍ୱାସ୍ଥ୍ୟ ବିଭାଗର କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମ

ବାତ୍ୟା 'ମୋନ୍ଥା'ର ପ୍ରବାହ କାଳ ଏବଂ ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର, ଆରୋଗ୍ୟ ମନ୍ଦିର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ କଲେଜ ଏବଂ ହସ୍ପିଟାଲଗୁଡ଼ିକରେ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଅଧିକ ପ୍ରଭାବିତ ହେବା ସମ୍ଭାବନା ଥିବା ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କୋରାପୁଟ, କେନ୍ଦ୍ରାପଡ଼ା, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ବାଲେଶ୍ୱର, ଜଗତ୍‌ସିଂହପୁର ଆଦି ୧୧ଟି ଜିଲାରେ ମଙ୍ଗଳବାର ପୂର୍ବାହ୍ନ ସୁଦ୍ଧା ୬୭୯୪ଜଣ ଆସନ୍ନ ପ୍ରସବା ମହିଳାଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୪୫୮ଜଣଙ୍କୁ ଆବଶ୍ୟକତା ଅନୁଯାୟୀ ମା' ଗୃହ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଏଏନ୍‌ଏମ୍‌ମାନେ ତଳିଆ ନଦୀନାଳ ଘେରା, ରାସ୍ତାଘାଟ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳରେ ଘରକୁ ଘର ବୁଲି ଆସନ୍ନପ୍ରସବା ମହିଳାଙ୍କ ସହ ଯୋଗାଯୋଗ କରୁଛନ୍ତି। ସ୍ଥାନାନ୍ତର କରାଯାଇଥିବା ମହିଳାଙ୍କ ଖାଦ୍ୟ, ପାନୀୟ, ଓ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଛି ଏବଂ ଏଥିପାଇଁ ସ୍ୱତନ୍ତ୍ର ଦଳ କାର୍ଯ୍ୟରତ ଅଛନ୍ତି। ମଙ୍ଗଳବାର ପୂର୍ବାହ୍ନ ସୁଦ୍ଧା ୪୫୨ଜଣ ମହିଳା ନିରାପଦ ମାତୃତ୍ୱ ଲାଭ କରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ସବୁ ସମ୍ବେଦନଶୀଳ ଅଞ୍ଚଳରୁ ଶତ ପ୍ରତିଶତ ଆସନ୍ନପ୍ରସବା ମହିଳାଙ୍କୁ ନିରାପଦ ସ୍ଥାନକୁ ଆଣିବା ପ୍ରୟାସ ଜାରି ରହିଛି। ୧୦୮ ଆମ୍ବୁଲାନ୍ସ, ୧୦୨ ଆମ୍ବୁଲାନ୍ସ, ମୋବାଇଲ ହେଲ୍‌ଥ ୟୁନିଟ୍, ରାଷ୍ଟ୍ରୀୟ ବାଲ୍ ବିକାଶ କାର୍ଯ୍ୟକ୍ରମ ୟୁନିଟ୍, ରାପିଡ୍ ଆକ୍ସନ ଟିମ୍ ଆଦିକୁ ପରସ୍ପର ସମନ୍ୱିତ ଏବଂ କଣ୍ଟ୍ରୋଲ ରୁମ୍ ସହ ସଂଯୋଜିତ ରଖାଯାଇଛି। କ୍ଷେତ୍ରସ୍ତରୀୟ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ସୁଦ୍ଧା ୩.୭୧ କୋଟିରୁ ଅଧିକ ପାରାସିଟାମଲ୍ ବଟିକା, ୧.୮୭ କୋଟିରୁ ଅଧିକ ଓଆର୍‌ଏସ୍ ଦ୍ରବଣ, ୩.୮୨ କୋଟିରୁ ଅଧିକ ଜିଙ୍କ୍ ବଟିକା, ୧.୭୫ କୋଟିରୁ ଅଧିକ ହାଲୋଜେନ ବଟିକା, ୩.୦୨ ଲକ୍ଷରୁ ଅଧିକ ସାପକାମୁଡ଼ା ଇଞ୍ଜେକ୍‌ଶନ, ୬୭.୦୪ ଲକ୍ଷରୁ ଅଧିକ ବ୍ଲିଚିଂ ପାଉଡର ପ୍ୟାକେଟ ମହଜୁଦ ରହିଛି। ଆବଶ୍ୟକୀୟ ଜୀବନ ରକ୍ଷାକାରୀ ଓ ଜରୁରିକାଳୀନ ଔଷଧ, ଅକ୍ସିଜେନ ସିଲିଣ୍ଡର, ରକ୍ତ ସଂରକ୍ଷଣ କେନ୍ଦ୍ରରେ ରକ୍ତ ୟୁନିଟ୍ ଓ ରକ୍ତଜାତ ଉତ୍ପାଦ ଆଦି ମଧ୍ୟ ମହଜୁଦ ରଖାଯାଇଛି। ଆବଶ୍ୟକତା ଅନୁସାରେ ତୁରନ୍ତ ଅଧିକ ଔଷଧ ଓ ମାନବ ସମ୍ବଳ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ଜରୁରିକାଳୀନ ୱାର୍ଡଗୁଡ଼ିକରେ ଅଧିକ ସଂଖ୍ୟକ ଟ୍ରମା କିଟ୍ ରଖାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଗଜପତି ଜିଲା କାଶୀନଗର ବ୍ଲକ ଅଞ୍ଚଳରେ ରାସ୍ତାରେ ଭାଙ୍ଗି ପଡ଼ିଥିବା ଗଛ।



ରାସ୍ତାରେ ଧସିପଡ଼ିଥିବା ପଥରକୁ ଜେସିବି ମାଧ୍ୟମରେ ଉଠାଯାଉଛି।



ଯାଜପୁର ରୋଡ଼ରେ ଭାଙ୍ଗି ପଡ଼ିଥିବା କାଳୀପୂଜା ତୋରଣ।



ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି।

# ବାତ୍ୟା ମୁକାବିଲା ପ୍ରସ୍ତୁତିର ସମୀକ୍ଷା କଲେ ରେଳମନ୍ତ୍ରୀ

ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

ଙ୍ଗୋପସାଗରରେ ସୃଷ୍ଟ ବାତ୍ୟା 'ମୋନ୍ଥା' ଦ୍ୱାରା ପୂର୍ବତଟ ରେଳପଥ କ୍ଷେତ୍ର ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନଙ୍କ ସହିତ ବାତ୍ୟା ମୁକାବିଲା ସ୍ଥିତିର ସମୀକ୍ଷା କରିଛନ୍ତି। ବିଶେଷକରି ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ତେଲଙ୍ଗାନାରେ ପ୍ରଭାବିତ ହେବାକୁ ଥିବା ରେଳ ଭିତ୍ତିଭୂମିର ସୁରକ୍ଷା ଓ ଯାତ୍ରୀଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଉପରେ ରେଳମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବାତ୍ୟା ପୂର୍ବରୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ବୈଷ୍ଣବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରେଳମନ୍ତ୍ରୀ ଡିଭିଜନସ୍ତରୀୟ ଜରୁରିକାଳୀନ କକ୍ଷକୁ କାର୍ଯ୍ୟକ୍ଷମ କରିବା ସହ ସ୍ଥିତି ଉପରେ ୨୪ ଘଣ୍ଟିଆ ନିରୀକ୍ଷଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା, ବିଶାଖାପାଟଣା ଓ ଗୁଣ୍ଟୁର ଡିଭିଜନରେ ଜରୁରୀ ଉପକରଣ, ଯନ୍ତ୍ରାଂଶ ଏବଂ ଯଥେଷ୍ଟ ସଂଖ୍ୟକ ରେଳ କର୍ମଚାରୀଙ୍କୁ ପୁନରୁଦ୍ଧାର ଲାଗି ପ୍ରସ୍ତୁତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀଙ୍କ ଅସୁବିଧାକୁ ହ୍ରାସ କରିବା ପାଇଁ ରେଳ ଚଳାଚଳ ଉପରେ ନଜର ରଖିବା ଓ ଏହାକୁ ସୁବ୍ୟବସ୍ଥିତ କରିବା ସକାଶେ ପରାମର୍ଶ ଦିଆଯାଇଛି। ଜରୁରିକାଳୀନ ପରିସ୍ଥିତି ଓ ସତର୍କତାମୂଳକ ପଦକ୍ଷେପ ନେବା ଲାଗି ରେଳ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯେକୌଣସି ପ୍ରକାର ସହାୟତା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଭୁବନେଶ୍ୱର ପାଇଁ ୮୧୧୪୩୮୨୩୭୧, ଖୋର୍ଦ୍ଧା ରୋଡ୍ ସକାଶେ ୯୬୬୮୯୭୮୭୨୭, ବ୍ରହ୍ମପୁର ଲାଗି ୯୬୬୮୯୭୮୭୨୫ ଏବଂ ପଲାସା ନିମନ୍ତେ ୯୬୬୮୯୭୮୭୨୪ ନମ୍ବରରେ ଯୋଗାଯୋଗ କରାଯାଇପାରିବ।




ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ଦକ୍ଷିଣ ପୂର୍ବ ଓ ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନଙ୍କ ସହିତ ବାତ୍ୟା ମୁକାବିଲା ସ୍ଥିତିର ସମୀକ୍ଷା କରିଛନ୍ତି।



ରାୟଗଡ଼ ବ୍ଲକରେ ଅଗ୍ନିଶମ କର୍ମଚାରୀମାନେ ରାସ୍ତା ଉପରେ ପଡ଼ିଥିବା ଏକ ଗଛକୁ କାଟି ସଫା କରୁଛନ୍ତି।



ବ୍ରହ୍ମପୁର ବେଳାଭୂମି ଖାଁଖାଁ।



ଗଜପତି ମହେନ୍ଦ୍ରଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ପାଚେରି ଉପରେ ଗଛ ପଡ଼ିଯାଇଛି।

# ବାତ୍ୟା ମୁକାବିଲାରେ ନିୟୋଜିତ ଯୋଗାଣ ସହାୟକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୨୮।୧୦(ଗିରିଧାରୀ ପରିଚ୍ଛା)

ବାତ୍ୟା 'ମୋନ୍ଥା'ର ମୁକାବିଲାରେ ନିୟୋଜିତ ଗଜପତି ଜିଲା ରାୟଗଡ଼ ବ୍ଲକ ପୋତାର ପଞ୍ଚାୟତର ଯୋଗାଣ ସହାୟକ ସୁରେନ୍ଦ୍ର ଗମାଙ୍ଗଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ଯୋଗାଣ ସହାୟକ ସୁରେନ୍ଦ୍ର ୨୬ ତାରିଖରୁ ବାତ୍ୟା ମୁକାବିଲା କାର୍ଯ୍ୟରେ ନିୟୋଜିତ ଥିଲେ। ସୁରେନ୍ଦ୍ରଙ୍କ ମୃତ୍ୟୁରେ ଜିଲାପାଳ ମଧୁମିତା ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ତାଙ୍କ ପାଇଁ ଯାହା ସହାୟତା ଘୋଷଣା କରିବେ ତୁରନ୍ତ ସୁରେନ୍ଦ୍ରଙ୍କ ପରିବାରକୁ ଯୋଗାଇଦିଆଯିବ ବୋଲି ଜିଲାପାଳ କହିଛନ୍ତି।

## BUSINESS

# ଭାରତର ଇଲେକ୍ଟ୍ରୋନିକ୍ସ ରପ୍ତାନି ପରିମାଣ ବୃଦ୍ଧି

ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)



ଭାରତରୁ ରପ୍ତାନି ହେଉଥିବା ସାମଗ୍ରୀ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଏବେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି। ଭାରତରେ ଆପଲ ଆଇଫୋନ୍‌ର ଉତ୍ପାଦନ ବୃଦ୍ଧି ଏବଂ ଆମେରିକା ରୁଷିଆର ତେଲ କମ୍ପାନୀଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଇବା ଏହାର ବଡ଼ କାରଣ ରହିଛି। ରିପୋର୍ଟ ଅନୁଯାୟୀ, ରୁଷିଆର ରୋସ୍‌ନେଫ୍ଟ ଓ ଲୁକୋଇଲ ତେଲ କମ୍ପାନୀ ଉପରେ ଟ୍ରମ୍ପ ସରକାର ନୂଆ କଟକଣା ଲଗାଇବା ଯୋଗୁ ଭାରତୀୟ ରିଫାଇନେରିଗୁଡ଼ିକର ରୁଷିଆରୁ ଅଶୋଧିତ ତୈଳ କିଣିବାରେ ପ୍ରଭାବ ପଡ଼ିପାରେ। ଏହାଦ୍ୱାରା ପେଟ୍ରୋଲିୟମ ଉତ୍ପାଦ ରପ୍ତାନି ପଛରେ ପଡ଼ିବ ଏବଂ ଇଲେକ୍ଟ୍ରୋନିକ୍ସ ରପ୍ତାନି ଦ୍ୱିତୀୟ ବୃହତ୍ ରପ୍ତାନି ସେକ୍ଟର ହୋଇଯିବ। ବାଣିଜ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ବର୍ଷର ପ୍ରଥମ ୬ମାସରେ ଇଲେକ୍ଟ୍ରୋନିକ୍ସ ରପ୍ତାନି ୪୨ ପ୍ରତିଶତ ବୃଦ୍ଧି ପାଇ ୨୨.୨ ବିଲିୟନ ଡଲାର ପହଞ୍ଚିଛି, ଯେଉଁଥିରେ ଆପଲ ଆଇଫୋନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗତ ବର୍ଷ ଏହା ୧୫.୬ ବିଲିୟନ ଡଲାର ଥିଲା। ଏହି ବୃଦ୍ଧି ଯୋଗୁ ୨୦୨୬ର ପ୍ରଥମ ୬ ମାସରେ ଇଲେକ୍ଟ୍ରୋନିକ୍ସ ଦେଶର ତୃତୀୟ ବୃହତ୍ ରାପ୍ତାନିକାରୀ ସେକ୍ଟର ହୋଇପାରିଥିଲା। ବିଶେଷଜ୍ଞମାନଙ୍କ ମତରେ, ରୁଷିଆ ତେଲର ସୀମିତ କିଣିବା ସହ ୨ ବର୍ଷ ଭିତରେ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ପ୍ରଣାଳୀ ସହିତ ରପ୍ତାନି କ୍ଷେତ୍ରରେ ଏହା ଦ୍ୱିତୀୟ ସ୍ଥାନରେ ରହିବ। ୨୦୨୨ରେ ଏହା ୭ମ ସ୍ଥାନରେ ଥିଲା ମାତ୍ର ଏହି କ୍ଷେତ୍ରରେ କ୍ରମାଗତ ଅଭିବୃଦ୍ଧି ଦେଖିବାକୁ ମିଳୁଛି । ବର୍ତ୍ତମାନ ଇଞ୍ଜିନିୟରିଂ ବର୍ଗ ୫୯.୩ ବିଲିୟନ ଡଲାର ପ୍ରଥମ ସ୍ଥାନରେ ରହିଛି, ଯାହା ଗତ ବର୍ଷର ୫୬.୩ ବିଲିୟନ ଡଲାରରୁ ୫.୩୫ ପ୍ରତିଶତ ବୃଦ୍ଧି ଦର୍ଶାଉଛି। ୨୦୨୫ରେ ଜେମସ୍ ଓ ଜୁଏଲେରି ଏବଂ କେମିକାଲକୁ ପଛରେ ପକାଇ ଇଲେକ୍ଟ୍ରୋନିକ୍ସକୁ ପଛରେ ପକାଇ ତୃତୀୟ ସ୍ଥାନରେ ପହଞ୍ଚିଥିଲା। ୨୦୨୨ରେ ଏହା ଫାର୍ମାସ୍ୟୁଟିକାଲ୍ସ ଓ ରେଡିମେଡ୍ ଗାର୍ମେଣ୍ଟସକୁ ମଧ୍ୟ ପଛରେ ଛାଡ଼ିଛି। ଅନ୍ୟପକ୍ଷେ, ଏହି ଅବଧିରେ ପେଟ୍ରୋଲିୟମ ଉତ୍ପାଦ ରପ୍ତାନି ୧୬.୪ ପ୍ରତିଶତ ହ୍ରାସ ପାଇ ୩୬.୬ ବିଲିୟନ ଡଲାରରୁ ୩୦.୬ ବିଲିୟନ ଡଲାର ପହଞ୍ଚିଛି। ଆର୍ଥିକବର୍ଷ ୨୦୨୩ର ୯୭.୪ ବିଲିୟନ ଡଲାରରୁ ୨୦୨୫ରେ ୬୩.୩ ବିଲିୟନ ଡଲାର ପର୍ଯ୍ୟନ୍ତ ପେଟ୍ରୋଲିୟମର ରପ୍ତାନି ଲଗାତର ହ୍ରାସ ପାଉଛି। ଗତ ୩ ବର୍ଷରେ ଇଲେକ୍ଟ୍ରୋନିକ୍ସ ରପ୍ତାନି ୨୦୨୩ର ୨୩.୫ ବିଲିୟନ ଡଲାରରୁ ୨୦୨୫ରେ ୩୮.୫ ବିଲିୟନ ଡଲାର ପହଞ୍ଚିଛି।

# ଓଏମ୍‌ସି ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ଭୁବନେଶ୍ୱର,୨୮।୧୦
(ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ ଖଣି ଓ ଇସ୍ପାତ ବିଭାଗ ଅଧୀନରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓଡ଼ିଶା ଖଣି ନିଗମ ପକ୍ଷରୁ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ନଭେମ୍ବର ୨ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେବା ଅବସରରେ ଭୁବନେଶ୍ୱରସ୍ଥିତ ଓଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ପରିସରରେ ନିଗମର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଯୋଗଦେଇ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ କର୍ମକ୍ଷେତ୍ରରେ ସାଧୁତା ଅବଲମ୍ବନ ନେଇ ଶପଥ ପାଠ କରାଇଛନ୍ତି। ଏହି ପରିପ୍ରେକ୍ଷୀରେ ନିର୍ଦ୍ଦେଶକ(ଅପରେଶନ) ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ(ମାନବ ସମ୍ବଳ) ଆଲୋକ କୁମାର ପାଲ, ନିର୍ଦ୍ଦେଶକ (ବିତ୍ତ) ବନବିହାରୀ ପାଣି ଏବଂ ନିଗମର ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ, ଦେବେନ୍ଦ୍ର ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ। ମୁଖ୍ୟ କାର୍ଯ୍ୟାଳୟ ବ୍ୟତୀତ, ଓଏମ୍‌ସିର ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ଖଣି ଅଞ୍ଚଳରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ କରାଯାଇଛି।




# କାନାରା ବ୍ୟାଙ୍କର ନୂଆ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

ରାଷ୍ଟ୍ରାୟତ୍ତ କାନାରା ବ୍ୟାଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲାର ଯାଆଁଳାଠାରେ ଏକ ନୂଆ ଶାଖା ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ (ଡି) ସୁମନ ଚକ୍ରବର୍ତ୍ତୀ ଏହି ଶାଖାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପ-ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଶରତ ଚନ୍ଦ୍ର ଭୋଇ, ମୁଖ୍ୟ ଅତିଥି ଯାଆଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳୀ ବେହେରା ଏବଂ ଶରତ କୁମାର ସାହୁ ଓ ଯାଆଁଳା କାଉନ୍‌ସିଲର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନେକ ବ୍ୟବସାୟୀ, ବେତନଭୋଗୀ ଏବଂ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଯୋଗ ଦେଇଥିଲେ।

# ଭୁବନେଶ୍ୱରରୁ ରାଉରକେଲା ହାଇୱେରେ ଭଲ ନେଟ୍‌ୱର୍କ

ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

## ଟ୍ରାଇର ଓଡ଼ିଶା ମୋବାଇଲ ନେଟ୍‌ୱର୍କ ଗୁଣବତ୍ତା ରିପୋର୍ଟ

ଟେଲିକମ୍ ରେଗୁଲେଟରି ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ) ଓଡ଼ିଶା ଲାଇସେନ୍ସଡ୍ ସର୍ଭିସ୍ ଏରିଆ (ଓଡିଏଲ୍‌ଏସ୍‌ଏ) ଅନ୍ତର୍ଗତ ଭୁବନେଶ୍ୱରରୁ ରାଉରକେଲା ହାଇୱେ ଏବଂ ରାଉରକେଲା ସହର ଓ ଆଖପାଖ ଅଞ୍ଚଳର ମୋବାଇଲ ନେଟ୍‌ୱର୍କ ଗୁଣବତ୍ତାର ସ୍ୱାଧୀନ ଡ୍ରାଇଭ ଟେଷ୍ଟ (ଆଇଡିଟି) ରିପୋର୍ଟ ପ୍ରକାଶ କରିଛି। ଅଗଷ୍ଟ ୨୦୨୫ରେ ହାଇଦ୍ରାବାଦସ୍ଥିତ ଟ୍ରାଇ ଆଞ୍ଚଳିକ କାର୍ଯ୍ୟାଳୟର ନିରୀକ୍ଷଣରେ ଅଗଷ୍ଟ ୧୯ରୁ ୨୨ ମଧ୍ୟରେ ଏହି ପରୀକ୍ଷା କରାଯାଇଥିଲା। ସହର, ଗ୍ରାମାଞ୍ଚଳ ଓ ସଂସ୍ଥାନିକ ହଟ୍‌ସ୍ପଟ୍ ଆଦି ବିଭିନ୍ନ ପରିବେଶରେ ବାସ୍ତବ ଅଭିଜ୍ଞତା ଆଧାରରେ ଏହି ପରୀକ୍ଷା କରାଯାଇଛି। ଏଥିରେ ଭୁବନେଶ୍ୱର-ରାଉରକେଲା ହାଇୱେରେ ୩୩୧.୪ କି.ମି., ରାଉରକେଲା ସହରରେ ୩୫୫ କି.ମି. ଡ୍ରାଇଭ ଟେଷ୍ଟ, ୩.୬ କି.ମି. ୱାକ୍ ଟେଷ୍ଟ ଓ ୮ଟି ହଟ୍‌ସ୍ପଟ୍ ସ୍ଥାନ ଅନ୍ତର୍ଭୁକ୍ତ ଥିଲା। ୨ଜି, ୩ଜି, ୪ଜି ଓ ୫ଜି ପ୍ରଯୁକ୍ତିକୁ ପରୀକ୍ଷାକରି ବିଭିନ୍ନ ହ୍ୟାଣ୍ଡସେଟ୍ ବ୍ୟବହାରକାରୀଙ୍କ ଅଭିଜ୍ଞତା ସଂଗ୍ରହ କରାଯାଇଛି। ଏ ସମ୍ପର୍କିତ ରିପୋର୍ଟ ସମସ୍ତ ଟେଲିକମ୍ ସର୍ଭିସ୍ ପ୍ରୋଭାଇଡର (ଟିଏସ୍‌ପି)କୁ ଜଣାଇ ଦିଆଯାଇଛି। ପରୀକ୍ଷାରେ କଲ୍ ସେବା ଓ ଡାଟା ସେବାକୁ ମୁଖ୍ୟ ମାନକ ଭାବେ ନିଆଯାଇଛି। ଏଥିରେ କଲ୍ ସେବା ପାଇଁ କଲ୍ ସେଟ୍‌ଅପ୍ ସଫଳତା ହାର (ସିଏସ୍‌ଏସ୍‌ଆର୍), କଲ୍ ଡ୍ରପ୍ ହାର (ଡିସିଆର୍), ସେଟ୍‌ଅପ୍ ସମୟ, ସାଇଲେନ୍ସ ହାର, କଥା ଗୁଣବତ୍ତା (ଏମ୍‌ଓଏସ୍) ଓ କଭରେଜ ଏବଂ ଡାଟା ସେବା ପାଇଁ ଡାଉନ୍‌ଲୋଡ୍/ଅପ୍‌ଲୋଡ୍ ଥ୍ରୁପୁଟ୍, ଲେଟେନ୍ସି, ଜିଟର, ପ୍ୟାକେଟ ଡ୍ରପ୍ ହାର ଓ ଭିଡିଓ ଷ୍ଟ୍ରିମିଂ ବିଳମ୍ବ ଆଦି ମାନଦଣ୍ଡ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ରହିଛି। ଅଟୋ-ସିଲେକ୍ସନ ମୋଡ୍‌ରେ କଲ୍ ସେଟ୍‌ଅପ୍ ସଫଳତା ହାରରେ ଏୟାରଟେଲ ୧୦୦.୦୦%, ବିଏସ୍‌ଏନ୍‌ଏଲ୍ ୮୭.୮୫%, ରିଲାଏନ୍ସ ଜିଓ ୯୯.୮୦% ଓ ଭୋଡାଫୋନ ଆଇଡିଆ ୯୯.୬୦% ରହିଛି। ଅନ୍ୟପକ୍ଷେ କଲ୍ ଡ୍ରପ୍ ହାରରେ ଏୟାରଟେଲ ଓ ଭୋଡାଫୋନ ଆଇଡିଆ ୦.୦୦%, ରିଲାଏନ୍ସ ଜିଓ ୦.୪୦% ଏବଂ ବିଏସ୍‌ଏନ୍‌ଏଲ୍ ୫.୩୨% ରହିଛି। ରିପୋର୍ଟ ଅନୁଯାୟୀ ଅଧିକାଂଶ କମ୍ପାନୀର ସେବା ଭଲ ରହିଛି, ମାତ୍ର ବିଏସ୍‌ଏନ୍‌ଏଲ୍‌ର ଉନ୍ନତିର ଆବଶ୍ୟକତା ଥିବାରୁ ସମସ୍ତ କମ୍ପାନୀକୁ ସେବା ସୁଧାର କରିବାକୁ ଟ୍ରାଇ ନିର୍ଦ୍ଦେଶ ଦେଇଛି।

# ବର୍ଷେ ପାଇଁ ନିଃଶୁଳ୍କ ସେବା ଦେବ ଓପନ ଏଆଇ

ଭୁବନେଶ୍ୱର,୨୮।୧୦




ଓପନଏଆଇ ମଙ୍ଗଳବାର ଘୋଷଣା କରିଛି, ଭାରତୀୟ ବ୍ୟବହାରକାରୀଙ୍କ ପାଇଁ ଚାଟ୍‌ଜିପିଟି ଗୋ ବର୍ଷକ ପାଇଁ ନିଃଶୁଳ୍କ ସେବା ଦେବ। ଏହା ୪ ନଭେମ୍ବରରୁ ଆରମ୍ଭ ହେବ। ସାଧାରଣତଃ ଏହାର ମାସିକ ସବ୍‌ସ୍କ୍ରିପ୍‌ସନ ପ୍ରତି ମାସରେ ୩୯୯ ଟଙ୍କା ରହିଥାଏ। ଚାଟ୍‌ଜିପିଟି ଗୋ ହେଉଛି ଓପନଏଆଇର ନୂତନ ସବ୍‌ସ୍କ୍ରିପସନ୍ ଟିୟର। ଏହା ବାଛୁଥିବା ବ୍ୟବହାରକାରୀମାନେ ପ୍ଲାଟ୍‌ଫର୍ମର ସବୁଠାରୁ ଲୋକପ୍ରିୟ ଫିଚରଗୁଡ଼ିକୁ ପାଇବେ ଜିପିଟି-୫ ମଡେଲ ସହିତ ଅଧିକ ମେସେଜ ସୀମା, ଦୈନିକ ଅଧିକ ଇମେଜ ତିଆରି, ଦିନକୁ ଅଧିକ ଫାଇଲ କିମ୍ବା ଇମେଜ ଅପ୍‌ଲୋଡ୍ ଏବଂ ଅଧିକ ବ୍ୟକ୍ତିଗତ ରିପ୍ଲାଏ ପାଇଁ ଅଧିକ ମେମୋରି ଉପଲବ୍ଧ ହେବ। ଚାଟ୍‌ଜିପିଟିର ଭାଇସ୍ ପ୍ରେସିଡେଣ୍ଟ ଓ ହେଡ୍ ନିକ୍ ଟର୍ଲୀ କହିଛନ୍ତି, ଭାରତରେ ଆମର ପ୍ରଥମ ଡେଭଟେ ଇଭେଣ୍ଟ ପୂର୍ବରୁ, ଆଧୁନିକ ଏଆଇରୁ ଅଧିକ ଲୋକେ ସହଜରେ ଲାଭ ପାଇବା ପାଇଁ ଏହି ସୁବିଧା ଦିଆଯାଉଛି। ଅଗଷ୍ଟରେ ଲଞ୍ଚ ପରେ ପ୍ରଥମ ମାସରେ ଭାରତରେ ଚାଟ୍‌ଜିପିଟିର ପେଡ୍ ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ୨ ଗୁଣରୁ ଅଧିକ ବୃଦ୍ଧି ପାଇଛି। ଏହି ଚାହିଦା ଯୋଗୁ ଓପନଏଆଇ ଚାଟ୍‌ଜିପିଟି ଗୋକୁ ବିଶ୍ୱର ପ୍ରାୟ ୯୦ଟି ବଜାରରେ ବିସ୍ତାର କରିଛି। ଭାରତ ଚାଟ୍‌ଜିପିଟିର ଦ୍ୱିତୀୟ ସର୍ବବୃହତ୍ ବଜାର। ଦେଶରେ ବହୁ କୋଟି ଲୋକ ପ୍ରତିଦିନ ଚାଟ୍‌ଜିପିଟି ବ୍ୟବହାର କରୁଛନ୍ତି।

# ସାଂସ୍କୃତିକ ଏକତାର ଉଦାହରଣ ଛଟ୍‌ପୂଜା

## ସହଧର୍ମିଣୀଙ୍କ ସହ ଛଟ୍ ପୂଜା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ନୂଆ ବାଲିଯାତ୍ରା ପଡ଼ିଆଠାରେ ମଙ୍ଗଳବାର ଅନୁଷ୍ଠିତ ଛଟ୍ ପୂଜା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ସରକାର ଭାଇଚାରା, ସୌହାର୍ଦ୍ଦ୍ୟ ଓ ସାଂସ୍କୃତିକ ଏକତାର ପରମ୍ପରାକୁ ଶକ୍ତିଶାଳୀ କରିବା ପାଇଁ ପ୍ରତିବଦ୍ଧ ଏବଂ ଓଡ଼ିଶାରେ ଛଟ୍ ପୂଜା ଏହି ସାଂସ୍କୃତିକ ଏକତାର ଉଦାହରଣ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ସହଧର୍ମିଣୀ ଡ. ପ୍ରିୟଙ୍କା ମାର୍ଣ୍ଡି ଯୋଗଦେଇଥିଲେ। ସେ ଛଟ୍ ପୂଜାର ବିଧି ପାଳନ କରି ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ପ୍ରଦାନ କରି ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ଛଟ୍ ପର୍ବ ଆମକୁ ଶିଖାଏ ଯେ, ଜୀବନର ସତ୍ୟ ଆଧାର ହେଉଛି ପ୍ରକୃତି, ଜଳ, ବାୟୁ ଓ ସୂର୍ଯ୍ୟଙ୍କ ଶକ୍ତି। ଏହି ପର୍ବ ମାଧ୍ୟମରେ ଆମେ ପ୍ରକୃତି ଓ ପରିବେଶ ପ୍ରତି ଆପଣଙ୍କ ଋଣସ୍ୱୀକାର କରୁଛୁ। ଆମେ ପ୍ରକୃତିଠାରୁ ପ୍ରେରଣା ପାଉ। ଛଟ୍ ପର୍ବର ସବୁଠୁ ବଡ଼ ବିଶେଷତା ହେଉଛି, ଏହି ପର୍ବରେ କୌଣସି ଦେଖାଣିଆ କିମ୍ବା ଆଡମ୍ବର ନ ଥାଏ. କେବଳ ନିଷ୍ଠା ଓ ଆତ୍ମିକ ଶ୍ରଦ୍ଧା ରହେ। ଏହି ପର୍ବ ସ୍ୱଚ୍ଛତା, ଶୃଙ୍ଖଳାର ଏକ ଅଦ୍ଭୁତ ଉଦାହରଣ ଏବଂ ଏହି ପର୍ବର ଆତ୍ମା। କହିବାକୁ ଗଲେ, ଛଟ୍ ପୂଜାର ପରମ୍ପରା ଉତ୍ତର ଭାରତୀୟ ରାଜ୍ୟ-ବିହାର, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶରେ ପାଳନ କରାଯାଏ । ମୁଁ ଏହା ଦେଖି ଅତ୍ୟନ୍ତ ଆନନ୍ଦିତ ଯେ, ଏବେ ଓଡ଼ିଶାରେ ମଧ ଛଟ୍ ପୂଜାର ଉତ୍ସବ ବିଶେଷ ଉଲ୍ଲାସ ଓ ଭକ୍ତିଭାବର ସହିତ ପାଳନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଶା ବିକାଶର ନୂତନ ମାର୍ଗରେ ଆଗକୁ ବଢ଼ୁ, ଆମ ଚାଷୀ, ଶ୍ରମିକ, ଯୁବ ଓ ମାତୃଶକ୍ତି ସଶକ୍ତ ହୁଅନ୍ତୁ ଏବଂ ପ୍ରତ୍ୟେକ ଘରେ ଖୁସିର ଆଲୋକ ବିକିରଣ ହେଉ ବୋଲି ମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱାସ ଫାଉଣ୍ଡେଶନର ସଭାପତି ରାଜକୁମାର, ଉପସଭାପତି ଅଜୟ ବାହାଦୁର ସିଂହ, ସାଧାରଣ ସଚିବ ଅଶୋକ ଭଗତ୍, ବିହାର ଉନ୍ନୟନ ପରିଷଦର ସଂଯୋଜକ ଆନନ୍ଦ ମୋହନ ପ୍ରମୁଖ ଉପସ୍ଥିତ ଥିଲେ।



ଛଟ୍ ପୂଜା ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ସହଧର୍ମିଣୀ ପ୍ରିୟଙ୍କା ମାର୍ଣ୍ଡି ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରୁଛନ୍ତି।

## ରେଳଷ୍ଟେଶନ ସମ୍ପ୍ରସାରଣ ଲାଗି ହଟିଲା ଜବରଦଖଲ

ଭୁବନେଶ୍ୱର,୨୮।୧୦(ବନ୍ଦନା ସେଠୀ)

ମାଷ୍ଟରକ୍ୟାଣ୍ଟିନସ୍ଥିତ ରେଳଷ୍ଟେଶନର ସମ୍ପ୍ରସାରଣ ପାଇଁ ସେଠାରେ ରହିଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଛି। ରେଳଷ୍ଟେଶନର ପୁନଃ ନବୀକରଣରେ ବେଆଇନ ଅବରୋଧ ବାଧା ସୃଷ୍ଟି କରୁଥିଲା। ରେଳଷ୍ଟେଶନରୁ ପିକ୍‌ଅପ୍ ଓ ଡ୍ରପ୍ ଲାଗି ରାସ୍ତା ନିର୍ମାଣ ସହିତ ସମ୍ପୃକ୍ତ ସ୍ଥାନରେ ଯାତ୍ରୀଙ୍କ ନିମନ୍ତେ ପାର୍କିଂ ସ୍ଥାନ ନିର୍ମାଣ କରାଯିବାକୁ ଯୋଜନା ରହିଛି। ତେଣୁ ମଙ୍ଗଳବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବିଡିଏ ଏନ୍‌ଫୋର୍ସମେଣ୍ଟର ୬ଟି ଟିମ୍ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନସ୍ଥିତ ରେଳଷ୍ଟେଶନକୁ ଯିବା ରାସ୍ତାରେ ଥିବା ବେଆଇନ ଅସ୍ଥାୟୀ ଦୋକାନଗୁଡ଼ିକୁ ହଟାଇ ଦିଆଯାଇଛି। ଏଥିରେ ୫ଟି ହୋଟେଲ, ୨୧ଟି ଫାଷ୍ଟଫୁଡ୍ ଷ୍ଟଲ୍, ୪ଟି ଫଳ ଦୋକାନ, ୧୩ଟି କ୍ୟାବିନ ଭଙ୍ଗାଯାଇଛି। ଉଚ୍ଛେଦରେ ପ୍ରାୟ ୫ ହଜାର ବର୍ଗଫୁଟ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର(ଓଏସ୍‌ଡି) ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଏବଂ କନିଷ୍ଠ ଏନ୍‌ଫୋର୍ସମେଣ୍ଟ ଅଫିସର ସିଦ୍ଧାର୍ଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଶୁଭଶ୍ରୀ



@ ଲକ୍ଷ୍ମୀପ୍ରିୟା



@ ପ୍ରଫୁଲ୍ଲ



@ ପ୍ରସନ୍ନ



@ ଶାନ୍ତନୁ



@ ସୁରେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ସମାରୋହରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିବିଶେଷ।

## ଶ୍ରୀମନ୍ଦିର ପରିସରରେ ଭକ୍ତଙ୍କ ମୃତ୍ୟୁ

ପୁରୀ,୨୮।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଭକ୍ତଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆଦିଲ୍ଲୀର ମୂଳଚାନ୍ଦ ଗୁପ୍ତା(୭୬)।

ସୂଚନାଯୋଗ୍ୟ, ମୂଳଚାନ୍ଦ ପରିବାର ସହିତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ଯିବା ସମୟରେ ସାତପାହାଚ ନିକଟରେ ହଠାତ୍ ସେ ଟଳିପଡ଼ିଥିଲେ। ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ତାଙ୍କୁ ସଙ୍ଗେସଙ୍ଗେ ଉଦ୍ଧାର କରାଯାଇ ସ୍ଥାନୀୟ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ପ୍ରଶାସନର ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ସମାଗମ ହେଉଛି। ଫଳରେ ଭକ୍ତମାନେ ଧାଡ଼ିରେ ଯିବାବେଳେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ବିଶେଷକରି ବୃଦ୍ଧାବୃଦ୍ଧ ଓ ଛୋଟ ପିଲାମାନେ ସମସ୍ୟା ଭୋଗୁଛନ୍ତି। ତେଣୁ ବୟସ୍କଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି।

## ଇଣ୍ଡିଆ ମାରିଟାଇମ ୱିକ୍ କାର୍ଯ୍ୟକ୍ରମରେ ଯୋଗଦେଲେ ପ୍ରଭାତୀ

ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ଐତିହ୍ୟ ସର୍ବଦା ଓଡ଼ିଶାବାସୀଙ୍କୁ ଅନୁପ୍ରାଣିତ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଉତ୍କଳର ବୀର ସାଧବମାନେ ବୋଇତରେ ବାଲି, ଜାଭା, ସୁମାତ୍ରା ଓ ଥାଇଲାଣ୍ଡ ସହ ବାଣିଜ୍ୟ ସମ୍ପର୍କ ସ୍ଥାପନ କରି ନିଜ ଦେଶକୁ ଅମାପ ଧନସମ୍ପଦ ଆଣି ଆସୁଥିଲେ। ଶ୍ରୀଲଙ୍କା ଓ ଦକ୍ଷିଣ ପୂର୍ବ ଏସିଆ ସହ ଆମର ପ୍ରାଚୀନ ନୌବାଣିଜ୍ୟ ସମ୍ପର୍କ ଥିବା ପ୍ରତ୍ନତତ୍ତ୍ୱ ଖନନରୁ ଜଣାପଡ଼ିଛି। ବୋଇତ ବନ୍ଦାଣ ଏବଂ ଏସିଆର ସର୍ବବୃହତ୍ ମୁକ୍ତାକାଶ ବାଣିଜ୍ୟମେଳା ଭାବେ ପରିଚିତ କଟକ ବାଲିଯାତ୍ରା ପ୍ରାଚୀନ ନୌବାଣିଜ୍ୟର ପରିଚୟ ବୋଲି ପ୍ରଭାତୀ କହିଛନ୍ତି। ମୁମ୍ବାଇରେ ଆୟୋଜିତ ଇଣ୍ଡିଆ ମାରିଟାଇମ୍ ୱିକ୍-୨୦୨୫ରେ ଯୋଗଦେବା ଅବସରରେ 'ଭାରତର ନୌବାଣିଜ୍ୟ ସମ୍ପର୍କ' ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖି ସେ ଏହା କହିଛନ୍ତି। ଚଳିତବର୍ଷ ନଭେମ୍ବର ୫ରୁ ୧୨ ପର୍ଯ୍ୟନ୍ତ କଟକ ବାଲିଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ଦେଖିବାକୁ ଆସିବା ପାଇଁ ଉପସ୍ଥିତ ଜନତାଙ୍କୁ ସେ ଆମନ୍ତ୍ରଣ କରିଥିଲେ। କଟକ ବାଲିଯାତ୍ରାରେ ଓଡ଼ିଶାର କଳା, ସଂସ୍କୃତି, ଭାସ୍କର୍ଯ୍ୟ, ବୟନଶିଳ୍ପ ଓ ସ୍ୱାଦିଷ୍ଟ ଖାଦ୍ୟର ମହନୀୟତା ପ୍ରତିଫଳିତ ହୋଇଥାଏ ବୋଲି ସେ କହିଥିଲେ। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳ ସଂଯୋଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏବଂ ଶାନ୍ତନୁ ଠାକୁର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଖୋଲାଯାଇଥିବା ପାଭିଲିୟନ ପରିଦର୍ଶନ କରି କହିଛନ୍ତି, ଓଡ଼ିଶାର ସାମୁଦ୍ରିକ ବିକାଶ ପାଇଁ ସମନ୍ୱିତ ଆଭିମୁଖ୍ୟ ରାଜ୍ୟକୁ ଭାରତର ପୂର୍ବ ସାମୁଦ୍ରିକ କରିଡରରେ ଏକ ଅଗ୍ରଣୀ କେନ୍ଦ୍ର ଭାବେ ସ୍ଥାନିତ କରୁଛି। ଆମର ଦୃଷ୍ଟିକୋଣ ହେଉଛି ସାମୁଦ୍ରିକ ଐତିହ୍ୟକୁ ସମ୍ମାନ ଦେବା ସହିତ ଓଡ଼ିଶାର ନୀଳ ଅର୍ଥନୀତି ପାଇଁ ଏକ ଆଧୁନିକ, ସ୍ଥାୟୀ ଏବଂ ବିଶ୍ୱ ସ୍ତରରେ ସଂଯୁକ୍ତ ଭବିଷ୍ୟତକୁ ପରିଚାଳନା କରିବା। ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ, ଆଧୁନିକ ବନ୍ଦର ଭିତ୍ତିଭୂମି ଏବଂ ମହତ୍ତ୍ୱାକାଂକ୍ଷୀ ନୀଳ ଅର୍ଥନୀତି ରୋଡ୍‌ମ୍ୟାପ୍ ଉପରେ ସେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, କଳିଙ୍ଗର ପ୍ରାଚୀନ ସାମୁଦ୍ରିକ ଦକ୍ଷତାଠାରୁ ଆରମ୍ଭକରି ଆମର ବିଶ୍ୱ ବାଣିଜ୍ୟ ସଂଯୋଗ ପର୍ଯ୍ୟନ୍ତ ଓଡ଼ିଶାର ଉପକୂଳ ଐତିହ୍ୟ ପ୍ରଗତିକୁ ପ୍ରେରଣା ଦେଇ ଚାଲିଛି। ବିଶ୍ୱସ୍ତରୀୟ ବନ୍ଦର ଏବଂ ସ୍ଥାୟୀ ନୀଳ ଅଭିବୃଦ୍ଧି ପାଇଁ ଏକ ରଣନୈତିକ ଦୃଷ୍ଟିକୋଣ ସହିତ ଓଡ଼ିଶା ଭାରତର ପୂର୍ବ ସାମୁଦ୍ରିକ ପୁନରୁତ୍ଥାନର ଏକ ପ୍ରମୁଖ ବାହକ ଭାବେ ଠିଆ ହୋଇଛି । ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ସ୍ୱାଗତ ଜଣାଇଥିଲେ ଓ ପାଭିଲିୟନ୍‌ରେ ପ୍ରଦର୍ଶିତ ତଥ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି।

## ଛଟ୍ ପୂଜାରେ କପିଳା ପଶୁ ଆହାରର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

ଛଟ୍ ପୂଜା ଅବସରରେ କପିଳା ପଶୁ ଆହାର ପକ୍ଷରୁ ମୁଜାଫରପୁରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ପ୍ରାୟ ୨୦୦୦ ଲୋକ ଯୋଗଦେଇଥିଲେ। ମୁଜାଫରପୁରର ପପ୍ପୁ ଚୌଧୁରୀ, ମୋତିହାରିର ମନୋଜ କୁମାର, ସୀତାମଢ଼ିର ଜିତେନ୍ଦ୍ର ଗୁପ୍ତା, ଭାଗଲପୁରର ନିଖିଲ ଝା, ଦାନାପୁରର ଧର୍ମେନ୍ଦ୍ର ସିଂହ ଓ ସନ୍ଦୀପ, ଦରଭଙ୍ଗାର ଡା. ଜି.ଏନ୍. ଲାଲ ପ୍ରମୁଖ ଡିଲରମାନେ ସହଯୋଗ କରିଥିଲେ। ଛଟ୍ ପରେ ଲୋକେ ବଳକା ପ୍ରସାଦ ଗୋମାତାଙ୍କୁ ଖୁଆନ୍ତି। ମାତ୍ର ଏଥିରେ ତେଲ ଓ ଚିନି ଥାଏ, ଯାହା ଗୋମାତା ଏବଂ ଅନ୍ୟ ପଶୁଙ୍କ ପାଇଁ ଖରାପ। କପିଳା ଟିମ୍ କହିଛି, ମଣିଷଙ୍କ ପାଇଁ ଭଲ ଖାଦ୍ୟ ଯେପରି ଦରକାର, ପଶୁଙ୍କ ଲାଗି ମଧ ସେଭଳି ପରିଷ୍କାର ଓ ସନ୍ତୁଳିତ ଆହାର ଜରୁରୀ। 'କପିଳା ଗୋପ୍ରସାଦ' ପଶୁଙ୍କ ପାଇଁ ପୁଷ୍ଟିକର ଓ ସୁସ୍ଥ ଆହାର। କପିଳା କେବଳ ଏକ ବ୍ରାଣ୍ଡ୍ ନୁହେଁ, ବରଂ ପଶୁ ଭଲ ରହିବା ପାଇଁ ଏକ ଜନଆନ୍ଦୋଳନ। ଗୋମାତା ଆମ ଆସ୍ଥାର ପ୍ରତୀକ। ସେମାନଙ୍କୁ ଭଲ ଆହାର ଦେବା ଆମର କର୍ତ୍ତବ୍ୟ ବୋଲି କୁହାଯାଇଛି। ଛଟ୍‌ରେ ଭକ୍ତି ସହ ସଚେତନତା ମଧ ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ବାର୍ତ୍ତା ଦିଆଯାଇଛି।




କପିଳା ପଶୁ ଆହାର ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ।

## କିଶୋରୀ କିଶୋରଙ୍କ ଅନ୍ତର୍ନିହିତ ଦକ୍ଷତା ପ୍ରତିପାଦନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୮।୧୦(ସୁଚିସ୍ମିତା ସାହୁ)

କିଶୋର ଅବସ୍ଥାରେ ପିଲାଙ୍କ ମଧ୍ୟରେ ଶାରୀରିକ ଓ ମାନସିକସ୍ତରରେ ପରିବର୍ତ୍ତନ ହୋଇଥାଏ। ସେହି ସମୟରେ ସେମାନେ ସମ୍ମୁଖୀନ ହେଉଥିବା ହିଂସା ଓ ବିପଜ୍ଜନକ କାର୍ଯ୍ୟକଳାପଠାରୁ ସେମାନଙ୍କୁ ଦୂରେଇ ରଖିବାକୁ ପଡ଼ିଥାଏ। କିଶୋରୀ କିଶୋରଙ୍କ ଅନ୍ତର୍ନିହିତ ଦକ୍ଷତାର ଉନ୍ମେଷ କରିବା ସହ ଆର୍ଥିକ, ସାଂସ୍କୃତିକ ଓ ସମାଜ ବିକାଶ କ୍ଷେତ୍ରରେ ସେମାନଙ୍କ ଅବଦାନକୁ ପ୍ରତିପାଦନ କରିବା ଉଦ୍ଦେଶ୍ୟରେ ଦୁଇଦିନିଆ ରାଜ୍ୟସ୍ତରୀୟ କିଶୋରୀ କିଶୋର ସମାବେଶ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗ, ବକୁଳ ଫାଉଣ୍ଡେଶନ, ହମାରା ବଚ୍‌ପନ୍ ଟ୍ରଷ୍ଟ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମନ୍ୱିତ ଶିଶୁ ବିକାଶ ସେବା ଓ ସାମାଜିକ ବିକାଶ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁମିତ୍ରା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିଥିମାନେ କିଶୋରୀ କିଶୋରଙ୍କୁ ଶପଥପାଠ କରାଇବା ସହ ଏକ ଉଜ୍ଜ୍ୱଳ ଓ ସଶକ୍ତ ଓଡ଼ିଶା ଗଠନ ଦିଗରେ ପ୍ରତିଶ୍ରୁତିବଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତଙ୍କ ଲାଗି ନିରାପଦ ସହଯୋଗର ବାତାବରଣ ସୃଷ୍ଟି କରିବା ସହ ଶିକ୍ଷା ଓ ଉତ୍କର୍ଷ ଲାଭ ନିମନ୍ତେ ପ୍ରୟାସୀ ହେବା ଏବଂ ବୈଷୟିକ ଜ୍ଞାନର ସଦ୍‌ବ୍ୟବହାର କରିବା, ବାଲ୍ୟବିବାହ, ଭେଦଭାବ ଓ ହିଂସା ରୋକିବା ଲାଗି ସ୍ୱର ଉତ୍ତୋଳନ କରିବା ନିମନ୍ତେ କିଶୋରୀ କିଶୋରଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୧୦ରୁ ୧୯ ବର୍ଷ ବୟସ ମଧ୍ୟରେ ୨୭ଟି ଜିଲାରୁ ଶ୍ରେଷ୍ଠ ବିବେଚିତ ୧୨୭ ଜଣ କିଶୋରୀ କିଶୋର ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ନୃତ୍ୟ, ଗୀତ, କାହାଣୀ ପଠନ, ଚିତ୍ରାଙ୍କନ ଆଦିପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।




କାର୍ଯ୍ୟକ୍ରମରେ ଅତିଥି ଶପଥପାଠ କରାଉଛନ୍ତି।

## କ୍ୟାମେରା ଲେନ୍ସରେ ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟର ଦୃଶ୍ୟ

ଭୁବନେଶ୍ୱର,୨୮।୧୦(ସୁଚିସ୍ମିତା ସାହୁ)

ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତି ସମୟର କରୁଣ ଚିତ୍ର ଓ ତା'ର ଗଭୀର ପ୍ରଭାବ ସମ୍ପର୍କିତ ଅନେକ ଫଟୋକୁ ନେଇ ମଙ୍ଗଳବାର ଜୟଦେବ ଭବନରେ ଏକକ ଫଟୋ ପ୍ରଦର୍ଶନୀ 'ଡିଜାଷ୍ଟର ଇନ୍ ଲେନ୍ସ' ଆୟୋଜିତ ହୋଇଛି। ଫଟୋ ସାମ୍ବାଦିକ ଅତୁଲ୍ୟ କୁମାର ମହାନ୍ତିଙ୍କ ଦ୍ୱାରା ଏହି ଦୁଇଦିନିଆ ଫଟୋ ପ୍ରଦର୍ଶନୀ ଆୟୋଜନ କରାଯାଇଛି। ଏହାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଅନ୍ୟ ଅତିଥିମାନେ ବୁଲି ଦେଖିଥିଲେ। ପ୍ରଦର୍ଶନୀରେ ଦର୍ଶକମାନେ ୧୯୯୯ ମହାବାତ୍ୟାଠାରୁ ଆରମ୍ଭକରି ଫାଇଲିନ, ହୁଡ୍‌ହୁଡ୍, ଅମ୍ଫାନ, ୟଶ୍, ତିତ୍‌ଲି ଭଳି ଭୟଙ୍କର ସାମୁଦ୍ରିକ ଝଡ଼ ଏବଂ ଅଦିନିଆ ବର୍ଷାରେ ଫସଲ ନଷ୍ଟର ଦୃଶ୍ୟ ଦେଖିବାକୁ ପାଉଛନ୍ତି। ଏହି ପ୍ରଦର୍ଶନୀରେ ୧୫୦ରୁ ଅଧିକ ଫଟୋଗ୍ରାଫ୍ ପ୍ରଦର୍ଶନ ହୋଇଛି, ଯାହା ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟର କଠୋର ବାସ୍ତବତାକୁ ଦର୍ଶକଙ୍କ ଆଗରେ ଉପସ୍ଥାପନ କରୁଛି। ଅତୁଲ୍ୟଙ୍କ ଏହି ପ୍ରଦର୍ଶନୀ ସମ୍ବେଦନଶୀଳତା ଓ ଜନସଚେତନତା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।



ଫଟୋ ପ୍ରଦର୍ଶନୀକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବୁଲି ଦେଖୁଛନ୍ତି।

# ପ୍ରଶାସନ ସଜାଗ, ୫ଶହରୁ ଊର୍ଦ୍ଧ୍ୱ ସ୍ଥାନାନ୍ତର

ଖୋର୍ଦ୍ଧା,୨୮।୧୦(ପ୍ରଭାତ ପାଣିଗ୍ରାହୀ)

ବାତ୍ୟା 'ମୋନ୍ଥା' ପ୍ରଭାବରେ ଉପକୂଳବର୍ତ୍ତୀ ଅଞ୍ଚଳ ଚିଲିକା, ବାଣପୁର ବ୍ଲକର ୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିକଟ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ଉପଜିଲାପାଳ କିଶୋର କୁମାର ପଣ୍ଡା ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଚିଲିକା ଏବଂ ବାଣପୁର ବ୍ଲକର ବିଭିନ୍ନ ତଟବର୍ତ୍ତୀ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ। ବାତ୍ୟା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିବା ଅନ୍ତେବାସୀଙ୍କୁ ସମସ୍ତ ସୁବିଧା ଉପଲବ୍ଧ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିସହିତ ଚିଲିକା ତଟବର୍ତ୍ତୀ ଅଞ୍ଚଳ ଗ୍ରାମରେ କଚ୍ଚାଘରେ ରହୁଥିବା ଲୋକଙ୍କୁ ଖୁବ୍‌ଶୀଘ୍ର ସ୍ଥାନାନ୍ତର ପାଇଁ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ଅମ୍ରିତ ଋତୁରାଜ କହିଛନ୍ତି ଯେ, ବାତ୍ୟାକୁ ନେଇ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଆବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ ପାଇଁ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ସ୍ୱାସ୍ଥ୍ୟଜନିତ ସମସ୍ୟା ପାଇଁ ଆବଶ୍ୟକ ଔଷଧ ମହଜୁଦ ରଖିବା ପାଇଁ ସିଡିଏମ୍‌ଓଙ୍କୁ କୁହାଯାଇଛି। ତଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଗର୍ଭବତୀ, ଶିଶୁ, ବରିଷ୍ଠ ନାଗରିକ, ବୃଦ୍ଧାବୃଦ୍ଧଙ୍କୁ ନିକଟ ବାତ୍ୟା ଆଶ୍ରୟସ୍ଥଳକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳରେ ସମସ୍ତ ସୁବିଧା ଉପଲବ୍ଧ କରାଯାଇଛି। ଏଥିସହିତ ଏସ୍‌ଆର୍‌ସିଙ୍କ ଗାଇଡ୍‌ଲାଇନ ଅନୁସାରେ ସମସ୍ତ ପଦକ୍ଷେପ ନେବାକୁ ଜିଲା ପ୍ରଶାସନ ସଜାଗ ରହିଛି। ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଥିବା ବେଳେ କୌଣସି ଅଘଟଣକୁ ଏଡ଼ାଇବା ପାଇଁ ବ୍ଲକସ୍ତରରେ ଏବଂ ଜିଲା ମୁଖ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ ଖୋଲାଯାଇଛି। ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦିଆଯାଇଛି। ଅଗ୍ନିଶମ ଅଧିକାରୀ ମୀନକେତନ ବେହେରା କହିଛନ୍ତି ଯେ, ବାତ୍ୟା ମୁକାବିଲା ଲାଗି ଅତ୍ୟାବଶ୍ୟକ ସାମଗ୍ରୀ ପ୍ରସ୍ତୁତ ରହିଛି। ଆମ ଟିମ୍ ସମ୍ପୂର୍ଣ୍ଣ ସଜାଗ ଏବଂ ପ୍ରସ୍ତୁତ ରହିଛି।



ବାତ୍ୟା ଆଶ୍ରୟସ୍ଥଳରେ ଅନ୍ତେବାସୀଙ୍କ ସହ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

# ବାଇକ୍ ସହ ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

ନିରାକାରପୁର,୨୮।୧୦
(ମାନସ ଚନ୍ଦ୍ର ପଟ୍ଟନାୟକ)

ଏକ ଚୋରି ମାମଲାରେ ନିରାକାରପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଗୁରୁଜଙ୍ଗ ଟାଙ୍ଗୀସାହିର ସୁଧାକର ବଳିୟାରସିଂ। ତାଙ୍କ ନିକଟରୁ ଏକ ବାଇକ୍ ସହ ମୋବାଇଲ ଫୋନ ଜବତ ହୋଇଛି। ପୋଲିସ ସୂଚନା ମୁତାବକ, ଜଙ୍କିଆ ଥାନା ଗଡଡ଼ିଆପଡ଼ା ଗ୍ରାମର ଆଶିଷ ବଳିୟାରସିଂହ ଏବଂ ସୁଧାକର ଦୁଇ ସାଙ୍ଗ। ଗତ ୫ତାରିଖରେ ଉଭୟେ ରାମେଶ୍ୱର ଛକଠାରେ ମଦ୍ୟପାନ କରିବା ସହ ମାରପିଟ୍ ହୋଇଥିଲେ। ପରେ ଆଶିଷ ସମ୍ପର୍କୀୟ ଘର ନିରାକାରପୁରକୁ ଆସୁଥିବା ବେଳେ ରାମେଶ୍ୱର ଛକ ଓ ରାମେଶ୍ୱର ଖେଳପଡିଆ ମଧ୍ୟରେ ଥିବା ଶନି ମନ୍ଦିର ନିକଟରେ ଅଟକିଥିଲେ। ସେଠାରେ ହଠାତ୍ ସୁଧାକର ପହଞ୍ଚି ଆଶିଷଙ୍କ ବାଇକ୍ (ଓଡି ୩୩ଏଏଲ ୯୮୪୨) ଏବଂ ମୋବାଇଲ ଫୋନକୁ ଛଡାଇ ନେଇ ପଳାଇଥିଲେ। ଏନେଇ ଆଶିଷଙ୍କ ଅଭିଯୋଗକୁ ଭିତ୍ତିକରି ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ମଙ୍ଗଳବାର ସ୍ଥାନୀୟ ହାଇସ୍କୁଲ ରାସ୍ତାରୁ ପୋଲିସ ସୁଧାକରଙ୍କୁ ଗିରଫ କରିବା ସହ ବାଇକ୍ ଏବଂ ମୋବାଇଲ ଫୋନ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୬୪/୨୫)ରୁଜୁ ପରେ ଅଭିଯୁକ୍ତ ସୁଧାକରଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ସବଇନ୍‌ସ୍ପେକ୍ଟର ଦୀପାଳିଶା ନାୟକ ସୂଚନା ଦେଇଛନ୍ତି।

# ଚିଲିକା ଅଶାନ୍ତ, ଜେଟି ଲଘିଂଲା ଢେଉ



ବାଲୁଗାଁ, ୨୮।୧୦
(ସଂଗ୍ରାମ ପାଇକରାୟ)

ବାତ୍ୟା 'ମୋନ୍ଥା' ପ୍ରଭାବରେ ମଙ୍ଗଳବାର ଚିଲିକା ଅଞ୍ଚଳରେ ବର୍ଷା ଲାଗି ରହିବା ସହ ପବନ ଯୋଗୁ ଚିଲିକା ଅଶାନ୍ତ ହୋଇପଡିଛି । ଚିଲିକାରେ ବଡ଼ ବଡ଼ ଢେଉ ସୃଷ୍ଟି ହୋଇ ପ୍ରାୟ ୩ଫୁଟରୁ ୪ଫୁଟ ଉଚ୍ଚତାରେ ଜୁଆର ଦେଖିବାକୁ ମିଳିଛି । ବାଲୁଗାଁ ଚିଲିକାକୂଳ ସ୍ଥିତ ଜେଟି ଉପରେ ଢେଉ ମାଡ଼ ହୋଇ କୂଳ ଲଂଘୁଥିବା ବେଳେ ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକ ଏହି ଦୃଶ୍ୟକୁ ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ବାତ୍ୟା 'ମୋନ୍ଥା'କୁ ନେଇ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ପ୍ରଶାସନର ନିର୍ଦ୍ଦେଶକ୍ରମେ ମାଛଧରା ଏବଂ ଯାତ୍ରୀବାହୀ ଡଙ୍ଗାଗୁଡିକ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ଚିଲିକା ତଟବର୍ତ୍ତୀ ଅଞ୍ଚଳ ଗୋପବନ୍ଧୁ କଲୋନୀ, ସନ୍ୟାସୀ ନଗର ଏବଂ ଶାନ୍ତିନଗର ବାସିନ୍ଦା ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିକଟ ବିଦ୍ୟାଳୟ ଗୁଡିକୁ ସ୍ଥାନାନ୍ତର ନିମନ୍ତେ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ସୂଚନା ଦେଇଛନ୍ତି। ସେହିପରି ବାତ୍ୟା ମୁକାବିଲା ପାଇଁ ବାଲୁଗାଁ ଅଗ୍ନିଶମ ବାହିନୀର ୧୨ଜଣିଆ କର୍ମଚାରୀ ଆବଶ୍ୟକ ଯନ୍ତ୍ରାଂଶ ସହ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଛନ୍ତି ବୋଲି ଆଗ୍ନିକ ଅଧିକାରୀ ମୋହନ ଚରଣ ଦଳାଇ କହିଛନ୍ତି।



ବାତ୍ୟା 'ମୋନ୍ଥା' ପାଇଁ ସଜାଗ ରହିଥିବା ବାଲୁଗାଁ ଅଗ୍ନିଶମ କର୍ମଚାରୀମାନେ। (ଫଟୋ: ସଂଗ୍ରାମ ପାଇକରାୟ)

# ସଚ୍ଚୋଟତା, ସାଧୁତାର ଶପଥପାଠ

ଖୋର୍ଦ୍ଧା,୨୮।୧୦(ପ୍ରଭାତ ପାଣିଗ୍ରାହୀ)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ ଅବସରରେ ମଙ୍ଗଳବାର ଲୋକସେବା ଭବନର କନ୍‌ଭେନ୍‌ଶନ ସେଣ୍ଟରରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏହି ସଭା ହୋଇଥିବା ବେଳେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ କକ୍ଷରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଜିଲାପାଳ ଅମ୍ରିତ ଋତୁରାଜ, ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ସଦର ଡିଏସ୍‌ପି ଅନିଲ ମହାନ୍ତି, ନିହାର ରଞ୍ଜନ ପ୍ରଧାନ, ଶିଳ୍ପାଞ୍ଚଳ ଥାନାଧିକାରୀ ଉମେଶ ସାହୁ, ସଦର ଥାନାଧିକାରୀ କାହ୍ନୁଚରଣ ମାଝୀ, ରିଜର୍ଭ ଇନ୍‌ସ୍ପେକ୍ଟର ଏସ୍.ଏମ୍ ଜେନାଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହି ସଭାରେ ଜିଲାପାଳ, ଏସ୍‌ପିଙ୍କ ସମେତ ଜିଲାର ସମସ୍ତ ପୋଲିସ ଅଧିକାରୀ ସଚ୍ଚୋଟତା, ସାଧୁତା ଏବଂ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ।




ଜିଲାପାଳ, ଏସ୍‌ପିଙ୍କ ସମେତ ଜିଲାର ସମସ୍ତ ପୋଲିସ ଅଧିକାରୀ ଶପଥପାଠ କରୁଛନ୍ତି।

# ୧୦୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ମହିଳା ଗିରଫ

ଖୋର୍ଦ୍ଧା,୨୮।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଅବକାରୀ ମୋବାଇଲ ୟୁନିଟ୍‌ର ଏକ ଟିମ୍ ମଙ୍ଗଳବାର ସକାଳ ୮ଟାରେ ଭାଲିଆବାଡ଼ି ହାତିଆଶୁଣି ସାହି ରାସ୍ତାରେ ଚଢ଼ାଉ କରି ୧୦୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତସାହିର ସରସ୍ୱତୀ ପଲେଇ (୩୬)। ଏଥିସହ ତାଙ୍କଠାରୁ ଏକ ମୋବାଇଲ ଫୋନ ଏବଂ ୧୫ଶହ ଟଙ୍କା ଜବତ କରାଯାଇଛି। ଜବତ୍ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏନେଇ ଏକ ମାମଲା (ନଂ.୨୯୨/୨୫)ରୁଜୁ ପରେ ସରସ୍ୱତୀଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ମୋନ୍ଥା: ପ୍ରଭାବିତ ହୋଇପାରେ ଧାନଫସଲ

ଖୋର୍ଦ୍ଧା,୨୮।୧୦(ପ୍ରଭାତ ପାଣିଗ୍ରାହୀ)

ଚାଷୀ ଏବଂ ଚାଷଙ୍କ ପିଛା ଛାଡୁନି ପ୍ରାକୃତିକ ବିପର୍ଯ୍ୟୟ। ପ୍ରତିବର୍ଷ ସ୍ୱଳ୍ପ ବୃଷ୍ଟି, ଅଦିନିଆ ବର୍ଷା, ଲଘୁଚାପଜନିତ ବର୍ଷା ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ବାତ୍ୟା 'ମୋନ୍ଥା' ଏବେ ଚାଷୀଙ୍କ ମୁଣ୍ଡବ୍ୟଥା ବଢ଼ାଇଛି। ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ବଡ଼ଧାନ ଥୋଡ଼ ବାହାରୁଥିବା ସମୟରେ ଲଘୁଧାନ ଫସଲ ପାଚିବା ସ୍ଥିତିରେ ରହିଛି। ତେବେ ବର୍ଷା ଯୋଗୁ ବିଲରେ ପାଣିଜମି ଧାନ ପଡି ନଷ୍ଟ ହେବା ସମ୍ଭାବନା ରହିଛି। ମଙ୍ଗଳବାର ଖୋର୍ଦ୍ଧା ଜିଲାରେ କୋହଲିଆ ପାଗ ସାଙ୍ଗକୁ ଝିପିଝିପି ବର୍ଷା ହେଉଥିବା ବେଳେ କେତେଜଣ ଚାଷୀ ବିଲରୁ ଧାନ କାଟି ଘରକୁ ବୋହି ନେଉଥିବା ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ମଧ୍ୟ ଅମଳ ଧାନକୁ କାଟି ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ଚାଷୀଙ୍କୁ ନିବେଦନ କରିଛନ୍ତି।

ସୂଚନାଥାଉ କି, ବୋଲଗଡ଼, ବେଗୁନିଆ ଏବଂ ଟାଙ୍ଗୀ ଅଞ୍ଚଳରେ ଧାନରେ ଚକଡ଼ା ପୋକ ଲାଗିବା ନେଇ ଚାଷୀ ଅଭିଯୋଗ ଆଣିଥିଲେ। ଏପରିକି ହାତୀପଲ ବିଲରେ ପଶି ବ୍ୟାପକ ଫସଲ ନଷ୍ଟ କରିବା ସହ ଧାନ ଖାଇଯିବା ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଥାଏ। ଏବେ ବାତ୍ୟା ପ୍ରଭାବରେ ବର୍ଷା ହେଉଥିବାରୁ ଚାଷୀ ଆଶଙ୍କାରେ ରହିଛନ୍ତି। କମ୍ ସମୟ ମଧ୍ୟରେ ଧାନ କିପରି କାଟିବେ, କେଉଁଠି ରଖିବେ, ତାହାକୁ ନେଇ ଚିନ୍ତାରେ ପଡିଛନ୍ତି। ଶରଧାପୁର ଚାଷୀ ଜିତେନ୍ଦ୍ର ବେହେରା କହିଛନ୍ତି, ଚଳିତ ବର୍ଷ ଭଲ ଫସଲ ହୋଇଛି। ପବନ ସହ ବର୍ଷା ଲାଗିରହିଲେ ଫସଲ ନଷ୍ଟକୁ ଏଡାଇ ଦିଆଯାଇ ନ ପାରେ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି। ସେହିପରି ଅନ୍ୟ ଜଣେ ଚାଷୀ କହିଛନ୍ତି, ୧୦ଏକର ଜମିରେ ଚାଷ କରିଛି। ବର୍ଷା ହେଲେ ଫସଲ ନଷ୍ଟ ହୋଇଯିବ। ଧାନ ପାଚିବା ସମୟରେ 'ମୋନ୍ଥା' ଦୁଃଖ ଆଣିଛି। ପ୍ରକାଶ ଯେ, ପ୍ରତ୍ୟେକ ବର୍ଷ ଅକ୍ଟୋବରରେ ପ୍ରାକୃତିକ ବିପର୍ଯ୍ୟୟ ଆସିଥାଏ। ଫଳରେ ଚାଷୀ ଅସୁବିଧାର ସମ୍ମୁଖୀନ ହେବା ସହିତ କ୍ଷତିଗ୍ରସ୍ତ ହୋଇଥାନ୍ତି। ୨୦୨୦ରେ ଲଗାଣ ବର୍ଷାରେ ୭୬୦୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିଲା, ଶତାଧିକ ଚାଷୀ କ୍ଷତି ସହିଥିଲେ। ୨୦୨୧ ବାତ୍ୟା ଜୱାଦ ପ୍ରଭାବରେ ୧୦ହଜାର ହେକ୍ଟର ଚାଷ ମି ଫସଲ ନଷ୍ଟ ହୋଇଥିଲା। ୨୦୨୨ରେ ବନ୍ୟା ପାଣି ମାଡି ଜିଲାରେ ୧୦ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିଲା। ଏବେ ବାତ୍ୟା 'ମୋନ୍ଥା' ପ୍ରଭାବରେ ଧାନଫସଲ କ୍ଷତିଗ୍ରସ୍ତ ହେବ ବୋଲି ଆଶଙ୍କା କରାଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି କହିଛନ୍ତି ଯେ, ପାଣିପାଗ ବିଭାଗ ପକ୍ଷରୁ ଆସୁଥିବା ସୂଚନା ଏବଂ ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ପ୍ରତି ଖବର ଚାଷୀମାନଙ୍କୁ ମୋବାଇଲରେ ଏସ୍‌ଏମ୍‌ଏସ୍ ଏବଂ ହ୍ୱାଟସଆପ୍ ମାଧ୍ୟମରେ ଜଣାଇ ଦିଆଯାଇଛି। ଯେଉଁଠି ଧାନ ପାଚିଯାଇଛି, ତାକୁ କାଟି ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବରେ ଫସଲ ନଷ୍ଟ ହୋଇଯିବ। ଏବେ ୩୦ପ୍ରତିଶତ ଅଞ୍ଚଳରେ ଧାନର ଥୋଡ଼ ବାହାରିଲାଣି। ସୋମବାର ସୁଦ୍ଧା ୫ହଜାର ହେକ୍ଟର ଜମିରୁ ଧାନ କଟା ସରିଥିବା ବେଳେ ଏହାକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।



## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲକ୍ଷ୍ମୀପ୍ରିୟା



@ ପ୍ରଫୁଲ୍ଲ



@ ପ୍ରସନ୍ନ



@ ଶାନ୍ତନୁ



@ ଶୁଭଶ୍ରୀ



@ ସୁରେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଂଘବଦ୍ଧ ଆକ୍ରମଣ, ସାମାଜିକ କର୍ମୀ ଗୁରୁତର

ନିରାକାରପୁର,୨୮।୧୦(ମାନସ ଚନ୍ଦ୍ର ପଟ୍ଟନାୟକ): ଜଙ୍କିଆ ଥାନା ଅଧୀନ କମାଗୁରୁ ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତାରେ ମାଙ୍କଡ଼ା ପଥର ବୋଝେଇ ଭାରିଯାନ ଯାତାୟାତକୁ ବିରୋଧ କରିବାରୁ ସାମାଜିକ କର୍ମୀ ଗଙ୍ଗାଧର ଚମ୍ପତି(୩୪) ଙ୍କୁ ସଂଘବଦ୍ଧଭାବେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଗୁରୁତରଙ୍କ ବାପା ଦୁର୍ଯ୍ୟୋଧନ ଚମ୍ପତିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ସୋମବାର ରାତି ୮ଟାରେ ଗଙ୍ଗାଧର ଗ୍ରାମ ଛକରେ ଥିବା ଏକ ଭେରାଇଟିଷ୍ଟୋର ଦୋକାନରେ ବସିଥିଲେ। ଏହି ସମୟରେ ପ୍ରାୟ ୧୫ଜଣ ଯୁବକ ସେଠାରେ ପହଞ୍ଚି ହଠାତ୍ ଗଙ୍ଗାଧରଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଅଟକାଇବା ପାଇଁ ସ୍ଥାନୀୟ ଅଞ୍ଚଳର ଗୋପାଳଚନ୍ଦ୍ର ମହାନ୍ତି ଓ ଭେରାଇଟିଷ୍ଟୋର ମାଲିକ ପ୍ରହ୍ଲାଦ ଦାସ ଯାଇଥିଲେ ମଧ୍ୟ ସେମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଗଙ୍ଗାଧର ଜୀବନ ବଞ୍ଚାଇବା ପାଇଁ ପାଖରେ ଥିବା ଏକ ଦୋକାନରେ ପଶିଯାଇଥିଲେ। ପରେ ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଜଙ୍କିଆ ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା କହିଛନ୍ତି ଯେ, ଗୁରୁତରଙ୍କ ବାପା ଦୁର୍ଯ୍ୟୋଧନଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ.୪୧୭/୨୫)ରୁଜୁ ହୋଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୧୦।୨୦୨୫

| | |
|---|---|
| ୪,୨୨,୦୫୨ ଟଙ୍କା | |
| ସୁନା | ୧.୯୩୦ ଗ୍ରାମ୍ |
| ରୁପା | ୨୩.୫୫୦ ଗ୍ରାମ୍ |

## ସଂକ୍ଷେପରେ

### ମୋନ୍ଥା ପ୍ରଭାବ: ବାଲିହରଚଣ୍ଡୀ କୂଳରେ ଲାଗିଲା ଟ୍ରଲର

ବ୍ରହ୍ମଗିରି,୨୮।୧୦(ସ୍ୱାଧୀନ ଚମ୍ପତିରାୟ)

ବାତ୍ୟା ମୋନ୍ଥା ପ୍ରଭାବରେ ଅଶାନ୍ତ ହୋଇପଡ଼ିଛି ସମୁଦ୍ର। ଫଳରେ ସୋମବାର ରାତିରେ ଏକ ଟ୍ରଲର ଭାସିଆସି ବ୍ରହ୍ମଗିରିସ୍ଥିତ ବାଲିହରଚଣ୍ଡୀ ସମୁଦ୍ର ବେଳାଭୂମିରେ ଲାଗିଛି । ମିଳିଥିବା ସୂଚନାନୁଯାୟୀ, ବିଶାଖାପାଟଣାର ଏକ ଟ୍ରଲର ସମୁଦ୍ରରେ ମାଛ ଧରୁଥିବା ସମୟରେ ତା'ର ଇଞ୍ଜିନ ଖରାପ ହୋଇଯାଇଥିଲା। ଫଳରେ ଉକ୍ତ ଟ୍ରଲରରେ ଥିବା ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟରେ ଲଙ୍ଗର ପକାଇ ରହିଥିଲେ। ବାତ୍ୟା ମୋନ୍ଥା ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇ ସୁଉଚ୍ଚ ଲହଡ଼ି ଯୋଗୁ ଏହି ଲଙ୍ଗର ଛିଡ଼ିଯାଇଥିଲା। ଫଳରେ ଟ୍ରଲରଟି ଭାସିଆସି ବାଲିହରଚଣ୍ଡୀ ବେଳାଭୂମିରେ ଲାଗିଥିଲା। ଉକ୍ତ ଟ୍ରଲରର ମାଲିକ ଖବରପାଇ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଯୋଗାଯୋଗ କରି ଘଟଣାସ୍ଥଳରେ ପହଞ୍ଚି ଟ୍ରଲରରେ ଥିବା ୧୦ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। ଏହି ଟ୍ରଲରରେ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମାଛ ରହିଥିଲା । ଏହି ମାଛଗୁଡ଼ିକୁ ଟ୍ରଲରରୁ କଢ଼ାଯାଇ ୭ଟି ଟ୍ରାକ୍ଟରରେ ବୁହାଯାଇ ସୁରକ୍ଷିତ ରଖାଯାଇଛି। ଏପର୍ଯ୍ୟନ୍ତ ଘଟଣାସ୍ଥଳରେ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବାରୁ ବାତ୍ୟା ସୁରକ୍ଷା ପ୍ରତି କେତେ ସଚେତନ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ଓଜନର ଧରପଗଡ଼

ପୁରୀ,୨୮।୧୦(ଅଜିତ୍ କୁମାର ମହାନ୍ତି)

ବୈଧ ଓଜନ ମାପ ନିୟନ୍ତ୍ରକଙ୍କ ନିର୍ଦ୍ଦେଶ ଅନୁଯାୟୀ, ମଙ୍ଗଳବାର ପୁରୀର ବିଭିନ୍ନ ଏଲ୍‌ପିଜି ଡିଲରଙ୍କ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ସିଲିଣ୍ଡର ଓଜନ ପାଇଁ ବ୍ୟବହାର ହେଉଥିବା ମେଶିନର ଯାଞ୍ଚ ମଧ୍ୟ କରାଯାଇଥିଲା। ଏହା ସହିତ ଭର୍ତ୍ତି ହୋଇଥିବା ଏଲ୍‌ପିଜି ସିଲିଣ୍ଡରର ଓଜନ ଠିକ୍ ଅଛି କି ନାହିଁ ତାହା ମଧ୍ୟ ଯାଞ୍ଚ କରିଥିଲେ। ଏଲ୍‌ପିଜି ସିଲିଣ୍ଡରର ଓଜନ ଠିକ୍ ରହିଥିଲା ବେଳେ ଅନ୍ୟ ନିୟମ ଉଲ୍ଲଂଘନ ପାଇଁ ୧୨ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ଏଥିସହ ବିଭିନ୍ନ ପରିବା ଏବଂ ଗ୍ରୋସରି ଦୋକାନ ଉପରେ ମଧ୍ୟ ଚଢ଼ାଉ କରାଯାଇଥିଲା।

### ଦୁର୍ନୀତି ନିବାରଣ ସଚେତନତା ଶପଥପାଠ

ପୁରୀ,୨୮।୧୦(ଅଜିତ୍ କୁମାର ମହାନ୍ତି)

ଚଳିତ ବର୍ଷ ଅକ୍ଟୋବର ୨୭ରୁ ନଭେମ୍ବର ୨ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ମଙ୍ଗଳବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ସମସ୍ତଙ୍କୁ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ କରାଇଥିଲେ। ଦୁର୍ନୀତି ବିକାଶର ମୁଖ୍ୟ ବାଧକ। ସରକାର ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନେଇ କାର୍ଯ୍ୟ କରୁଛନ୍ତି। ତେଣୁ ସମ୍ମିଳିତ ଭାବେ ରାଜ୍ୟର ଉନ୍ନତି ପାଇଁ ଦୁର୍ନୀତିର ମୂଳୋତ୍ପାଟନ କରି ବିକାଶ ପ୍ରକ୍ରିୟାରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଓସ୍ୱାନ୍ କନ୍‌ଫରେନ୍ସ କକ୍ଷରେ ଅନୁଷ୍ଠିତ ଏହି ଶପଥ ପାଠରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଡେପୁଟି କଲେକ୍ଟର ଅନୁସ୍ରବ ଗନ୍ତାୟତ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ହୋଇ ଶପଥ ପାଠ କରିଥିଲେ।

# ବାତ୍ୟା ମୋନ୍ଥା ପ୍ରଭାବରେ ତୁହାକୁ ତୁହା ବର୍ଷା

## ବେଳାଭୂମିକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ସଚେତନତା

ପୁରୀ,୨୮।୧୦(ଅଜିତ୍ କୁମାର ମହାନ୍ତି)



ବାତ୍ୟା ମୋନ୍ଥା ପ୍ରଭାବରେ ପୁରୀ ସମୁଦ୍ର ଅଶାନ୍ତ ଥିବାରୁ ବେଳାଭୂମି ପର୍ଯ୍ୟଟକ ଶୂନ୍ୟ ହୋଇଛି ।

ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ରାଜ୍ୟରେ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ଜିଲା ପ୍ରଶାସନକୁ ସତର୍କ ରଖାଯାଇଛି। ବାତ୍ୟା ମୋନ୍ଥା ସମୁଦ୍ରରେ ବଳ ଗୋଟାଇ ଆନ୍ଧ୍ରପ୍ରଦେଶର କାକିନାଡ଼ାଠାରେ ଲ୍ୟାଣ୍ଡଫଲ କରିଛି। ଏହି ଲ୍ୟାଣ୍ଡଫଲ୍ ବେଳେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ଲ୍ୟାଣ୍ଡଫଲ୍ ପରେ ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବାତ୍ୟା ପ୍ରଭାବରେ ପୁରୀରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବାତ୍ୟା ପ୍ରଭାବ ସେଭଳି ଦେଖାଯାଇ ନ ଥିବାବେଳେ ସୋମବାର ସନ୍ଧ୍ୟାରୁ ପୁରୀରେ ତୁହାକୁ ତାହା ବର୍ଷା ଲାଗିରହିଛି। ମଙ୍ଗଳବାର ଭୋର୍ ସମୟରେ ବର୍ଷା ହେବା ସହ ଦିନତମାମ୍ ଆକାଶ ମେଘାଚ୍ଛନ୍ନ ରହି ବର୍ଷା ହୋଇଥିଲା। ଫଳରେ ପର୍ଯ୍ୟଟନ କ୍ଷେତ୍ର ପୁରୀକୁ ପର୍ଯ୍ୟଟକଙ୍କ ଆଗମନ କମିଛି। ପର୍ଯ୍ୟଟକ କମିଥିବାରୁ ବସ୍‌ସେବା ମଧ୍ୟ ଠପ୍ ହୋଇଛି। ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ପ୍ରଶାସନ ପକ୍ଷରୁ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ଜୋର୍‌ଦାର କରାଯାଇଛି। ବାତ୍ୟା ପ୍ରଭାବରେ ଜିଲାରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ଏହାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି କରାଯାଇଛି। ପୁରୀ ବେଳାଭୂମିରେ ସମୁଦ୍ରସ୍ନାନ ଉପରେ ପର୍ଯ୍ୟଟକଙ୍କ ପାଇଁ କଟକଣା ଲଗାଯାଇଛି। ସମୁଦ୍ରରେ କୌଣସି ଅଘଟଣ ଘଟିଲେ ଉଦ୍ଧାର ପାଇଁ ଲାଇଫ୍‌ଗାର୍ଡଙ୍କୁ ମୁତୟନ କରାଯାଇଛି। ବେଳାଭୂମିରେ ନାଲିପତାକା ଲଗାଯିବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ପର୍ଯ୍ୟଟକ ଓ ଜନସାଧାରଣଙ୍କୁ ସଚେତନ କରାଯାଉଛି। ବାତ୍ୟା ପ୍ରଭାବରେ ପୁରୀ ବେଳାଭୂମି ଅଶାନ୍ତ ରହିଛି। ବଡ଼ ବଡ଼ ଜୁଆର ଉଠୁଥିବା ବେଳେ ପବନର ବେଗ କିଛିଟା ବୃଦ୍ଧି ପାଇଛି। ସେହିପରି ୫୦୦ରୁ ଅଧିକ ଲାଇଫ୍‌ଗାର୍ଡଙ୍କୁ ମୁତୟନ କରାଯାଇଛି। ଅଗ୍ନିଶମ କର୍ମଚାରୀମାନେ ସତର୍କ ରହିବା ସହ ଲୋକଙ୍କୁ ସଚେତନ କରିଛନ୍ତି। ମଙ୍ଗଳବାର ବେଳାଭୂମି ପ୍ରାୟତଃ ଖାଁ ଖାଁ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ପର୍ଯ୍ୟଟକମାନେ ରାସ୍ତା ଉପରେ ଠିଆହୋଇ ବେଳାଭୂମିକୁ ଦେଖିଥିବା ଦେଖାଯାଇଛି। ଆଇଏମ୍‌ଡିର ପୂର୍ବାନୁମାନ ଅନୁଯାୟୀ, ପୁରୀ ଜିଲାରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ତେଣୁ ବର୍ଷାଜନିତ ସମସ୍ୟାକୁ ମୁକାବିଲା କରିବା ପାଇଁ ସମସ୍ତ ପ୍ରସ୍ତୁତି ଜିଲା ପ୍ରଶାସନ ପକ୍ଷରୁ କରାଯାଇଛି। ଏନେଇ ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ କହିଛନ୍ତି, ଆମେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ। ବର୍ଷା ଯୋଗୁ ଯେଉଁ ସ୍ଥାନରେ ଲୋକମାନେ ଜଳବନ୍ଦୀ ଅଛନ୍ତି ଅବା ଜଳ ନିଷ୍କାସନ ହୋଇପାରୁନାହିଁ, ସେଠାରେ ମୋଟର ଲଗାଇ ପାଣି ନିଷ୍କାସନ କରାଯାଉଛି। ଗଛ ପଡ଼ିଥିଲେ ତାହାକୁ ହଟାଯାଉଛି। ଏହାସହ ଲୋକମାନଙ୍କୁ ସଚେତନ କରାଯାଉଛି ବୋଲି ରାଉତ ମତବ୍ୟକ୍ତ କରିଛନ୍ତି।



ଲାଇଭଗାର୍ଡଙ୍କ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି ।

# ଅଙ୍ଗନୱାଡି କେନ୍ଦ୍ର ସେବାରୁ ବଞ୍ଚିତ ଶିଶୁ ; ନିଷ୍କ୍ରିୟ କର୍ତ୍ତୃପକ୍ଷ

ଡେଲାଙ୍ଗ,୨୮।୧୦(ରଶ୍ମିରଞ୍ଜନ ପ୍ରଧାନ)

ବିକଳ୍ପ ବ୍ୟବସ୍ଥା ନ କରି ଜଣେ ଅଙ୍ଗନୱାଡି କର୍ମୀଙ୍କୁ ସେବାଚ୍ୟୁତ କରାଯିବା ଯୋଗୁ ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗଡ଼ମୋଟରୀ-୧ ଅଙ୍ଗନୱାଡି କେନ୍ଦ୍ରରୁ ୪ ମାସ ହେଲା ଶିଶୁ, ଗର୍ଭବତୀ ଓ ପ୍ରସୂତି, କିଶୋରୀ ବାଳିକା ନିର୍ଦ୍ଧାରିତ ସେବା ପାଇପାରୁ ନ ଥିବା ହିତାଧିକାରୀଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି।

ପ୍ରାପ୍ତ ଅଭିଯୋଗ ଅନୁସାରେ, ଗଡ଼ମୋଟରୀ କେନ୍ଦ୍ର ପାଇଁ ନିଯୋଜିତ ଥିବା କର୍ମୀଙ୍କ ନାମ ବନାନରେ ତ୍ରୁଟି ଯୋଗୁ ଅଦାଲତଙ୍କ ଆଦେଶକ୍ରମେ ତାଙ୍କୁ ସେବାଚ୍ୟୁତ କରାଯାଇ ପ୍ୟାନେଲ୍ ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ମହିଳାଙ୍କୁ ଗତ ସେପ୍ଟେମ୍ବର ୧୯ ରେ ୩ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦେବାକୁ ନିଯୁକ୍ତିପତ୍ର ଦିଆଯାଇଥିଲା। କିନ୍ତୁ ଉକ୍ତ ମହିଳା ଜଣକ ବ୍ୟକ୍ତିଗତ ସମସ୍ୟା ଦର୍ଶାଇ ଅଦ୍ୟାବଧି କାର୍ଯ୍ୟରେ ଯୋଗଦେଇ ନ ଥିଲେ ମଧ୍ୟ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ପ୍ରଶାସନ ଅଙ୍ଗନୱାଡି କେନ୍ଦ୍ରର ସୁପରିଚାଳନା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଫଳରେ ଏହି ବୃହତ୍ ଗ୍ରାମର ୨ଟି ୱାର୍ଡ ପାଇଁ ଉଦ୍ଦିଷ୍ଟ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନେ ଉପଯୁକ୍ତ ସେବା ପାଇପାରିନାହାନ୍ତି। ଗଡ଼ମୋଟରୀ ବିଶ୍ୱନାଥ ଦେବ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠିତ ଏହି କେନ୍ଦ୍ରରୁ ଶିଶୁଙ୍କ ସହ ୨ ୱାର୍ଡରେ ଥିବା ଗର୍ଭବତୀ ଓ ପ୍ରସୂତି ମହିଳା, କିଶୋରୀ ବାଳିକା ସରକାରୀ ପ୍ରଦତ୍ତ ଅଣ୍ଡା ଆଦି ପୌଷ୍ଟିକ ଆହାରରୁ ବଞ୍ଚିତ ରହିଥିବା ହିତାଧିକାରୀ ସସ୍ମିତା ଜେନା, ଜିତେନ୍ଦ୍ର ମଙ୍ଗରାଜ, ସୋନାଲି ସାହୁ, ଅମ୍ଲାନ୍ ଜେନା, ଖୁସି ଜେନା ଓ ମଧୁସ୍ମିତା ଚମ୍ପତି ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଜାପାନୀ କୁମାରୀ ମିତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସନ୍ନିକଟ ଗଡ଼ମୋଟରୀ-୨ କେନ୍ଦ୍ରର କର୍ମୀଙ୍କୁ ତାଙ୍କ କେନ୍ଦ୍ର ସହ ଗଡ଼ମୋଟରୀ-୧ କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। କ'ଣ ପାଇଁ ହିତାଧିକାରୀଙ୍କୁ ପୌଷ୍ଟିକ ଆହାର ଦିଆଯାଇପାରିନି, ସେ ଅନୁସନ୍ଧାନ କରିବେ ବୋଲି କହିଥିଲେ। ଗର୍ଭବତୀ ମହିଳାଙ୍କ ସମେତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ ନିୟମିତ ହୋଇପାରୁ ନ ଥିବା ଦର୍ଶାଇ ଅତିରିକ୍ତ ଦାୟିତ୍ୱ ଦେଇ ସେବା ଠିକ୍ ଭାବେ ଦିଆଯାଉଛି କି ନାହିଁ ସେ ସମ୍ପର୍କରେ କେନ୍ଦ୍ର ତଦାରଖ ଦାୟିତ୍ୱରେ ଥିବା ସୁପରଭାଇଜରଙ୍କ ଠାରୁ ସୁନିଶ୍ଚିତ ନ ହେବା ଦାୟିତ୍ୱହୀନତାର ନିଦର୍ଶନ ବୋଲି ଗ୍ରାମବାସୀ ଭାସ୍କର ଜେନା, ଜିତେନ୍ଦ୍ର ମଙ୍ଗରାଜ ପ୍ରମୁଖ ଆରୋପ କରିଛନ୍ତି। ପୁରୀ ଜିଲା ସମାଜ ମଙ୍ଗଳ ଅଧିକାରୀ ଓ ଉପଜିଲାପାଳ ଯଥାଶୀଘ୍ର ଯଥୋଚିତ ପଦକ୍ଷେପ ନେବା ପାଇଁ ହିତାଧିକାରୀ ପରିବାର ପକ୍ଷରୁ ନିବେଦନ କରାଯାଇଛି।

## ଅଁଳାନବମୀରେ ମଦଦୋକାନ ବନ୍ଦ କରାଯାଉ : ଆପ

ସାକ୍ଷୀଗୋପାଳ,୨୮।୧୦(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ଅଁଳାନବମୀ ଦିନ ମଦ ଓ ନିଶା ସାମଗ୍ରୀ ଦୋକାନ ବନ୍ଦ କରିବା ପାଇଁ ଦାବି ଉଠାଇଲା ପୁରୀର ଆମ୍ ଆଦ୍‌ମୀ ପାର୍ଟି। ପବିତ୍ର ଅଁଳାନବମୀ ଅର୍ଥାତ୍ ଚଳିତ ମାସ ୩୧ ତାରିଖରେ ସାକ୍ଷୀଗୋପାଳ ଠାରୁ ୩ କି.ମି. ପରିସର ମଧ୍ୟରେ ଥିବା ସମସ୍ତ ଅବକାରୀ ଦୋକାନ ସହ ଚୋରାମଦ ବିକ୍ରି ସମ୍ପୂର୍ଣ୍ଣ ରୂପେ ପ୍ରଶାସନ ବନ୍ଦ କରିବା ନିମନ୍ତେ ଆପ୍ ପକ୍ଷରୁ ପୁରୀର ସନ୍ଧ୍ୟାରାଣୀ ଦାସ ଦାବି କରିଛନ୍ତି। ଯାହାଫଳରେ ଗହଳିର ସୁଯୋଗ ନେଇ ଅପରାଧୀ ଓ ନିଶାଡ଼ିଙ୍କ ପ୍ରାଦୁର୍ଭାବ କମିବା ସହ କୌଣସି ଅପ୍ରୀତିକର ପରିସ୍ଥିତି ପାଇଁ ସୁଯୋଗ ସୃଷ୍ଟି ହେବନାହିଁ। ଭକ୍ତଙ୍କ ଏହି ଭବ୍ୟ ଓ ଦିବ୍ୟ ଅନୁଭୂତି କ୍ଷୁଣ୍ଣ ନ ହେବା ଆବଶ୍ୟକ ବୋଲି ଆପ୍ ନେତ୍ରୀ ସନ୍ଧ୍ୟାରାଣୀ ପ୍ରକାଶ କରିଛନ୍ତି।

# ଭୋର୍ ୫ରୁ ରାଧାପାଦ ଦର୍ଶନ

ସାକ୍ଷୀଗୋପାଳ,୨୮।୧୦(ଭରତ ରାଉତ/କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

- ଅଁଳାନବମୀ ୨ୟ ସମନ୍ୱୟ ବୈଠକ
- ଚଳିତବର୍ଷ ଅଁଳାବୃକ୍ଷ ପୂଜାର୍ଚ୍ଚନା ସିଧା ପ୍ରସାରଣ
- ପାସ୍ ଜାଲିଆତି ରୋକିବ ହୋଲୋଗ୍ରାମ୍

ସାକ୍ଷୀଗୋପାଳ ମନ୍ଦିରରେ ବର୍ଷକୁ ଥରେ ଅଁଳାନବମୀ ତିଥିରେ ଶ୍ରୀରାଧା ପାଦ ଦର୍ଶନ ଚଳିତ ମାସ ୩୧ ସହ ବଡ଼ ଏକାଦଶୀ ଆସନ୍ତା ୨ ତାରିଖରେ ଅନୁଷ୍ଠିତ ହେବ। ପୁରୀ ଜିଲାର ଅନ୍ୟତମ ଗଣପର୍ବ ଅଁଳାନବମୀରେ ଶ୍ରୀରାଧା ଓଡ଼ିଆଣୀ ବେଶରେ ଏବଂ ସାକ୍ଷୀଗୋପାଳ ଠାକୁର ଆକର୍ଷଣୀୟ ନଟବର ବେଶରେ ସଜ୍ଜିତ ହେବେ। ଏହି ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଯାତ୍ରା ସୁପରିଚାଳନା ନିମନ୍ତେ ପ୍ରଶାସନ ପକ୍ଷରୁ ସ୍ଥାନୀୟ ପଞ୍ଚସଖା ସ୍ମୃତି ଭବନରେ ସୋମବାର ୨ୟ ସମନ୍ୱୟ ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

ବିଭିନ୍ନ ବିଭାଗ ପକ୍ଷରୁ ଭକ୍ତଙ୍କ ସୁବିଧା ନିମନ୍ତେ ହାତକୁ ନିଆଯାଇଥିବା ଉନ୍ନୟନ କାମର ସମୀକ୍ଷା କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟତଃ ପରସ୍ପର ସମନ୍ୱୟ ରକ୍ଷା ଦିଗରେ ଯତ୍ନବାନ୍ ହେବାକୁ ଜିଲାପାଳ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁରୀ ଏସ୍‌ପି ପ୍ରତୀକ ସିଂହ ଯୋଗଦେଇ ସୁରକ୍ଷା ସହିତ ଶୃଙ୍ଖଳିତ ଦର୍ଶନ ପ୍ରତି ଗୁରୁତ୍ୱ ଦିଆଯିବ। ପାର୍କିଂ ଓ ଗମନାଗମନ ନେଇ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦିଆଯିବ। ମୁଖ୍ୟ ଅତିଥି ଭାବରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ଚଳିତବର୍ଷ ରାଧାପାଦ ଦର୍ଶନ ଏକ ନିଆରା ଢଙ୍ଗରେ ଆୟୋଜନ କରାଯାଇଛି। ରାଧାପାଦ ଦର୍ଶନ ପାଇଁ ଆସୁଥିବା ସାଧାରଣ ଶ୍ରଦ୍ଧାଳୁ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ବିଧାୟକ ବୈଠକରେ ସୂଚନା ଦେଇଥିଲେ। ସେହିପରି ୨ କି.ମି. ପର୍ଯ୍ୟନ୍ତ ଲମ୍ବା ଧାଡ଼ି କମାଇବାକୁ ପୂର୍ବରୁ କରାଯାଉଥିବା ୪ ଥାକିଆ ବାରିକେଡ୍‌କୁ ୧୧ ଥାକିଆ କରାଯାଇଛି। ଛାୟାପ୍ରଦ, ତଳେ ମ୍ୟାଟ୍, ଜଳ ସିଞ୍ଚନ, ଥଣ୍ଡା ପବନ, ଭଜନ ଜଣାଣ, ସୂଚନା ସହିତ ମନ୍ଦିର ବେଢ଼ାରେ ଅଁଳାବୃକ୍ଷ ପୂଜାର୍ଚ୍ଚନାର ସିଧା ପ୍ରସାରଣ କରାଯିବାକୁ ବ୍ୟବସ୍ଥା କରାଯାଇଛି। ଭିଡ଼ ନିୟନ୍ତ୍ରଣ ନିମନ୍ତେ ନୂଆକରି ଷ୍ଟିଲ୍ ବାରିକେଡ୍ କାମ ଆଗେଇ ଚାଲିଥିବା ବେଳେ ବଜାରରୁ ଜବରଦଖଲ ହଟାଯାଇ ରାସ୍ତା ସଂପ୍ରସାରଣ କରାଯାଉଛି। ଦଳମତ ନିର୍ବିଶେଷରେ ଅଁଳା ନବମୀ ଯାତ୍ରାରେ ସମସ୍ତେ ଶ୍ରଦ୍ଧାଳୁଙ୍କ ସେବା ପାଇଁ ସଙ୍କଳ୍ପ ନେବାକୁ ବିଧାୟକ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷ ପାସ୍ ଜାଲିଆତିକୁ ରୋକିବା ନିମନ୍ତେ ହୋଲୋଗ୍ରାମ୍ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସହକାରୀ ଦେବୋତ୍ତର କମିଶନର ରୋହିତ ରଞ୍ଜନ ମିଶ୍ର ବୈଠକରେ କହିଥିଲେ। ସିଂହଦ୍ୱାରରେ ସାଧାରଣ ଶ୍ରଦ୍ଧାଳୁ, ଭିଆଇପି ଦକ୍ଷିଣ ଦ୍ୱାର, ଭିଭିଆଇପି ପଶ୍ଚିମ ଦ୍ୱାର ଓ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିବେ। ପୁରୀ ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ବିଡିଓ ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତହସିଲ୍‌ଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ, ସେବାୟତ ସଂଘ ସମ୍ପାଦକ ପ୍ରତାପ କୁମାର ମହାପାତ୍ର, କୋଷାଧ୍ୟକ୍ଷ ସଞ୍ଜୟ କୁମାର ନନ୍ଦ ବୃତ୍ତାନ୍ତ ଦେବନୀତି ନିର୍ଘଣ୍ଟ ସମ୍ପର୍କରେ ବୈଠକରେ ସୂଚନା ଦେଇ ପୂର୍ବ ରାତି ୧ଟାରୁ ଦ୍ୱାର ଖୋଲାଯାଇ ଦେବନୀତି ଶୀଘ୍ର ଶେଷ କରାଯିବ। ଭୋର୍ ୫ଟାରେ ରାଧାପାଦ ଦର୍ଶନ ପାଇଁ ମନ୍ଦିର ସାହାଣମେଳା କରାଯିବ ବୋଲି ଦେବ ନିର୍ଘଣ୍ଟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ନିରୀକ୍ଷକ ବିଜୟ କେତନ ବେହେରା, ଜିଲା ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହକାରୀ କାର୍ଯ୍ୟନିର୍ବାହୀ ଲଳାଟେନ୍ଦୁ ମହାନ୍ତି ଧନ୍ୟବାଦ ଦେଇଥିଲେ।




ବୈଠକରେ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଓ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସମେତ ଅନ୍ୟ ଅତିଥିମାନେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲକ୍ଷ୍ମୀପ୍ରିୟା



@ ପ୍ରଫୁଲ୍ଲ



@ ପ୍ରସନ୍ନ



@ ଶାନ୍ତନୁ



@ ଶୁଭଶ୍ରୀ



@ ସୁରେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମହିଳା ପୋଲିସଙ୍କୁ ଆକ୍ରମଣ, ୫ ଜଣଙ୍କ ନାଁରେ ମାମଲା

ଡେଲାଙ୍ଗ,୨୮।୧୦(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଞ୍ଚଳରେ ଜଣେ ମହିଳା ଏଏସ୍‌ଆଇଙ୍କୁ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସୁଜନପୁର ପଞ୍ଚାୟତର ଡିହସାହି ଗ୍ରାମରେ ଗଣ୍ଡଗୋଳ ଖବରପାଇ ମହିଳା ଏଏସ୍‌ଆଇ ଜଣକ ଗତ ସୋମବାର ଅପରାହ୍ନରେ ଯାଇଥିଲେ। କେତେଜଣ ବ୍ୟକ୍ତି ଓ ସୂର୍ଯ୍ୟନାରାୟଣ ପଣ୍ଡାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଉକ୍ତ ଗ୍ରାମର କେତେଜଣ ମହିଳା ଓ ପୁରୁଷ ପୋଲିସ ଗାଡ଼ିକୁ ଅଟକାଇବା ସହିତ ମହିଳା ଏଏସ୍‌ଆଇ ବେହେରାଙ୍କୁ ମାଡ଼ମାରି ଟଣାଓଟରା କରିବା ନେଇ ସେ ଅଭିଯୋଗ କରିଛନ୍ତି। ଏନେଇ ୫ଜଣଙ୍କ ନାଁରେ ୪୧୪/୨୫ରେ ମାମଲା ରୁଜୁ କରାଯାଇଛି।

## ୨ ଦୋକାନରୁ ଚୋରି ଅଭିଯୋଗ

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ଥାନା ନିକଟରୁ ସୋମବାର ବିଳମ୍ବିତ ରାତିରେ ୨ଟି ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଥାନାଠାରୁ ମାତ୍ର କିଛି ବାଟ ଦୂରରେ ଥିବା ୨ଟି ପାନ ଓ ଚା ଦୋକାନର ପ୍ରାୟ ୭ଟି ତାଲା ଭଙ୍ଗାଯାଇ ଚୋରମାନେ ଦୋକାନରେ ଥିବା ଖାଦ୍ୟ ସାମଗ୍ରୀ ସହିତ ଦୋକାନରେ ଥିବା କିଛି ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଦୋକାନୀ ତ୍ରୈଲୋକ୍ୟ ବେହେରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋଟିଏ ଶାବଳ ଓ ୬ଟି ଭଙ୍ଗା ତାଲା ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

**ସଂକ୍ଷେପରେ**

## ଖାଦ୍ୟ ମହଜୁଦ ରଖିବାକୁ ଆର୍‌ଡିସିଙ୍କ ନିର୍ଦ୍ଦେଶ

### ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି ଆବାସିକ ହଷ୍ଟେଲ

କଟକ,୨୮।୧୦(କାର୍ତ୍ତିକ ସାହୁ)

ବାତ୍ୟା 'ମୋନ୍ଥା' ମୁକାବିଲା ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ପ୍ରଭାବିତ ଜିଲାର ଅତିରିକ୍ତ ଜିଲାପାଳ ଏବଂ ଉପଜିଲାପାଳମାନଙ୍କ ସହ ଏକ ଜରୁରିକାଳୀନ ଆଭାସି ବୈଠକରେ ମଙ୍ଗଳବାର ପଚାରି ବୁଝିଛନ୍ତି। ଆର୍‌ଡିସି ଗୁହା ପୁନମ ତାପସ କୁମାର ବୈଠକରେ ଅଧ୍ୟକ୍ଷତା କରି ସରକାରୀ ବ୍ୟବସ୍ଥା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ଏଥିସହ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି ଆବାସିକ ହଷ୍ଟେଲଗୁଡ଼ିକରେ ଖାଦ୍ୟ ମହଜୁଦ ରଖାଯିବାକୁ ଆର୍‌ଡିସି ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ନେବା ଓ ତଦାରଖ କରାଯିବା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି।

## ଶିକ୍ଷକତା ବୃତ୍ତି ନ ହୋଇ ଧର୍ମ ହେବା ଉଚିତ

କଣ୍ଟାପଡ଼ା,୨୮।୧୦(ସୁରନାରାୟଣ ସାହୁ)

ଦଧୀଚି ପବ୍ଲିକ ସ୍କୁଲ ପରିସରରେ ସିବିଏସି ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଏକ ଦକ୍ଷତା ବୃଦ୍ଧି ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ମନସ୍ତତ୍ତ୍ୱବିତ ସୁନନ୍ଦା ମହାପାତ୍ର ଓ ଶିକ୍ଷାବିତ ଡ.ସୁକାନ୍ତ କୁମାର ତ୍ରିପାଠୀ ଶିବିରରେ ଯୋଗଦେଇ ଶିକ୍ଷକତାକୁ ବୃତ୍ତି ଭାବେ ଗ୍ରହଣ ନ କରି ଏହାକୁ ନିଜର ଧର୍ମଭାବେ ଗ୍ରହଣ କରିବାକୁ ଉପସ୍ଥିତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ବିଭିନ୍ନ ବିଦ୍ୟାଳୟର ୫୦ଜଣ ପ୍ରତିନିଧି ଯୋଗଦେଇଥିଲେ। ଦଧୀଚି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଦେବେନ୍ଦ୍ର ଭଞ୍ଜ ଶିବିର ଉଦ୍‌ଘାଟନ କରିଥିଲେ। ଦଧୀଚି ଶିକ୍ଷା ସମୂହ ଅନୁଷ୍ଠାନ ଅଧ୍ୟକ୍ଷ ଡ.ମନୋଜ ଦାସ ଓ ଟ୍ରଷ୍ଟି ବବିତା ଦାଶ ଯୋଗଦେଇ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ହୋମିଓପ୍ୟାଥି ବିଶେଷଜ୍ଞ ପ୍ରଦୀପ ରାଓଙ୍କ ବିୟୋଗରେ ଶୋକ

କଟକ,୨୮।୧୦(କାର୍ତ୍ତିକ ସାହୁ)

ବିଶିଷ୍ଟ ହୋମିଓପ୍ୟାଥିକ ଚିକିତ୍ସକ ଡାକ୍ତର ପ୍ରଦୀପ ରାଓଙ୍କ ବିୟୋଗରେ ହାଇକୋର୍ଟ ନିକଟସ୍ଥ ମାଷ୍ଟର୍ସ ଡିଗ୍ରୀ ହୋଲଡର୍ସ ଆସୋସିଏଶନ ପକ୍ଷରୁ ଏକ ଶୋକସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ରାଓଙ୍କ ବହୁବିଧ ସମାଜସେବା ତଥା ତାଙ୍କର ସାଧାରଣ ରୋଗୀଙ୍କ ପ୍ରତି ଥିବା ସେବା ମନୋବୃତ୍ତି ଆଦି ଉପରେ ବକ୍ତାମାନେ ସ୍ମୃତିଚାରଣ କରିଥିଲେ। ସବୁ ଶ୍ରେଣୀର ଲୋକମାନଙ୍କ ସଙ୍ଗେ ସେ ଆପଣାର ଭାବରେ ମିଶିପାରୁଥିଲେ ବୋଲି ଆଡଭୋକେଟ ଦେବକାନ୍ତ ମହାନ୍ତି କହିଥିଲେ। ପ୍ରଶାନ୍ତ ମହାନ୍ତି, ନଳିନି ଜେନା, ଭାବନାଥ ଦାସ, ଜ୍ଞାନ ରଞ୍ଜନ ମିଶ୍ର, ମନୋଜ ସିଂ, ଦିନେଶ ସିଂ, ଶଶାଙ୍କ ମହାପାତ୍ର, ଉମା ମିଶ୍ର, ଭାସ୍କର ପଣ୍ଡା, ଜୟକୃଷ୍ଣ ମହାପାତ୍ର, ଶ୍ରୀଜୟ କର, ଦେବାଶିଷ ମହାନ୍ତି, ରଞ୍ଜନ ପତି ପ୍ରମୁଖ ସ୍ମୃତିଚାରଣ କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

## ଡ୍ରେନ୍ ଉଚ୍ଚା କରିବା କାର୍ଯ୍ୟ ଆରମ୍ଭ

### ତ୍ୱରିତ ପଦକ୍ଷେପ ପାଇଁ କୃତଜ୍ଞତା ଜଣାଇଲେ ବସ୍ତିବାସିନ୍ଦା

ଚୌଦ୍ୱାର,୨୮।୧୦(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ ନଂ ୱାର୍ଡ ନୂଆସାହି ସୁଇପର କଲୋନୀ ବସ୍ତିରେ ଅସରାଏ ବର୍ଷା ହେଲେ ନିକଟ ଡ୍ରେନର ବର୍ଜ୍ୟପାଣି ବସ୍ତିରେ ପ୍ରବେଶ କରିବା ଫଳରେ ସମ୍ପୂର୍ଣ୍ଣ ବସ୍ତି ଜଳମଗ୍ନ ହୋଇପଡୁଥିଲା। ଅନ୍ୟପଟେ ଲଘୁଚାପ ଜନିତ ବର୍ଷାକୁ ନଜରରେ ରଖି ଏହାର ସ୍ଥାୟୀ ସମାଧାନ ପାଇଁ ନିର୍ବାହୀ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାମଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଯନ୍ତ୍ରୀ ସାମଲ ସ୍ଥାନୀୟ ଠିକାଦାର, ସ୍ଥାନୀୟ କାଉନସିଲରଙ୍କୁ ଧରି ତୁରନ୍ତ କାର୍ଯ୍ୟରେ ଲଗାଇ ଡ୍ରେନ ଉଚ୍ଚା କରିବା କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଫଳରେ ବସ୍ତିବାସିନ୍ଦା ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। ବସ୍ତି ଭିତରେ ଥିବା ଅନ୍ୟାନ୍ୟ ରାସ୍ତା, ଡ୍ରେନ ଓ ବାକିଥିବା କାର୍ଯ୍ୟଗୁଡ଼ିକୁ ଖୁବ୍‌ଶୀଘ୍ର ଟେଣ୍ଡର କରି କରାଯିବ ବୋଲି ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର କହିଛନ୍ତି। ଦୀର୍ଘ ଦିନର ଏହି ସମସ୍ୟା ପୌରପାଳିକା ପକ୍ଷରୁ କରାଯାଇଥିବାରୁ ସ୍ଥାନୀୟ ବସ୍ତିବାସିନ୍ଦା ପୌର ନିର୍ବାହୀ ଅଧିକାରୀ ମିଶ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଡାକ୍ତରଙ୍କୁ ଦେଖାଇବାକୁ ରାତି ୩ଟାରୁ ଧାଡ଼ି



ଏସ୍‌ସିବି ସୁପରସ୍ପେସିଆଲିଟି ଆଉଟ୍‌ଡୋରରେ ଡାକ୍ତରଙ୍କୁ ଦେଖା କରିବା ପାଇଁ ରୋଗୀ ସମ୍ପର୍କୀୟ ବର୍ଷାରେ ଭିଜି ଲାଇନରେ ଛିଡ଼ା ହୋଇଛନ୍ତି।

**ଏସ୍‌ସିବି ମେଡ଼ିକାଲ**

- ବର୍ଷାରେ ଭିଜିଲେ ରୋଗୀଙ୍କ ସମ୍ପର୍କୀୟ
- ସୁପରସ୍ପେସିଆଲିଟି ଆଉଟ୍‌ଡୋରରେ ଅବ୍ୟବସ୍ଥା

କଟକ,୨୮।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ସୁପରସ୍ପେସିଆଲିଟି ଆଉଟ୍‌ଡୋରରେ ଅବ୍ୟବସ୍ଥା ଦେଖାଦେଇଛି। ରୋଗୀ ଡାକ୍ତରଙ୍କୁ ଦେଖାଇବାକୁ ରାତି ୩ଟାରୁ ପ୍ରଥମେ ଟିକେଟ କାଟି ପରେ ଟୋକନ ପାଇଁ ଧାଡି ଲଗାଇ ଛିଡା ହୋଇ ନୟାନ୍ତ ହେଉଛନ୍ତି। ହେଲେ ଅପରାହ୍ନ ଯାଏଁ ଡାକ୍ତରଙ୍କୁ ଦେଖାଇବାକୁ ସୁଯୋଗ ପାଉନାହାନ୍ତି। ଏପରିକି ସୁପରସ୍ପେସିଆଲିଟି ଆଉଟ୍‌ଡୋରରେ ଲୋକ ଖରାରେ ଛଟପଟ ହେଉଥିବାବେଳେ ମଙ୍ଗଳବାର ବାତ୍ୟା 'ମୋନ୍ଥା' ପ୍ରଭାବ ବର୍ଷାରେ କିଏ ଆଉଟ୍‌ଡୋର ବାହାରେ ତ କିଏ ଛତା ଧରି ତ କିଏ ମୁଣ୍ଡରେ ଗାମୁଛା ପକାଇ ଠିଆ ହୋଇ ଭିଜୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ସୁପରସ୍ପେସିଆଲିଟି ଆଉଟ୍‌ଡୋରରେ ଭିଡ ନିୟନ୍ତ୍ରଣ ପାଇଁ କିଛି ବିଭାଗକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ୨ ବର୍ଷ ପୂର୍ବେ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ।

ସୂଚନା ଅନୁଯାୟୀ, ଏସ୍‌ସିବି ସୁପରସ୍ପେସିଆଲିଟି ଆଉଟ୍‌ଡୋରରେ ପ୍ରତ୍ୟେକ ମଙ୍ଗଳବାର, ଗୁରୁବାର ଓ ଶନିବାର ନ୍ୟୁରୋଲୋଜି, ନେଫ୍ରୋଲୋଜି, ୟୁରୋଲୋଜି, ହେପାଟୋଲୋଜିର ଆଉଟ୍‌ଡୋର ରହିଥାଏ। ଡାକ୍ତର ଅଭାବ ଓ ଅନ୍ୟାନ୍ୟ ସମସ୍ୟା ଯୋଗୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପରାମର୍ଶ ଓ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହୋଇ ଅନେକ ରୋଗୀ ନିରାଶ ହୋଇ ଫେରୁଛନ୍ତି। ସେହିପରି ନ୍ୟୁରୋଲୋଜି ଓ ନେଫ୍ରୋଲୋଜି ଆଉଟ୍‌ଡୋରରେ ପ୍ରତି ବାରରେ ପ୍ରାୟ ୫ଶହରୁ ଅଧିକ ରୋଗୀ ଆସୁଥିବାବେଳେ ୟୁରୋଲୋଜି ବିଭାଗକୁ ୨୫୦ରୁ ଅଧିକ ରୋଗୀ ଓ ହେପାଟୋଲୋଜି ବିଭାଗକୁ ୧୫୦ରୁ ଅଧିକ ରୋଗୀ ଆସିଥାନ୍ତି। ବିଭାଗୀୟ ଆଉଟ୍‌ଡୋରଗୁଡ଼ିକୁ ଆସୁଥିବା ଆବଶ୍ୟକତାଠାରୁ ଅଧିକ ସଂଖ୍ୟାର ରୋଗୀ ଆସୁଥିବାରୁ ତାଙ୍କ ମଧ୍ୟରେ ଠେଲାପେଲା ହେବା ସହ କେବେ କେବେ ପରିସ୍ଥିତି ଅସମ୍ଭାଳ ମଧ୍ୟ ହୋଇ ପଡିଥାଏ। ସେହିପରି ସୁପରସ୍ପେସିଆଲିଟି ଆଉଟ୍‌ଡୋରରେ ଭିଡ଼ ନିୟନ୍ତ୍ରଣ ପାଇଁ ଡାଇରିଆ ୱାର୍ଡ ସମ୍ମୁଖରେ ଥିବା ଏକ ହଲ୍‌ରେ ନ୍ୟୁରୋଲୋଜି ଆଉଟ୍‌ଡୋର ପାଇଁ ଜାଗା ଚିହ୍ନଟ ହୋଇଥିଲା। ହେଲେ ଏ ଦିଗରେ ଏଯାବତ୍ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେବେ ବିଶ୍ୱସ୍ତରୀୟ ହେବାକୁ ଥିବା ଏସ୍‌ସିବି ମେଡିକାଲରେ ସୁପରସ୍ପେସିଆଲିଟି ଆଉଟ୍‌ଡୋରରେ ଏଭଳି ଅବ୍ୟବସ୍ଥା ଯୋଗୁ ରୋଗୀ ଓ ସମ୍ପର୍କୀୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଦୋକାନ ଉଚ୍ଛେଦବେଳେ ଉତ୍ତେଜନା

### ପାଇକେରାପୁର ଗ୍ରାମବାସୀଙ୍କ ରାସ୍ତାରୋକୋ

ଖୁଣ୍ଟୁଣୀ,୨୮।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଧବଳେଶ୍ୱର ମହାପ୍ରଭୁଙ୍କ ପଞ୍ଚକ ଓ ବଡ଼ଓଷା ଯାତ୍ରା ପାଇଁ ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ମଙ୍ଗଳବାର ତହସିଲ ପ୍ରଶାସନ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରୁ ସରକାରୀ ରାସ୍ତା ଉପରକୁ ମାଡିଥିବା ଦୋକାନ ଉଚ୍ଛେଦ ବେଳେ ଉତ୍ତେଜନା ଦେଖାଦେଇଛି। ପ୍ରତିବାଦରେ ପାଇକେରାପୁର ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ପୋଲିସ ଓ ତହସିଲ ପ୍ରଶାସନ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନାଯୋଗ୍ୟ ଯେ, ଆସନ୍ତା ୧ରୁ ଧବଳେଶ୍ୱର ମହାପ୍ରଭୁଙ୍କ ପଞ୍ଚକ ଓ ବଡ଼ଓଷା ଯାତ୍ରା ପାଇଁ ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଭଳି ଏବର୍ଷ ମଧ ତହସିଲ ପ୍ରଶାସନ ପକ୍ଷରୁ ଧବଳେଶ୍ୱର କଂକ୍ରିଟ ସେତୁଠାରୁ ରାସ୍ତାର ଉଭୟ ପାର୍ଶ୍ୱରୁ ସରକାରୀ ରାସ୍ତା ଉପରକୁ ମାଡିଥିବା ଦୋକାନ ଉଚ୍ଛେଦ କରାଯାଇଥିଲା। ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜ ଓ ଗୁରୁଡ଼ିଝାଟିଆ ଆଇଆଇସି ତପନ କୁମାର ପତି ପୋଲିସ କର୍ମଚାରୀଙ୍କ ଦ୍ୱାରା ପାଇକେରାପୁର ଗ୍ରାମର ଅଜୟ ନାୟକଙ୍କ ଦୋକାନ ଆଗକୁ ମାଡ଼ି ଆସିଥିବା ଜାଗାରୁ ଉଚ୍ଛେଦ କରିବାକୁ ଯିବା ବେଳେ ଅଜୟ ଏହା ମୋ ନିଜସ୍ୱ ଜାଗା ବୋଲି କହି ପଟ୍ଟା ଦେଖାଇଥିଲେ। ଅତିରିକ୍ତ ତହସିଲଦାର ଭଞ୍ଜ ଏହା ଅନାବାଦୀ ଜାଗା ଉପରକୁ ମାଡ଼ିଆସିଥିବା କହି ଉଠାଇ ନେବାକୁ ଅନୁରୋଧ କରିଥିଲେ। ଏଥିରେ ଅଜୟ ଓ ଆଇଆଇସି ପତିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଆଇଆଇସି ପତି ପଞ୍ଚକ ପାଇଁ ତୁମେ ଆଗକୁ ଯେତିକି ମାଡିଛ ସେତିକି ଉଠାଇ ନିଅ ବୋଲି ଅଜୟଙ୍କୁ କହିଥିଲେ। ଯାତ୍ରା ପରେ କିଏ କେଉଁଠି ଦୋକାନ କରିବ ସେ ପାଇଁ କ'ଣ କାହାକୁ ଜୀବିକା ଉପରେ ବାଧା ଦିଆଯାଉଛି ବୋଲି କହିବାରୁ ପୋଲିସ ଓ ଅଜୟଙ୍କ ସହିତ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ। ଏହାର ପ୍ରତିବାଦ କରି ଅଜୟ ଓ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନୂଆପାଟଣା–ଆଠଗଡ଼ ରାସ୍ତା ଅବରୋଧ କରିଥିଲେ। ପରେ ଅତିରିକ୍ତ ଏସ୍‌ପି, ଚୌଦ୍ୱାର ଏସ୍‌ଡିପିଓ ବୁଝାଶୁଝା କରିଥିଲେ। ଅଜୟ ଆଇଆଇସି କ୍ଷମା ନ ମାଗିବା ଯାଏ ଆମେ ରାସ୍ତାରୁ ହଟିବୁ ନାହିଁ ବୋଲି ଜିଦ୍ ଧରି ବସିଥିଲେ। ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ସେଠାରେ ପହଞ୍ଚି ଏହି ପରସ୍ଥିତି ପାଇଁ ନିଜେ ଦୁଃଖ ପ୍ରକାଶ କରିବା ପରେ ଲୋକେ ରାସ୍ତା ଉପରୁ ହଟିଯାଇଥିଲେ। ପରେ ଅଜୟ ନିଜ ଆଡୁ ଆଗକୁ ମାଡିଥିବା ଦୋକାନକୁ ଉଠାଇ ନେଇଥିଲେ। ଏହି ଘଟଣାରେ ପ୍ରାୟ ଘଣ୍ଟାଏ କାଳ ରାସ୍ତା ବନ୍ଦ ରହିଥିଲା।



ବାତ୍ୟା 'ମୋନ୍ଥା'ର ପ୍ରଭାବ: ଜନଗହଳି ପୂର୍ଣ୍ଣ କଟକ ବାଦାମବାଡ଼ି ରାସ୍ତା ଶୂନଶାନ। (ରାଜକିଶୋର ମହାନ୍ତି)

## ପରିଚାରିକାମାନଙ୍କୁ ସହାୟତା ଦାବିରେ ବିକ୍ଷୋଭ, ଦାବିପତ୍ର

କଟକ,୨୮।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ବିଭିନ୍ନ ଘରେ କାମ କରୁଥିବା ପରିଚାରିକାମାନଙ୍କୁ ସାମାଜିକ ସୁରକ୍ଷା ଓ ବିଭିନ୍ନ ସହାୟତା ଦାବିରେ ନୂଆପଡ଼ାସ୍ଥିତ ଜିଲା ଲେବର ଅଫିସ ସମ୍ମୁଖରେ ପରିଚାରିକା ମହାସଂଘ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ କରାଯାଇଛି। ଲିଗାଲ ହେୟାର ସାର୍ଟିଫିକେଟ ନ ଥିବା ଅଣସଙ୍ଗଠିତ ଶ୍ରମିକମାନଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପରିଚାରିକାମାନଙ୍କ ପିଲାଙ୍କ ପାଠପଢ଼ା ଓ ଝିଅ ବିବାହ ସହାୟତା ଦେବା, ପରିଚାରିକାମାନଙ୍କ ବୀମା, ପେନ୍‌ସନ, ପ୍ରସୂତିକାଳୀନ ଛୁଟି ଓ ସହାୟତା ବ୍ୟବସ୍ଥା କରିବା, ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ କରିବା, ଦୁର୍ଘଟଣାଜନିତ ସହାୟତା ଘୋଷଣା କରିବା, କର୍ମକ୍ଷେତ୍ରରେ ସାମାଜିକ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା କରିବା ଆଦି ଦାବି କରାଯାଇଛି। ଏହି ମର୍ମରେ ଏକ ସ୍ମାରକପତ୍ର ଜିଲା ଲେବର ଅଫିସରଙ୍କ ଜରିଆରେ ଲେବର କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପରିଚାରିକା ମହାସଂଘ ସଭାପତି ଖଗେଶ୍ୱର ସେଠୀ, ଏଆଇୟୁଟିୟୁସି ଜିଲା ସମ୍ପାଦକ ରାଜକିଶୋର ମଲ୍ଲିକ, ଏଆଇୟୁଟିୟୁସି ଜିଲା ନେତା ପ୍ରିୟଦର୍ଶନ ପାଢେଲ, ମହାସଂଘର ସ୍ୱାଧୀନ ବେହେରା, ଏନ୍. ରାଜୁ, ପରିଚାରିକା ମହାସଂଘର ସନ୍ଧ୍ୟା ନାୟକ, ଉନ୍ନତି ନାୟକ, ମାମି ବେହେରା, ନମିତା ବେହେରା, ଶ୍ରଦ୍ଧାଞ୍ଜଳି ପାତ୍ର ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ରାସ୍ତା ମଝିରେ ଏକାଧିକ ବିଦ୍ୟୁତ୍‌ଖୁଣ୍ଟ

### ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ଲୋକେ

ମଙ୍ଗୁଳି-ଜଗତପୁର,୨୮।୧୦(ମାନସ ସାମଲ)

ଲୋକଙ୍କ ଗମନାଗମନ ସୁବିଧା ପାଇଁ ସରକାର ନୂଆ ନୂଆ ରାସ୍ତା ନିର୍ମାଣ କରୁଛନ୍ତି। କିନ୍ତୁ ତଳସ୍ତରର ଅଧିକାରୀ ଠିକ୍ ଢଙ୍ଗରେ ତଦାରଖ ନ କରି ଠିକାଦାରଙ୍କୁ ନିର୍ମାଣ କରିବାକୁ ଅନୁମତି ଦେଉଛନ୍ତି, ଯାହାର ଜ୍ୱଳନ୍ତ ଉଦାହରଣ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି। କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ଅଧୀନ ଭଗତପୁର ପଟ୍ଟ ଟାଙ୍ଗୀ ଗାଁ ଓ ଟାଙ୍ଗୀ ଥାନାରୁ ନୂତନ ଓଭର ବ୍ରିଜକୁ ସଂଯୋଗ କରୁଥିବା ରାସ୍ତା ମଝିରେ ଏକାଧିକ ବିଦ୍ୟୁତ୍‌ଖୁଣ୍ଟ ରହିଛି। ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ସ୍ଥାନାନ୍ତର କରା ନ ଯାଇ ପୂର୍ତ୍ତ ବିଭାଗ ଦୁଇଟି ରାସ୍ତାର ସମ୍ପ୍ରସାରଣ କାମ ସାରି ଦେଇଛି। ଫଳରେ ରାସ୍ତା ଉପରେ ବିଦ୍ୟୁତ୍‌ଖୁଣ୍ଟ ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯଥାଶୀଘ୍ର ବିଦ୍ୟୁତ ଖୁଣ୍ଟଗୁଡ଼ିକୁ ସ୍ଥାନାନ୍ତର ନ କଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ମୁତାବକ, ଉପରୋକ୍ତ ଦୁଇଟି ରାସ୍ତା ମଝିରୁ ବିଦ୍ୟୁତ ଖୁଣ୍ଟଗୁଡ଼ିକୁ ଉଠାଇ





ସଂପ୍ରସାରଣ କାମ କରିବାକୁ ଦୀର୍ଘ ବର୍ଷ ହେବ ଦାବି ହୋଇ ଆସୁଥିଲା। ଏବେ ଏହି ରାସ୍ତାର ସଂପ୍ରସାରଣ କରାଯାଇ ନୂଆ ପିଚୁ ରାସ୍ତା ନିର୍ମାଣ ଚାଲୁ ରହିଛି। କିନ୍ତୁ ନୂଆ ପିଚୁ ରାସ୍ତା ହେବାପରେ ମଧ ବିପଦସଂକୁଳ ବିଦ୍ୟୁତ୍ ଖୁଣ୍ଟ ସେମିତି ଦଣ୍ଡାୟମାନ ହୋଇ ରହିଛି। କେତେବେଳେ ଯେ କିଛି ଅଘଟଣ ନ ଘଟିବ ତାହା କହିହେବ ନାହିଁ। ଗ୍ରାମବାସୀ ରାସ୍ତା କାମ ପୂର୍ବରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଓ ବିଦ୍ୟୁତ୍ ବିଭାଗ ଅଧିକାରୀମାନଙ୍କୁ ଅଭିଯୋଗ କରିଥିଲେ ମଧ ଫଳ ଶୂନ। ଏ ସମ୍ପର୍କରେ ଟାଙ୍ଗୀ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ଦାସଙ୍କୁ ପଚାରିବାରୁ, ପୂର୍ତ୍ତ ବିଭାଗ ବିଳମ୍ବରେ ଜଣାଇଲେ। ତଥାପି ଖୁଣ୍ଟ ସମ୍ପ୍ରସାରଣ ପାଇଁ ଟେଣ୍ଡର ହୋଇ ସାରିଛି। ଆଗାମୀ ୭ ଦିନ ମଧ୍ୟରେ ଖୁଣ୍ଟଗୁଡ଼ିକୁ ସ୍ଥାନାନ୍ତର କରାଯିବ। ଏ ନେଇ ପୂର୍ତ୍ତ ବିଭାଗ ଏସ୍‌ଡିଓଙ୍କୁ ପଚାରିବାରେ, ଖୁଣ୍ଟ ଉଠିବାଯାଏ, ଖୁଣ୍ଟ ଚାରିପଟେ ରେଡିୟମ ସାଇନବୋର୍ଡ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଲକ୍ଷ୍ମୀପ୍ରିୟା



@ ପ୍ରଫୁଲ୍ଲ



@ ପ୍ରସନ୍ନ



@ ଶାନ୍ତନୁ



@ ଶୁଭଶ୍ରୀ



@ ସୁରେଶ୍ୱର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶୃଙ୍ଖଳାରେ ପାଳନ ହେବ ନୂଆପାଟଣା କାର୍ତ୍ତିକେଶ୍ୱର ପୂଜା

କଟକ,୨୮।୧୦(କାର୍ତ୍ତିକ ସାହୁ)

ନୂଆପାଟଣା ପୂଜା କମିଟିର କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି ବୈଠକ ନୂଆପାଟଣା ଶ୍ରୀଶ୍ରୀ ରାଧାମୋହନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ନୂଆପାଟଣା ଗ୍ରାମ ସଭାପତି ରମାକାନ୍ତ ଦାସ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଶାନ୍ତି ଶୃଙ୍ଖଳାରେ ପୂଜା ପାଳନ ହେବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପଞ୍ଚକ ୫ ଦିନ ନଗର କୀର୍ତ୍ତନରେ ବିଭିନ୍ନ ସାହି ପରିକ୍ରମା କରାଯିବ ବୋଲି ସ୍ଥିର ହୋଇଥିଲା। ଅଧିକାରୀ ପ୍ରଦୀପ କୁମାର ସାହୁ, କଟୁଆଳ କାଶିନାଥ ସାହୁ, ଉପଦେଷ୍ଟା ଭଗବାନ ସାହୁ, ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ କର୍ମକର୍ତ୍ତା ସୁଶାନ୍ତ କୁମାର ସାହୁ, ଶିବ ପ୍ରସାଦ ସାହୁ, ଅଜୟ କୁମାର ବେହେରା, ପ୍ରଶାନ୍ତ କୁମାର ପୃଷ୍ଟି, ଅଶୋକ କୁମାର ସାହୁ, ସୁଶାନ୍ତ କୁମାର ସାହୁ (ଫେକା), ବାନାମ୍ବର ସାହୁ, ପ୍ରଭାତ କୁମାର ସାହୁ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ବୈଠକ ପରିଚାଳନା କରିଥିଲେ।

# ଛଟ୍ ପୂଜା ପାଳନ ବେଳେ ବୁଡ଼ିଯାଇ ୧୫ ମୃତ

ରାଞ୍ଚି,୨୮।୧୦। ଝାଡ଼ଖଣ୍ଡରେ ଛଟ୍ ପୂଜା ପାଳନ ବେଳେ ବିଭିନ୍ନ ଜଳାଶୟରେ ବୁଡ଼ି ଅନ୍ୟୁନ ୧୫ ଜଣଙ୍କ ମୃତ୍ୟୁ ଘଟିଛି। ସୋମବାର ଓ ମଙ୍ଗଳବାର ୨ ଦିନ ଧରି ଛଟ୍ ପୂଜା ପାଳନ ହୋଇଥିଲା। ନଦୀ, ପୁଷ୍କରିଣୀରେ ବୁଡ଼ ପକାଇବାବେଳେ କେତେଜଣ ବୁଡ଼ିଯାଇଥିଲେ। ହଜାରିବାଗର ଶାହପୁର ପଞ୍ଚାୟତ ଅନ୍ତର୍ଗତ ଖାରଡିଗ ଗ୍ରାମର ଏକ ପୋଖରୀରେ ଗୋଟିଏ ପରିବାରର ୪ ଝିଅ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ଜଣେ ପୋଖରୀରେ ଖସିପଡ଼ିବାରୁ ତାକୁ ବଞ୍ଚାଇବାକୁ ଯାଇ ଅନ୍ୟ ୩ ଜଣ ବୁଡ଼ିଯାଇଥିଲେ। ସୋମବାର ବିଭିନ୍ନ ସ୍ଥାନରେ ୫ ଜଣ ପିଲା ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ଅନ୍ୟ କେତେକ ସ୍ଥାନରେ ମଧ୍ୟ ଅନୁରୂପ ଘଟଣା ଘଟିଥିବାରୁ ମୃତ୍ୟୁସଂଖ୍ୟା ୧୫ରୁ ଅଧିକ ହେବ ବୋଲି କୁହାଯାଉଛି।

# ଅଣୟୁରିଆ ସାର ସବ୍‌ସିଡି ୩୭,୯୫୨ କୋଟି ଟଙ୍କାକୁ ବୃଦ୍ଧି

ନୂଆଦିଲ୍ଲୀ,୨୮।୧୦(ପି.ଟି.) କେନ୍ଦ୍ର ସରକାର ୨୦୨୫-୨୬ ରବି ଋତୁ ପାଇଁ ଫସ୍‌ଫରସ୍ ଏବଂ ସଲ୍‌ଫର ଆଦି ଅଣୟୁରିଆ ସାର ସବ୍‌ସିଡି ୩୭,୯୫୨ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ଅନ୍ୟପକ୍ଷରେ ନାଇଟ୍ରୋଜେନ୍ ଏବଂ ପଟାସ୍ ସାର ସବ୍‌ସିଡି ଅପରିବର୍ତ୍ତିତ ରହିଛି। ସଂଶୋଧିତ ଦର ୨୦୨୫ ଅକ୍ଟୋବର ୧ରୁ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲାଗୁ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ୍ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଫସ୍‌ଫେଟ୍ ସାର କେ.ଜି. ପ୍ରତି ସବ୍‌ସିଡି ପୂର୍ବରୁ ୪୩ ଟଙ୍କା ୬୦ ପଇସା ଥିବାବେଳେ ଏହାକୁ ୪୭ ଟଙ୍କା ୯୬ ପଇସାକୁ ବଢ଼ାଇ ଦିଆଯାଇଛି। ସେହିପରି ସଲ୍‌ଫର ସାର ସବ୍‌ସିଡି କିଲୋଗ୍ରାମ ପ୍ରତି ୧ ଟଙ୍କା ୭୭ ପଇସାରୁ ୨ ଟଙ୍କା ୮୭ ପଇସାକୁ ବୃଦ୍ଧି ହୋଇଛି।


## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CAD-2124

No.-CHEP/TW-277 (Vol.-III)/4095 Date: 27.10.2025

TENDER CALL NOTICE NO.-CHEP-38/2025-26

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes for the following work from the reputed Electrical Contractors / Firms / Agencies meeting Eligibility Criteria only.

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Annual Maintenance of Electrical Installation of Residential & Non-Residential Buildings of CHEP, Chiplima | Rs.7,080 (Rs.6,000.00 + GST @18%) | Rs.14,50,510.00 / EMD=Rs.14,510.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dt.30.10.2025 up to 12:30 PM of dt.12.11.2025.

OIPR-04006/11/0109/2526 Sd/- C & P Head, CHEP, Chiplima

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## MINOR IRRIGATION DIVISION, KHORDHA

Tel.No.(06755) 221502, E-mail:eemidkhurda@yahoo.co.in
Letter No.4745, Dt.27.10.2025

### Invitation for Bids

No.A-792: Bid Identification No. SEMIDKHD 12/2025-26

| | | | |
|---|---|---|---|
| 1 | The Superintending Engineer, Minor Irrigation Division, Khordha on behalf of the Governor of Odisha invites Percentage Rate Bids in Single and Double Cover System in Online Mode only for civil works in MIPs under CAPEX Scheme as detailed in the table below from the eligible Class of Contractors. | | |
| 2 | Nature of Work | :- | Civil Works in MIPs under CAPEX Scheme in different Blocks of Khordha District |
| 3 | No. of Works | :- | 02 (Two) Nos. only |
| 4 | Cost of Bid Document | :- | Rs.10,000/- (through online) only |
| 5 | Tender Value | :- | Rs.75.52 to 98.96 Lakhs |
| 6 | Class of Contractor | :- | "B" Class as applicable |
| 7 | Availability of Bid Documents Online | :- | 10.30 A.M. of Dt.30.10.2025 to 05.30 PM of Dt.10.11.2025 |
| 8 | Last Date and Time for receipt of Bids in the Portal | : | 5.30 PM of Dt.10.11.2025 |
| 9 | Date of Opening of Bids | : | 11.30 A.M. of Dt.11.11.2025 |
| 10 | The bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of Bid can also be seen in the said website. The Authority reserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | | |

Sd./-Superintending Engineer
OIPR-32042/11/0024/2526 Minor Irrigation Division, Khordha

## OFFICE OF THE SUPERINTENDING ENGINEER
## RURAL WORKS DIVISION-I, GANJAM, BERHAMPUR

No. O-1209

E-Mail: eerw_gm1@yahoo.co.in

Government of Odisha, e-Procurement Notice

Bid Identification No. Online Tender // 10 // SERWDG-I / 2025-26
Letter No. 4936//RWDG-I//BAM// Date: 25.10.25

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.53.78 lakhs to Rs.58.82 Lakhs |
| 3 | Period of Completion | : | 02 (Two) Calendar Months as shown in Column No. 06 of Annexure |
| 4 | Date & Time of Availability of Bid Documents in the Portal | : | From 30.10.2025 at 11.00 A.M. to 12.11.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | : | 12.11.2025 upto 5.00 P.M. |
| 6 | Name and Address of the Officer Inviting Bid | : | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

Sd./- Executive Engineer
OIPR-25085/11/0033/2526 R.W. Division-I, Ganjam, Berhampur

## OFFICE OF THE SUPERINTENDING ENGINEER
## RURAL WORKS DIVISION-II, GANJAM, BERHAMPUR

No. O-1202

Phone: 0680-2404096, E-Mail: eerwgmt@yahoo.co.in

Government of Odisha, e-Procurement Notice

Bid Identification No. Online Tender/16/SERWD-II/2025-26
Memo No. 7627/RWD-IIGB, Date: 13.10.25

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.7.01 lakhs to Rs.29.00 Lakhs |
| 3 | Period of Completion | : | 1 (One) Month & 2 (Two Months) as per Annexure |
| 4 | Date & Time of availability of Bid Documents in the Portal | : | 30.10.2025 at 10.00 A.M. to 07.11.2025 upto 5.00 P.M. |
| 5 | Last Date/Time for receipt of Bids in the Portal | : | 07.11.2025 upto 5.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app.

Sd./- Executive Engineer
Rural Works Division-II, Ganjam,
OIPR-25073/11/0040/2526 Berhampur


See Career Appointment on every Wednesday & Saturday


## DISTRICT PROJECT OFFICE
## SAMAGRA SHIKSHA, MAYURBHANJ

Murgabadi, P.O.: Bhanjpur, Baripada, PIN - 757002
E-mail: dpcmayurssa.opepa@nic.in

### NOTICE

No. 4891 Date: 28.10.2025

No. n-: Pursuant to the Tender Call Notice No. 4590 date: 23.9.2025 for procurement of TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding items to 26 Nos. of KGBVs (Type-III) of Mayurbhanj District, the last date for receipt of sealed tenders is hereby extended upto 17.11.2025 by 5.00 P.M. and the same will be opened on 18.11.2025 at 11.00 A.M. in Conference Hall of District Education Office, Mayurbhanj. The terms and condition will remain unchanged.

By order of the Collector-cum-Chairman,
SS, Mayurbhanj

Sd./- DEO-cum-District Project Coordinator
OIPR-27140/11/0016/2526 Samagra Shiksha, Mayurbhanj

ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ମୋତିଝରନ, ସମ୍ବଲପୁର,
ଓଡ଼ିଶା, ପିନ୍-୭୬୮୦୦୧, ଦୂରଭାଷ/ଫାକ୍ସ-୦୬୬୩-୨୫୪୮୭୪୩
ଇମେଲ୍-dfohirakudwl.od@gov.in

Office Order No.84/1F-56(Actt.)/2025-26, Dated 28.10.2025

### CORRIGENDUM

No.MM-The date has been modified as follows in respect of tender call notice for appointment of Architecture Consultant for providing Detailed Project Report (Plan, Design and Estimated) for Development of Debrigarh Ecotourism under Hirakud Wildlife Division, in the Tender Notice published vide Bid No.81, dt.16.10.2025 in the same tender process.

| Availability of Tender Documents Extent upto | Opening of Technical Evaluation | Opening of Financial Evaluation |
|---|---|---|
| 04.11.2025 (4.00 P.M.) | 06.11.2025 (11.30 A.M.) | 07.11.2025 (11.30 AM) |

All other terms and conditions will remain same as published in the above referred tender notice. Inconvenience, if any is highly regretted.

Sd./- Divisional Forest Officer
OIPR-08078/11/0009/2526 Hirakud Wildlife Division, Sambalpur

## GOVT. OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, PATNAGARH

E-mail: eerw_ptng@yahoo.in, Phone No.-06658-222121

e-Procurement Notice

No.O-1143: IFB IDENTIFICATION NO. EEPTNG-Online-07/2025-26

| | | | |
|---|---|---|---|
| 1. | Name of Work | : | Repair of Building Works |
| 2. | Total No. of Work | : | 36 (Thirty Six) No. Works |
| 3. | Time for Completion | : | 02 (Two) Calendar Months |
| 4. | Approximate estimated Cost | : | 1.69 Lakh to 14.41 Lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in. |
| 6. | Other details are as follows | : | |

| Procurement Officer | Bid Identification No. | Availability of Tender Online for bidding | | Last date and time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Patnagarh | EEPTNG-Online-07/2025-26 | 30.10.2025 at 11.00 A.M. | 14.11.2025 upto 5.00 P.M. | 13.11.2025 upto 5.00 P.M. | 15.11.2025 at 11.00 A.M. |

•Further details can be seen from the website www.tendersorissa.gov.in.
•Any Corrigendum/ Addendum will be displayed in the above e tender website only.

OIPR-25154/11/0030/2526 Sd./- Executive Engineer, R.W.Division, Patnagarh

## BHUBANESWAR DEVELOPMENT AUTHORITY

Akash Shova Building, Sachivalaya Marg, Bhubaneswar - 751001
PABX No. 0674-2392801/0998/6437, FAX No.: 0674-2390633/085
Visit us at: http://www.bda.gov.in/

### Invitation for Bids

Bid Identification No. 442/EM/BDA/2025-26 Date: 27.10.2025

No. CAD-2122: Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in double cover system in ONLINE MODE from eligible contractors for civil works as mentioned below:

| | | | |
|---|---|---|---|
| 1. | Nature of works | : | Civil Work (Construction of RCC/SFRC Precast Boundary Wall) |
| 2. | Total No. of Works | : | 03 (Three) Nos. |
| 3. | Amount put to tender | : | Rs.178.10 Lakh, Rs.187.95 Lakh & Rs.178.39 lakh |
| 4. | Class of Contractor | : | 'B' & 'A' Class |
| 5. | Period of Completion | : | 11 (Eleven) Calendar Months |
| 6. | Cost of Bid Documents | : | Rs.10000.00 + 18% GST = Rs.11800.00 (Online transfer by the last date & time for receipt of bids) |
| 7. | Earnest Money Deposit (EMD) | : | 1% of estimated cost put to tender (Online transfer by the last date & time for receipt of bids) |
| 8. | Availability of Tender | : | From 30.10.2025 to 5.30 P.M. of 17.11.2025 https://tendersodisha.gov.in |
| 9. | Date of Opening of Tender | : | Dt.18.11.2025 at 11.30 A.M. |
| 10. | Place of Opening of Tender | : | O/o. Engineer Member, BDA, Bhubaneswar |

Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Engineer Member
OIPR-13033/11/0395/2526 BDA, Bhubaneswar

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION-II, SUNDARGARH

No.O-1196

E-mail:rw_rourkela@yahoo.co.in

TENDER CALL NOTICE
BID IDENTIFICATION NO. ONLINE-EERKL-13 OF 2025-26

1. Name of the Work: Bridge Works. 2. Total No. of Works: 01 (One) No. 3. Estimated Cost: Rs.13.98 Lakhs. 4. Class of Contractor: "D" & "C" Class. 5. Period of Completion: 01 (One) Calendar Months. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division-II, Sundargarh | Online-EERKL-13 of 2025-26 | 29.10.2025 from 10.00 A.M. | 04.11.2025 upto 5.00 P.M. |

Further details can be seen from the website: www.tendersodisha.gov.in

OIPR-25193/11/0093/2526 Sd./- Executive Engineer, R W Division-II, Sundargarh

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE

E-Mail ID: serw_balasore@yahoo.in, Ph.No.-06782/260318, Balia, Balasore

"e" Procurement Notice for Road Work

Identification No.Online Tender- Road N.C.B. No. 40 for 2025-26
Letter No.3784, Date:23.10.2025

No.O-1215: 1. Name of the Work: (MMSY-CMRL). 2. Total No. of Work: 33 Nos. of Work. 3. Estimated Cost: As per Annexure. 4. Eligible Class of Contractor: As per Annexure. 5. Period of Completion:As per Annexure. 6. Other details:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No-40 of 2025-26 | 30.10.2025 at 11.00 A.M. | 15.11.2025 Upto 5.00 P.M. | 14.11.2025 Upto 5.00 P.M. | 17.11.2025 At 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in

Sd./- Chief Construction Engineer,
OIPR-25105/11/0085/2526 R.W. Circle, Balasore

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA

E-Mail ID: serwcbaripada@gmail.com Ph. No.: 06792-261343/261344, Gangraj, Baripada

"e" Procurement Notice for Plan Road Work

No. O-1104 Identification No. Online Tender - Road N.C.B. No. 394 for 2025-26

Letter No. 4748 Date: 15.10.2025

| | | | |
|---|---|---|---|
| 1. | Name of the Work | : | Road work in the District of Mayurbhanj for the year 25-26. |
| 2. | Total No. of Work | : | 34 Nos. (Thrity Four) |
| 3. | Estimated Cost | : | Rs.197.13 Lakhs to Rs.1420.77 Lakhs (Approximately) |
| 4. | Eligible Class of Contractor | : | As per Annexure |
| 5. | Period of Completion | : | As per Annexure |
| 6. | Other Details | : | |

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No. 394 | Dt.30.10.2025 at 11.00 A.M. | Dt.18.11.2025 upto 5.00 P.M. | Dt.17.11.2025 upto 5.00 P.M. | Dt.19.11.2025 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in.
• Any Corrigendum/Addendum will be displayed in the above e_tender website only.

OIPR-25130/11/0060/2526 Sd./- A.K. Naik, Chief Construction Engineer, R.W. Circle, Baripada

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR

e-mail: eerwbnjr@gmail.com

"e" Procurement Notice for Road Works

No.O-1198: Identification No. Online Tender/ 12/ RWDBNJ/2025-2026
No.5021, Date: 04.10.2025

1. Name of the Work: Road Works. 2. Total Number of Works: 14 (Fourteen) Nos. 3. Estimated Cost: 9.53 Lakhs to 39.41 Lakhs. 4. Class of Contractor: 'D', 'C' & 'B' Class of Contractor. 5. Period of Completion: 01 & 02 (Two) Calendar Months. 6. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of Opening Tender |
|---|---|---|---|---|
| | | From | To | |
| Superintending Engineer, R.W. Division, Bhanjanagar | Online Tender/12/ RWDBNJ/ 2025-2026 | 30.10.2025 at 10.00 A.M. | 10.11.2025 upto 3.00 P.M. | 11.11.2025 at 11.00 A.M. |

Further details can be seen from the website: www.tendersodisha.gov.in.

Sd./- Executive Engineer,
OIPR-25174/11/0050/2526 R.W. Division, Bhanjanagar

## OFFICE OF THE SUPERINTENDING ENGINEER
## RURAL WORKS DIVISION-II, GANJAM, BERHAMPUR

No. O-1111

Phone: 0680-2404096, E-Mail: eerwgmt@yahoo.co.in

Government of Odisha, e-Procurement Notice

Bid Identification No. Online Tender/11/SERWD-II/2025-26
Memo No. 7524/RWD-IIGB, Date: 10.10.25

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.8.40 to Rs.25.21 Lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of availability of Bid Documents in the Portal | : | 30.10.2025 at 10.00 A.M. to 07.11.2025 upto 5.00 P.M. |
| 5 | Last Date/Time for receipt of Bids in the Portal | : | 07.11.2025 upto 5.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app.

Sd./- Executive Engineer
OIPR-25073/11/0039/2526 R.W. Division-II, Ganjam, Berhampur

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, KANPUR REHABILITATION, CAMPS & BUILDING DIVISION

Email: eekrcbdbasudevpur@gmail.com

AT/PO- Basudevpur, Dist-Keonjhar, Pin-758047

e-PROCUREMENT NOTICE

No.A-797: Bid Identification No.SE, KRC & BD-16/2025-26

| Sl. No. | Name of Work | Approx. Value of work (Rs. in Lakh) | EMD/ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & Address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Extension of drain near the Pond, Raising of drain wall at lane no-7, 6 and construction of 02 no CDs at R&R colony Birikala for the DPs of village Birikala and Gobindpur of KIP" | 53.50 | 53500.00 | 10,000/- | 08 (Eight) Calendar Months | "B" | Kanupur Reh. Campus & Building Division, At/Po-Basudevpur, Dist-Keonjhar |

| Procurement Officer | Bid Identification No. | Availability of tender online for bidding | | Date & Time of opening of tender (Technical Bid) | Last date of seeking clarification | Place of Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh C & B Division, Basudevpur, Dist- Keonjhar | SE, KRC & BD- 16/ 2025-26 | 30.10.25 From 10.00 Hours | 13.11.25 Upto 17.00 Hours | 14.11.25 at 11.00 Hours | 13.11.25 Upto 15.00 Hours | O/o the Superintending Engineer, Kanupur Reh C & B Division, Basudevpur, Dist- Keonjhar |

OIPR-46009/11/0006/2526 Sd./- Superintending Engineer, Kanupur Reh. C & B Division, Basudevpur

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION: RAYAGADA

No.O-1135

e-mail ID:rw_rayagada@yahoo.co.in

GEPNIC e-Procurement Notice

Bid Identification No: EERWRGD-Online-08/2025-26
Letter No.3368, Date 24.10.2025

1. Name of the Work: Repair of Building Works. 2. Total No. of Works: 22 Nos. (Percentage rate tender). 3. Estimated Cost: Varies from 2.99 to 5.98 Lakhs. 4. Class of Contractor: "D" or "C" Class. 5. Time of Completion: Specified in DTCN. 6. Mode of Submission of tender: Tender should be submitted only in online https://www.tendersodisha.gov.in. 7. Other details: Detailed tender condition specified in DTCN.

| Procurement Officer | Bid Identification No. | No. of Works | Availability of tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | |
| Executive Engineer, Rural Works Division, Rayagada | EERWRGD Online-07/2025-26 | 22 (Twenty Two) Nos. | 30.10.2025 at 11.00 A.M. | 15.11.2025 upto 5.00 P.M. | 14.11.2025 upto 5.00 P.M. | 17.11.2025 at 11.00 A.M. |

Further details can be seen from the website: www.tendersodisha.gov.in

Sd./- Executive Engineer
OIPR-25072/11/0032/2526 Rural Works Division, Rayagada

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, BOLANGIR

E-mail ID: eerw_blgr@yahoo.co.in

e-Procurement Notice

No.O-1207: IFB IDENTIFICATION NO. EEBLGR-Online-14/2025-26

| | | | |
|---|---|---|---|
| 1. | Name of Work | : | Building Works |
| 2. | Total No. of Works | : | 04 (Four) Nos. |
| 3. | Approximate Estimated Cost | : | Rs.98.70 to 99.54 Lakhs |
| 4. | Time for Completion | : | 6 (Six) Calendar Months |
| 5. | Mode of Submission of tender | : | Tender should be submitted online in www.tendersorissa.gov.in. |
| 6. | Other details are as follows | : | As per TCN No. EEBLGR-Online-14/2025-26 |

| Procurement Officer | Bid Identification No. | Availability of Tender Online for bidding | | Last date and time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Divn., Bolangir | EEBLGR-Online-14/2025-26 | 30.10.2025 at 11.00 A.M. | 14.11.2025 upto 5.00 PM | 13.11.2025 upto 1.00 P.M. | 15.11.2025 at 11.00 A.M. | The date will be intimated later on |

•Further details can be seen from the website www.tendersodisha.gov.in.
•Any Corrigendum/ Addendum will be displayed in the above e tender website only.

OIPR-25068/11/0044/2526 Sd./- Executive Engineer, R.W.Division, Bolangir

## OFFICE OF THE PANCHAYAT SAMITI, GUNUPUR

Email: ori-gunpur@nic.in

Quotation Call Notice No. 2257/VI-04/2025, Dev Date: 24.10.2025

### QUOTATION CALL NOTICE

No. i-359: Sealed quotations/tenders are invited from interested authorized dealer/supplier registered firms/agencies for supply of the following items to the office of the undersigned to be installed in different G.P. of Gunupur Block. The quotation should reach in the office of the Block Development Officer, Gunupur on or before dated 07.11.2025 by 1.00 P.M. through Registered Post/Speed Post/Courier and the same will be open on same day at 4.00 P.M. in the presence of quotationer or their authorized agents if present. The rate should be quoted inclusive of all taxes and installation charges etc. The quotationer should submit the PAN Card & GST registration certificate along with the quotation. The quotation received after due date and time will not be entertained. The quotationer should quote his rate both in figure and words. Any alteration or correction should be attested by the quotationer. The successful quotationer shall execute the work under the supervision of Engineer in-charge of this office within 30 days from the date of receipt of work order. This notice shall be available from 11.00 A.M. dated 25.10.2025 upto 07.11.2025 in district website www.rayagadanic.in for wide publication. The undersigned reserves the right to cancel/reject any or all the quotations without assigning any reason thereof.

SPECIFICATION

| Sl. No. | Particulars of Materials | Rate per unit should be quote including all taxes and installation at given site |
|---|---|---|
| 01 | **Sollar Street Light** • 30W Sollar Light with LFP Battery pack and charge controller with Standard ISO Certificate • 75W Sollar Panel • LED • 6M GI Pole • GI Penal Mounting Frame • Light Arm • Connecting Wires, Cable & Nut/Bolt • Installation, Commissioning and Service. | |
| 02 | **Electric Street Light** • 60W Electric Street Light • Light Output: 6000 Lumens • 8M Pole Octagonal • Equivalent Light = 600W • Voltage Range = 100V - 300 V Ac • Installation, Commissioning and Service. | |
| 03 | **High Mast Light** • Luniaries Wattage (W) - 240 (60 × 4 Nos.) • Wide operating A/C, Voltage Range = 100 Volt to 300 Volt • No. LED's = 180 Nos. • Light Output (Lumens) = 6000 Lums • Equivalent Light Output = 720W CFL, 900W Mercury Lamp • No. Mercury Content • Pole Height should be 9 meter with all fittings • Transportation and installation and making operational of High Mast Light | |

OIPR-19434/11/0005/2526 Sd./- Block Development Officer, Gunupur

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR

No. O-1167

### e-Procurement Notice

| | | | |
|---|---|---|---|
| 1. | Name of Works | : | Improvement and Construction of Road under MMSY-Improvement to Existing RD Road, MMSY-TRIP and MMSY-CMRL for the year 2025-26 in the district of Bolangir and Subarnapur |
| 2. | No. of Work | : | 28 (Twenty Eight) Works |
| 3. | Time for Completion varies from | : | 6 (Six) to 9 (Nine) Calendar Months |
| 4. | Approximate estimated cost varies from | : | Rs.176.94 lakhs to Rs.498.28 lakhs |
| 5. | Mode of submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-28/ 2025-26 | 30.10.2025 at 11.00 A.M. | 13.11.2025 upto 5.00 P.M. | 12.11.2025 upto 5.00 P.M. | 14.11.2025 at 11.00 A.M. | The date will be intimated later on |

• Further details can be seen from the website www.tendersodisha.gov.in.
• Any Corrigendum/Addendum will be displayed in the above e tender website only.

OIPR-25118/11/0070/2526 Sd./- Chief Construction Engineer, R.W. Circle, Bolangir

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION, BONAI

E-mail: rwd.bonai@yahoo.com

TENDER CALL NOTICE

No. O-1224 BID IDENTIFICATION NO. ONLINE-EEBNI-02 of 2025-26

| | | |
|---|---|---|
| 01. Name of the Work | : | Road Works |
| 02. Total No. of Works | : | 27 (Twenty Seven) Nos. |
| 03. Estimated Cost | : | Rs.5.08 to 50.85 lakhs |
| 04. Class of Contractor | : | "D", "C" & "B" Class |
| 05. Period of Completion | : | 02 (Two) Months |
| 06. Type of Tender | : | Single Cover/Double Cover |

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date and time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Bonai | Online - EEBNI-02 of 2025-26 | 30.10.2025 from 10.00 A.M. | 13.11.2025 upto 5.00 P.M. | 12.11.2025 upto 5.00 P.M. | 14.11.2025 at 11.00 A.M. | Will be intimated separately |

07. Other Details :

Further details can be seen from the website www.tendersorissa.gov.in & for more information please visit the office.

OIPR-25200/11/0006/2526 Sd./- Executive Engineer, R.W. Division, Bonai

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମାଣିକଗୋଡ଼ାରୁ ୩୧ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

- ଗୋଟିଏ ପରିବାରର ଦମ୍ପତି, ୨ଭାଇଙ୍କ ସମେତ ୭ ଗିରଫ
- ୪ ଲକ୍ଷ ଟଙ୍କା, ୨ କାର୍, ୩ ବାଇକ୍, ଦେଶୀ ବନ୍ଧୁକ ଜବତ

ଖୋର୍ଦ୍ଧା,୨୮।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ମାଣିକଗୋଡ଼ା ଗ୍ରାମ ଦଳେଇସାହିରେ ସୋମବାର ପୋଲିସ ଚଢ଼ାଉ କରି ୩୧୪.୯୭୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଜଣେ ମହିଳାଙ୍କ ସମେତ ୭ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ଜଣ ଗଞ୍ଜାମ ଜିଲା ଏବଂ ୫ଜଣ ଖୋର୍ଦ୍ଧା ଜିଲାର ରହିଛନ୍ତି। ଏମାନଙ୍କ ମଧ୍ୟରେ ଗୋଟିଏ ପରିବାରର ଦମ୍ପତି, ୨ଭାଇ ସଂଶ୍ଳିଷ୍ଟ ଅଛନ୍ତି। ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳର ପ୍ରଣୟ ରଥ(୩୬), ସତ୍ୟଲୋଚନ ସାହୁ(୪୩), ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳର ମହେଶ୍ୱର ସ୍ୱାଇଁ ଓରଫ ଧରମା(୩୦), ବୋଲଗଡ଼ ଥାନା ଅଞ୍ଚଳର ବବ୍‌ଲୁ ଓରଫ ମୀର୍ ଅତାଉଲ୍ଲା(୨୬) ଏବଂ ତାଙ୍କ ସ୍ତ୍ରୀ ମଇନା ବେଗମ(୨୭), ବୁନିଆ ଓରଫ ମିର୍ ଅବଦୁଲ୍ଲା(୨୩), ରିଙ୍କୁ ଓରଫ ମୀର୍ ମୁସ୍ତାଫିଜ୍ ଅଲ୍ଲୀ (୨୬)। ବବ୍‌ଲୁ ଓ ବୁନିଆ ଦୁଇ ଭାଇ। ଅଭିଯୁକ୍ତଙ୍କଠାରୁ ୪ଲକ୍ଷ ଟଙ୍କା, ଦୁଇଟି କାର୍ (ନଂ. ଓଡି ୦୭ଏପି ୧୮୩୮, ଓଆର ୦୨ଏବି ୭୪୭୧), ୩ଟି ବାଇକ୍ (ନଂ. ଓଡି ୨୫ଆର ୭୬୨୫, ଓଡି ୦୨ପି ୮୦୩୮, ଓଡି ୩୩ଏଏମ୍ ୭୮୭୯) ଏବଂ ଗୋଟିଏ ଦେଶୀ ବନ୍ଧୁକ ଜବତ କରାଯାଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୩୧ଲକ୍ଷ ଟଙ୍କା ହେବ ବୋଲି ମଙ୍ଗଳବାର ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ପ୍ରଣୟ ଏବଂ ସତ୍ୟଲୋଚନ ବ୍ରହ୍ମପୁରରୁ ଦୁଇଟି କାର୍‌ରେ ବ୍ରାଉନ୍‌ସୁଗାର ଧରି ଖୋର୍ଦ୍ଧାରେ ବିକ୍ରି କରିବାକୁ ଆସିଥିଲେ। ଖୋର୍ଦ୍ଧାର ମହେଶ୍ୱରଙ୍କ ସହ ମିଶି ମାଣିକଗୋଡ଼ା ଯାଇଥିଲେ। ସେଠାରେ ବବ୍‌ଲୁଙ୍କ ଘରେ ଡିଲ୍ ହେଉଥିଲା। ତେବେ ମାଣିକଗୋଡ଼ା ଗ୍ରାମ ଦଳେଇସାହିରେ ବ୍ରାଉନ୍‌ସୁଗାର କାରବାର ଚାଲିଥିବା ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ବୋଲଗଡ଼ ଥାନାଧିକାରୀ ସ୍ନିଗ୍ଧାମୟୀ ବରାଳଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଗ୍ରାମର ବବ୍‌ଲୁଙ୍କ ଘରେ ଚଢ଼ାଉ କରିଥିଲା। ଅଭିଯୁକ୍ତଙ୍କଠାରୁ ପର୍ଯ୍ୟାୟକ୍ରମେ ବ୍ରାଉନ୍‌ସୁଗାର ଜବତ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କ ସମେତ କାର୍ ଭିତରୁ ବ୍ରାଉନ୍‌ସୁଗାର ଜବତ କରିଥିବା ବେଳେ ରିଙ୍କୁଙ୍କଠାରୁ ୧ଲକ୍ଷ ୭୫ହଜାର, ମଇନା ବେଗମଙ୍କଠାରୁ ୨ଲକ୍ଷ ୨୫ହଜାର ଟଙ୍କା ଏବଂ ମୀର ଅବଦୁଲ୍ଲାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୫୬/୨୫) ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ବୋଲଗଡ଼ ଥାନାଧିକାରୀ ସ୍ନିଗ୍ଧାମୟୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ପି ଶର୍ମା କହିଛନ୍ତି ଯେ, ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଅଭିଯୁକ୍ତମାନଙ୍କ ସହ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ବ୍ରାଉନସୁଗାର କେଉଁଠୁ ଆଣିଥିଲେ, ନିଶା କାରବାରରୁ ବେଆଇନ ଭାବେ କେତେ ସମ୍ପତ୍ତି ଅର୍ଜନ କରିଛନ୍ତି, ତାହାର ଖୋଳତାଡ଼ କରାଯିବ।


ଜବତ ହୋଇଥିବା ବ୍ରାଉନ୍‌ସୁଗାର, ୪ ଲକ୍ଷ ଟଙ୍କା ଏବଂ ବନ୍ଧୁକ।



ଖବରଦାତା ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଉଛନ୍ତି (ଉପର)। ଜବତ ୩ ବାଇକ୍ ଏବଂ ୨ କାର୍।

# ବିହାରୀ ଶୁଟରଙ୍କୁ ଆଶ୍ରୟ ଦେଇଥିବା ଘରମାଲିକ ଗିରଫ

ବ୍ରହ୍ମପୁର,୨୮।୧୦(ସୁବାସ ଚନ୍ଦ୍ର ପାଢ଼ୀ)

**ପୀତବାସ ପଣ୍ଡା ହତ୍ୟା ମାମଲା**

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ଆଉ ଜଣେ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସିଂର ଶୂନ୍ୟ ଦାସ(୬୧)। ପୀତବାସଙ୍କୁ ହତ୍ୟା ପାଇଁ ପ୍ରଥମେ ଗତ ସେପ୍ଟେମ୍ବର ମାସରେ ବିହାରରୁ ଆସିଥିବା ୨ଯୁବକଙ୍କୁ ଶୂନ୍ୟ ତାଙ୍କ ଅଳକାପୁରୀସ୍ଥିତ ଘରେ ଆଶ୍ରୟ ଦେଇଥିଲେ। ବିହାରୀ ଯୁବକଦ୍ୱୟ ହତ୍ୟା ନ କରି ପଳାଇଥିଲେ। ଅପରାଧୀଙ୍କୁ ଆଶ୍ରୟ ଦେବା ଅଭିଯୋଗରେ ଶୂନ୍ୟଙ୍କୁ ଗିରଫ ପରେ ମାମଲା ନଂ. ୫୧୮/୨୫ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୀତବାସ ହତ୍ୟା ଘଟଣାରେ ଶୂନ୍ୟଙ୍କୁ ମିଶାଇ ଏ ପର୍ଯ୍ୟନ୍ତ ମୋଟ ୧୪ ଜଣ ଗିରଫ ହେଲେଣି। ଏହାପୂର୍ବରୁ ଗତ ୨୨ ତାରିଖରେ କୋରାପୁଟ ଜିଲା ଜୟପୁରର ଫାର୍ମ ହାଉସ ମାଲିକ ସୁନୀଲ ହୋତାଙ୍କୁ ପୋଲିସ ଗିରଫ କରିଥିଲା।। ଗତ ବୁଧବାର ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ପୂର୍ବତନ ମେୟର ଶିବଶଙ୍କର ଦାସ ଓରଫ ପିଣ୍ଟୁ, ବିଏମସିର ୪୧ ନଂ. ୱାର୍ଡ କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳାଇଙ୍କ ସମେତ ୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମସ୍ତ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ପୂର୍ବତନ ମେୟର ପିଣ୍ଟୁଙ୍କୁ ଏସଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ବୁଧବାର ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯିବ। ଗତ ୬ ତାରିଖରେ ପୀତବାସଙ୍କୁ ଗୁଳି କରିଥିବା କୁରୁପତି ଭୂୟାଁ ଓ ଉମା ବିଷୋୟୀ ଏବେବି ଫେରାର ଅଛନ୍ତି।

# ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ପାଟଣା,୨୮।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରାଯାଇଛି। ଏ ନେଇ ଅଭିଯୋଗ ପରେ ମଙ୍ଗଳବାର ତୁରୁମୁଙ୍ଗା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ଘଟଗାଁ ଥାନା ନୂଆପଡା ଗ୍ରାମର ଅଶୋକ ବେହେରା(୨୨)।

ସୂଚନା ଅନୁଯାୟୀ, ଅକ୍ଟୋବର ୨୨ ରାତିରେ ନାବାଳିକାଙ୍କୁ କେହି ଅପହରଣ କରି ନେଇଥିଲେ। ଏ ନେଇ ପରିବାର ଲୋକେ ତୁରୁମୁଙ୍ଗା ଥାନାରେ ଗତ ୨୩ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ନୂଆପଡ଼ା ଗ୍ରାମରୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରେ ପୋଲିସ ଉଭୟଙ୍କ ଡାକ୍ତରୀ ମାଇନା ଓ ନାବାଳିକାଙ୍କ ବୟାନ ଆଧାରରେ ଯୁବକଙ୍କୁ ଅପହରଣ ସହ ବଳାତ୍କାର ଅଭିଯୋଗରେ କୋର୍ଟଚାଲାଣ କରିଛି। ନାବାଳିକାଙ୍କୁ କେନ୍ଦୁଝର ସ୍ୱଧାର ଗୃହକୁ ପଠାଇଛି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୨୬୨/୨୫) ରୁଜୁ ହୋଇଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ କହିଛନ୍ତି।

# ସ୍ୱାମୀଙ୍କ ଦାଉଲି ଚୋଟରେ ସ୍ତ୍ରୀ ଗୁରୁତର

ବୈଶିଙ୍ଗା,୨୮।୧୦(ରତନ ଦାଶ)

**ଝିଅ ଅଭିଯୋଗରେ ବାପା ଗିରଫ**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ପଞ୍ଚାୟତର ଲାଖବିନ୍ଧା ଗ୍ରାମରେ ମଙ୍ଗଳବାର ସକାଳେ ସ୍ୱାମୀଙ୍କ ଦାଉଲି ଚୋଟରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ହେଲେ ରୁକ୍ମିଣୀ କିସ୍କୁ(୩୮)। ସେ ଏବେ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ରୁକ୍ମିଣୀଙ୍କ ବିବାହିତ ଝିଅ ଚମ୍ପା ମାଝୀଙ୍କ ଅଭିଯୋଗକ୍ରମେ ତାଙ୍କ ବାପା କଙ୍କା କିସ୍କୁ(ଧୁମା)ଙ୍କୁ ବୈଶିଙ୍ଗା ପୋଲିସ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୫୫୦/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ସକାଳେ ରୁକ୍ମିଣୀ କୂଅରୁ ପାଣି ଟାଣୁଥିବା ବେଳେ ହଠାତ୍ ଧୁମା ଏକ ଦାଉଲିରେ ତାଙ୍କ ବେକକୁ ଆକ୍ରମଣ କରିଥିଲେ। ରୁକ୍ମିଣୀ ପଛକୁ ବୁଲିପଡ଼ିବା ଯୋଗୁ ଦାଉଲି ଚୋଟ ବେକରେ ନ ବାଜି ତାଙ୍କ ପାଟିରେ ବାଜି ପ୍ରବଳ ରକ୍ତସ୍ରାବ ହୋଇଥିଲା। ପାଖରେ ଥିବା ଲୋକେ ଦୌଡ଼ି ଆସି ଧୁମାଙ୍କୁ ମାଡ଼ିବସି ବାନ୍ଧି ପକାଇବା ସହ ପୋଲିସକୁ ଖବର ଦେଇଥିଲେ। ଗୁରୁତର ରୁକ୍ମିଣୀଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇଥିଲେ। ପୂର୍ବରୁ ମଧ ଧୁମା ଦୁଇଥର ରୁକ୍ମିଣୀଙ୍କ ଉପରେ ଆକ୍ରମଣ କରିଥିଲେ। ଗ୍ରାମ ବୈଠକରେ ସମାଧାନ କରାଯାଇଥିଲା ବୋଲି କୁହାଯାଇଛି। ଏସ୍‌ଆଇ ଅଶୋକ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ଚାଲିଛି। ପ୍ରକାଶଥାଉ କି, ୩ବର୍ଷ ତଳେ ଗ୍ରାମସଭା ମାଧ୍ୟମରେ ସେମାନଙ୍କର ଛାଡ଼ପତ୍ର ହୋଇଥିବା ବେଳେ ରୁକ୍ମିଣୀ ସେହି ଗ୍ରାମରେ ତାଙ୍କ ସମ୍ପର୍କୀୟଙ୍କ ଘରେ ରହିଆସୁଛନ୍ତି।

# ପୁଅ ଟାଙ୍ଗିଆ ଚୋଟରେ ବାପା ମୃତ

ଉମରକୋଟ,୨୮।୧୦ (ସନ୍ତୋଷ ଶତପଥୀ)

**ଚାଷଜମି ଭାଗବଣ୍ଟାକୁ କେନ୍ଦ୍ରକରି ହତ୍ୟାକାଣ୍ଡ**

ଚାଷଜମି ଭାଗବଣ୍ଟାକୁ କେନ୍ଦ୍ରକରି ଜଣେ ୮୦ ବର୍ଷର ବାପାଙ୍କୁ ତାଙ୍କ ପୁଅ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ବଡ଼ବାସିନୀ ଗ୍ରାମରେ ସୋମବାର ରାତିରେ ଏଭଳି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ସାଧୁ ରାଜଗଣ୍ଡ। ଉମରକୋଟ ପୋଲିସ ଅଭିଯୁକ୍ତ ପୁଅ ବିଶ୍ୱନାଥଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତକରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁସାରେ, ସାଧୁଙ୍କ ୨ଜଣ ସ୍ତ୍ରୀ ଅଛନ୍ତି। ପ୍ରଥମ ସ୍ତ୍ରୀଙ୍କ ଜଣେ ପୁଅ ବିଶ୍ୱନାଥ ଏବଂ ଦ୍ୱିତୀୟ ସ୍ତ୍ରୀଙ୍କ ଜଣେ ମାତ୍ର ଝିଅ ଲକ୍ଷ୍ମୀ ଦୁରୁଆ(୩୦)। ତେବେ ସାଧୁଙ୍କ ୫ ଏକର ଜମିରୁ ପୁଅ ବିଶ୍ୱନାଥଙ୍କୁ ୨.୫୦ ଏକର ଜମିଚାଷ ପାଇଁ ଦେଇଛନ୍ତି। ବଳକା ୨.୫୦ ଏକର ଜମି ସାଧୁ ନିଜେ ଅନ୍ୟ ଲୋକଙ୍କ ଦ୍ୱାରା ଚାଷ କରାଉଥିଲେ। ସମସ୍ତ ୫ ଏକର ଜମି ଦେଇ ଦେବା ପାଇଁ ବିଶ୍ୱନାଥ ବାପାଙ୍କ ସହ ସବୁବେଳେ ଗଣ୍ଡଗୋଳ କରୁଥିଲେ। ସୋମବାର ରାତିରେ ବାପା ସାଧୁ ଶୋଇଥିବାବେଳେ ପୁଅ ବିଶ୍ୱନାଥ ଏକ ଟାଙ୍ଗିଆରେ ତାଙ୍କ ଛାତି, ହାତ ଓ ଜଙ୍ଘରେ ଆକ୍ରମଣ କରିଥିଲେ। ଏହି ସମୟରେ ସାଧୁ ଚିତ୍କାର କରିବାରୁ ଘଟଣାସ୍ଥଳରୁ ବିଶ୍ୱନାଥ ଫେରାର ହୋଇଯାଇଥିଲେ। ଝିଅ ଲକ୍ଷ୍ମୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ବାପାଙ୍କୁ ଉଦ୍ଧାରକରି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଉମରକୋଟ ପୋଲିସ ୩୪୯/୨୫ରେ ମାମଲା ରୁଜୁକରିଛି। ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏ ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ଦେଲେ ହାଇକୋର୍ଟ

**ଆଇଏଏସ୍ ଅଧିକାରୀଙ୍କ ପୁଅ ପରିଚୟରେ ଠକେଇ ମାମଲା**

କଟକ, ୨୮।୧୦ (କାର୍ତ୍ତିକ ସାହୁ)

ଆଇଏଏସ୍ ଅଧିକାରୀଙ୍କ ପୁଅ ପରିଚୟ ଦେଇ ଜଣେ ବ୍ୟକ୍ତିଙ୍କ ପାରିବାରିକ ଓ ବ୍ୟବସାୟରେ ହସ୍ତକ୍ଷେପ କରି ପ୍ରାୟ ୩ରୁ ୪ କୋଟି ଟଙ୍କା ଠକେଇ ମାମଲାରେ ଗିରଫ ଅଭିଯୁକ୍ତ ସମ୍ବିତ ରାୟଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ଅଭିଯୁକ୍ତ ୫ ଲକ୍ଷ ଟଙ୍କା ବେଲ ବଣ୍ଡରେ ଜାମିନରେ ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ରଖାଯାଇଥିବା ସର୍ତ୍ତ ଖିଲାପ ହେଲେ ଜାମିନ ରଦ୍ଦ କରିବେ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି।

ଖବରରୁ ପ୍ରକାଶ ଯେ, ମର୍କତନଗର ଥାନାରେ ବିଜୟ ଖଣ୍ଡେଲୱାଲ ଠକାମିର ଶିକାର ହୋଇଥିବା ନେଇ ଏଫଆଇଆର୍ ରୁଜୁ କରିଥିଲେ। ସେ ଦର୍ଶାଇଥିଲେ ଯେ ଅଭିଯୁକ୍ତ ନିଜକୁ ଜଣେ ଆଇଏଏସ୍ ଅଧିକାରୀଙ୍କ ପୁଅ ପରିଚୟ ଦେବା ସହ ନିଜକୁ ଆଧ୍ୟାତ୍ମିକ ବ୍ୟକ୍ତି ଭବେ ଆଚରଣ ପ୍ରଦର୍ଶନ କରିଥିଲେ। ଫଳରେ ସେ ତାଙ୍କ ବ୍ୟବସାୟ ମାମଲା ବୁଝାଶୁଝା କରୁଥିଲେ। କିନ୍ତୁ ତାଙ୍କ ଅଜାଣତରେ ଅଭିଯୁକ୍ତ ପ୍ରାୟ ୩ରୁ ୪ କୋଟି ଟଙ୍କା ଠକେଇ କରିବା ସହ ନକଲି ଗିଫ୍ଟ ଡିଡ ପ୍ରସ୍ତୁତ କରି ଜମି ନିଜ ନାମରେ କରିନେଇଥିଲେ। ମାମଲାର ଶୁଣାଣି କରି ତଦନ୍ତ ସମ୍ପୂର୍ଣ୍ଣ ହୋଇ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇସାରିଥିବାରୁ ଅଦାଲତ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି।

**Classified Everyday 0674-2580101, 9692975378**


MATRIMONIAL

BRIDE WANTED

ଝିଅ ଆବଶ୍ୟକ: ଚାକିରି କରି ଏକାକୀ ରହୁଥିବା, 49-ବୟସ, Divorcee ପୁଅପାଇଁ ଯେକୌଣସି ଜାତିର 30-45yrs ଝିଅ ଆବଶ୍ୟକ। Candidate: 9861141891. D-2376

ଶୁଣ୍ଢୀ ମହାଜନ, ଏକମାତ୍ର ପୁତ୍ର(39), ୫'୮" ଇଂଜିନିୟରିଂ ପାଶ୍, କିନ୍ତୁ ଭୁବନେଶ୍ୱରରେ ନିଜସ୍ୱ ଜାଗାବାଡ଼ି, ଦୁଇଟି ଲଜିଂ, ଘରଭଡ଼ା, ବ୍ୟବସାୟ, ଶାନ୍ତିପୂର୍ଣ୍ଣ ପରିବାର, ଯୌତୁକ ବିହୀନ ଶୀଘ୍ର ବାହାଘର, ଅନ୍ୟାନ୍ୟ କଥାବାର୍ତ୍ତାରେ- 9827385242.(whats). D-2338

GROOM WANTED

ବୟସ 28, College Lecturer ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9827160964. D-2374

42ବର୍ଷ Veterinary Dr. ଭାବରେ କାର୍ଯ୍ୟରତ ମହିଳାଙ୍କ ପାଇଁ ଉପଯୁକ୍ତ ବରପାତ୍ର ଆବଶ୍ୟକ। ଘରଜ୍ୱାଇଁଆ ମଧ ଗ୍ରହଣୀୟ। 8455853154. D-2375


REAL ESTATE

SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/Duplex ଅଛି- 8327785834. D-06

Gharabari bounded plot 10000sq.ft and 2400sq. ft for sale. Adjacent to Meera's Courtyard at Kurunti near Kuranga footballfield, 200mtr. from Niali-Nakhara SH Cuttack sadar. Contact- 9861044442. D-2364

ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ **N.H.-16** ପାଖରେ **Litigation free 30ft. Road,** ଇଲେକ୍ଟ୍ରି, **Possession** ଥାଇ ଉପଲବ୍ଧ। **6372526344.** D-04

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D- 07

**Commercial plot for sale 80X40= 2400 sft. touching to NH. 316, 60,00,000, 10 km from Phulanakhara, GHARABARI, compound wall, 15 km from BBSR 7809525452.** D-204


FOR RENT

LIG House (136, 137, 138, 139) for sale At Sector-3, Niladri Vihar, Near- Pani Tanki, Bhubaneswar. Contact-9437229575. D-2398

Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D- 76944




Newly open Jyoti spa positively health benefits (Expert therapist). 8458067955. D-76942

AFFIDAVIT

By virtue of an affidavit before the Executive Magistrate, Bhubaneswar, Affidavit No.- 82, on dated 17.10.2025, I, Raj Kishore Panigrahi, S/o.- Late Ramananda Panigrahi, Resident Plot No.- 1510, Road No.- 01, Bhaktamadhu Nagar, Gandamunda, P.O./P.S.- Khandagiri, Bhubaneswar- 751030, Dist.- Khordha, declare that Raj Kishor Panigrahi, Raj Kishore Panigrahi and Rajkishore Panigrahi is same and one person i.e. myself. Henceforth, I shall be known as RAJ KISHORE PANIGRAHI for all future purposes. D-61979

I, **Pradeepta Kumar Biswal**, S/o.- Late Meghananda Biswal, Resident of At- Kulasahi, P.O.- Penthapal, P.S.- Pattamundei, Dist.- Kendrapara, PIN- 754240, Odisha declare by this affidavit No. 77AA 656001, dated- 28.10.2025 that now onwards I shall be known as **Pradipta Kumar Biswal** for all future purposes. D-2404

By virtue of an affidavit sworn before Executive Magistrate, Balasore, dated- 19.07.2025, I, Sushanta Kumar Biswal, At- Navada, P.O.- Jagai, P.S.- Baliapal, Via- Pratappur, Dist.- Balasore, PIN- 756083, Odisha declare that I have changed the name of my son from Bk Jyotiprakash Biswal to Bkjyotiprakash Biswal. Henceforth, he/ she shall be known as Bkjyotiprakash Biswal for all purposes. D-2405

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit before the Executive Magistrate, Bhubaneswar, Affidavit No.- 83, on dated- 17.10.2025, I, Asmita Panigrahi, W/o.- Raj Kishore Panigrahi, Resident Plot No.- 1510, Road No. 01, Bhaktamadhu Nagar, Gandamunda, P.O./P.S.- Khandagiri, Bhubaneswar- 751030, Dist.- Khordha declare that Asmita Kumari Panigrahi and Asmita Panigrahi is same and one person i.e. myself. Henceforth, I shall be known as ASMITA PANIGRAHI for all future purposes. D-61980

By virtue of an affidavit sworn before the Executive Magistrate, Boudh, No.- 1474, dated- 25.10.25, I, Madhab Sahu, R/o. At- Saligoan, P.O.- Badhigoan, P.S./District- Boudh, Odisha, PIN- 762014 declare that I have changed the name of my son from Sasanka Sahoo to Shoyam Sashanka Sahu. Henceforth, he shall be known as Shoyam Sashanka Sahu for all purposes.
Madhab Sahu
D-2410

By virtue of an affidavit sworn before Executive Magistrate, Banki, dated- 03.10.2025, I, Lagnadeepa Jena, W/o.- Saubhagya Kumar Birendra Singh, At- Nistipur, P.O.- Ghasiput, P.S.- Banki, Dist,.- Cuttack, Odisha declare that I have changed my name from Lagnadeepa Basty to Lagnadeepa Jena. So both Lagnadeepa Basty and Lagnadeepa Jena is one and same person. Henceforth, I shall be known as Lagnadeepa Jena for all future puposes.
Sd./- Lagnadeepa Jena
D-2408

By virtue of an affidavit sworn before the Notary Public, Titilagarh, dated- 24.10.2025, I, Dalima Bhoi, W/o.- Lalasai Majhi, R/o. At- Malpada P.O.- Ganrei, P.S.- Muribahal, Dist.- Bolangir (Odisha), PIN- 767037 declare that I have changed my name from Dalimba Majhi to Dalima Bhoi. Henceforth, I shall be known as Dalima Bhoi for all purposes.
Dalima Bhoi
D-2409

# ଫୁଲ ଚାଷ



ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି। ସେବତୀ ସେପ୍ଟେମ୍ବର ମାସରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ। ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଗୋଲାପ ଗଛ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ। ତରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ ।

# ପନିପରିବା ଚାଷ କରୁଥିଲେ...



ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷକଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ୍ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨–୩ ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।

## ଅଳ୍ପରେ

### କୁକୁଡ଼ା ପାଳନ



ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ାଘର ଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ାଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ। କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ ।

### ଛେଳି ପାଳନ



ଛେଳିମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନକରି ଟିକ୍ସ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଟୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ । କୃମିରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ। ଏଣ୍ଟାରୋଟକ୍ସେମିଆ, ପିପିଆର୍ ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ।

### ମାଛଚାଷ



ବର୍ଷା ତଥା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତ କରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଯାଆଁଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଣ୍ଡିଆକୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ। ଏହାଛଡ଼ା ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ। ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ ।

# ସୁଖ ସମୃଦ୍ଧିର ପ୍ରତୀକ ଗୋମାତା



ଡା. ବୀରକିଶୋର ପରିଡ଼ା

**ଚଳିତ ମାସ ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି 'ଗୋ ସମ୍ବର୍ଦ୍ଧନା ସପ୍ତାହ'। ସେ ବିଷୟରେ ଉପସ୍ଥାପନା...**

ଗୋମାତା ହେଉଛି ଆମର ଚଳନ୍ତି ଦେବତା ଓ ସକଳ ସୁଖ ସମୃଦ୍ଧିର ପ୍ରତୀକ। କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ଗୋସମ୍ପଦ ଉପରେ ହିଁ ପର୍ଯ୍ୟବସିତ। ଗୋ–ବର୍ଦ୍ଧନ ପୂଜା ଓ ଗୋଷ୍ଠାଷ୍ଟମୀକୁ ସଂଶ୍ଳିଷ୍ଟ କରାଯାଇ ୧୯୫୨ ମସିହାଠାରୁ ଗିରି ଗୋବରଦ୍ଧନ ଓ ଗୋମାତାର ପୂଜାବିଧି ପାଳନ ପୂର୍ବକ ଆମ ରାଜ୍ୟ ତଥା ଦେଶରେ ଏହାକୁ 'ଗୋ–ସମ୍ବର୍ଦ୍ଧନା ସପ୍ତାହ' ଭାବରେ ପାଳନ କରାଯାଇ ଆସୁଛି। ବର୍ତ୍ତମାନ ଆମ ରାଜ୍ୟରେ ଗୋସମ୍ପଦର ବିକାଶ ସହ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ଅନେକ ଯୋଜନା ପ୍ରଣୟନ କରାଯାଇଛି। ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା ଗୋପାଳକମାନଙ୍କ ଦ୍ୱାରଦେଶରେ ପହଞ୍ଚାଇ ଦିଆଯାଉଛି।

ଆମ ରାଜ୍ୟର ଜାତୀୟ ମାନ୍ୟତାପ୍ରାପ୍ତ ଗାଈ ତଥା ବିଞ୍ଝାରପୁରୀ, ଘୁମୁସରୀ, ଖରିଆଳ, ମୋଟୁ ଏବଂ ମଇଁଷି ପ୍ରଜାତି ଯଥା – ଚିଲିକା ଓ କଳାହାଣ୍ଡି ଆଦିର ସଂରକ୍ଷଣ ଓ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ବିଞ୍ଝାରପୁରୀ ଗୋପ୍ରଜାତିର ସଂରକ୍ଷଣ ଓ ବିକାଶ ନିମନ୍ତେ ଆଞ୍ଚଳିକ ବ୍ରିଡର ଆସୋସିଏସନ ଗଠନ ଓ ପଦକ୍ଷେପ ଗ୍ରହଣ ସହ ଏହି ପ୍ରଜାତିର ଉନ୍ନତ ଷଣ୍ଢ ବାଛୁରୀ ପାଳନ କରାଯିବା ସହିତ ଷଣ୍ଢଙ୍କଠାରୁ ଶୁକ୍ରାଣୁ ସଂଗ୍ରହ କରାଯାଇ କୃତ୍ରିମ ପ୍ରଜନନରେ ବ୍ୟବହାର କରାଯାଉଛି। ବିଭିନ୍ନ ସଂକ୍ରାମକ ରୋଗ ଦାଉରୁ ଗୋସମ୍ପଦକୁ ମୁକ୍ତ ରଖିବା ପାଇଁ ସାହାଣା, ବଜବଜିଆ, ଆନ୍ଥ୍ରାକ୍ସ, ଫାଟୁଆ ଆଦି ରୋଗର ଟିକା ପ୍ରତ୍ୟେକ ପ୍ରାଣୀଚିକିତ୍ସା କେନ୍ଦ୍ରରେ ମହଜୁଦ ସହ ଟିକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇପାରିଛି।

ଗୋସମ୍ପଦର ବିକାଶ ସହ ଗୋମାତାର ସୁରକ୍ଷା ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ୨ ଗୋଟି ନୂତନ ମୁଖ୍ୟ ଯୋଜନା ୨୦୨୪–୨୫ ଆର୍ଥିକ ବର୍ଷଠାରୁ ପ୍ରଣୟନ କରିଛନ୍ତି । ଯୋଜନାଦ୍ୱୟ ହେଲା–ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା। ଗୋପାଳକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରାଯାଇଛି। ଫଳରେ ୫ ବର୍ଷରେ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ଦ୍ୱିଗୁଣିତ ହେବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

**ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା :** ଏହି ଯୋଜନାର ପ୍ରମୁଖ ବ୍ୟବସ୍ଥା ବିଷୟରେ ନିମ୍ନରେ ସୂଚନା ଦିଆଯାଉଛି। ଦୁଇଟି ସଙ୍କର ଜାତୀୟ କିମ୍ବା ଉନ୍ନତ ଦେଶୀ ପ୍ରଜାତିର ଗାଈ ପାଳନ ପାଇଁ ଅନୁସୂଚିତ ଜାତି ଓ ଜନଜାତି ତଥା ମହିଳା, ଦିବ୍ୟାଙ୍ଗ ଏବଂ ଟ୍ରାନ୍ସଜେଣ୍ଡରମାନଙ୍କ ପାଇଁ ୭୦ ପ୍ରତିଶତ ଓ ସାଧାରଣବର୍ଗର ହିତାଧିକାରୀଙ୍କ ପାଇଁ ୬୦ ପ୍ରତିଶତ ରିହାତିର ବ୍ୟବସ୍ଥା ହୋଇଛି । ଏଥିପାଇଁ ରାଜ୍ୟ ବାହାରୁ ଗାଈ କ୍ରୟ ଅବଶ୍ୟ କରିବାକୁ ପଡ଼ିବ । ବାରମାସୀ ଘାସ ଚାଷ ପାଇଁ ଏକର ପ୍ରତି ୩୫ହଜାର ଟଙ୍କାର ସହାୟତା (ଘରେ ଘରେ ସବୁଜ ଗୋଖାଦ୍ୟ) ଦିଆଯିବାକୁ ବ୍ୟବସ୍ଥା ହୋଇଛି। ପ୍ରଥମ ବର୍ଷ ୧୫ ହଜାର ଟଙ୍କା, ଦ୍ୱିତୀୟ ବର୍ଷ ୧୨ ହଜାର ଟଙ୍କା ଏବଂ ତୃତୀୟ ବର୍ଷ ୮ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ସର୍ବନିମ୍ନ ୦.୨୫ ଏକରରୁ ସର୍ବାଧିକ ୧୦ ଏକର ପର୍ଯ୍ୟନ୍ତ ଜମିରେ ଘାସଚାଷ କରିବା ପାଇଁ ସହାୟତା ଦିଆଯାଉଛି। ସବୁଦିନିଆ ଘାସ ଚାଷ କାର୍ଯ୍ୟକ୍ରମ ମାଧ୍ୟମରେ ବର୍ଷବ୍ୟାପୀ ଘାସଚାଷ ପାଇଁ ବିନା ମୂଲ୍ୟରେ ସବୁଜ ଗୋଖାଦ୍ୟ ବିହନ ପୁଡ଼ିଆ ବଣ୍ଟନ କରାଯିବାର ବ୍ୟବସ୍ଥା ରହିଛି । ଏଥିରେ ଆଗ୍ରହୀ ଚାଷୀ, ଅନୁସୂଚିତ ଜାତି ଓ ଜନଜାତି ତଥା ମହିଳା, ସ୍ୱୟଂ ସହାୟକ/ସହାୟିକା ଗୋଷ୍ଠୀ ଏବଂ ଦୁଗ୍ଧ ଉତ୍ପାଦକ ସଂଘର ସଦସ୍ୟ ଓ ଗୋଶାଳାଗୁଡ଼ିକ ଏହି ଯୋଜନାରେ ସାମିଲ ହୋଇପାରିବେ । ଋତୁକାଳୀନ ଘାସଚାଷ ପାଇଁ ବିହନ ପୁଡ଼ିଆ ବଣ୍ଟନ କାର୍ଯ୍ୟକ୍ରମ ମାଧ୍ୟମରେ ଉଭୟ ଖରିଫ ଓ ରବିଋତୁରେ ଘାସଚାଷ ପାଇଁ ବିନା ମୂଲ୍ୟରେ ସବୁଜ ଗୋଖାଦ୍ୟ ବିହନ ପୁଡ଼ିଆ ବଣ୍ଟନ କରାଯିବାର ବ୍ୟବସ୍ଥା ହୋଇଛି। ଗୋଟିଏ ବିହନ ପୁଡ଼ିଆକୁ ୦.୨୫ ଏକର ଚାଷ ଜମିରେ ବୁଣିଲେ ସେଥିରୁ ପ୍ରାୟ ୨୦ରୁ ୨୫ କୁଇଣ୍ଟାଲ ସବୁଜ ଘାସ ଅମଳ ହୋଇଥାଏ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ହିତାଧିକାରୀଙ୍କୁ ଅତିରିକ୍ତ ରିହାତି ଯୋଜନାରେ ହିତାଧିକାରୀଙ୍କ ପାଇଁ ଅତି କମ୍‌ରେ ୮ଟି ସଙ୍କର ଗାଈ ପାଳନ ପାଇଁ ୫୦ ପ୍ରତିଶତ ରିହାତି ସହ ବାହାରୁ କିଣୁଥିବା ଗାଈଙ୍କ ଦାମ୍ ଉପରେ ୧୫ ପ୍ରତିଶତ ରିହାତିର ବ୍ୟବସ୍ଥା ରହିଛି । ଓମ୍‌ଫେଡ୍. ଗୋପାଳକଙ୍କ ପାଇଁ ବାଛୁରୀ ପାଳନ ଯୋଜନାରେ ମାଈ ବାଛୁରୀ ପାଳନ ପାଇଁ ୫୦ ପ୍ରତିଶତ ରିହାତି ଦରରେ ବାଛୁରୀ ଦାନା ଯୋଗାଣର ବ୍ୟବସ୍ଥା ରହିଛି। କୃତ୍ରିମ ପ୍ରଜନନ ଦ୍ୱାରା ଜନ୍ମିତ ମାଈ ବାଛୁରୀକୁ ଦୁଗ୍ଧ ସମବାୟ ସମିତି/ବ୍ଲକ୍ ପ୍ରାଣୀ ଚିକିତ୍ସାଳୟ ମାଧ୍ୟମରେ ଦାନା ଯୋଗାଇ ଦିଆଯାଉଛି । ମଇଁଷି ପାଳନ ଉଦ୍ୟୋଗ ପାଇଁ ୬୦–୭୦ ପ୍ରତିଶତ ସହାୟତା ଯୋଗାଇ ଦିଆଯାଉଛି।

**ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା:** ଏହି ଯୋଜନା ଅଧୀନରେ ୫ଟି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୧. ପଞ୍ଜୀକୃତ ଗୋଶାଳାକୁ ଆର୍ଥିକ ସହାୟତା ବୃଦ୍ଧି, ଅସୁସ୍ଥ ଓ ମାଲିକବିହୀନ ଅସହାୟ ଗୋରୁମାନଙ୍କର ଯତ୍ନ ଓ ପରିଚାଳନାଗତ ଥଇଥାନ ପାଇଁ ପଞ୍ଜୀକୃତ ସରକାରୀ କିମ୍ବା ବେସରକାରୀ ଗୋଶାଳାଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ। ବୟସ୍କ ଗୋରୁ ପ୍ରତି ବର୍ଷକୁ ୨୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଏହି ବ୍ୟବସ୍ଥାରେ ଗୋଟିଏ ଗୋଶାଳା ସର୍ବାଧିକ ୫୦୦ଟି ବୟସ୍କ ଗୋରୁ ରଖିବା ନିମନ୍ତେ ୧କୋଟି ଟଙ୍କା ପ୍ରଦାନ କରାଯିବ। ୨. ଗୋଶାଳାଗୁଡ଼ିକରେ ଭର୍ମିକମ୍ପୋଷ୍ଟ ଗୋଧନ କେନ୍ଦ୍ର (ଜିଆଖତ ଉତ୍ପାଦନ) ଯୋଜନାରେ ୮ ରୁ ୨୪ଟି ଭର୍ମିକମ୍ପୋଷ୍ଟ ପିଟ୍ ଜିଆଖତ ଉତ୍ପାଦନ ନିମନ୍ତେ ଯୋଗ୍ୟ ହିତାଧିକାରୀଙ୍କୁ ୫୦ ପ୍ରତିଶତ ହାରରେ ସର୍ବାଧିକ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ୩. ନୂତନ ଗୋଶାଳା ପ୍ରତିଷ୍ଠା ପାଇଁ ଆର୍ଥିକ ସହାୟତା ବ୍ୟବସ୍ଥା ରହିଛି। ୪. ଆନିମଲ ହେଲ୍‌ପଲାଇନ (୧୯୬୨) – ବୁଲା ଏବଂ ଅସହାୟ ଗୋରୁ, କୁକୁରମାନଙ୍କୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଆନିମଲ ହେଲ୍‌ପଲାଇନ ସେବା (୧୯୬୨) କାର୍ଯ୍ୟକାରୀ ହେଉଛି। ୫. ଟେଲି ଭେଟେରିନାରି ସର୍ଭିସେସ୍ (୧୯୬୨/୧୫୫୩୩୩) ଯୋଜନାରେ ପ୍ରାଣୀ ଚିକିତ୍ସା ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ସମ୍ବନ୍ଧୀୟ ପରାମର୍ଶ, ପ୍ରାଣୀ ରୋଗର ତୁରନ୍ତ ନିଦାନ ଏବଂ ଆବଶ୍ୟକ ପ୍ରାଥମିକ ଚିକିତ୍ସା ପ୍ରଦାନ ବିଷୟରେ ପରାମର୍ଶ ପ୍ରଦାନ କରାଯାଉଛି । ପ୍ରାଣୀପାଳକମାନେ ୧୯୬୨ ଓ ୧୫୫୩୩୩ କୁ ଫୋନ୍‌କରି ପ୍ରାଣୀ ଚିକିତ୍ସା ବିଶେଷଜ୍ଞଙ୍କ ସହ ସମ୍ପର୍କ ସ୍ଥାପନ କରିପାରିବେ ଏବଂ ଆବଶ୍ୟକ ଚିକିତ୍ସା ସେବା, ପ୍ରାଣୀପାଳନ, ଟିକାକରଣ ଇତ୍ୟାଦି ବିଷୟରେ ପରାମର୍ଶ ପାଇପାରିବେ। ତେଣୁ ଆମର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସହାୟତା କରୁଥିବା ଗୋମାତା ପ୍ରତି ଆମର ସ୍ନେହ, ଶ୍ରଦ୍ଧା, ସମ୍ମାନ ଓ ସମ୍ବେଦନଶୀଳ ମନୋଭାବ ପ୍ରଦର୍ଶନ କରିବା ଦରକାର। ସେମାନଙ୍କର ଖାଦ୍ୟ, ଉପଯୁକ୍ତ ପ୍ରଜନନ ବ୍ୟବସ୍ଥା, ଲାଳନପାଳନରେ ଯତ୍ନ, ରୋଗ ନିୟନ୍ତ୍ରଣ ପ୍ରତି ଯତ୍ନବାନ୍ ହେବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ରହିବା ଆବଶ୍ୟକ।

–ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ
ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମୋ : ୯୪୩୭୬୦୭୩୧୨

"ଗୋସମ୍ପଦର ବିକାଶ ସହ ଗୋମାତାର ସୁରକ୍ଷା ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ୨ ଗୋଟି ନୂତନ ମୁଖ୍ୟ ଯୋଜନା ୨୦୨୪-୨୫ ଆର୍ଥିକ ବର୍ଷଠାରୁ ପ୍ରଣୟନ କରିଛନ୍ତି । ଯୋଜନାଦ୍ୱୟ ହେଲା- ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା। ଗୋପାଳକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରାଯାଇଛି । ଫଳରେ ୫ ବର୍ଷରେ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ଦ୍ୱିଗୁଣିତ ହେବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।"



# ଡାଲିଜାତୀୟ ବିହନ ବିଶୋଧନ

ଡାଲିଜାତୀୟ ଫସଲ ଚାଷ କରୁଥିଲେ ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ୧ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷକରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ। ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ ମାସର ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍–ପି–କେ (୧୯–୧୯–୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ସମ୍ଭାବନା ଅଛି। ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇସି ମିଶାଇ ସିଞ୍ଚନ କରନ୍ତୁ ।



# ଅଧିକ ଅମଳକ୍ଷମ ସୋରିଷ ଚାଷ

ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁତ୍। ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ସଅଳ କିସମ ଧାନ ଅମଳ ସମୟରେ...



ସଅଳ କିସମ ଧାନ କାଟିବାର ୧ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳକରି ୨/୩ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ବିଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋର୍‌ପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳବଦଳକରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦାମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗକରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନକରି ସିଞ୍ଚନ କରନ୍ତୁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ।




# ଭୁବନେଶ୍ୱରରେ ହୋଇପାରେ ୨୦୨୮ ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ

ନୂଆଦିଲ୍ଲୀ,୨୮।୧୦(ପି.ଟି.)

୨୦୨୮ ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଭୁବନେଶ୍ୱରରେ ହୋଇପାରେ। ଏହି ଇଭେଣ୍ଟ ଲାଗି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ବିଡ୍ ଦାଖଲ କରାଯାଇଛି। ପୂର୍ବରୁ କଦାପି ଦେଶରେ ଆୟୋଜିତ ହୋଇ ନ ଥିବା ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଏଏଫ୍‌ଆଇ ପକ୍ଷରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମସ୍ଥିତ ଇନ୍‌ଡୋର ଫାସିଲିଟିକୁ ଭେନ୍ୟୁ ଭାବେ ପ୍ରସ୍ତାବ ଦିଆଯାଇଛି। 'ଭୁବନେଶ୍ୱରରେ ୨୦୨୮ ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଆୟୋଜନ କରିବା ଲାଗି ଆମେ ବିଡ୍ ଦାଖଲ କରିଛୁ। ଏହି ପ୍ରତିଯୋଗିତା ଆୟୋଜନ କରିବା ପାଇଁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ କମ୍ପ୍ଲେକ୍ସରେ ଥିବା ଇନ୍‌ଡୋର ବ୍ୟବସ୍ଥା ଭଳି ଦେଶରେ ଅନ୍ୟ କୌଣସି ଭେନ୍ୟୁ ନାହିଁ' ବୋଲି ଏଏଫ୍‌ଆଇର ଜଣେ ସିନିୟର ଅଧିକାରୀ କହିଛନ୍ତି। ସେ ଆହୁରି ପ୍ରକାଶ କରିଛନ୍ତି, ୨୦୨୬ ଏସିଆନ୍ ରିଲେ ଲାଗି ମଧ୍ୟ ବିଡ୍ ଦାଖଲ କରାଯାଇଛି। ହେଲେ ଏଥିପାଇଁ କୌଣସି ଭେନ୍ୟୁ ନିର୍ଦ୍ଧାରଣ ହୋଇନାହିଁ। ଆସନ୍ତା ଏପ୍ରିଲରେ ହେବାକୁଥିବା ଏହି ପ୍ରତିଯୋଗିତା ଲାଗି ଉତ୍ତର ଭାରତର କୌଣସି ସହରକୁ ଚୟନ କରାଯାଇପାରେ। ଉଲ୍ଲେଖଯୋଗ୍ୟ, କଳିଙ୍ଗ ଷ୍ଟାଡିୟମରେ ଥିବା ଷ୍ଟେଟ୍-ଅଫ୍-ଦି-ଆର୍ଟ ଇନ୍‌ଡୋର ଫାସିଲିଟିକୁ ୨୦୨୪ରେ ଉଦ୍‌ଘାଟନ କରାଯାଇଥିଲା। ଏଥିରେ ଏକ ୨୦୦ ମି. ରନିଂ ଟ୍ରାକ୍, ଏକ ୧୦୦ ମି. ପ୍ରାକ୍ଟିସ୍ ଟ୍ରାକ୍, ଲଙ୍ଗଜମ୍ପ ଲାଗି ନିର୍ଦ୍ଧାରିତ ସ୍ଥାନ, ଟ୍ରିପଲ ଜମ୍ପ, ପୋଲ୍ ଭଲ୍ଟ, ଶଟ୍‌ପୁଟ୍, ଆଥ୍‌ଲେଟ୍‌ଙ୍କ ଲାଗି ପ୍ରାକ୍ଟିସ୍ କରିବାକୁ ସ୍ଥାନ ଓ ଜିମ୍ ମଧ୍ୟ ରହିଛି। ଏଥିସହିତ ୨୦୦୦ ଦର୍ଶକଙ୍କ ଲାଗି ଗ୍ୟାଲେରି, ୬୦ଟି ଦୁଇଜଣିଆ ରୁମ୍ସ ଓ ଏକ ଡାଇନିଂ ହଲ୍ ମଧ୍ୟ ରହିଛି।

ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଦୁଇବର୍ଷରେ ଥରେ ଆୟୋଜିତ ହୋଇଥାଏ। ଏହା ପ୍ରଥମେ ୨୦୦୪ରେ ଇରାନର ରାଜଧାନୀ ତେହରାନରେ ଆୟୋଜିତ ହୋଇଥିଲା। ଅନ୍ତିମ ସଂସ୍କରଣ ୨୦୨୪ରେ ମଧ୍ୟ ଇରାନର ରାଜଧାନୀରେ ହୋଇଥିଲା ଏବଂ ଏଥିରେ ଭାରତ ୩ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତିଥିଲା। ୨୦୨୬ ସଂସ୍କରଣ ଚାଇନାର ତିଆନଜିନ୍‌ଠାରେ ଫେବୃଆରୀ ୬ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ଆଜି ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟି୨୦

କାନବେରା,୨୮।୧୦(ପି.ଟି.)



ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ।

ସ୍ଥାନୀୟ ମାନୁକା ଓଭାଲ ଷ୍ଟାଡିୟମରେ ବୁଧବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଟି୨୦ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବ୍ୟାଟିଂ ପ୍ରଦର୍ଶନ ଓ ଦଳୀୟ ଫିଲ୍ଡିଂ ପ୍ରଦର୍ଶନ ଉପରେ ନଜର ରହିବ। ବର୍ତ୍ତମାନ ଖୁବ୍ ଭଲ ଫର୍ମରେ ଥିବା ଏହି ଦୁଇ ଦଳ ଗତ ୧୦ ଟି୨୦ ମ୍ୟାଚ୍‌ରୁ ୮ଟି ଲେଖାଏ ଜିତିଥିବା ବେଳେ ଗୋଟିଏ ଲେଖାଏ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ଏଣୁ ଦୁଇ ଦଳ ମଧ୍ୟରେ ଏକ ରୋମାଞ୍ଚକ ମ୍ୟାଚ୍ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

ନିକଟରେ ଏସିଆ କପ୍‌ରେ ଭାରତୀୟ ଖେଳାଳିମାନେ ଫିଲ୍ଡରେ ସର୍ବାଧିକ ୧୨ କ୍ୟାଚ୍ ହାତଛଡ଼ା କରିଥିଲେ। ୨୦୨୫ ଆରମ୍ଭ ହେବା ପରଠାରୁ ଭାରତର କ୍ୟାଚିଂ ଦକ୍ଷତା ୮୨.୭ %କୁ ହ୍ରାସ ପାଇଛି, ଯାହାକି ପୂର୍ଣ୍ଣ ସଦସ୍ୟ ଦେଶମାନଙ୍କ ମଧ୍ୟରେ ପଞ୍ଚମ ସ୍ଥାନରେ ରହିଛି। ଆସନ୍ତା ବର୍ଷ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳ ଟାଇଟଲ ଡିଫେଣ୍ଡ କରିବାକୁ ଯାଉଥିବାରୁ କ୍ୟାଚିଂରେ ସୁଧାର ଆଣିବାକୁ ପଡ଼ିବ। ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ କ୍ୟାଚ୍ ହାତଛଡ଼ା କରିବା ମହଙ୍ଗା ସାବ୍ୟସ୍ତ ହୋଇପାରେ। ସୂର୍ଯ୍ୟକୁମାର ଅଧିନାୟକ ହେବା ପରଠାରୁ ଭାରତ ୨୯ରୁ ୨୩ ମ୍ୟାଚ୍ ଜିତିଛି। ତାଙ୍କ ନେତୃତ୍ୱରେ ଭାରତୀୟ ଦଳ ଭୟମୁକ୍ତ ଖେଳ ଖେଳୁଛି। ଏହି ଆଟାକିଂ ଷ୍ଟାଇଲ ଯୋଗୁ ସୂର୍ଯ୍ୟଙ୍କ ନେତୃତ୍ୱରେ ଭାରତ ସମସ୍ତ ଦ୍ୱିପାକ୍ଷିକ ସିରିଜ୍ ଓ ଏସିଆ କପ୍ ଭଳି ଟୁର୍ନାମେଣ୍ଟ ଜିତିଛି। ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳକୁ ୧୫ ଟି୨୦ ମ୍ୟାଚ୍ ଖେଳିବାର ଅଛି। ଅଷ୍ଟ୍ରେଲିଆ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ପରେ ଭାରତ ଘରୋଇ କଣ୍ଡିଶନରେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ସମାନସଂଖ୍ୟକ ମ୍ୟାଚ୍ ଖେଳିବ। ତେବେ ସୂର୍ଯ୍ୟଙ୍କ ଫର୍ମ ଦଳ ପାଇଁ ଚିନ୍ତାର ବିଷୟ ରହିଛି। ସେ ୨୦୨୩ରେ ୧୮ ଇନିଂସ୍‌ରେ ୨ ଶତକ ଓ ୫ ଅର୍ଦ୍ଧଶତକ ସହିତ ୧୫୬ ଷ୍ଟ୍ରାଇକ୍ ରେଟ୍‌ରେ ୭୩୩ ରନ୍ କରିଥିଲେ। ୨୦୨୪ରେ ସେ ୧୫୧ ଷ୍ଟ୍ରାଇକ୍‌ରେଟ୍‌ରେ ପାଖାପାଖି ୪୫୦ ରନ୍ କରିଥିଲେ। କିନ୍ତୁ ୨୦୨୫ରେ ସୂର୍ଯ୍ୟ ୧୦ ମ୍ୟାଚ୍‌ରେ ୧୦୫ ଷ୍ଟ୍ରାଇକ୍ ରେଟ୍‌ରେ ୧୧୦ ରନ୍ କରିଛନ୍ତି। ଭଲ ଫର୍ମରେ ଥିବା ଷ୍ଟାର ଓପ୍‌ନର ଅଭିଷେକ ଶର୍ମା ପ୍ରଥମଥର ପାଇଁ ଅଷ୍ଟ୍ରେଲିଆରେ ଖେଳିବାକୁ ଯାଉଛନ୍ତି। ତାଙ୍କ ଲାଗି ଏଠାକାର ଅତିରିକ୍ତ ବାଉନ୍ସ ଚ୍ୟାଲେଞ୍ଜ ହେବ। ବୋଲିଂ ବିଭାଗରେ ଯଶପ୍ରୀତ ବୁମ୍‌ରାଙ୍କ ଉପସ୍ଥିତି ଯୋଗୁ ଭାରତୀୟ ଦଳ ପ୍ରତିପକ୍ଷ ଅଷ୍ଟ୍ରେଲିଆ ଦଳର ସ୍କୋରକୁ ଯଥାସମ୍ଭବ କମ୍ ରଖିବାକୁ ଚେଷ୍ଟା କରିବ।

ଭାରତୀୟ ଦଳ: ଅଭିଷେକ ଶର୍ମା, ଶୁବମନ ଗିଲ୍(ଉପଅଧିନାୟକ), ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ନୀତୀଶ କୁମାର ରେଡ୍ଡୀ, ଶିବମ୍ ଦୁବେ, ସଞ୍ଜୁ ସାମ୍‌ସନ, ଜିତେଶ ଶର୍ମା(ଉଇକେଟ୍‌କିପର), ଅକ୍ଷର ପଟେଲ, ଅର୍ଶଦୀପ ସିଂ, ଯଶପ୍ରୀତ ବୁମ୍‌ରା, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ହର୍ଷିତ୍ ରାଣା, ରିଙ୍କୁ ସିଂ, ୱାଶିଂଟନ ସୁନ୍ଦର।

ଅଷ୍ଟ୍ରେଲିଆ ଦଳ: ମିଚେଲ ମାର୍ଶ(ଅଧିନାୟକ), ସିନ୍ ଆବଟ(୧ରୁ ୩ ମ୍ୟାଚ୍), ଜାଭିଅର ବାର୍ଟଲେଟ, ମାହଲି ବିଅର୍ଡମାନ(୩ରୁ ୫), ଟିମ୍ ଡେଭିଡ୍, ବେନ ଡ୍ୱାରଶୁଇସ (୪ ଓ ୫), ନାଥନ ଏଲିସ, ଜୋଶ୍ ହାଜେଲଉଡ୍ (୧ ଓ ୨), ଗ୍ଲେନ୍ ମ୍ୟାକ୍ସୱେଲ (୩ରୁ ୫), ଟ୍ରାଭିସ୍ ହେଡ୍, ଜୋଶ୍ ଇଙ୍ଗଲିସ, ମାଥ୍ୟୁ କୁହ୍ନେମାନ, ମିଚେଲ ଓୱେନ, ଜୋଶ୍ ଫିଲିପ, ତାନବୀର ସାଙ୍ଗା, ମାଥ୍ୟୁ ଶର୍ଟ, ମାର୍କସ ଷ୍ଟୋଇନିସ୍।

**ସମୟ: ଅପରାହ୍ଣ ୧ଟା ୪୫**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଇଂଲଣ୍ଡକୁ ଭେଟିବ ଦକ୍ଷିଣ ଆଫ୍ରିକା

**ମହିଳା କ୍ରିକେଟ୍ ବିଶ୍ୱକପ୍ ପ୍ରଥମ ସେମିଫାଇନାଲ**

ଗୁଆହାଟୀ, ୨୮।୧୦(ପି.ଟି.)

ଚଳିତ ମହିଳା କ୍ରିକେଟ୍ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ ବୁଧବାର ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହେବ। ୪ଥର ଚାମ୍ପିୟନ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ସ୍ପିନ୍‌ରଙ୍କୁ ମୁକାବିଲା କରିବା ଦକ୍ଷିଣ ଆଫ୍ରିକା ପାଇଁ ଚିନ୍ତାର କାରଣ ହୋଇଛି। ପୂରା ଟୁର୍ନାମେଣ୍ଟରେ ଇଂଲଣ୍ଡ ଅଲ୍‌ରାଉଣ୍ଡ ପ୍ରଦର୍ଶନରେ ସଫଳ ହୋଇଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ନକ୍‌ଆଉଟ ପର୍ଯ୍ୟାୟରେ ପହଞ୍ଚିଥିଲେ ହେଁ ୨ଟି ମ୍ୟାଚ୍‌ରେ ବୃହତ୍ ପରାଜୟ ବରଣ କରିଛି। ଉଭୟଥର ଦଳର ବ୍ୟାଟରମାନେ ପ୍ରତିପକ୍ଷ ସ୍ପିନରଙ୍କୁ ମୁକାବିଲା କରିବାରେ ବିଫଳ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷରେ ନିଜର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକା ମାତ୍ର ୬୯ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଏହାପରେ ନ୍ୟୁଜିଲାଣ୍ଡ, ଭାରତ, ବାଂଲାଦେଶ, ଶ୍ରୀଲଙ୍କା ଓ ପାକିସ୍ତାନକୁ ହରାଇବାରେ ସକ୍ଷମ ହୋଇଥିଲେ ହେଁ ଅଷ୍ଟ୍ରେଲିଆ ବିପକ୍ଷ ଶେଷ ଲିଗ୍ ମ୍ୟାଚ୍‌ରେ ମାତ୍ର ୯୭ ରନ୍‌ରେ ଅଲ୍‌ଆଉଟ ହେବା ଚିନ୍ତାର କାରଣ ହୋଇଛି। ଅଷ୍ଟ୍ରେଲିଆର ଲେଗ୍ ସ୍ପିନର ଆଲାନା କିଙ୍ଗ୍ ମାତ୍ର ୧୮ ରନ୍ ଦେଇ ୭ ଉଇକେଟ ନେବା ସହ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ।

ଦକ୍ଷିଣ ଆଫ୍ରିକା ଦଳର ଏହି ଦୁର୍ବଳତାରୁ ନାଟ୍ ସ୍କିଭର-ବ୍ରଣ୍ଟଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ନିଶ୍ଚିତ ଫାଇଦା ଉଠାଇବାକୁ ଚାହିଁବ।

# ଆଣ୍ଡରସନଙ୍କୁ ନାଇଟ୍‌ହୁଡ୍ ସମ୍ମାନ



ନାଇଟ୍‌ହୁଡ ସମ୍ମାନ ସହ ସାର୍ ଜେମ୍ସ ଆଣ୍ଡରସନ।

ଲଣ୍ଡନ,୨୮।୧୦

ଇଂଲଣ୍ଡର ଅବସରପ୍ରାପ୍ତ ପେସର ଜେମ୍ସ ଆଣ୍ଡରସନଙ୍କୁ ମଙ୍ଗଳବାର ନାଇଟ୍‌ହୁଡ ସମ୍ମାନରେ ସମ୍ମାନିତ କରାଯାଇଛି। ୱିଣ୍ଡସର କାସେଲଠାରେ ଆୟୋଜିତ ସମାରୋହରେ ପ୍ରିନ୍ସେସ ରୟାଲ ଆନୁଷ୍ଠାନିକ ଭାବେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି। କ୍ରିକେଟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ଉପାଧି ଦିଆଯାଇଛି। ସାର ଜେମ୍ସ ୨୦୦୨ରେ ଲଙ୍କାଶାୟାର ପାଇଁ ଫାଷ୍ଟ କ୍ଲାସ କ୍ରିକେଟ୍ ଓ ଇଂଲଣ୍ଡ ପାଇଁ ଇଣ୍ଟରନ୍ୟାଶନାଲ ପଦାର୍ପଣ କରିଥିଲେ। ଏହାର ପରବର୍ଷ ସେ ୨୦୦୩ ମେ'ରେ ପ୍ରଥମ ଟେଷ୍ଟ ଖେଳିଥିଲେ। ତାଙ୍କ ନାମରେ ଇଂଲଣ୍ଡ ପାଇଁ ଟେଷ୍ଟ କ୍ରିକେଟରେ ସର୍ବାଧିକ ଓ ଅନ୍ତର୍ଜାତୀୟ କ୍ରିକେଟରେ ପେସର ଭାବେ ସର୍ବାଧିକ ସଂଖ୍ୟକ ଉଇକେଟ ନେବାର ରେକର୍ଡ ରହିଛି। ୪୩ ବର୍ଷୀୟ ପେସର ତାଙ୍କର ୨୨ ବର୍ଷ ଲମ୍ବା ଇଣ୍ଟରନ୍ୟାଶନାଲ କ୍ୟାରିୟରରେ ୧୮୮ ଟେଷ୍ଟରେ ୭୦୪ ଉଇକେଟ ନେଇଥିଲେ। ଟେଷ୍ଟ କ୍ରିକେଟରେ ତାଙ୍କ ଠାରୁ କେବଳ ଶ୍ରୀଲଙ୍କାର ସ୍ପିନର ମୁଥିଆ ମୁରଲିଧରଣ(୮୦୦) ଓ ଅଷ୍ଟ୍ରେଲିଆର ସ୍ୱର୍ଗତ ଶେନ ୱର୍ନ (୭୦୮) ଅଧିକ ଉଇକେଟ ନେଇଛନ୍ତି। ୨୦୨୪ରେ ଇଣ୍ଟରନ୍ୟାଶନାଲ କ୍ରିକେଟରୁ ଅବସର ନେବା ପରେ ମଧ୍ୟ ଆଣ୍ଡରସନ ତାଙ୍କ ପିଲା ଦିନର କ୍ଲବ ଲଙ୍କାଶାୟାର ପାଇଁ ଖେଳିବା ଜାରି ରଖିଛନ୍ତି।

# ରାଜ୍ୟ ଭାରୋତ୍ତୋଳନ ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ରାଜ୍ୟ ସଂଘ ସଭାପତି ଓ ପ୍ରତିଯୋଗୀ ଭାରୋତ୍ତୋଳିକାମାନେ।

ଭୁବନେଶ୍ୱର, ୨୮।୧୦(ବିଜୟ ରଣା)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କକ୍ଷରେ ୭୨ତମ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ୨୦ଟି ଜିଲାରୁ ଉଭୟ ପୁରୁଷ ଓ ମହିଳା ବର୍ଗରେ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ୪୪କେଜି ବାଳିକା ୟୁଥ୍ ବିଭାଗରେ ଅଭିପ୍ସା ଆଚାର୍ଯ୍ୟ ସ୍ୱର୍ଣ୍ଣ, ନମିତା ବିରୁଆ ରୌପ୍ୟ ଏବଂ ରିଆ ଗୌଡ଼ା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଭାରତୀୟ ଭାରୋତ୍ତୋଳନ ମହାସଂଘ କୋଷାଧ୍ୟକ୍ଷ ପ୍ରଦୀପ ଶର୍ମା, କ୍ରୀଡ଼ା ବିଭାଗ ଉପ-ସଚିବ ପଦ୍ମଚରଣ ସାହୁ ଓ ଅମିତ କୁମାର ନାୟକ, ସୌମ୍ୟସାର୍ଥକ ମିଶ୍ର ଏବଂ ଓଏସ୍‌ଡି ସୋନାଲି ଶୁଭଦର୍ଶିନୀ ପ୍ରମୁଖ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରୀତିସ୍ମିତାଙ୍କ ବିଶ୍ୱରେକର୍ଡକୁ ନେଇ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ସଭାପତି ଇଂ. ଚିତ୍ତରଞ୍ଜନ ସ୍ୱାଇଁ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## ସର୍ଜରି ପରେ ଶ୍ରେୟସଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

ନୂଆଦିଲ୍ଲୀ,୨୮।୧୦(ପି.ଟି.): ଭାରତର ଦିନିକିଆ ଉପଅଧିନାୟକ ଶ୍ରେୟସ ଆୟରଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ମ୍ୟାଚ୍‌ରେ ଫିଲ୍ଡିଂ କଲାବେଳେ ତାଙ୍କ ସ୍ପ୍ଲିନ୍‌ରେ କ୍ଷତ ସୃଷ୍ଟି ହେବା ସହ ପଞ୍ଜରା ହାଡ଼ରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କୁ ସିଡ୍‌ନୀର ଏକ ହସ୍ପିଟାଲରେ ଦୁଇଦିନ ଧରି ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍(ଆଇସିୟୁ)ରେ ରଖାଯାଇଥିଲା। ସର୍ଜରି ପରେ ତାଙ୍କୁ ଆଇସିୟୁ ବାହାରକୁ ସିଫ୍ଟ କରାଯାଇଛି। ଯଦିଓ ସର୍ଜରି ଖୁବ୍ ଛୋଟ ପ୍ରକ୍ରିୟା ଥିଲା, କିନ୍ତୁ ତାଙ୍କୁ ଅତିକମ୍‌ରେ ୫ ଦିନର ବିଶ୍ରାମ ଦରକାର। ସମ୍ଭବତଃ ତାଙ୍କୁ ୭ ଦିନ ପରେ ଡିସ୍‌ଚାର୍ଜ ମିଳିପାରେ ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି।

ଶ୍ରେୟସଙ୍କ ସମ୍ପର୍କରେ ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆମେ ତାଙ୍କ ସହ କଥା ହୋଇଛୁ। ବର୍ତ୍ତମାନ ସେ ରିକଭର କରୁଛନ୍ତି।

# ସିଦ୍ଧେଶ୍ୱର ମୁଦୁଲିଙ୍କୁ ଜୁଡୋ ଜୁଏଲ୍ ପୁରସ୍କାର

ଭୁବନେଶ୍ୱର, ୨୮।୧୦(ତପନ ସ୍ୱାଇଁ)

ପାରା ଜୁଡୋ ଓଡ଼ିଶା ଆନୁକୂଲ୍ୟରେ ଶିଶୁପାଳଗଡ଼ସ୍ଥିତ ଗଙ୍ଗାଧର କମ୍ପ୍ଲେକ୍ସରେ ବିଶ୍ୱ ଜୁଡୋ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପାରା ଜୁଡୋ ଓଡ଼ିଶାର ଉପଦେଷ୍ଟା ଅମିୟ କୁମାର ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସିଦ୍ଧେଶ୍ୱର ମୁଦୁଲିଙ୍କୁ ଚଳିତବର୍ଷର ଜୁଡୋ ଜୁଏଲ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ପ୍ରତିଷ୍ଠିତ କ୍ରୀଡ଼ାବିତ୍ ପ୍ରଣତି ମିଶ୍ର ମୁଖ୍ୟ ଅତିଥି ଏବଂ ପୂର୍ବତନ ଜୁଡୋ ଖେଳାଳି ଶ୍ରୀକାନ୍ତ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ସିଦ୍ଧେଶ୍ୱରଙ୍କୁ ମାନପତ୍ର ସହ ୨୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ଉତ୍ସବରେ ବିଶିଷ୍ଟ ଜୁଡୋ ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ଜୁଡୋକା ରଶ୍ମିରଞ୍ଜନ ପଟ୍ଟନାୟକ ଓ ମନମୋହନ ପଣ୍ଡା ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ପୁରୀର ସିଦ୍ଧେଶ୍ୱର ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଅର୍ଜନକରି ରାଜ୍ୟକୁ ଗର୍ବିତ କରିଥିଲେ। ବ୍ରଜକିଶୋର ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ସନ୍ତୋଷ ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ୱାର୍ଟର ଫାଇନାଲରେ ଓଡ଼ିଶା

**ଜାତୀୟ ସବ୍‌ଜୁନିୟର ରୋଲ୍ ବଲ୍**

ଭୁବନେଶ୍ୱର, ୨୮।୧୦(ତପନ ସ୍ୱାଇଁ)



ଓଡ଼ିଶା ଓ ମଣିପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଉତ୍ତର ପ୍ରଦେଶର ଆଗ୍ରାଠାରେ ଚାଲିଥିବା ୧୮ଶ ଜାତୀୟ ସବ୍‌ଜୁନିୟର (୧୪ ବର୍ଷରୁ କମ୍) ରୋଲ୍ ବଲ୍ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ଓଡ଼ିଶା ବାଳିକା ଓ ବାଳକ ଦଳ ପ୍ରବେଶ କରିଛି। ଓଡ଼ିଶା ବାଳକ ଦଳ ମଧ୍ୟପ୍ରଦେଶକୁ ୭-୫, ଆନ୍ଧ୍ରପ୍ରଦେଶକୁ ୭-୪ ଓ ମଣିପୁରକୁ ୧୧-୧ ଗୋଲରେ ହରାଇବାପରେ କେବଳ ଝାଡ଼ଖଣ୍ଡ ନିକଟରୁ ୧-୪ ଗୋଲରେ ପରାଜିତ ହୋଇଛି। ସେହିପରି ବାଳିକା ଦଳ ଆନ୍ଧ୍ର ପ୍ରଦେଶକୁ ୧୧-୧, ପଣ୍ଡିଚେରୀକୁ ୮-୧, ଗୁଜରାଟକୁ ୪-୧ ଗୋଲରେ ପରାସ୍ତ କରିଥିବାବେଳେ କର୍ନାଟକ ବିପକ୍ଷ ମ୍ୟାଚ୍‌କୁ ୧-୧ରେ ଡ୍ର ରଖିଛି। ପ୍ରତିଯୋଗିତାରେ ମୋଟ ୨୭ଟି ଦଳ ଅଂଶଗ୍ରହଣ କରିଛନ୍ତି।

ଓଡ଼ିଶା ବାଳକ ଦଳ: ସତଭିକ୍ ରାୟସାମନ୍ତ(ଅଧିନାୟକ), ଅଶ୍ଳେଷ ନାୟକ(ଉପ-ଅଧିନାୟକ), ସୌମ୍ୟ ନିଲୋଟ ପଲା, ଆର୍ଯ୍ୟନ ଓଝା, ଅଧିବ ଚନ୍ଦୁକା, ସେୟାସ ଅଧିକାରୀ, ଶ୍ରୀୟାଂଶ ପାତ୍ର, ଶିବେଶ ଶୋଭନ ଗରିୟା, ଶୁଭମ୍ ବିଶ୍ୱାଳ, ସାହିଲ କୁମାର ମୁଦୁଲି, ଆର୍.ଏନ୍. ଆୟାନ, ଏସ୍.ପି. ଅର୍ନଭ।

ଓଡ଼ିଶା ବାଳିକା ଦଳ: ଅଶ୍ଳେଷା ପଣ୍ଡା(ଅଧିନାୟିକା), ଭବ୍ୟ ଈଶାନା ରାଉତ(ଉପ-ଅଧିନାୟିକା), ଓଜସ୍ୱିନୀ ପାତ୍ର, ମଧୁସ୍ମାରା ମିଶ୍ର, ସିମନ ଶ୍ରେୟା, ଇଚିନି ଦିବ୍ୟାଞ୍ଜଳି, ୟୁଏମ୍ ଦିବ୍ୟାଂଶୀ ବେହେରା, ରକ୍ଷିତା ଭରତିଆ, ବଂଶିକା ଗୁରୁ, ଦୃଷ୍ଟି ପୁହାଣ, ଅଭିପ୍ସା ବାସୁ, ୟୁ.ଏମ୍. ଦିବ୍ୟାଶ୍ରୀ ବେହେରା।

# ଓଡ଼ିଶା-ଉତ୍ତର ପ୍ରଦେଶ ମ୍ୟାଚ୍ ଡ୍ର

**ରଣଜୀ ଟ୍ରଫି**

**ପଏଣ୍ଟ ଖାତା ଖୋଲିଲା ଶୁଭ୍ରାଂଶୁ ସେନାପତିଙ୍କ ଦଳ**

ଭୁବନେଶ୍ୱର, ୨୮।୧୦(ତପନ ସ୍ୱାଇଁ)



ସ୍ୱସ୍ତିକ ସାମଲ

କାନ୍‌ପୁରର ଗ୍ରୀନ୍‌ପାର୍କରେ ଅନୁଷ୍ଠିତ ଓଡ଼ିଶା-ଉତ୍ତର ପ୍ରଦେଶ ରଣଜୀ ଟ୍ରଫି କ୍ରିକେଟ୍ ମ୍ୟାଚ୍ ଡ୍ର ରହିଛି। ପ୍ରଥମ ଇନିଂସ୍‌ରେ ଓଡ଼ିଶା ୨୪୩ ରନ୍ କରିଥିବାବେଳେ ଉତ୍ତର ପ୍ରଦେଶ ୪୦୯/୬ରେ ଇନିଂସ୍ ଘୋଷଣା କରିଥିଲା। ୧୬୬ ରନ୍ ପଛରେ ରହି ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଥିବା ଓଡ଼ିଶା ମଙ୍ଗଳବାର ୪ର୍ଥ ତଥା ଅନ୍ତିମ ଦିବସ ଖେଳ ଶେଷବେଳକୁ ୩ ଉଇକେଟ ହରାଇ ୧୫୧ ରନ୍ ସଂଗ୍ରହ କରିଥିଲା। ମ୍ୟାଚ୍‌ରୁ ଫଳାଫଳ ମିଳି ନ ଥିବାରୁ ପ୍ରଥମ ଇନିଂସ୍ ଅଗ୍ରଣୀ ଭିତ୍ତିରେ ଉତ୍ତର ପ୍ରଦେଶକୁ ୩ ପଏଣ୍ଟ ମିଳିଛି। ଅନ୍ୟପକ୍ଷରେ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ପଏଣ୍ଟ (୧) ଖାତା ଖୋଲିଛି। ବରୋଦା ବିପକ୍ଷ ପ୍ରଥମ ମ୍ୟାଚ୍ ଡ୍ର ରଖିବା ସମ୍ଭାବନା ସୃଷ୍ଟି ହୋଇଥିଲେ ହେଁ ଓଡ଼ିଶା ଦଳ ଅପ୍ରତ୍ୟାଶିତଭାବେ ଖରାପ ବ୍ୟାଟିଂ କରି ପରାଜିତ ହୋଇଥିବାରୁ ଖାଲିହାତରେ ରହିଥିଲା।

ତୃତୀୟ ଦିବସର ଅସମାପ୍ତ ସ୍କୋର ୩୮୦/୬ରୁ ଖେଳ ଆରମ୍ଭ କରିଥିବା ଉତ୍ତର ପ୍ରଦେଶ ଅନ୍ତିମ ଦିବସରେ ଆଉ ମାତ୍ର ୨ ଓଭର ଖେଳି ୨୯ ରନ୍ ସଂଗ୍ରହ କରିବା ସହ ଇନିଂସ୍ ଘୋଷଣା କରିଦେଇଥିଲା। ଭିପ୍ରଜ ନିଗମ ଦ୍ରୁତ ୩୧(୨୮ ବଲ୍, ୪ ଚୌକା, ୧ ଛକା) ଓ ଶିବମ ମାଭି ୧୨(୬ ବଲ୍, ୧ ଛକା) ରନ୍‌ରେ ଅପରାଜିତ ରହିଥିଲେ।

ସ୍ୱସ୍ତିକ୍ ସାମଲ ଓ ଆଶୀର୍ବାଦ ସ୍ୱାଇଁ ଦ୍ରୁତହାରରେ ରନ୍ ସଂଗ୍ରହ ସହ ଓଡ଼ିଶା ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଥିଲେ। ଦୁହେଁ ୪୭ ବଲ୍‌ରୁ ୪୩ ରନ୍‌ର ଭାଗୀଦାରି ଗଢ଼ିବାପରେ ଆଶୀର୍ବାଦ ୨୩ ରନ୍‌କରି ଆଉଟ୍ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସନ୍ଦୀପ ପଟ୍ଟନାୟକ ୫ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୧ ରନ୍‌ରେ ଆଉଟ୍ ହୋଇଯିବାରୁ ୨୩.୧ ଓଭର ବେଳକୁ ଓଡ଼ିଶା ସ୍କୋର ୭୯/୩ ହୋଇଯାଇଥିଲା। ମାତ୍ର ଯୁବ ଓପ୍‌ନର ସ୍ୱସ୍ତିକ୍ ଓ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଅସମାପ୍ତ ୪ର୍ଥ ଉଇକେଟରେ ୧୨୫ ବଲ୍‌ରୁ ୭୫ ରନ୍‌ର ପାର୍ଟନରଶିପ୍ ଗଢ଼ିବାପରେ ଅମ୍ପାୟର ଷ୍ଟମ୍ପ ପ୍ରତ୍ୟାହୃତ କରିବାକୁ ନିଷ୍ପତ୍ତି ନେଇଥିଲେ। ସ୍ୱସ୍ତିକ୍ ୧୧୩ ବଲ୍‌ରୁ ୭୧ (୮ ଚୌକା, ୧ ଛକା) ଏବଂ ପୋଦ୍ଦାର ୭୨ ବଲ୍‌ରୁ ୩୮ ରନ୍ କରି ଅପରାଜିତ ରହିଥିଲେ। ଉତ୍ତର ପ୍ରଦେଶ ବୋଲରଙ୍କ ମଧ୍ୟରେ ଶିବମ ମାଭି ୨ଟି ଓ କୁନାଲ ତ୍ୟାଗୀ ଗୋଟିଏ ଉଇକେଟ ନେଇଥିଲେ। ଶତକ ହାସଲ କରିଥିବା ଉତ୍ତର ପ୍ରଦେଶ ଅଧିନାୟକ କରନ ଶର୍ମା ପ୍ଲେୟର ଅଫ୍‌ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍ ନଭେମ୍ବର ୧ରୁ ୪ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ଆନ୍ଧ୍ରପ୍ରଦେଶ ବିପକ୍ଷରେ ଖେଳିବ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୩। ଉତ୍ତର ପ୍ରଦେଶ ପ୍ରଥମ ଇନିଂସ:୪୦୯/୬ (ଘୋଷଣା)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୫୧/୩ (ସ୍ୱସ୍ତିକ୍ ସାମଲ-୭୧*, ଗୋବିନ୍ଦ ପୋଦ୍ଦାର-୩୮*, ଆଶୀର୍ବାଦ ସ୍ୱାଇଁ-୨୩, ଶିବମ ମାଭି-୨/୩୨, କୁନାଲ ତ୍ୟାଗୀ-୧/୪୫)।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ